



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-151 ◆THURSDAY ◆27 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୧ ◆ଗୁରୁବାର ◆୨୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୂରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲ୍‌ଟନ୍ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସ୍‌ଗୋରେ ଭାରତୀୟ ପ୍ରତିନିଧିମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିବ କୁନାଲ କେ, ଆଇଓଏ ଅଧ୍ୟକ୍ଷା ପିଟି ଉଷା, ଆଇଓଏ ମୁଖ୍ୟ ▶ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି




■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ଓଡ଼ିଆ, ମାଲାୟଲମ୍, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ସମ୍ବିଧାନ ଜାରି କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, 'ତିନ୍ ତଲାକ' ଭଳି ସାମାଜିକ କୁରୀତିକୁ ହଟାଇବା ସହ ସଂସଦ ଐତିହାସିକ ପଦକ୍ଷେପ ନେଇଥିଲା। ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟିରେ ସର୍ବବୃହତ ସୁଧାର ଅଣାଯାଇଛି ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜଭୂତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଧନ ଆଇନ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ।

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ

### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସମନ୍ଥନ କରିଥିବା

#### ସହଯୋଗ ଲୋଡ଼ିଲେ ବାଚସ୍ପତି



ବେଳେ ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁଁ ଗତ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅଧିବେଶନର ପ୍ରଥମ ଦିନରେ ▶ପୃଷ୍ଠା-୭

## ଅପରାହ୍ଣରେ ରାଷ୍ଟ୍ରପତିଙ୍କ ସମ୍ବୋଧନ



■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସ ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ। ▶ପୃଷ୍ଠା-୭

### ସିଏଜିଙ୍କ ବଡ଼ ନିଷ୍ପତ୍ତି

## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥା'ନ୍ତି। ଯାହାଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ।

#### ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ

#### ୨୦୨୭-୨୮ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ

ଏହି ଅଭାବକୁ ଦୂର କରିବା ପାଇଁ ଚଳିତ ମାସ ୧୧ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ▶ପୃଷ୍ଠା-୭

### ବିଧାୟକ ଦଳ ବୈଠକରେ ନବୀନଙ୍କ ଉଦ୍‌ବେଗ

## ରାଜ୍ୟରେ ନାରୀ ନିର୍ଯାତନା ପୀଡ଼ାଦାୟକ



#### ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ

#### ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା

#### ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ହେବ ଓଡ଼ିଶାବାସୀଙ୍କ ସ୍ୱର

■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭା ଶୀତ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ ଦଳ ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝରେ ସଦରଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ▶ପୃଷ୍ଠା-୭

## ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର

## ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬।୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ୍ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ ଟଙ୍କା ରଖାଯାଇଛି। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ ଲାଗିବ ନାହିଁ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ ବ୍ୟବସ୍ଥା କରାଯିବ।



**୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି**

ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଥିଲେ। ▶ପୃଷ୍ଠା-୭



### ପୁଅ ବାହାଘର ଦିନ ବାପାର ଦୁଃଖଦ ମୃତ୍ୟୁ


## ଚାପିଦେଲା ରୋଶଣୀ ଗାଡ଼ି

■ ବଲାଙ୍ଗିର, ୨୬।୧୧ (ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା।


ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏ ପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ଅନ୍ୟପଟେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି।



ସୂଚନାନୁଯାୟୀ, ମଣ୍ଡଳ ଗାଁରେ ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ରୋଶଣୀ ଗାଡ଼ି ଧକ୍କାରେ ଆଉ ଜଣେ ବରଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।

# ଭୁବନେଶ୍ୱର ସିଟି



## ଆଜିର କାର୍ଯ୍ୟକ୍ରମ

**ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**
ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ
ସମୟ: ଦିନ ୧୧ଟା

**ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲେଖକ ସମବାୟ ସମିତି ଅନୁକୂଲ୍ୟରେ ସାରସ୍ୱତ ସାଧକ ସାତକଡ଼ି ହୋତାଙ୍କ ସ୍ମୃତିରେ 'ସାହିତ୍ୟ ଓ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର**
ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାଲବେଳ ନଗର
ସମୟ: ସନ୍ଧ୍ୟା ୬ଟା

**ମନନଶୀଳ ପାରିବାରିକ ପତ୍ରିକା ମଧୁଲିତାର ବିଂଶତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ**
ସ୍ଥାନ: ବୁଦ୍ଧମନ୍ଦିର (ବଡ଼ ହଲ୍)
ସମୟ: ସନ୍ଧ୍ୟା ସାଢ଼େ ୬ଟା

## ଶ୍ରୀଲିଙ୍ଗରାଜଙ୍କ ଓଢ଼ଣ ଷଷ୍ଠୀ ଯାତ୍ରା

ଭୁବନେଶ୍ୱର, ୨୬।୧୧(ସମିସ): ଲିଙ୍ଗରାଜ ମନ୍ଦିରରେ ଓଢ଼ଣ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ବେହେରଣ ମଣ୍ଡପରେ ପୂଜା ପଣ୍ଡା ନିଯୋଗ ପକ୍ଷରୁ ଅଧିବାସ ପୂଜା କରାଯାଇଥିଲା। ଏହି ଅଧିବାସ ପୂଜାରେ ଘୋଡ଼ବା (ଶୀତବସ୍ତ୍ର) ଶୁଦ୍ଧୀ କରାଯାଇ ପତ୍ରୀ ସେବାୟତଙ୍କୁ ଦିଆଯାଇଥିଲା। ପତ୍ରୀ ସେବାୟତ ଘୋଡ଼କୁ ନେଇ ବଡୁ ନିଯୋଗଙ୍କୁ ଦେବା ପରେ ବଡୁ ନିଯୋଗ ଦିଅଁଙ୍କୁ ବେଶ କରାଇଥିଲେ। ଏହି ପୂଜାରେ ମନ୍ଦିରର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ବାରିମଲ ଉପସ୍ଥିତ ରହିଥିଲେ। ଏହି ଘୋଡ଼(ଶୀତବସ୍ତ୍ର)କୁ ଦିଅଁ ଓଢ଼ଣ ଷଷ୍ଠୀଠାରୁ ଶିବରାତ୍ର ପର୍ଯ୍ୟନ୍ତ ପରିଧାନ କରିବେ। ଏଥିସହିତ ବେଢ଼ାରେ ଥିବା ପାର୍ବତୀ, ଭୁବନେଶ୍ୱରୀ, ବୃଷଭଙ୍କ ସମେତ ଅନ୍ୟ ପାଶ୍ୱ ଦେବାଦେବୀଙ୍କୁ ଘୋଡ଼ ଲାଗି କରାଯାଇଛି। ତତ୍‌ସହିତ ମନ୍ଦିର ନିକଟରେ ଥିବା ବ୍ୟବସାୟୀ ମହାସଂଘ ପକ୍ଷରୁ ମହାକାଳ, ମହାକାଳିଙ୍କୁ ଘୋଡ଼ ଲାଗି କରାଯାଇଛି। ଏହିପରି ଅନନ୍ତ ବାସୁଦେବ, ବୈତାଳ ମନ୍ଦିର, କପାଳି ମନ୍ଦିର, ଶୁକ୍ଷେମ୍ୱର, କୁକୁଡେଶ୍ୱର, ଶିଶିରେଶ୍ୱର ଆଦି ମନ୍ଦିରରେ ବ୍ରାହ୍ମଣ ନିଯୋଗ ପକ୍ଷରୁ ଦେବାଦେବୀଙ୍କୁ ଘୋଡ଼ ଲାଗି କରାଯାଇଛି।

## ଶୁଭକାନ୍ତ ପାଢ଼ୀଙ୍କୁ କଳା ସଂଗଠକ ପୁରସ୍କାର



ଭୁବନେଶ୍ୱର,୨୬ ।୧୧(ସମିସ): ବିଏମ୍‌ସି କମିସନରଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟରତ ଶୁଭକାନ୍ତ ପାଢ଼ୀଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ କଳା ସଂଗଠକ-୨୦୨୪ ପୁରସ୍କାର ପ୍ରଦାନ କରାଯାଇଛି। ନାଟକ, ନୃତ୍ୟ, ସଂଗୀତ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଜଣେ ଦକ୍ଷ ସଂଗଠକ ଭାବେ ଶ୍ରୀ ପାଢ଼ୀଙ୍କୁ ଓଡିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରଥମ ଥର ପାଇଁ ଦିଆଯାଉଥିବା ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କାରଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ଶ୍ରୀ ପାଢ଼ୀ ଏହି ସମ୍ମାନ ଗ୍ରହଣ କରିଛନ୍ତି।

### ଶତ୍ରୁଘ୍ନ ମୃତ୍ୟୁ ଘଟଣାରୁ ହଟିଲା ପରଦା

# ଅନୈତିକ ସମ୍ପର୍କ ସନ୍ଦେହରୁ ତଣ୍ଟିଚିପି ହତ୍ୟା

ଭୁବନେଶ୍ୱର, ୨୬।୧୧ (ସମିସ):



**ଅଭିଯୁକ୍ତ ସ୍ୱାମୀ ସମେତ ୫ ଗିରଫ**
**ପୁଲିସ ଦେଖି ଗାଡ଼ି ଆଣି ରଖିଦେଲେ**

ଗୋଡ଼ିବାରି ନିକଟରେ ଘଟିଥିବା ଶତ୍ରୁଘ୍ନ ବିରୁଆ ମୃତ୍ୟୁ ଘଟଣାରୁ ପରଦା ହଟିଛି। ପତ୍ନୀ ସହ ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ସ୍ୱାମୀ ଓ ତାର ସହଯୋଗୀମାନେ ଶତ୍ରୁଘ୍ନଙ୍କୁ ହତ୍ୟା କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଆରମ୍ଭରୁ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୁଲିସ ଏବେ ହତ୍ୟା ମାମଲା ରୁଜୁ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ୫ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଗୋଡ଼ିବାରି ଗାଁର ବାହାଦୁଲା ବାନ୍ଦ୍ରା ଓରଫ୍ ପଣ୍ଡା (୨୬), ରୁପ ପିଙ୍ଗୁଆ ଓରଫ୍ ଲାଲା (୨୬), ପିତାମ୍ବର କଙ୍କେଲ ଓରଫ୍ ବେତାଳିଆ (୨୨), ନବ ତିରିଆ (୨୫) ଓ ଗୁଲୁ ହେମ୍ବ୍ରମ୍ ଓରଫ୍ ବିକା (୧୯)।

ପୁଲିସ ସୂଚନା ଅନୁସାରେ, ବଡ଼ଚଣା ଥାନା ନଳିଦାର ଶତ୍ରୁଘ୍ନ ଭୋଲାସ୍ଥିତ ଜଣେ ଟେଣ୍ଟ ହାଉସ ମାଲିକଙ୍କ ନିକଟରେ ରହି କାମ କରୁଥିଲେ। ଗତ ରବିବାର ସନ୍ଧ୍ୟାରେ ଶତ୍ରୁଘ୍ନ ହାଣ୍ଡିଆ ପିଇବାକୁ ସ୍କୁଟି ଯୋଗେ ଗୋଡ଼ିବାରି ଯାଇଥିଲେ। ସୀତା ହୋ'ଙ୍କ ଦୋକାନରେ ଶତ୍ରୁଘ୍ନ ଓ ବାହାଦୁଲାର ପତ୍ନୀ ମିଶି ହାଣ୍ଡିଆ ପିଇବା ପରେ ନିକଟସ୍ଥ ବୁଦାକୁ ଯାଇଥିଲେ। ସୀତା, ଲାଲା ଓ ଅନ୍ୟ ଗ୍ରାମବାସୀମାନେ ଶତ୍ରୁଘ୍ନଙ୍କୁ ଅସଜ୍ଜିତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଲୋକମାନେ ଦେଖି ଦେବାରୁ ଶତ୍ରୁଘ୍ନ ଅର୍ଦ୍ଧ ନଗ୍ନ ଅବସ୍ଥାରେ ସ୍କୁଟି, ମୋବାଇଲ ଓ ଚପଲ ଛାଡ଼ି ପୋଷାକ ଧରି ଦୌଡ଼ି ପଳାଇଥିଲେ। ବେତାଳିଆ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ସଂପୃକ୍ତ ମହିଳାଙ୍କ ସ୍ୱାମୀ ବାହାଦୁଲାକୁ ଜଣାଇଥିଲା। ବାହାଦୁଲା, ଗୁଲୁ ଓ ନବ ଟ୍ରାକ୍ଟର ତୁରନ୍ତ ଟ୍ରାକ୍ଟର ଯୋଗେ ମଧ୍ୟ ଗାଁକୁ ଆସୁଥିବା ବେଳେ ଶତ୍ରୁଘ୍ନଙ୍କୁ ଦୌଡ଼ୁଥିବା ଅବସ୍ଥାରେ ଦେଖିଥିଲେ। ଦୌଡ଼ିକି ଯାଉଥିବା ବ୍ୟକ୍ତି ଜଣକ ଶତ୍ରୁଘ୍ନ ବୋଲି ଗାଁରେ ପହଞ୍ଚିବା ପରେ ବାହାଦୁଲା ଜାଣିବାକୁ ପାଇଥିଲା। ସାଙ୍ଗେ ସାଙ୍ଗେ ବାହାଦୁଲା, ନବ ଓ ବେତାଳିଆ ମିଶି ଏକ ଆପାଚେ ବାଇକରେ ଶତ୍ରୁଘ୍ନଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

ଶତ୍ରୁଘ୍ନ ସ୍କୁଟି ନେବାକୁ ଆସିବା ପରେ ତାଙ୍କୁ ଧରିବାକୁ ବାହାଦୁଲା, ବେତାଳିଆ, ନବ, ଲାଲା ଓ ଗୁଲୁ ମିଶି ଯୋଜନା କରିଥିଲେ। ବେତାଳିଆର କହିବା ମୁତାବକ ବାହାଦୁଲ ଉକ୍ତ ସ୍କୁଟିକୁ ନେଇ ନିଜ ଘରେ ଲୁଚାଇ ଦେଇଥିଲା। ଏହାପରେ ୫ ଜଣ ଯାକ ମିଶି ସୀତାଙ୍କ ହାଣ୍ଡିଆ ଦୋକାନ ନିକଟସ୍ଥ ଶଙ୍ଖ (କଲଭର୍ଟ) ପାଖରେ ଲୁଚି ରହିଥିଲେ। ରାତି ପ୍ରାୟ ୧୨ଟା ସମୟରେ ଶତ୍ରୁଘ୍ନ ସ୍କୁଟି ନେବାକୁ ଆସିବା ବେଳେ ବାହାଦୁଲା ତାଙ୍କୁ କାବୁ କରି ପତ୍ନୀଙ୍କ ସହ ସମ୍ପର୍କ ବିଷୟରେ ପଚାରିଥିଲେ। ୫ ଜଣ ଅଭିଯୁକ୍ତ ମିଶି ଶତ୍ରୁଘ୍ନଙ୍କୁ ମାଡ଼ ମାରିଥିଲେ। ଶତ୍ରୁଘ୍ନ ତଳେ ପଡ଼ିଯିବା ପରେ ବାହାଦୁଲା ପଥରରେ ତାଙ୍କ ମୁହଁକୁ ଛେଚିଦେବା ସହ ତଣ୍ଟିଚିପି ହତ୍ୟା କରିଥିଲା। ଏହାପରେ ୫ ଜଣ ଯାକ ମିଶି ଶତ୍ରୁଘ୍ନଙ୍କ ମୃତଦେହକୁ ଶଙ୍ଖ (କଲଭର୍ଟ) ନିକଟରେ ଫିଙ୍ଗି ଦେଇ ପଳାଇଥିଲେ।

ସୋମବାର ପୂର୍ବାହ୍ନରେ ମୃତଦେହ ଠାବ ହେବାପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଘଟଣାସ୍ଥଳରେ ପୁଲିସକୁ ଦେଖି ଅଭିଯୁକ୍ତମାନେ ହଡ଼ବଡ଼େଇ ଯାଇଥିଲେ। ବାହାଦୁଲା ତଦନ୍ତକୁ ଭ୍ରମିତ କରିବାକୁ ଯାଇ ଶତ୍ରୁଘ୍ନଙ୍କ ସ୍କୁଟିକୁ ଆଣି ମୃତଦେହ ମିଳିଥିବା ସ୍ଥାନ ଠାରୁ ୧୦୦ ମିଟର ଦୂରରେ ରଖି ଦେଇଥିଲା। ସ୍କୁଟି ଠାବ ହେବାପରେ ଶତ୍ରୁଘ୍ନଙ୍କ ପରିଚୟ ମିଳିଥିଲେ ମଧ୍ୟ ମୃତ୍ୟୁର କାରଣ ଜଣା ପଡ଼ି ନ ଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲା। ତେବେ ଶତ୍ରୁଘ୍ନଙ୍କ ମୁହଁରେ ଥିବା କ୍ଷତ ଚିହ୍ନ ମନୁଷ୍ୟକୃତ ଓ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଡାକ୍ତରଙ୍କ ମତାମତରୁ ପୁଲିସକୁ ସୁରାକ ମିଳିଥିଲା। ପୁଲିସ ଟିମ୍ ଗୋଡ଼ିବାରି ଗାଁକୁ ଯାଇ ଛାନଭିନ କରିବା ସହ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲା। ରବିବାର ସନ୍ଧ୍ୟାରେ ଘଟିଥିବା ଘଟଣା ବିଷୟରେ ଲୋକଙ୍କ ଠାରୁ ଜାଣିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସୀତାଙ୍କ ହାଣ୍ଡିଆ ଦୋକାନ ନିକଟରେ ଥିବା ବୁଦାମୂଳରୁ ଶତ୍ରୁଘ୍ନଙ୍କ ଚପଲ, ମୋବାଇଲ ଓ କିଛି ମୁଦ୍ରା ଜବତ ହେବାପରେ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା।

## ଭୁବନେଶ୍ୱରରୁ ଦିଲ୍ଲୀ ଗଞ୍ଜେଇ ଚାଲାଣ




ଭୁବନେଶ୍ୱର, ୨୬।୧୧ (ସମିସ): ରାଜଧାନୀ ଦେଇ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଦିଲ୍ଲୀ ସରସ୍ୱତୀ ବିହାର ଥାନା ଜେଜେ କଲୋନୀର ଆକାଶ କାଶ୍ୟପ (୨୪) ଓ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଧୁମନ୍ତ ପାଟଣା ଗାଁର ବିଶ୍ୱନାଥ ପରମାଣିକ ଓରଫ୍ ମଙ୍ଗୁଳି (୩୮)।

ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ ଗେଟ୍ ନିକଟରେ ଦୁଇଜଣ ସନ୍ଦିଗ୍ଧ ୩ ବସ୍ତା ଗଞ୍ଜେଇ ଧରି ଛିଡ଼ା ହୋଇଥିବା ନୂଆପଲ୍ଲୀ ଥାନା ପୁଲିସକୁ ଖବର ମିଳିଥିଲା। ଆକାଶ ଓ ମଙ୍ଗୁଳି ବରମୁଣ୍ଡା ଅଭିମୁଖେ ଖସି ଯାଉଥିବା ବେଳେ ଥାନାର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ସେମାନଙ୍କୁ କାବୁ କରିଥିଲା। ତଲାସି ବେଳେ ସେମାନଙ୍କ ହେପାଜତରୁ ର ୩ଟି ବସ୍ତା ତଥା ମୋଟ ୫୮ କିଗ୍ରା ୩୭୫ ଗ୍ରାମ ଗଞ୍ଜେଇ ଓ ୭୦୦ ଟଙ୍କା ଜବତ ହୋଇଥିଲା। ଅଭିଯୁକ୍ତମାନେ ବେଆଇନ ଭାବେ ଗଞ୍ଜେଇ ସଂଗ୍ରହ କରି ଦିଲ୍ଲୀରେ ବିକ୍ରି ପାଇଁ ନେଉଥିବା ପଚରାଉଚରା ବେଳେ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ନୂଆପଲ୍ଲୀ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ରେଳଷ୍ଟେସନରେ ଅପରେସନ 'ସ୍ୱାଇପର'

ଭୁବନେଶ୍ୱର, ୨୬।୧୧ (ସମିସ): ପାର୍ସଲ ମାଧ୍ୟମରେ ଚାଲାଣ ହେଉଛି ନିଶାଦ୍ରବ୍ୟ। ଡ୍ରଗ୍ସ, ଗଞ୍ଜେଇ, ମରିଜୁଆନ ଭଳି ସମେତ ନିଶା ଦ୍ରବ୍ୟକୁ ପାର୍ସଲ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ବିଶେଷକରି ରେଳଷ୍ଟେସନ ଦେଇ ଓଡ଼ିଶାରୁ ରାଜ୍ୟ ବାହାରକୁ ଓ ରାଜ୍ୟ ବାହାରୁ ଓଡ଼ିଶାକୁ ନିଶା ଚାଲାଣ ହେଉଛି। ପୂର୍ବରୁ ମଧ୍ୟ ଭୁବନେଶ୍ୱର ରେଳଷ୍ଟେସନରୁ ବିଭିନ୍ନ ନିଶା ବେପାରୀଙ୍କୁ ଗିରଫ କରିବା ସହ ନିଶାଦ୍ରବ୍ୟ ମଧ୍ୟ ଜବତ ହୋଇଛି। ରାଜ୍ୟକୁ ନିଶା କାରବାରରୁ ବଞ୍ଚାଇବାକୁ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏସଟିଏଫ୍ ଓ ଆରପିଏଫ୍ ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେସନରେ ବୁଧବାର ଯାଞ୍ଚ କରାଯାଇଛି। ସନ୍ଧାନୀ କୁକୁର ସହାୟତାରେ ବିଭିନ୍ନ ପାର୍ସଲକୁ ଯାଞ୍ଚ କରାଯାଇଛି। ଏଥିସହିତ ପ୍ଲାଟଫର୍ମ ନମ୍ବର ୧ର ଲଗେଜ୍ ପାର୍ସଲ ଗୋଦାମରେ ମଧ୍ୟ ଯାଞ୍ଚ କରିଛି ଟିମ୍। ରେଳଷ୍ଟେସନ ଦେଇ ଯାଉଥିବା ପାର୍ସଲରେ ନିଶା ଚାଲାଣ ହେଉଥିବା ଖବର ମିଳିବା ପରେ ଯାଞ୍ଚ କରାଯାଉଛି ବୋଲି ଏସଟିଏଫ୍ ଏସପି ରବି ଶତପଥୀ କହିଛନ୍ତି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଧଉଳୀ,୨୬।୧୧(ସମିସ): ପାରିବାରିକ କଳହକୁ କେନ୍ଦ୍ରକରି କୌଶଲ୍ୟାଗଙ୍ଗ ଫାଣ୍ଡିରେ ଅଧୀନ ଉଉରା ଅଞ୍ଚଳରେ ପତ୍ନୀଙ୍କ ଘରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ଧଉଳି ଥାନା କୁମାରଡିହ ଗ୍ରାମର ଅଲେଖ ଭୋଇଙ୍କ ପୁଅ ଗାନ୍ଧୀ ଭୋଇ। ଅପରପକ୍ଷରେ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ଗାନ୍ଧୀଙ୍କ ଭାଉଜ। ଖବରନେବାରେ ଜଣାପଡିଛି ଗାନ୍ଧୀ କିଛି ବର୍ଷ ତଳେ ଖଲିକୋଟରେ ବିବାହ କରିଥିଲେ। ମାତ୍ର ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେବାରୁ ସ୍ତ୍ରୀ ଏହି ଫାଣ୍ଡି ଅଧୀନ କଣାସ ଶାଖା କେନାଲ ପାର୍ଶ୍ୱରେ ଘର କରି ରହୁଥିଲେ। ସେଠାରେ ସ୍ତ୍ରୀ ଏବଂ ତାଙ୍କ ବାପା ଓ ମା' ରହୁଥିଲେ। ସ୍ୱାମୀ ମଝିରେ ମଝିରେ ଏଠାରେ ଆସି ରହୁଥିଲେ। ଆଜି କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ସହ ଝଗଡା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଗାନ୍ଧୀ ସ୍ତ୍ରୀ ଘରେ ନ ଥିବା ବେଳେ ବେକରେ ଲୁଗା ଲଗାଇ ଝୁଲି ପଡ଼ିଥିବା ଅନୁମାନ କରାଯାଉଛି।

## 'ସାଇ-ଟେଡ୍'ରେ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲା

ଭୁବନେଶ୍ୱର, ୨୬।୧୧(ସମିସ): ସାଇ ଇଣ୍ଟରନେସନାଲ୍ ସ୍କୁଲରେ ବିଜ୍ଞାନ ଓ ପ୍ରଯୁକ୍ତି ମହୋତ୍ସବ 'ସାଇ-ଟେଡ୍' ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ ଶୁଭ୍ରାଂଶୁ ଶୁକ୍ଲା ଯୋଗଦେଇ ମହାକାଶ ବିଜ୍ଞାନ ସମ୍ପର୍କରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ଇଣ୍ଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍‌ର ଚେୟାରପର୍ସନ୍ ଡ. ଶିଳ୍ପୀ ସାହୁ ଯୋଗ ଦେଇଥିବା ବେଳେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୧୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ



ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍ସିଆଲ୍ ସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ୍ ଅଗ୍ନିହୋତ୍ରୀ ଏବଂ ଆସୋସିଏଟ୍ ଡାଇରେକ୍ଟର ଶରତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

## ତଞ୍ଚକତା କରି ସ୍କୁଲ ବହି ବିକ୍ରି; ଚାଳକ ଗିରଫ

ଭୁବନେଶ୍ୱର, ୨୬।୧୧ (ସମିସ): ତଞ୍ଚକତା କରି ସ୍କୁଲ ବହି ବିକ୍ରି କରିଥିବା ଅଭିଯୋଗରେ ଚାଳକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅସ୍ତରଙ୍ଗ ମେରାଇନ ଥାନା ଝଡ଼ଲିଙ୍ଗ୍ ଗାଁର ବାପି ବେହେରା (୪୩)। ପୁଲିସ ସୂଚନା ଅନୁସାରେ, ଗତ ମାର୍ଚ୍ଚ ମାସ ୨୯ ତାରିଖ ଦିନ ବାପି ସତ୍ୟନଗରସ୍ଥିତ ଓଡ଼ିଶା ଟେକ୍ସଟ୍ ବୁକ୍ ପ୍ରିଣ୍ଟିଂ ପ୍ରେସରୁ ୧୨୫୦ଟି ଗଣିତ ପୁସ୍ତକ ବେଆଇନ ଭାବେ ବିକ୍ରି କରିଥିଲା। ଏନେଇ ଦିଲ୍ଲୀପ ସେଠୀ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସେ ସରକାରୀ ପୁସ୍ତକ ବିକ୍ରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

## ଆଜି 'ଉତ୍କଳ'ର ପ୍ରତିଷ୍ଠା ଦିବସ

**ସ୍ୱର୍ଣ୍ଣପଦକ ଓ ପୁରସ୍କାର ପାଇବେ ୪୧ ଛାତ୍ରଛାତ୍ରୀ**

ଭୁବନେଶ୍ୱର, ୨୬।୧୧(ସମିସ): ରାଜ୍ୟର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ର ୮୩ ତମ ପ୍ରତିଷ୍ଠା ଦିବସ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଦିନ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. ପ୍ରକାଶ ବାବୁ ଏବଂ ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳସଚିବ ଡ. ସ୍ୱାତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିବେ। ମୋଟ୍ ୪୧ ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଷ୍ଠା ଦିବସ ପାଇଁ ସଜେଇ ହୋଇଛି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ। ରଙ୍ଗାରଙ୍ଗ ଆଲୋକମାଳାରେ ବିଶ୍ୱବିଦ୍ୟାଳୟ ପରିସର ଝଲସୁଛି। ଗୁରୁବାର ଭୋରରୁ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଭାତଫେରୀ କାର୍ଯ୍ୟକ୍ରମ କରିବେ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ପୂର୍ବାହ୍ନ ୧୧ଟାରେ ଏମ୍‌କେସିଜି ପ୍ରେକ୍ଷାଳୟରେ ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିଚାରପତିଙ୍କ ଶଶୁର ଘରେ କଳାକନା ବୁଲାଇଲେ

ଭୁବନେଶ୍ୱର, ୨୬।୧୧ (ସମିସ): ରାଜଧାନୀରେ ପୁଣି ଆତଙ୍କ ଖେଳାଇଛନ୍ତି ଚୋର। ଆଉ କେଉଁଠି ନୁହେଁ, ଖୋଦ୍ ବିଚାରପତିଙ୍କ ଶଶୁର ଘର ମଧ୍ୟ ଚୋରଙ୍କ କବଳରୁ ବାଦ୍ ପଡ଼ିନାହିଁ। କଳିଙ୍ଗନଗର କେ୯ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତାଲା ଭାଙ୍ଗି ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ବିଚାରପତିଙ୍କ ଶ୍ୱଶୁର କେବି ମହାପାତ୍ର ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର କେ୯ ବି ଅଞ୍ଚଳରେ କେବି ମହାପାତ୍ରଙ୍କ ଗୋଟିଏ ମହଲା ଘର ରହିଛି। ଘରର ନବୀକରଣ କାର୍ଯ୍ୟ ଚାଲୁଥିବାରୁ କିଛି ମାସ ହେବ ଶ୍ରୀ ମହାପାତ୍ରଙ୍କ ପରିବାର ଅନ୍ୟତ୍ର ରହୁଛନ୍ତି। ଶ୍ରୀ ମହାପାତ୍ର ଆଜି କିଛି ଶ୍ରମିକଙ୍କୁ ନେଇ ସଫାସଫି କରିବାକୁ ପହଞ୍ଚିବାକୁ ବେଳକୁ ଘରର ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଆସବାବପତ୍ର ଗୁଡ଼ିକ ଏଣେତେଣେ ପଡ଼ିଥିବା ବେଳେ ଗଦିଟି ଗାଧୁଆଘରେ ରହିଥିଲା। ଯାଞ୍ଚ କରିବାରୁ ଘର ଭିତରୁ ଠାକୁରଙ୍କ ବାସନକୁସନ, ଟିଭି, ଟ୍ୟାପ୍, ଅନ୍ୟାନ୍ୟ ଆସବାବପତ୍ର ଓ ଅନେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଯାଞ୍ଚ କରାଯିବ ବୋଲି ପୁଲିସ କହିଛି।

## ଛାତରୁ ପଡ଼ି ପ୍ରାଣ ହରାଇଲେ ଯୁବକ

ଭୁବନେଶ୍ୱର, ୨୬।୧୧ (ସମିସ): ଶତାବ୍ଦୀ ନଗର ଅଞ୍ଚଳରେ ଏକ ଅଘଟଣ ଘଟିଛି। ଛାତରୁ ତଳକୁ ଖସିପଡି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ପରମଜ୍ୟୋତି ଦାଶ(୩୭)। ବୁଧବାର ସକାଳେ ସେ ଛାତ ଉପରକୁ ଫୁଲତୋଳିବାକୁ ଯାଇଥିଲେ। ଗଛରେ ପାଣି ଦେଉଥିବା ସମୟରେ ଶିଡ଼ିରେ ଗୋଡ଼ ଖସି ତଳକୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଶକ୍ତ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାର୍‌କୁ ଧକ୍କା ଦେଇ ଫ୍ଲାଇଓଭର ତଳକୁ ଡେଇଁ ପଡ଼ିଲେ ଟ୍ରକ୍ ଚାଳକ

ଭୁବନେଶ୍ୱର, ୨୬।୧୧ (ସମିସ): ଖଣ୍ଡଗିରି ଫ୍ଲାଇଓଭର ଉପରେ ସଡ଼କ ଦୁର୍ଘଟଣା ଘଟିଛି। କାରକୁ ଧକ୍କା ଦେବାପରେ ଫ୍ଲାଇଓଭର ତଳକୁ ଡେଇଁ ପଡ଼ିଛନ୍ତି ଟ୍ରକ୍ ଚାଳକ। ଟ୍ରକ୍ ଚାଳକଙ୍କ ଗୋଡ଼ ଓ ହାତ ଭାଙ୍ଗି ଯାଇଥିବା ବେଳେ କାର ଚାଳକ ମଧ୍ୟ ଆହତ ହୋଇଛନ୍ତି।

ପୁଲିସ ସୂଚନା ଅନୁସାରେ, କଣ୍ଟେନର (ଟ୍ରକ୍) ଓ କାର ଆଗପଛ ହୋଇ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯାଉଥିଲେ। ଖଣ୍ଡଗିରି ଫ୍ଲାଇଓଭର ଚଢ଼ି କୋଳଥିଆ ଛକ ଅତିକ୍ରମ କରୁଥିବା ବେଳେ କଣ୍ଟେନରଟି କାରକୁ ପଛରୁ ଧକ୍କା ଦେଇଥିଲା। ଫଳରେ କାରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ କଣ୍ଟେନର ଚାଳକ ଭୟଭୀତ ହୋଇ ଯାଇଥିଲେ। କୌଣସି ଅଘଟଣ ଆଶଙ୍କାରେ ଫ୍ଲାଇଓଭର ତଳକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କ ଗୋଡ଼ ଓ ହାତ ଭାଙ୍ଗି ଯାଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏଥିସହିତ ଦୁଇଟି ଯାକ ଗାଡ଼ି ଜବତ କରି ଥାନାକୁ ନେଇଥିଲା।

# ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ

ଭୁବନେଶ୍ୱର,୨୬ ।୧୧(ସମିସ):




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ରେ ୭୨୯୩ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବାର ଦିନକ ପରେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୩୪ଜଣଙ୍କୁ ଗ୍ରୁପ୍-ସି ଓ ଗ୍ରୁପ୍-ଡି ବର୍ଗରେ ଅନୁକମ୍ପାମୂଳକ ନିଯୁକ୍ତିପତ୍ର ଦେଇଛନ୍ତି। ଏହା ସହିତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ଆରମ୍ଭ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ବିଦେଶରେ ଉଚ୍ଚଶିକ୍ଷା ଲାଭ କରୁଥିବା ଏବଂ ବାର୍ଷିକ ଆୟ ୧୨ଲକ୍ଷରୁ କମ୍ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ଏଥିପାଇଁ ଆବେଦନ କରିପାରିବେ। ବିଶ୍ୱର ଶ୍ରେଷ୍ଠ ୨୦୦ କ୍ୟୁଏସ୍ ରାଙ୍କିଙ୍ଗ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରେ ପିଜି ଓ ପିଏଚ୍‌ଡି ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ବର୍ଷକୁ ୨ ଥର ଅର୍ଥାତ୍ ଜୁଲାଇ- ଅଗଷ୍ଟ ଏବଂ ଡିସେମ୍ବର-ଜାନୁଆରୀ ମଧ୍ୟରେ ଆବେଦନ କରିପାରିବେ। ପ୍ରତିବର୍ଷ ୫୦ଜଣ ଛାତ୍ରଛାତ୍ରୀମାନଙ୍କୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ତନ୍ମଧ୍ୟରେ ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷା ପାଇଁ ୧୦ ଜଣ ମେଡିକାଲ, କୃଷି, ଆରକିଟେକଚର ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମ ପାଇଁ ୧୦ଜଣ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ପାଠ୍ୟକ୍ରମ ପାଇଁ ୩୦ଜଣଙ୍କୁ ବାର୍ଷିକ ସର୍ବାଧିକ ୨୫ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ।

ସେହିପରି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଏକାଡେମିକ୍ ପର୍‌ଫର୍ମାନ୍ସ ଅଡିଟ୍ ପାଇଁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି) କୁ କପି ରାଇଟ୍ ପ୍ରଦାନ କରାଯାଇଛି। ଫଳରେ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସଠିକ ରୂପେ ଯାଞ୍ଚ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହାସହ ବିଦେଶ ଶିକ୍ଷା ବୃତ୍ତି ଯୋଜନା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ବିଦେଶରେ ଉଚ୍ଚଶିକ୍ଷା ସ୍ୱପ୍ନକୁ ସାକାର କରିବ ଏବଂ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଓ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

## ମ୍ୟୁଜିକ୍ ସର୍କଲ ପକ୍ଷରୁ 'ରାଗୋତ୍ସବ'

ଭୁବନେଶ୍ୱର,୨୬।୧୧(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ ରାଗୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟାର ପ୍ରଥମ ଉପସ୍ଥାପନାରେ ଡ. ଇନାପକୁର୍ତି ମନମାଧା ରାଓଙ୍କ କର୍ଣ୍ଣାଟକୀ ସେକ୍ସୋଫୋନ୍ ରେସିଟାଲ ପରିବେଷଣରୁ ଆରମ୍ଭ ହୋଇଥିଲା। ଏଥିରେ ତାଙ୍କୁ ଏଚ୍. ରାମଚରଣ ଭାଓଲିନ୍, ମାରୁଦୁରୁ ସତ୍ୟନାରାୟଣ ରାଓ ଶର୍ମା ମୃଦଙ୍ଗ, ଏ. ଚିନ୍ତିକ୍ରୀଷ୍ଣା ସେକ୍ସୋଫୋନ୍ ଏବଂ ଏ. ହରିକ୍ରୀଷ୍ଣା ତାଳରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର କଳାକାର ପଦ୍ମଶ୍ରୀ ଓ. ଶ୍ୟାମାମଣୀ ଦେବୀଙ୍କୁ ଡେଜିନ୍ଦର ସିଂ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଉପସ୍ଥାପନାରେ ଡ. ଚୈତ୍ରା ଏଚ୍.ଏସ୍‌ଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଭୋକାଲ ରେସିଟାଲ ପରିବେଷିତ ହୋଇଥିଲା। ଏଥିରେ ଗୋପିନାଥ ଏଚ. ଏସ୍ ତାବଲା ଏବଂ ରମାକାନ୍ତ ପୂରାଣିକ ହାରମୋନିୟମ୍‌ରେ ସହଯୋଗ କରିଥିଲେ।

## ନିଶା ଛାଡ଼ନ୍ତୁ, ଓଡ଼ିଆ ସିନେ ଜଗତ ବଞ୍ଚାନ୍ତୁ

ଭୁବନେଶ୍ୱର,୨୬।୧୧(ସମିସ): ମା' ସୁନାଦେଈ ୱାର୍କସ୍ କ୍ଲବ, ତୁଷାର .ରିଟେବୁଲ ଟ୍ରଷ୍ଟ, ଏଫ୍. ଏଫ୍.ସି ୱାର୍କସ କ୍ଲବ ଏବଂ ରାମେଶ୍ୱର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଜନ୍ମଦିନ ଅବସରରେ 'ନିଶା ଛାଡ଼ନ୍ତୁ, ଓଡ଼ିଆ ସିନେ ଜଗତ ବଞ୍ଚାନ୍ତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରିୟଦର୍ଶୀ ମିଶ୍ର, ଆଶିଷ ପଟ୍ଟନାୟକ, ସୁନାରାମ ସିଂ, ସନ୍ଦିପ୍ତ ଦାସ, ଅମିୟ ଶର୍ମା, ଜୟସୂର୍ଯ୍ୟ କାନୁନ୍‌ଗୋ, ରୁଚିରୁଦ୍ର ରଥ, ସଂଗ୍ରାମ ଜେନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବର୍ତ୍ତମାନ ନିଶା କବଳରେ ଯୁବଗୋଷ୍ଠୀ କବଳିତ ହେଇଥିବା ବେଳେ ଓଡ଼ିଶା ମାଟିର ଗର୍ବ କଳାକାରମାନେ ଯେମିତି ଏହି କବଳରେ



କବଳିତ ନହେବେ ଏବଂ ସେମାନଙ୍କ ବହୁମୂଲ୍ୟ ଜୀବନ ନହରାଇବେ ସେଥିପ୍ରତି ସମସ୍ତେ ସଚେତନ ହେବା ଉଚିତ୍। ନିଶା ଠାରୁ ଦୂରେଇ ରହିଲେ ଓଡ଼ିଆ ସିନେଜଗତରେ ଓଡ଼ିଆ ସିନେଜଗତକୁ ସବୁଦିନ ପାଇଁ ବଞ୍ଚାଇ ରଖିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ବିବେକାନନ୍ଦ ବାରିକ ପରଚାଳନା କରିଥିଲେ।

## ଏସିଏଫ ଚୟନ ତାଲିକାରେ କନିକାର ରୋଶ୍ନି ତୃତୀୟ



ରାଜକନିକା, ୨୬ ।୧୧(ସମିସ): ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ ଫରେଷ୍ଟ (ଏସିଏଫ) ଚୟନ ପରୀକ୍ଷାରେ ରାଜକନିକା ସିକୋ ଗାଁର ରୋଶ୍ନି ମିଶ୍ର ରାଜ୍ୟ ସ୍ତରରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ରୋଶ୍ନି ବର୍ତ୍ତମାନ କଟକ କଲେକ୍ଟୋରିଏଟରେ ଟ୍ରେନି ରେଭିନ୍ୟୁ ଅଫିସର ଭାବେ ନିଯୁକ୍ତି ହୋଇ ଭୁବନେଶ୍ୱର ଗୋଠପାଟଣାର ରେଭିନ୍ୟୁ ଅଫିସର ଟ୍ରେନିଂ ଇନଷ୍ଟିଚ୍ୟୁଟରେ ତାଲିମ ନେଉଥିବା ବେଳେ ପୁଣି ଏହି ସଫଳତା ପ୍ରାପ୍ତ ହୋଇଛନ୍ତି। ଭୁବନେଶ୍ୱର ଓୟୁଏଟି ଏଗ୍ରିକଲଚର ଷ୍ଟାଷ୍ଟିଷ୍ଟିକରେ ସ୍ନାତକୋତ୍ତର କରିଥିବା ରୋଶ୍ନିଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ମିଳିଛି। ରୋଶ୍ନି ସିକୋ ଗାଁର ରଞ୍ଜନ କୁମାର ମିଶ୍ରଙ୍କ ବଡ଼ ଝିଅ ଓ ସ୍ୱର୍ଗତ ସନାତନ ମିଶ୍ରଙ୍କ ନାତୁଣୀ।

## ଶୀତବସ୍ତ୍ର ପରିଧାନ କଲେ ଶ୍ରୀବଳଦେବଜୀଉ

କେନ୍ଦ୍ରାପଡ଼ା, ୨୬ ।୧୧(ସମିସ): ମାର୍ଗଶୀର ଶୁକ୍ଳପକ୍ଷ ପବିତ୍ର ଓଢ଼ଣ ଷଷ୍ଠୀ ଅବସରରେ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉ ବୁଧବାର ଶୀତବସ୍ତ୍ର



ପରିଧାନ କରିଛନ୍ତି। ଶ୍ରୀଜୀଉଙ୍କ 'ଘୋଡ଼ଲାଗି ବେଶ' ଅନୁଷ୍ଠିତ ହୋଇଛି। ସକାଳ ଧୂପ ପରେ ଭଣ୍ଡାର ମୋହର ମାଧ୍ୟମରେ ଭଣ୍ଡାର ଗୃହରୁ ଶୀତବସ୍ତ୍ର ଆଣି ରତ୍ନସିଂହାସନରେ ପହଞ୍ଚାଯାଇଥିଲା। ସମସ୍ତ ନୀତିକାନ୍ତି ପରେ ମହାପ୍ରଭୁଙ୍କ ଶୀତଳ ଶୃଙ୍ଗାର 'ଘୋଡ଼ଲାଗି ବେଶ' କରାଯାଇଥିଲା। ପରେ ଭୋଗମଣ୍ଡପରେ ଘଟ ସ୍ଥାପନ, କଳସ ପୂଜା ଓ ମଙ୍ଗଳାର୍ପଣ କରାଯାଇଥିଲା। ଶୀତବସ୍ତ୍ର ପରିଧାନ ନୀତି ଆଗାମୀ ଦୁଇମାସ ପର୍ଯ୍ୟନ୍ତ ଅର୍ଥାତ ମାଘ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।

● ୮ ଶ୍ରେଣୀକୁ ୨ ଶିକ୍ଷକ

## ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ରାଜନଗର, ୨୬ ।୧୧(ସମିସ): ୮ ଶ୍ରେଣୀକୁ ମାତ୍ର ୨ ଜଣ ଶିକ୍ଷକ। ପାଠ ପଢ଼ାଇବେ କ'ଣ ପିଲାଙ୍କୁ ଜଗିବା ଓ ମଧ୍ୟାହ୍ନଭୋଜନରେ ସମୟ ଯାଉଛି। ପରୀକ୍ଷା ସମୟରେ ପଢ଼ାଇବାକୁ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ବୁଧବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ



ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି। ୮ ଶ୍ରେଣୀରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିଲେ। ଜଣେ ଶିକ୍ଷକ ସିଆରସିସି ହୋଇଯିବା ପରେ ଏବେ ୨ ଶିକ୍ଷକରେ ସ୍କୁଲ ଚାଲିଛି। ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ତେବେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ଅଭିଭାବକମାନେ ଫାଟକରେ ତାଲା ପକାଇବା ସହ ପିଲାଙ୍କୁ ବିଦ୍ୟାଳୟ ଛାଡ଼ି ନ ଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ଆଜି ଜଣେ ଶିକ୍ଷକ ଦିଆଯିବା ପାଇଁ ଚିଠି ହୋଇଛି ବୋଲି କହିଛନ୍ତି। ଶିକ୍ଷକ ନିଯୁକ୍ତି ପାଇଁ ଚିଠି ହେବା ପରେ ବିଦ୍ୟାଳୟରୁ ତାଲା ଖୋଲିଥିବା ଜଣାପଡ଼ିଛି।

## ମହିଳା ବିରୋଧୀ ହିଂସା ସମାପ୍ତି ପାଇଁ ସଚେତନତା



କେନ୍ଦ୍ରାପଡ଼ା, ୨୬ ।୧୧(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଶକ୍ତି ସଦନ ଓ ୱାନ ଷ୍ଟପ ସେଣ୍ଟର ମିଳିତ ପ୍ରୟାସରେ ମହିଳା ବିରୋଧୀ ହିଂସା ରୋକିବା ପାଇଁ ୧୬ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା। ରାସ୍ତାରେ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ସଂଗଠନକୁ ସାମିଲ କରାଯିବାକୁ ଯୋଜନା ରହିଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସହ ଅଙ୍ଗନବାଡ଼ୀ କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଶକ୍ତି ସଦନ ସଦସ୍ୟ, ହବ୍ ଷ୍ଟାଫ୍ ଏଥିରେ ଯୋଗଦେଇଛନ୍ତି।

ଫଡ଼ା ଫଡ଼ା ହୋଇ ଉଠିଯାଉଛି ପିଚୁ

# ଯନ୍ତ୍ରୀଙ୍କୁ ଅଟକାଇ ଦେଖାଇଲେ ଲୋକେ

ରାଜନଗର, ୨୬ ।୧୧(ସମିସ)

ରାଜନଗର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। କାମ ନ କରି କେବଳ ପିଚୁ ଘସି ସରକାରୀ ଟଙ୍କା ଲୁଟି ନିଆଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯନ୍ତ୍ରୀ ନିଜେ କାମ ପାଖରେ ପହଞ୍ଚି କାମ ନିମ୍ନମାନର ହୋଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ ମଧ୍ୟ ଏବେ ବି ପୂର୍ବପରି ନିମ୍ନମାନର କାମ ଜାରି ରହିଛି। ନିମ୍ନମାନର ମୁଖ୍ୟ ରାସ୍ତା କାମ ଯୋଗୁଁ କାମ ନ ସରୁଣୁ ପିଚୁ ଫଡ଼ା ଫଡ଼ା ହୋଇ ଉଠିଯାଉଛି। ପୁରୁଣା ପିଚୁ ଉପରେ କେବଳ ପିଚୁ ଘଷା ହୋଇଥିବାରୁ ଏପରି ପିଚୁ ଉଠିଯାଉଥିବା ଜଣାପଡ଼ିଛି। ଏ ନେଇ ଯନ୍ତ୍ରୀଙ୍କୁ ଲୋକଙ୍କ ରୋଷର ଶିକାର ହେବାକୁ ପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ରାଜନଗର ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତାର ମହୁଲିଆ ଛକ ନିକଟରେ ସ୍ଥାନୀୟ ଲୋକେ ସହକାରୀ ଯନ୍ତ୍ରୀ ରମେଶ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ରାସ୍ତାରେ ଅଟକାଇ କିପରି ନିମ୍ନମାନର ରାସ୍ତା କାମ କରାଯାଇଛି ତାହା ଦେଖାଇଥିଲେ। ଏପରିକି ପିଚୁ କିପରି ଫଡ଼ା ଫଡ଼ା ହୋଇ ଉଠିଯାଉଛି ତାହା ଦେଖାଇଥିଲେ। ଆଉଥରେ ଏଷ୍ଟିମେଟ କରି କାମ କରାଯିବ ବୋଲି କହିଥିଲେ ମଧ୍ୟ କାହିଁକି କରିନାହାନ୍ତି, କେବେ କରିବେ ବୋଲି ପ୍ରଶ୍ନ କରିଥିଲେ। କୌଣସି ଉତ୍ତର ଦେଇ ନ ପାରି ଯନ୍ତ୍ରୀ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି। ସବୁଠୁ ବଡ଼କଥା ହେଲା ଲୋକେ ନିମ୍ନମାନର ରାସ୍ତା କାମ ଦେଖାଇବା ବେଳେ ଯେଉଁ ପିଚୁ ଉଠିଯାଉଥିଲା ତାହା ୫/୬ ଏମଏମ ମୋଟେଇର ହେବ। ରାସ୍ତାରେ ମେଣ୍ଟାଲ ଦିଆଯାଇ ଖାଲ ପୂରଣ ପରେ ୨୬ ଏମଏମ ମୋଟେଇର ପିଚୁ ଦିଆଯିବା କଥା। କିପରି ରାସ୍ତାରେ ୨୬ ଏମଏମ ବଦଳରେ ୫/୬ ଏମଏମ ମୋଟେଇର ପିଚୁ କାମ କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାର ସାନଓରଠାରୁ ଜରିମୂଳ ମଧ୍ୟରେ ୬ କିମି ରାସ୍ତାର ୨ କିଲୋମିଟର ରାସ୍ତାରେ ପ୍ୟାଚ ପକାଇବା ପାଇଁ କୋଟିଏ ଟଙ୍କା ଦିଆଯାଇଛି। ୧୦୦ ମିଟର ଲେଖାଏଁ ରାସ୍ତା କାମ କରିବା ପାଇଁ ୫ ଲକ୍ଷ ଟଙ୍କିଆ ଏଗ୍ରୀମେଣ୍ଟ କରାଯାଇଛି। ଏହି ଟଙ୍କାରେ ରାସ୍ତାରେ ହୋଇଥିବା ଖାଲ ତାଡ଼ି ୩୫ ଏମଏମ ମୋଟେଇର ମେଣ୍ଟାଲିଂ କରାଯିବ। ମେଣ୍ଟାଲିଂ ଉପରେ ପିଚୁ ଦିଆଯାଇ ରୋଲିଂ କରାଯିବ। ମେଣ୍ଟାଲିଂ ପରେ ୧୨ ଏମଏମ ଗୋଡ଼ିରେ ୨୦ ଏମଏମ ମୋଟେଇର କାର୍ପେଟିଂ ପିଚୁ କରାଯିବ। କାର୍ପେଟିଂ ପିଚୁ ଉପରେ ବଜୁରିରେ ୬ ଏମଏମ ମୋଟେଇର ଆଉ ଥରେ ପିଚୁ କରାଯିବ। ମାତ୍ର ରାସ୍ତାରେ କେବଳ ପିଚୁ ଦେଇ ବଜୁରିରେ ୫/୬ ଏମଏମ ମୋଟେଇର ସିଲକୋଟିଂ ପିଚୁ କରି କାମ ସାରି ଦିଆଯାଉଛି। ଖୋଦ ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରା କାମ ନିକଟରେ ପହଞ୍ଚି ଦୁର୍ନୀତି ଦେଖିଥିଲେ। ଏପରି ସ୍ଥଳେ ଅଧିକ୍ଷଣ ଯନ୍ତ୍ରୀ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ନିମ୍ନମାନର ପିଚୁ ଉପରେ ଆଉ ଥରେ ଏଷ୍ଟିମେଟ ଅନୁଯାୟୀ ପିଚୁ କରିବା ପରିବର୍ତ୍ତେ କାହିଁକି ଚୁପ ବସିଛନ୍ତି ତାହାକୁ ନେଇ ସବୁ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।



ବିଜେଡି ପଦଯାତ୍ରା ଉଦଯାପିତ

## ବିଭିନ୍ନ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୬ ।୧୧(ସମିସ): ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜନଗର ନିର୍ବାଚନ ମଣ୍ଡଳୀରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡି ଜନସମ୍ପର୍କ ପଦଯାତ୍ରା ବୁଧବାର ପଟ୍ଟାମୁଣ୍ଡାଇ ବ୍ଲକରେ ଉଦଯାପିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ପଞ୍ଚାୟତରୁ ପୂର୍ବାହ୍ନରେ ଆରମ୍ଭ ହୋଇଥିବା ପଦଯାତ୍ରା ସଂସାରଫଳ ପଞ୍ଚାୟତ ଗୁଣ୍ଠିଠାରେ ସମାପ୍ତ ହୋଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ସଭାପତି ଅଶୋକ ଧଳ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ୧୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ସମୀର ମଲିକ, ବ୍ଲକ ଉପସଭାପତି ଅରକ୍ଷିତ ସାହୁ, ସର୍ବେଶ୍ୱର ମହାନ୍ତି, ସାଧାରଣ ସମ୍ପାଦକ କଳାକାର ପ୍ରଧାନ, କୈଳାସ ସିଂ, ଉତ୍ତମ ଖୁଣ୍ଟିଆ, ସରପଞ୍ଚ ପ୍ରିୟବ୍ରତ ଓଝା, ବନୋଜ ସେଠୀ, ସସ୍ମିତା ସେଠୀ, ସଂଗ୍ରାମ ବାରିକ, ବୁଦ୍ଧିରାମ ବେହେରା, ସନ୍ତୋଷିନୀ ଜେନା, ରଞ୍ଜିତା ସାହୁ, ଅନୁସୂୟା ନାଥଙ୍କ ସମେତ ବହୁ ନେତା କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ଚନ୍ଦନନଗର ହସ୍ପିଟାଲ ନୂତନ ଗୃହ ଉଦଘାଟନ କରିବା ସହ ୧୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା





ପଟ୍ଟାମୁଣ୍ଡାଇ-କାଠିଆପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ, ୧୦ କୋଟି ଟଙ୍କା ବ୍ୟୟରେ ଗୁଣ୍ଠି-ଚହଲିବାଙ୍କ ପୂର୍ତ୍ତ ବିଭାଗ ରାସ୍ତା ଓ ୩ କୋଟି ଟଙ୍କା ବ୍ୟୟରେ ଅଢ଼ାଯୋଡ଼ି-ଗୁପ୍ତିରା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରିଥିଲେ। ଏଥିରେ ଚନ୍ଦନନଗର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିପ୍ଳବ ସ୍ୱାଇଁ, ପୂର୍ତ୍ତ ବିଭାଗ ସହ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଭାରପ୍ରାପ୍ତ ସହ ନିର୍ବାହୀଯନ୍ତ୍ରୀ ରଶ୍ମିକାନ୍ତ ରାଉତ ଓ ସହକାରୀ ଯନ୍ତ୍ରୀ ସୁବାସ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀ ରଙ୍ଗ କାର୍ଯ୍ୟକୁ ବିରୋଧ କରି ଧାରଣା

ପଟ୍ଟାମୁଣ୍ଡାଇ, ୨୬ ।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ବଢ଼େଇପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ବ୍ଲକ ପ୍ରଶାସନର ବିନା ଅନୁମତିରେ ତାଲା ପକାଇବା ଓ ରଙ୍ଗ କାମ କରିବାକୁ ବିରୋଧ



କରି ପଞ୍ଚାୟତର କିଛି ଲୋକ ବ୍ଲକ ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ଧାରଣା ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀର କମିଟି ସଦସ୍ୟଙ୍କ ଅଗୋଚରରେ ଏହି କାମ ହେଉଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ବ୍ଲକ ଉପାଧ୍ୟକ୍ଷା ତଥା ବିଲିକଣା ସମିତି ସଭ୍ୟା ଜୟନ୍ତୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ରାଉତ, ବୀରକିଶୋର ମିଶ୍ର, ଲକ୍ଷ୍ମୀଧର ସୂତାର, ମନୋଜ ସେଠୀ, ରବୀନ୍ଦ୍ର ସାହୁ, ତ୍ରିଲୋଚନ ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ସନ୍ତୋଷ ସାହୁ, ବିଷ୍ଣୁ ନାୟକ, ସର୍ବେଶ୍ୱର ନାୟକ, ଖଗେଶ୍ୱର ନାୟକ, ହରେକୃଷ୍ଣ ରାଉତ, ବୀରେନ ରାଉତ, ସଚ୍ଚିଦାନନ୍ଦ ବିଶ୍ୱାଳ, ଗିରିଧାରୀ ବିଶ୍ୱାଳ ପ୍ରମୁଖ ଧାରଣା ଦେଇଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ଓ ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବିଡିଓ ବ୍ଲକ ପ୍ରଶାସନର ବିନା ଅନୁମତି ଓ କମିଟି ସଦସ୍ୟଙ୍କ ଅଗୋଚରରେ ବାତ୍ୟା ଆଶ୍ରୟସ୍ଥଳୀରେ ରଙ୍ଗ ଦିଆଯାଉଥିବା ଅନୁଭବ କରି ଏହି ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ରଙ୍ଗକାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୭୬ତମ ସମ୍ବିଧାନ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୬ ।୧୧(ସମିସ): ପଟ୍ଟାମୁଣ୍ଡାଇ ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ସମ୍ପାଦକ କାଉନସିଲର ଗୋପିବଲ୍ଲଭ ନାୟକଙ୍କ ନେତୃତ୍ୱରେ ସଂସଦର ସଭ୍ୟ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ନେଇ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ପୁରୁଣା ବାଇପାସ୍ ଛକରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସେଠୀଙ୍କ ପୌରୋହିତ୍ୟରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ଚୌଧୁରୀ, ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ବିଜୟ କୁମାର ସାହୁ, ଯୁବନେତା ମିଟୁ ମନୋଜ ନାୟକ, ଇଂ ତପନ କୁମାର ପାତ୍ର, କବି ଗୌରାଙ୍ଗ ମହାନ୍ତି, ପ୍ରମୋଦ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।



ଦିଲୀପ ମଲିକ, ଖଗେଶ୍ୱର ମଲିକ, ଗୋବିନ୍ଦ ସେଠୀ, କୁଞ୍ଜବିହାରୀ ମଲିକ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ପୀତାମ୍ବର ମଲିକ, ଦଶରଥ ରାଉତ, ଶରତ ଜେନା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ।

● ତ୍ରିଲୋକ୍ୟପୁର ଭତ୍ତା କେଳେଙ୍କାରୀ

## ପୂର୍ବତନ ଏଡିଇଓ ନିଲମ୍ବିତ

କେନ୍ଦ୍ରାପଡ଼ା, ୨୬ ।୧୧(ସମିସ): ତ୍ରିଲୋକ୍ୟପୁର ପଞ୍ଚାୟତରେ ଘଟିଥିବା ଭତ୍ତା କେଳେଙ୍କାରୀ ଘଟଣାରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ହିତାଧିକାରୀଙ୍କ ଭତ୍ତାଟଙ୍କା ହେରଫେର ଅଭିଯୋଗରେ ପୂର୍ବତନ ଏଡିଇଓ କଳ୍ପନା ଲେଙ୍କାଙ୍କୁ ଜିଲ୍ଲାପାଳ ରଘୁରାମ ଆର. ଆୟର ନିଲମ୍ବନ କରିଛନ୍ତି। ହିତାଧିକାରୀମାନଙ୍କ ନାମରେ ଥିବା ଭତ୍ତାରୁ କଳ୍ପନା ୧ ଲକ୍ଷ ୧୬ ହଜାର ଟଙ୍କା ହେରଫେର କରିଥିବା ତଦନ୍ତରେ ପ୍ରମାଣ ମିଳିଛି।

● ଗରାପୁର ଗୁଳିକାଣ୍ଡ ଘଟଣା

## ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

କେନ୍ଦ୍ରାପଡ଼ା, ୨୬ ।୧୧(ସମିସ): ସଦର ଥାନା ଗରାପୁର ଗ୍ରାମରେ ଗତ ରବିବାର ରାତିରେ ଘଟିଥିବା ଗୁଳିକାଣ୍ଡର ଅଭିଯୁକ୍ତ ଶିବେନ୍ଦ୍ର ସାହୁ ଓରଫ ଶିବୁକୁ ପୁଲିସ ଭୁବନେଶ୍ୱର ସହିଦନଗରରୁ ଗିରଫ କରିଛି। ସେ କେନ୍ଦ୍ରାପଡ଼ାର 'ଦି ପ୍ୟାଲେସ' ନିକଟରେ ଗୁଳି ଫୁଟାଇବା ପରେ ବନ୍ଧୁକ ସହ ଫେରାର ହୋଇଯାଇଥିଲା। ଗିରଫ ପରେ ଶିବେନ୍ଦ୍ର ଘରେ ଚଢ଼ଉ ସମୟରେ ପୁଲିସ ଏକ ବନ୍ଧୁକ ଜବତ କରିଛି। ସୂଚନାଯୋଗ୍ୟ, ଗରାପୁରରେ ରହୁଥିବା ଗୋଟିଏ ପରିବାରର ଅସୀମ ରାଉତରାୟ, ଅଞ୍ଜଳି ରାଉତରାୟ ଓ ମନୋଜ ରାଉତରାୟ ତାଙ୍କ ପୋଷା କୁକୁରକୁ ବୁଲାଉଥିବା ବେଳେ ଶିବେନ୍ଦ୍ର ତାଙ୍କୁ ଗାଳିଗୁଲଜ କରିଥିଲା। ଅସୀମଙ୍କ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ଶିବେନ୍ଦ୍ର ଗୁଳି ଚଳାଇଥିଲା। ତେବେ ଗୁଳି କାହାକୁ ଲାଗି ନ ଥିଲା। ପରିବାର ଲୋକେ ସାହସ ଦେଖାଇ ଶିବେନ୍ଦ୍ରଠାରୁ ବନ୍ଧୁକ ଛଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଶିବେନ୍ଦ୍ର ସେମାନଙ୍କୁ ଆକ୍ରମଣ କରି ବନ୍ଧୁକ ନେଇ ଫେରାର ହୋଇଯାଇଥିଲା। ଏଥିରେ ଅସୀମ, ଅଞ୍ଜଳି ଓ ମନୋଜ ଆହତ ହୋଇଥିଲେ।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

● ଡିସେମ୍ବର ୫ରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜନ

କେନ୍ଦ୍ରାପଡ଼ା, ୨୬ ।୧୧(ସମିସ): ଆଗାମୀ ଡିସେମ୍ବର ୫ରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଇଁ ବୁଧବାର ସନ୍ଧ୍ୟାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ହେଉଥିବା ଏହି ଉତ୍ସବରେ ୧୫ରୁ ୨୯ ବର୍ଷ ବୟସର ଯୁବକଯୁବତୀ ବିଭିନ୍ନ ସୃଜନଶୀଳ ଓ ସାହିତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବକ୍ତୃତା, କବିତା ଲିଖନ, ଚିତ୍ରାଙ୍କନ, ଲୋକ ସଙ୍ଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ହେବ। ଏହି ଉପଲକ୍ଷେ ଡିସେମ୍ବର ୨ରେ ଜିଲ୍ଲାର ବିଭିନ୍ନ କଲେଜରେ ବ୍ଲକସ୍ତରୀୟ ପ୍ରତିଯୋଗିତା ହେବ। ବ୍ଲକ ସ୍ତରରୁ ଶ୍ରେଷ୍ଠ ପ୍ରତିଯୋଗୀ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିବେ। ପ୍ରଥମ ପୁରସ୍କାର ୧୦, ୦୦୦ ଟଙ୍କା, ଦ୍ୱିତୀୟ ୭, ୫୦୦ ଟଙ୍କା ଓ ତୃତୀୟ ପୁରସ୍କାର ୫, ୦୦୦ ଟଙ୍କା ରହିଛି। ବ୍ୟକ୍ତିଗତ ପ୍ରତିଯୋଗିତା (ବକ୍ତୃତା, କବିତା ଲିଖନ, ଚିତ୍ରାଙ୍କନ) ପାଇଁ ପ୍ରଥମ ୩, ୦୦୦ ଟଙ୍କା, ଦ୍ୱିତୀୟ ୨, ୦୦୦ ଟଙ୍କା, ତୃତୀୟ ୧, ୦୦୦ ଟଙ୍କା ରହିଛି। ଜିଲ୍ଲା ସ୍ତରରେ ପ୍ରଥମ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ପ୍ରତିନିଧିତ୍ୱ କରିବେ। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଡିପିଓ ପଦ୍ମଜା ଶତପଥୀ (ତୁଳସୀ ମହିଳା ମହାବିଦ୍ୟାଳୟ), ଅଧ୍ୟାପକ ରଞ୍ଜିତ କୁମାର ଦାସ (କେନ୍ଦ୍ରାପଡ଼ା ମହାବିଦ୍ୟାଳୟ), ମାଇ ଭାରତ ଜିଲ୍ଲା ଯୁବ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡିସେମ୍ବର ୨ରେ ଡେରାବିଶର ଏଚଏନଏସ କଲେଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ କଲେଜ, ରାଜନଗର ଏସଜେ କଲେଜ, ମାର୍ଶାଘାଇ କଲେଜ, କୋରୁଆ ଲୋକନାଥ ମହାବିଦ୍ୟାଳୟ, ମହାକାଳପଡ଼ା ଏସଏସବି କଲେଜ, ରାଜକନିକା ଏସଏନ କଲେଜ, ଆଳି କଲେଜରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# କେନ୍ଦ୍ରାପଡ଼ାରେ ବିଜେଡିର ଶକ୍ତି ପ୍ରଦର୍ଶନ

### ଜନସମ୍ପର୍କ ପଦଯାତ୍ରାରେ ହଜାର ହଜାର କର୍ମୀ ସାମିଲ

କେନ୍ଦ୍ରାପଡ଼ା, ୨୬ ।୧୧(ସମିସ)

ବିଜେଡିର ଲୋକସମ୍ପର୍କ ପଦଯାତ୍ରା ବୁଧବାର କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହୋଇଛି। ଗରାପୁର ଆଇବି ଛକରୁ ପଦଯାତ୍ରା ଆରମ୍ଭ ହୋଇ ଗିରୀଶ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦଳର ନେତାମାନେ ଜାତୀୟ ଆଦର୍ଶ ଓ ସେବା ଉଦ୍ଦେଶ୍ୟରେ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ନୂଆ ବସଷ୍ଟାଣ୍ଡ ସମୀପରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ କେନ୍ଦ୍ରାପଡ଼ା ବିଧାୟକ



ଗଣେଶ୍ୱର ବେହେରା ଯୋଗଦେଇ ଦଳୀୟ ସଂଘବଦ୍ଧତା ଓ ଜନସମ୍ପର୍କ ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ବିଜେଡି କେନ୍ଦ୍ରାପଡ଼ାବାସୀଙ୍କ ସେବା, ସୁରକ୍ଷା ଓ ସ୍ୱାଭିମାନ ପାଇଁ ସଦା ଅଙ୍ଗୀକାରବଦ୍ଧ। ଜଣେ ଜଣେ କର୍ମୀ ହେଉଛନ୍ତି ଦଳର ସୈନିକ। ଆମେ ଲୋକଙ୍କ ସହ ଥିଲୁ, ଅଛୁ ଓ ଆଗକୁ ମଧ୍ୟ ରହିବୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷ ଆକବରୀ ଖାତୁନ, ଆଲୋକ ସାହୁ, ଯଯାତି ମହାନ୍ତି, ମୁକ୍ତାର ଖାଁ, ସୌମେନ୍ଦ୍ର ପୃଷ୍ଟି, ଧୀରେନ୍ଦ୍ର ଦାସ, ଅଭୟ ବେହେରା, ପ୍ରଦୀପ୍ତ ମହାନ୍ତି, ନିର୍ମଳା ମହାନ୍ତି, ରାଜେଶ ଦାସ, କଳାକାର ମଲ୍ଲିକ, ହିରଣ୍ୟ ପଣ୍ଡା, ରଞ୍ଜିତ ସାହୁ, ଉମେଶ ନାୟକ, ପ୍ରତାପ ନାରାୟଣ ମହାପାତ୍ର, ଲୋହିତ ମହାନ୍ତି, ସେଖ ଚନ୍ଦନ, ଅଶ୍ୱିନୀ ପାତ୍ର, ଲୋପାମୁଦ୍ରା ବାରିକ, ରାଜେଶ ମହାନ୍ତି, ସୁମିତ୍ରା ପାଢ଼ୀ, ମାନସ ପରିଡ଼ା, ସ୍ୱୟଂପ୍ରଭା କର, ଅଭୟ ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ଶଶାଙ୍କ ବିଶ୍ୱାଳ, ପ୍ରିୟଦର୍ଶିନୀ ତରାଇ, ଅଜିତ ପରିଡ଼ା, ମୋହନ ଚରଣ ଆଚାର୍ଯ୍ୟ, ପ୍ରଭାତ ଉଡ଼ାନ ସିଂ, ଯୁବନେତା ନିରଞ୍ଜନ ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

● ଡେରାବିଶ ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି

## ନ୍ୟାୟ ପାଇଁ କାର୍ଯ୍ୟାଳୟ ଆଗରେ ଧାରଣରେ ବସିଲେ ଅଭିଯୋଗକାରୀ

ଡେରାବିଶ, ୨୬ ।୧୧(ସମିସ): ଡେରାବିଶ ତହସିଲ କାର୍ଯ୍ୟାଳୟରେ ବୁଧବାର ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୭୩ ଜଣ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କ ଜମିଜମା ସମସ୍ୟା ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡେପୁଟି କଲେକ୍ଟର ରମେଶ ପଣ୍ଡା, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। କିଛି ଅଭିଯୋଗକୁ ତ୍ୱରିତ ସମାଧାନ କରାଯାଇଥିବା ବେଳେ ଅନ୍ୟ କେତେକ ଅଭିଯୋଗର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଅଧିକାରୀମାନେ କହିଥିଲେ। ତେବେ ଏହି ଜନଶୁଣାଣି ପ୍ରହସନ ବୋଲି ବହୁ ଅଭିଯୋଗକାରୀ କହିଛନ୍ତି। ତହସିଲ ଅନ୍ତର୍ଗତ ପଲ୍ଲୀରଘୁନାଥପୁର ଗ୍ରାମର ଅଭିଯୋଗକାରୀ ରାମଚନ୍ଦ୍ର ଜେନା ତାଙ୍କ ଜମିକୁ ଠକେଇ କରି ଅନ୍ୟଜଣେ ବ୍ୟକ୍ତି କିଣିଥିବା ଅଭିଯୋଗ କରିବା ସହ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳୁ ନ ଥିବାରୁ ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନ୍ୟାୟ ପାଇଁ ତହସିଲ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣରେ ବସିଥିଲେ। ତେବେ ଜିଲ୍ଲାପାଳ ଶିବିରରେ ଅଳ୍ପ ସମୟ ରହି କୌଣସି ସରକାରୀ କାମରେ ଚାଲିଯାଇଥିବା ବେଳେ ରାମଚନ୍ଦ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣରେ ବସିରହିଥିଲେ। ଅତିରିକ୍ତ ତହସିଲଦାର ବେହେରା ଓ ଛୋଟି ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡ଼ାଙ୍କ ଅନ୍ୟାୟ କାର୍ଯ୍ୟ ନିମନ୍ତେ ତାଙ୍କୁ ତତ୍କାଳ ନିଲମ୍ବନ ଓ ଗିରଫ ଦାବି କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବେହେରାଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ବ୍ୟକ୍ତି ଯାହା ଅଭିଯୋଗ କରୁଛନ୍ତି ତାହା ମିଥ୍ୟା। ଆଇନ ଅନୁଯାୟୀ ତାଙ୍କ ଜମି ବିକ୍ରୟ ଓ ପଟ୍ଟା ହୋଇଛି ବୋଲି କହିଥିଲେ। ତେବେ ବହୁ ଅଭିଯୋଗକାରୀ ନିଜ ନାମ ଗୋପନ ରଖି ଏହି ଶିବିର କେବଳ ପ୍ରହସନ ଓ ଧର୍ମକୁ ଆଖିଠାର ବୋଲି କହିବା ସହ ସେମାନେ ତାଙ୍କ କାମ କରାଇବା ପାଇଁ ଅଧିକାରୀମାନେ ମୋଟା ଅଙ୍କର ଉତ୍କୋଚ ଦାବି କରୁଥିବା ପ୍ରକାଶ କରିଥିଲେ। ଏପରିକି ଉତ୍କୋଚ ନ ଦେଲେ ସେମାନଙ୍କ ଆବେଦନକୁ ବିଭିନ୍ନ କାରଣ ଦର୍ଶାଇ ଅଧିକାରୀମାନେ ଖାରଜ କରିଦେଉଥିବା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କଟକ ସିଟି



## ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

# ମରାମତି କରୁଛି ପୂର୍ତ୍ତ; ଖୋଳୁଛି ୱାଟ୍‌କୋ



**କଟକ, ୨୬ ।୧୧(ସମିସ)**

ବିଭିନ୍ନ ସମୟରେ କଟକ ସହରରେ ଗୋଟିଏ ବିଭାଗ ଦ୍ୱାରା ରାସ୍ତାଘାଟ ମରାମତି ହେବାର କିଛି ଦିନ ନଯାଉଣୁ ସେହି ରାସ୍ତାକୁ ଆଉ ଗୋଟିଏ ବିଭାଗ ଆସି ଖୋଳୁଥିବା ଘଟଣା ଦେଖାଦେଇଛି। ଏନେଇ ଓଡ଼ିଶା ହାଇକୋର୍ଟ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିବା ସହ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ଆଦୌ ପାଳନ କରାଯାଉ ନଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ସିଡ଼ିଏ ସେକ୍ଟର-୬ରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ନିକଟରେ ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ଖାଲ ଢ଼ିପ ଥିବା ରାସ୍ତାଗୁଡ଼ିକର ପିଚୁ କରିଥିଲା। ଏହାର କିଛି ଦିନ ଅନ୍ତରରେ ୱାଟକୋ ତଥା ସ୍ୱେରେଜ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ଥିବା ସ୍ୱେରେଜ ଲାଇନଗୁଡ଼ିକର ମରାମତି ଓ ନିର୍ମାଣ କରାଯାଉଥିବାର ଦେଖିବାକୁ ମିଳିଛି। ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ମରାମତି ହୋଇଥିବା ରାସ୍ତାକୁ କୌଣସି ସୂଚନା ନଦେଇ ଖୋଳି ଦିଆଯାଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ଓ ଅଭିଭାବକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି।

ଏବେ କିଛି ଦିନ ହେବ ସ୍ୱେରେଜଗୁଡ଼ିକର ମରାମତି ଓ ନିର୍ମାଣ ମଧ୍ୟ ହୋଇଥିଲା। ସେହିପରି ଏହି ଅଞ୍ଚଳରେ ଭୂତଳ ବିଦ୍ୟୁତ କେବୁଲ ବିଛା ପାଇଁ ରାସ୍ତା ଉଭୟ ପାର୍ଶ୍ୱରେ ଖୋଳା ଯାଇ ଦୀର୍ଘ ଦିନ ହେଲା ପକାଯାଇଥିବାରୁ ତାହା ମଧ୍ୟ ଯାତାୟାତରେ ବାଧା ସୃଷ୍ଟି କରୁଛି। ଏପରି ପରିସ୍ଥିତି ଲାଗିରହିଲେ ଏହା ବିରୋଧରେ ଆନ୍ଦୋଳନ କରାଯିବା ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ତଥା ଆଇନଜୀବୀ ଗଦାଧର ସାହୁ। ବିଭାଗୀୟ ଅଧିକାରୀ କାର୍ଯ୍ୟ କରିବା ପୂର୍ବରୁ କଟକ ମହାନଗର ନିଗମ କିମ୍ବା ସିଡ଼ିଏ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ ନେଇ କାର୍ଯ୍ୟ କଲେ ଅସୁବିଧା ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସିଡିଏ ସେକ୍ଟର-୬ ବାସିନ୍ଦାଙ୍କ ଅସନ୍ତୋଷ**

## ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ




**କଟକ, ୨୬ ।୧୧(ସମିସ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଡାକରାରେ ୪ଟି ଶ୍ରମ କୋଡ ପ୍ରତ୍ୟାଖାନ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ ସମାବେଶ ହୋଇଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟାକୁ ବଢ଼ାଇବା ବନ୍ଦ କରିବା, ମହିଳା ଶ୍ରମିକଙ୍କ ରାତ୍ରିକାଳୀନ ଡ୍ୟୁଟି ଉପରେ ଥିବା କଟକଣା ହଟାଇବା ବନ୍ଦ କରିବା, ସ୍ୱାମିନାଥନ କମିଶନର ସୁପାରିସ କାର୍ଯ୍ୟକାରୀ କରି ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ଗ୍ୟାରେଣ୍ଟି ଆଇନ୍ ପ୍ରଣୟନ କରିବା ପ୍ରମୁଖ ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ର ଏକ ନକଲକୁ ପ୍ରତିବାଦ ସ୍ୱରୂପ ବିକ୍ଷୋଭସ୍ଥଳରେ ଦହନ କରିଥିଲେ ଆନ୍ଦୋଳନକାରୀ। ଏହି ବିକ୍ଷୋଭରେ କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିରଜା ନାୟକ, ସନ୍ତୋଷ ଭୋଳ, ମନୋରଞ୍ଜନ ମହାରଣା, ଯୁଧିଷ୍ଠିର ମହାରଣା, ଖଗେଶ୍ୱର ସେଠୀ, ବିନୋଦ ବେହେରା, ପୁଷ୍ପା ଦାଶ, ଅମରେନ୍ଦ୍ର ମହାନ୍ତି, ନାରାୟଣ ସାହୁ, ଶକ୍ତିକାନ୍ତ ସାହୁ, ବଦ୍ରିନାରାୟଣ ଦାଶ, ରବୀନ୍ଦ୍ରନାଥ ଧଳ, ସୁଶାନ୍ତ ସାମଲ, ବିପିନ ପାଢ଼ୀ, ଡମ୍ବରୁଧର ସାହୁ, ସନ୍ତୋଷ ପଣ୍ଡା, ବିଜୟ ସାହୁ, ଅଭୟ ସ୍ୱାଇଁ, ଅଶୋକ ତା, ସନ୍ତୋଷ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ

**କଟକ, ୨୬।୧୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୧୦୮ ତମ ଜୟନ୍ତୀ ସମାରୋହ ଆଜି କଟକ ମିଶନ୍ ରୋଡସ୍ଥିତ ବୀରେନ୍ ମିତ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମତବ୍ୟକ୍ତ କରିଥିଲେ ଯେ ସ୍ୱର୍ଗତ ବୀରେନ୍ ମିତ୍ର ନିଜ ସମୟରେ ରାଜନୀତି କ୍ଷେତ୍ରରେ ଯେଉଁ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି, ତାହା ଆଗାମୀ ପିଢ଼ି ପାଇଁ ଆଦର୍ଶ ହୋଇ ରହିବ। ବିଶିଷ୍ଟ କର୍ପୋରେଟ୍ ପ୍ରମୁଖ ଡକ୍ଟର ସଂତୃପ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏବଂ କଟକ ମହାନଗର



ନିଗମର ମେୟର ସୁବାସଚନ୍ଦ୍ର ସିଂହ ସମ୍ମାନିତ ଅତିଥିଭାବେ ସ୍ୱର୍ଗତ ମିତ୍ରଙ୍କୁ ଜଣେ ଏକନିଷ୍ଠ ବିପ୍ଳବୀ ଛାତ୍ରନେତା ଭାବେ ବର୍ଣ୍ଣନା କରିବା ସହ ତାଙ୍କର ପାରଦର୍ଶିତା ଓ ଲଢୁଆ ମନୋବୃତ୍ତି ଯୁବପିଢ଼ିଙ୍କ ପାଇଁ ଆଦର୍ଶ ହୋଇ ରହିବ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମାଜସେବୀ ଲଲାଟେନ୍ଦୁ ବଡୁ, ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ଉପସଭାପତି ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ ପୂର୍ବତନ କାଉନସିଲର କାଶୀନାଥ ମଲ୍ଲିକ ଓ ପୂର୍ବତନ କର୍ପୋରେଟର ପ୍ରଫୁଲ୍ଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ଉପସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ସାଧାରଣ ସମ୍ପାଦକ ସୋମିତ୍ ମିତ୍ର, କର୍ପୋରେଟର ଏନ୍. ଶ୍ରୀଦେବୀ, କର୍ପୋରେଟର ଇଫତେକାର ଆଲମ୍, ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ ଓ ସମ୍ପାଦକ ଭିକାରୀ ଦାସ, କଟକ ଜିଲ୍ଲା କଂଗ୍ରେସ ସଭାପତି ଗିରିବାଳା ବେହେରା, ପ୍ରଶାନ୍ତ ନାୟକ, ମହମ୍ମଦ ସକିଲ, ଡ. ଅଜିତ ଜେନା, ମୃତ୍ୟୁଞ୍ଜୟ କର ପ୍ରମୁଖ ଯୋଗଦେଇଥିଲେ।

### ଓଡ଼ିଆ ରାପର୍ ଅଭିନବ ସିଂ ମୃତ୍ୟୁ ଘଟଣା

# ଗିରଫ ହେଲେ ପତ୍ନୀ ଉତ୍କଳ ଦୀପିକା

**କଟକ, ୨୬ ।୧୧(ସମିସ):** ବେଙ୍ଗାଲୁରୁରେ ଓଡ଼ିଆ ସଫ୍ଟୱେର୍ ଇଞ୍ଜିନିୟର ତଥା ରାପର୍ ଅଭିନବ ସିଂ ଆତ୍ମହତ୍ୟା ଘଟଣାରେ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି। ପତ୍ନୀ ଉତ୍କଳ ଦୀପିକା ରାଉତଙ୍କୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ମୃତ ଅଭିନବଙ୍କ ବାପା ବିଜୟାନନ୍ଦ ସିଂଙ୍କ ଅଭିଯୋଗ ଆଧାରରେ କମିସନରେଟ୍ ପୁଲିସ ମାମଲା ରୁଜୁ କରିଥିଲା। ବିଏନ୍‌ଏସ୍ ଧାରା ୧୦୮, ୩୫୧(୨) ଏବଂ ଧାରା ୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଅଭିନବଙ୍କ ପତ୍ନୀ, ବାପା, ମା' ଏବଂ ଅନ୍ୟ ୨ ଜଣଙ୍କ ବିରୋଧରେ ଏତଲାରେ ଅଭିଯୋଗ କରାଯାଇଥିଲା। ଦୀର୍ଘ ୨୮୫ ଦିନର ତଦନ୍ତ ପରେ ପୁଲିସକୁ ସଫଳତା ମିଳିଛି।

ବହୁଚର୍ଚ୍ଚିତ ଓଡ଼ିଆ ରାପର୍ ଅଭିନବ ତଥା ଜଗର୍ନଟ୍‌ଙ୍କ ଆତ୍ମହତ୍ୟା ଘଟଣା ବେଶ୍ ଚର୍ଚ୍ଚା ପାଲଟିଥିଲା। ଗତ ଫେବୃୟାରୀ ୧୦ତାରିଖରେ ବେଙ୍ଗାଲୁରୁରେ ଅଭିନବ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏ ନେଇ ଅଭିନବଙ୍କ ବାପା ଶ୍ରୀ ସିଂ ଲାଲବାଗ ଥାନାରେ ବୋହୂଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ଅଭିନବଙ୍କୁ ମାନସିକ ନିର୍ଯାତନା ଦେବା ସହିତ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଥିବା ଅଭିଯୋଗ କରିଥିଲେ। ଅଭିନବଙ୍କ ପତ୍ନୀଙ୍କ ତରଫରୁ ମଧ୍ୟ ଯୌତୁକ ନିର୍ଯାତନାର ପାଲଟା ଅଭିଯୋଗ କରାଯାଇଥିଲା। ମାତ୍ର ପୁଲିସ ତଦନ୍ତ କରି ଉତ୍କଳ ଦୀପିକାଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ଅଭିନବଙ୍କ ମୃତ୍ୟୁ ପୂର୍ବରୁ ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ପରସ୍ପରଠୁ ଅଲଗା ହେବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଅଗଷ୍ଟ ମାସରେ ଅଭିନବଙ୍କ ସ୍ତ୍ରୀ ତାଙ୍କୁ ୨ ଜଣ ଯୁବତୀଙ୍କ ସହିତ ଏକ ହୋଟେଲ୍ ରୁମରେ ଧରିଥିଲେ ବୋଲି ଚର୍ଚ୍ଚା ହୋଇଥିଲା। କଟକ କାଳୀ ଗଳିରେ ଅଭିନବ ସିଂହ ଘର ହୋଇଥିବା ବେଳେ ସେ ବେଙ୍ଗାଲୁରୁରେ ଏକ କମ୍ପାନୀରେ ଚାକିରି କରିବା ସହିତ ରାପ୍ ଗୀତ ଗାଉଥିଲେ। ସେ ଜଗର୍ନଟ ନାଁରେ ପରିଚିତ ଥିଲେ। ସେ କଟକ 'ଆନ୍ଥେମ୍ ନାମକ' ଏକ ଆଲବମ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଯେଉଁଥିରେ ସେ କଟକର ଐତିହ୍ୟ, ସଂସ୍କୃତି ଓ ଭାଇଚାରା ଇତ୍ୟାଦିକୁ ଦର୍ଶାଇ କଟକବାସୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ।



**ତଦନ୍ତ ପରେ ଗିରଫ କଲା ଲାଲାବାଗ ଥାନା ପୁଲିସ**

**ମାନସିକ ନିର୍ଯାତନା ଦେଇ ଜୀବନ ନେଇଗଲେ ଧର୍ମପତ୍ନୀ**

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବୀରେନ ମିତ୍ର ଜୟନ୍ତୀ



**କଟକ, ୨୬।୧୧(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୧୦୮ ତମ ଜୟନ୍ତୀ ପାଳନ କରାଯାଇଛି। ମିଶନ ରୋଡ୍‌ସ୍ଥିତ ବିରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, ଗୋପୀ ସାହୁ, ରବି ପାଲ, ଅମୀର ଖାଁ, ଅଜୟ ବେହେରା, ସନ୍ତୋଷ ଦତ୍ତ, ହେମନ୍ତ ପଟ୍ଟନାୟକ, ଗୁଟିଆ ବେହେରା, ଶ୍ରୀନିବାସ ରେଡ୍ଡୀ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ଶିବୁ ନାୟକ ଓ ଏ.ବି ନାରାୟଣ ରେଡ୍ଡୀ ଉପସ୍ଥିତ ଥିଲେ।

## ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ସୀତାକାନ୍ତ ମିଶ୍ର ସମ୍ବର୍ଦ୍ଧିତ



**କଟକ, ୨୬ ।୧୧(ସମିସ):** ସ୍ୱର୍ଣ୍ଣକମଳ ପୁରସ୍କାରପ୍ରାପ୍ତ ହିନ୍ଦୀ ଚଳଚ୍ଚିତ୍ର 'ଶୋଧ' ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଭଙ୍ଗା ସିଲଟ' ଏବଂ ବହୁ ଚଳଚ୍ଚିତ୍ର ବିଶିଷ୍ଟ ପ୍ରଯୋଜକ ଏବଂ ସମାଜସେବୀ ସୀତାକାନ୍ତ ମିଶ୍ରଙ୍କୁ ନବକଳିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଗୌର ପଟ୍ଟାନାୟକ, ମୁଖ୍ୟ ନୃସିଂହଚରଣ ସାହୁ, ସମ୍ପାଦକ ଦେବୀପ୍ରସାଦ ଦାଶ, ଚୌଧୁରୀ ସତ୍ୟ ଦାସ, ବ୍ରହ୍ମାନନ୍ଦ କର, ଦ୍ୱୀଜବର ନାୟକ ପ୍ରମୁଖ ସୀତାକାନ୍ତଙ୍କ ଜୀବନ ଓ ସଫଳତାକୁ ଆଲୋକପାତ କରିଥିଲେ।

## ଜିଲ୍ଲା ବିଜେଡି ପକ୍ଷରୁ ସମ୍ବିଧାନ ଦିବସ

**କଟକ, ୨୬।୧୧(ସମିସ):** ଭାରତର ସମ୍ବିଧାନ ଦିବସ ଅବସରରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମସ୍ତ ଉପସ୍ଥିତ ସଭ୍ୟ ଶପଥ ଗ୍ରହଣ କରିଥିଲେ। ସଭାରେ ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ପ୍ରଫୁଲ୍ଲ ବେହେରା, ମହମ୍ମଦ ସକିଲ, ପ୍ରକାଶ ସିଂହ, ତାପସ ମହାନ୍ତି, ମହମ୍ମଦ ଫଏମିଦ, ମନୋରଞ୍ଜନ ଦାଶ, ରାଜେଶ ରଣା, ଡା. ଦେବୀଦତ୍ତ ନନ୍ଦ, ଝୁନୁବାଳା ବେହେରା, ସୁବୋଧ ବେହେରା, ଆଦିକାନ୍ତ ଖୁଣ୍ଟିଆ, ପ୍ରଦୀପ ସିଂହ, ଯୁଧିଷ୍ଠିର ବିଶ୍ୱାଳ, ଅର୍ପିତା ଦାସ, ସୁଦର୍ଶନ ଜେନା, ପ୍ରତାପ ନାୟକ, ଚିତ୍ତରଞ୍ଜନ ମହାପାତ୍ର, ଦେବାଶିଷ ସାହୁ, କୁଲୁ ମଲ୍ଲିକ, ସୟଦ ଆସଲାଫ ୟୁସୁଫ, ଅବଦୁଲ୍ କରିମ୍, ସେକ ଫାୟାଜ୍, ଅଶୋକ ପାତ୍ର, ସମାଜସେବୀ ସେକ ନିୟାଜ ଖାନ୍, ପ୍ରେମଚାନ୍ଦ ନାୟକ, ତ୍ରିଲୋଚନ ସ୍ୱାଇଁ, ମନୋଜ ସିଂହ, ବାବୁଲା ପଣ୍ଡା, ସେକ ଅବଦୁଲ ରସିଦ ଯୋଗ ଦେଇଥିଲେ। ସମସ୍ତ ସଭ୍ୟ ସମ୍ବିଧାନର ସୁରକ୍ଷା ଏବଂ ମାତୃଭୂମିର ରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଛାତ୍ରନେତା ମନୋଜ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନଗର କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ

**କଟକ, ୨୬ ।୧୧(ସମିସ):** କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ପୁରିଘାଟସ୍ଥିତ ମହାତ୍ମା ଗାନ୍ଧୀଜୀଙ୍କ ସ୍ମୃତି ପୀଠରେ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯାଇଛି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଭାତୃଭାବ ତଥା ମୌଳିକ ଅଧିକାରଗୁଡିକ ପ୍ରତି ଆଜି ବିପଦ ଦେଖାଦେଇଛି ବୋଲି ଉଦବୋଧନ ଦେଇଥିବା ବେଳେ ସମସ୍ତେ ଏକଜୁଟ ହୋଇ ଏହା ବିରୋଧରେ ଲଢେଇ କରିବାକୁ କହିଥିଲେ। ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ କର, କର୍ପୋରେଟର ସନ୍ତୋଷ ଭୋଳ, ଶୁବାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ବଟକୃଷ୍ଣ ସାହୁ, କେଦାର ପୃଷ୍ଟି, ଶରତ ଚନ୍ଦ୍ର ସେଠୀ, ଗୌରୀ ଦାସ, କାଞ୍ଚନ ଦାସ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ଅଜୟ ଗୋଚ୍ଛାୟତ, ଦିଲ୍ଲୀପ ମହାନ୍ତି, ଗୌତମ ପଣ୍ଡା, କିଶୋରଚନ୍ଦ୍ର ପ୍ରଧାନ, ପଲ୍ଲବୀ ଘୋଷ, ଭାରତୀ ଦାସ, ରାଜଶ୍ରୀ ରାୟ, ମୀର ମୁଜାଫର ଅଲ୍ଲୀ, ମହେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଶୁଭାରମ୍ଭ

# ଶଙ୍କର ଜାତୀୟ ଜର୍ସୀ ଗାଈର ମାନକୁ ନେଇ ପ୍ରଶ୍ନ

**ଫୁଲନଖରା, ୨୬।୧୧(ସମିସ):** ଫୁଲନଖରା ନିକଟସ୍ଥ ଓମ୍‌ଫେଡ ତାଲିମ୍ ଓ ପ୍ରଶିକ୍ଷଣ କେନ୍ଦ୍ରରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ ହୋଇଛି। ଦୁଗ୍ଧ ବିପ୍ଳବର ଜନକ ଡଃ ଭରଗିସ୍ କୁରିଆନ୍‌ଙ୍କ ଜନ୍ମ ତିଥି ନଭେମ୍ବର ୨୬ ତାରିଖକୁ ବିଶ୍ୱ ଦୁଗ୍ଧ ଦିବସ ଭାବରେ ସାରା ବିଶ୍ୱରେ ପାଳନ କରାଯାଇଥାଏ। ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ ତାଲିମ୍ କେନ୍ଦ୍ରରେ ୧୦ ଜଣ ଗୋ-ଚାଷୀଙ୍କୁ କଟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ, ପଶୁପାଳନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଗିରିଧାରୀ ଭୋଇ ଏବଂ ନ୍ୟାସନାଲ ଡାଇରୀ ଡେଭେଲପମେଣ୍ଟ ବୋର୍ଡର ଦକ୍ଷିଣ କ୍ଷେତ୍ର ପରିଚାଳକ ହରିଶଙ୍କର ଏସ୍. ଅତିଥି ଭାବରେ ଯୋଗଦେଇଥିବା ବେଳେ ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ ପୌରୋହିତ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଏମ୍‌ଟିଡିସିର ପରିଚାଳିକା ହରପ୍ରିୟା ଦାଶଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ଗୋ-ଚାଷୀମାନେ ବିଭିନ୍ନ ରାଜ୍ୟରୁ ପ୍ରତ୍ୟକ୍ଷ ଭାବରେ ଉତ୍କୃଷ୍ଟମାନର ଗାଈ କ୍ରୟ କରିବା ବେଳେ ଦଲାଲ୍‌ଙ୍କ ହାବୁଡରେ ପଡ଼ିବା ଓ ଗାଈ କ୍ରୟ କରି ଘରକୁ ଆଣୁଥିବା ବେଳେ ବାଟରେ ବିଭିନ୍ନ ପ୍ରକାର ସଂଗଠନ ଦ୍ୱାରା ହଇରାଣ ହରକତରୁ ଏହି କାମଧେନୁ ଯୋଜନା ମାଧ୍ୟମରେ ବଞ୍ଚିତ ହେବେ ବୋଲି ଉପସ୍ଥିତ ପଶୁପାଳନ ବିଭାଗର ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଯୋଜନାର ଶୁଭାରମ୍ଭରେ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଯଥା କଣ୍ଟାପଡ଼ା, ନିଆଳି, ସଦର, ବଡମ୍ବା ଓ ବାରଙ୍ଗର ପ୍ରାୟ ୧୦ଜଣ ଗୋ-ଚାଷୀଙ୍କୁ ୨୦ଟି ଶଙ୍କର ଜାତୀୟ ଜର୍ସୀ ଗାଈ ଯୋଗାଇ ଦିଆଯାଇଥିଲା। ଶତକଡା ୭୦ଭାଗ ସବ୍‌ସିଡ୍ ପାଇବା ପରେ ଗାଈର ମୂଲ୍ୟ ବାବଦକୁ ୨୭ ହଜାର ଟଙ୍କା ହିସାବରେ ଦୁଇଟି ଗାଈର ମୂଲ୍ୟ ୫୪ ହଜାର ଟଙ୍କା ପୈଠ କରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏନ୍‌ଡିଡିବି ଦ୍ୱାରା ମହାରାଷ୍ଟ୍ରରୁ କ୍ରୟକରାଯାଇଥିବା ଗାଈ ଗୁଡିକୁ ଚାଷୀମାନେ

**ଠକାମୀର ଶିକାର ହେବା ନେଇ ଚାଷୀଙ୍କ ଉଦ୍‌ବେଗ**

**ଗୁଜୁରାଟର ଏନ୍‌ଡିଡିବି ଦ୍ୱାରା କ୍ରୟ କରାଯାଇଛି ଜର୍ସି ଗାଈ**




ପାଇବା ପରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ସରକାରଙ୍କଠାରୁ ଉତ୍କୃଷ୍ଟମାନର ଗାଈ ପାଇବାର ଆଶା ରଖି ଶେଷରେ ଠକି ଯାଇଛନ୍ତି ବୋଲି ଦୁଃଖର ସହ କହିଥିଲେ। ଗାଈଗୁଡିକୁ ପାଇଲା ପରେ ସରକାର ପ୍ରକୃତରେ ୭୦% ସବ୍‌ସିଡି ଦେଉଛନ୍ତି ନା ଗାଈର ପ୍ରକୃତ ମୂଲ୍ୟ ଦେଇ ଚାଷୀ କିଣୁଛି ତାହା ସମସ୍ତଙ୍କ ମନରେ ଏକ ପ୍ରକାର ସନ୍ଦେହ ସୃଷ୍ଟି କରିଛି। ଗାଈ ଗୁଡିକୁ ୭ଦିନ ପୂର୍ବରୁ ଅଣାଯାଇ ଓମ୍‌ଫେଡ୍ ତାଲିମ୍ କେନ୍ଦ୍ରର ସାମୁହିକ ଗୋ-ରହଣୀ କେନ୍ଦ୍ରରେ କ୍ୱାରାଣ୍ଟାଇନ୍‌ରେ ରଖାଯିବା ପରେ ଚାଷୀମାନଙ୍କୁ ଲଟେରୀ ମାଧ୍ୟମରେ ହସ୍ତାନ୍ତର କରାଯାଇଛି। ଉକ୍ତ ଗାଈଗୁଡିକ ରହଣି ପାଇଁ ଗୁହାଳ ବାବଦରେ ସରକାରଙ୍କଠାରୁ ୩୫ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି କୁହାଯାଇଥିବା ବେଳେ ଚାଷୀମାନେ ଗାଈ ପାଇ ସାରିଲେଣି ହେଲେ ଗୁହାଳ ବାବଦରେ ଟଙ୍କା ପାଇନାହାଁନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ। ଗାଈଗୁଡିକୁ ଘରକୁ ନେଲା ପରେ କିଭଳି ତାହାର ଯତ୍ନ ନେବେ ସେହି ଆଶଙ୍କାରେ ମଧ୍ୟ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଚାଷୀମାନେ ଗାଈ ନେବା ପରେ ଦୈନିକ କେତେ ଲିଟର କ୍ଷୀର ଦେବେ ଓ ସେମାନଙ୍କ ଗୁଜୁରାଣ ମେଣ୍ଟେଇ ପାରିବେ କି ନା ସେନେଇ ଚାଷୀଙ୍କ ମନରେ ଘୋର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

# ଓଏଭି ଶିକ୍ଷକଙ୍କ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ



କଲ୍ୟାଣସିଂହପୁର,୨୬।୧୧(ସମିସ): ରାୟଗଡା କଲ୍ୟାଣସିଂହପୁର ଆଦର୍ଶ ବିଦ୍ୟାଳୟ ଶିକ୍ଷକ,ଶିକ୍ଷୟିତ୍ରୀ ମାନେ କଳାବ୍ୟାଜ ପିନ୍ଧି ରାଜ୍ୟ ମହାସଂଘର ଡାକରା କ୍ରମେ ୧୩ ଦଫା ଦାବି ନେଇ ସପ୍ତାହ ବ୍ୟାପି ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗତ ୨୬ ନଭେମ୍ବରରେ ମହାସଙ୍ଘର ଡାକରା କ୍ରମେ ବିଦ୍ୟାଳୟ ଛୁଟି ପରେ ୪ଟାରୁ ୫ଟା ପର୍ଯ୍ୟନ୍ତ ବ୍ୟାନର ଓ ନିଜର ଦାବିପତ୍ର ଧରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ଓଡିଶା ସରକାରଙ୍କ ଦ୍ୱାରା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ମଧ ଆଦର୍ଶ ବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ସରକାରୀ ମାନ୍ୟତା ମିଳିନାହିଁ ଓ କର୍ମଚାରୀ ମାନେ ମଧ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାଜ୍ୟ ମହାସଂଘର ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବେ ଭିକ୍ଷୋଭ ପ୍ରଦର୍ଶନ ଚାଲିଛି। ଯଦି ସରକାର ଦାବି ନ ଶୁଣନ୍ତି ତେବେ ଆଗାମୀ ଡିସେମ୍ବର ୮ରୁ ଆମରଣ ଅନଶନ କରାଯିବା ପାଇଁ ରାଜ୍ୟ ସଂଘ ନିର୍ଦ୍ଧାରଣ କରିଛି ବୋଲି ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ମାନେ କହିଛନ୍ତି।

● ଦୁଇ କମିଟି ମଧ୍ୟରେ ବୁଝାମଣା

# ଭଙ୍ଗା ହେଲା ପୁରୁଣା ମନ୍ଦିର



ଗୁଡାରି,୨୬।୧୧ (ସମିସ): ଗୁଡାରୀ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ପାଶ୍ୱର୍ ମୂର୍ତ୍ତିକୁ ନେଇ ବିବାଦ ଉଠିଥିଲା । ଗତ ୧୮ ତାରିଖ ଦିନ ଦିର୍ଘ୍ୟ ୪୦ ବର୍ଷ ଧରି ପୁରୁଣ ପରିଚାଳନା କମିଟିର ସୁଜୟ ପଟ୍ଟନାୟକ, ପାଣ୍ଡବ ସାହୁ ଏବଂ ନୂତନ ପରିଚାଳନା କମିଟି ସମସ୍ତ ସଦସ୍ୟଙ୍କ ମଧ୍ୟରେ ଆପୋଷ ବୁଝାମଣା ପରେ ଗତ ବୁଧବାର ଦିନ ନୂତନ ପରିଚାଳନା କମିଟି ସଭାପତି ସମ୍ପାଦକ ଅନ୍ୟ ସଦସ୍ୟ ଏବଂ ନିର୍ମାଣ କମିଟିର ଗଣପତିପାଠି, ଗୋପିନାଥ ଗୌଡ, ସୁକୁଟିରଥ, ଉପସ୍ଥିତିରେ ମନ୍ଦିର ପରିସରରେ ପୂଜାପାଠ ସହ ନାମ ସଙ୍କିର୍ତ୍ତନ କରାଯିବା ପରେ ସକାଳ ୮ ଟା ସମୟରେ ପୁରୁଣା ମନ୍ଦିର ରତ୍ନମୁଦ ଭଙ୍ଗାଯାଇଥିଲା । ଏହାକୁ ସମ୍ପୂର୍ଣ୍ଣ ଭଙ୍ଗାଯିବା ପରେ ଲକ୍ଷ୍ମୀ ମନ୍ଦିର ଏବଂ ହନୁମାନ ମନ୍ଦିର ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କମିଟି ତରଫରୁ କୁହାଯାଇଛି ।

## ଜିଲ୍ଲାସ୍ତରୀୟ 'ଦିଆଲ ପରବ'

# 'ଭାଷା, ସଂସ୍କୃତି, ପରମ୍ପରା ଓ ଏକତାକୁ ପ୍ରଦର୍ଶନ କରିବା ଲକ୍ଷ୍ୟ'



ରାୟଗଡ଼ା,୨୬।୧୧(ସମିସ): ରାୟଗଡ଼ା ସହରର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡିଆ ଠାରେ ମହା ସମାରୋହରେ ଜିଲ୍ଲା ଡମ ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ଦିଆଲ ପରବ ଭେଟଘାଟ-୨୦୨୫ ଏବଂ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ଡମ ସମାଜ ସଭାପତି ଧନୀରାମ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ ସମାଜ ସଭାପତି ତଥା କୋରାପୁଟ ବିଧାୟକ ରଘୁନାଥ ମାଛ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ଉତ୍କଳ ୟୁନିଭରସିଟି, ସେଣ୍ଟର ଅଫ୍ ଅମ୍ବେଦକର ଷ୍ଟଡି'ର ନିର୍ଦ୍ଦେଶକ ପ୍ରଫେସର ରବିନ୍ଦ୍ର ଗରଡା, ସ୍ୱତନ୍ତ୍ର ଅତିଥି ଭାବେ ବହୁଜନ ସମାଜ ପାର୍ଟି ରାଜ୍ୟ ସଭାପତି ସରୋଜ ନାୟକ, ନୂଆପଡା ଜିଲ୍ଲା ଉପାଧ୍ୟକ୍ଷା ଦୀପିକା କୁଶୁଲିଆ ଦୀପ୍, ସମ୍ବିଧାନ ଦିବସ ବାର୍ତାବହ କଳାହାଣ୍ଡିର ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ସାଗର, ରାୟଗଡ଼ା ଜିଲ୍ଲା ତଥା ଅବିଭକ୍ତ କୋରାପୁଟ ଡମ ସମାଜ ସାଧାରଣ ସଂପାଦକ ଜନାର୍ଦ୍ଦନ ଗରଡା, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ, ଗୁଣପୁର କଲେଜ ପ୍ରଫେସର ଡ. ଡମ୍ବୁରୁଧର ଗରଡା.ଅବିଭକ୍ତ କୋରାପୁଟ ଡମ ସମାଜ ଆବାହକ ବାସୁଦେବ ମାଲ ବିଶୋଇ, ମାଲକାନଗିରି ଜିଲ୍ଲା ସହିଦ ନର୍ସିଂ ଡମ୍ ସମାଜ ସଭାପତି ବଳରାମ ଅନୁଗୁଳିଆ, କୋରାପୁଟ ଜିଲ୍ଲା ଡମ ସମାଜ ସଭାପତି ଭଗବାନ ଖୋରା, ନବରଙ୍ଗପୁର ଜିଲ୍ଲା ଡମ ସମାଜ ସଭାପତି ଜନକରାମ ସୁନା, ଜୟପୁରର ସମାଜସେବୀ ମାନସ୍ୱିନି ଟାକିରିଙ୍କ ସମେତ ଅବିଭକ୍ତ କୋରାପୁଟ ଡମ ସମାଜର ଉପସଭାପତି ଓ ସହସଂପାଦକ ମାନେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ତଥା ଦିଆଲ ପର୍ବ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିଆଲ ପରବ ଭେଟଘାଟ ମାଧ୍ୟମରେ ଡମ ସମାଜର ଭାଷା, ସଂସ୍କୃତି,ପରମ୍ପରା ଏବଂ ଏକତା ଓ ଜନଶକ୍ତିକୁ ସମଗ୍ର ଦେଶ ଦୁନିଆକୁ ପ୍ରଦର୍ଶନ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଦୀପାବଳୀ ପର୍ବକୁ ଡମ ସମାଜର ପ୍ରତି ଘରେ ଘରେ ଖୁସି ,ସୁଖ ଓ ଶାନ୍ତିରେ ପାଳନ କରାଯାଇଥିବା ବେଳେ ଗତବର୍ଷ ଭଳି ଚଳିତ ବର୍ଷ ମଧ ଏକତ୍ରିତ ହୋଇ ମିଳିମିଶି ପାଳିବା ପାଇଁ ଆଜିର ଏହି ଦିଆଲ ପର୍ବକୁ ଧୁମଧାମରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଡମ ସମାଜ ପରିବାର ଏକତ୍ରିତ ହୋଇଥିବା ବେଳେ ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମଞ୍ଚରେ ଦିଆଲ ପରବ ନୃତ୍ୟ ବହୁ ଆର୍କଷଣ ହୋଇଥିଲା। ଶେଷରେ ଡମ ସମାଜର ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ମଧ୍ୟାହ୍ନରେ ଷ୍ଟେସନ ଛକ ଓ ନୂଆ ସାହି ଠାରୁ ଏକ ଶୋଭାଯାତ୍ରାରେ ଆସି ବସଷ୍ଟାଣ୍ଡ ନିକଟରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଣ, ବାଜା, ଡିଜେ ବଜାଇ ଡମ ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ଦିଆଲ ପର୍ବକୁ ପାଳନ କରାଯାଇଥିଲା ଏବଂ ଜିଲ୍ଲାର ବହୁ କାର୍ଯ୍ୟକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ପୁରସ୍କାର ବିଜେତା କୁନି ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା




ଚିତ୍ରକୋଣ୍ଡା, ୨୬।୧୧(ସମିସ): ରାଜ୍ୟସ୍ତରରୁ ମନୋନୀତ ହୋଇ ଜାତୀୟସ୍ତର ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରି ସୁଯୋଗ ପାଇଥିଲେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ମଣ୍ଡଳ ଆରଏସ୍‌ସି ୬ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲଳିତା ଖିଲ। ନିଜର ସହଯୋଗୀ ଡମ୍ବରୁ ଆକଲ ଓ ସହାୟକ ଶିକ୍ଷକ ଦେବଦତ୍ତଦାସ ପଟ୍ଟନାୟକ ସହ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବାକୁ ନାଗପୁର ଯାଇଥିଲେ। ସେଠାରେ ଏହି ପ୍ରତିଯୋଗିତା ୧୮ ତାରଖରୁ ୨୩ ତାରିଖ ଯାଏଁ ପର୍ଯ୍ୟନ୍ତ ଚାଲିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ପ୍ରକଳ୍ପକୁ ପଛରେ ପକାଇ ଲଳିତାଙ୍କ ସୁରକ୍ଷିତ ପ୍ରକଳ୍ପଟି ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏହି ଖବର ଓଡ଼ିଶା ତଥା ମାଲକାନଗିରି ଜିଲ୍ଲାର ବିଶେଷ କରି ଚିତ୍ରକୋଣ୍ଡା ମଣ୍ଡଳରେ ଖୁସିର ଲହରୀ ଖେଳାଇ ଦେଇଛି। ଆଜି ସେମାନେ ଫେରୁଥିବା ବେଳେ ଚିତ୍ରକୋଣ୍ଡା ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ଚିତ୍ରକୋଣ୍ଡାର ଟେମ୍ପୋରାରୀକଲନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ବିଜୟୀ ବୋଜ୍ଞାନିକ ବାଳିକାକୁ ଫୁଲତୋଡ଼ା ଓ ପୁରସ୍କାର ପ୍ରଦାନ କରି ଏକ ନିଆରା ସମ୍ବର୍ଦ୍ଧନା ଦେଇଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନାର ଉତ୍ସବରେ ଆରଏସସି-୬ ପ୍ରଧାନ ଶିକ୍ଷକ ଡମ୍ବରୁ ଧର ଗୋଲାରୀ ଓ ଟେମ୍ପୋରରୀ କଲୋନୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀଙ୍କ ସହ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ, ଅଭିଭାବକ ତଥା ଅଞ୍ଚଳବାସୀ ଯୋଗ ଦେଇଥିଲେ।

# ୩ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୁକ୍ତ କୋର୍ଟ ଚାଲାଣ

ଏମଭି ୭୯,୨୬।୧୧(ସମିସ): କାଲିମେଲା ବ୍ଲକ ଏମ୍‌ଭି ୭୨ ଗ୍ରାମରେ ଗତ ରବିବାର ଦିନ ଆଇସକ୍ରିମ ପ୍ରଲୋଭନ ଦେଖାଇ ନିଜ ସମ୍ପର୍କୀୟଙ୍କ ୩ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଏମ୍‌ଭି ୭୨ ଗ୍ରାମର ନକୁଳ ରାୟଙ୍କ ପୁଅ ନରେନ ରାୟ (୪୫) ଙ୍କ ବିରୋଧରେ ଗତକାଲି ଏମ ଭି ୭୯ ଥାନାରେ, ନାବାଳିକାଙ୍କ ଅଭିଭାବକ ଲିଖିତ ଅଭିଯୋଗ କରିଥିଲେ। ଗତକାଲି ଅଭିଯୁକ୍ତକୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆଜି ଏନେଇ ଏମ୍‌ଭି ୭୯ ଥାନା ଅଧିକାରୀ ଆଇଆଇସି ଚନ୍ଦ୍ରକାନ୍ତି ତାଣ୍ଡି ପୋକ୍ସ ଧାରା ୧୭୭/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।



# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ










ମାଲକାନଗିରି,୨୬।୧୧(ସମିସ)(୩୦୧) : ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଛି। ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲିଟି ଥାଏ ବୋଲି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମତ ପ୍ରକାଶ କରିଥିଲେ ଅତିରିକ୍ତ ଜିଲ୍ଲାପାଳ। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅର୍ଥ ପରିଚାଳକ ମାନସ ମିଶ୍ର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ହିମାଂଶୁ ଭୂଷଣ ମହାରଣା ଯଥାକ୍ରମେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ଓ ପେସା ଆଇନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଏଠାରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏମଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥୀ ବେହେରା ଓ କାର୍ଯ୍ୟକ୍ରମ ପରିଚାଳକ ଦକ୍ଷତା ବିକାଶ ଶ୍ରୀ ମହାରଣା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସାମୁହିକ ଶପଥ ପାଠ ଓ ଯୋଗାଭ୍ୟାସ କରାଯାଇଥିଲା। ବାବା ସାହେବ୍ ଡ଼ଃ ବି ଆର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ବାଲାଜୀ ପଟ୍ଟନାୟକ, ସ୍ୱସ୍ତିକା ପ୍ରଧାନ, ଶାଶ୍ୱତୀ କୀର୍ତ୍ତି ରାଉତ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ମାଥିଲି :** ସମ୍ବିଧାନ ଦିବସ ଅବସରରେ ଉଦୁଲିବେଡା ବିଦ୍ୟାଳୟ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି କରାଯାଇଥିଲା। ଏଥିରେ ଉଦୁଲିବେଡା ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର ଖିଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା, ଏଡିଓ ଅନନ୍ତ ପାଙ୍ଗି ଓ ପାରାମାଉଣ୍ଟ ଫାଉଣ୍ଡେସନ ସଦସ୍ୟ ସାୟୁ ସିଂନା ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗୋଲି, ଚିତ୍ର, ଭାଷଣ ପ୍ରଭୃତି ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା।

**ଗୁଡାରୀ :** ଗୁଡାରୀ ନୂଆ ବସ୍‌ଷ୍ଟାଣ୍ଡଠାରେ ଆମ୍ବେଦକର ୟୁଥ୍ ତରଫରୁ ୭୬ ତମ ସମ୍ବିଧାନ ଦିବସ ଗତ ବୁଧବାର ଦିନ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି କାହ୍ନୁଚରଣ ଲିମା, ସଂଘର ଉପଦେଷ୍ଟା ଇନ୍ଦ୍ରମଣି ବିଡିକା,ପ୍ରସାଦ ଲିମା ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଶିକ୍ଷକ ମୋନଜ ବଣିଆ। ବାବା ସାହେବ ଆମ୍ବେଦକରଙ୍କୁ ଦିନେ ଦେଶର ପଛୁଆବର୍ଗ ବୋଲି ଯେଉଁମାନେ ସମାଲୋଚନା କରୁଥିଲେ, ସେ ପରବର୍ତୀ ସମୟରେ ସମ୍ବିଧାନ ଗଠନ କରିବାରେ ମୂଳ ମନ୍ତ୍ର ପାଲଟିଯାଇଥିଲେ ବୋଲି ଅତିଥିମାନେ କହିଥିଲେ।

**ଗୁଣପୁର :** ରାୟଗଡ଼ା ଜିଲ୍ଲା ଗୁଣପୁର କୋର୍ଟ ପରିସରରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଗୁଣପୁର ଏଡିଜେ ଦେବଦେତ୍ତ ପଟ୍ଟନାୟକ ସମସ୍ତ କର୍ମଚାରୀ ଏବଂ ଓକିଲ ମାନଙ୍କୁ ସମ୍ବିଧାନର ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସଡିଜେଏମ ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ, ପୋଲିସ ଏବଂ ଓକିଲ ସଂଘର ସଭପତି ଗୌରୀ ଶଙ୍କର ଦାସ, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଗଦାଧର ପଣ୍ଡା, ଜ୍ୟୋସ୍ନା ରାଣୀ ଦାସ ଏବଂ ଅନ୍ୟ ଓକିଲ ମାନେ ଉପସ୍ଥିତ ଏ ନେଇ ସଚେତନ କରିଥିଲେ।

**ବେହେଡା :** ନବରଙ୍ଗପୁର ଜିଲ୍ଲାର ପୁର ପଲ୍ଲୀରେ ବଡ ଯାକଜମକରେ ପାଳିତ ହୋଇଛି। ବେହେଡା ପଞ୍ଚାୟତ ଠାରେ ପାଳନ ହେଲା, ଏଥିରେ ସରପଞ୍ଚ ପ୍ରମିଳା ଗଣ୍ଡ, ଜୟମାନୀ ଗଣ୍ଡ, ମଙ୍ଗଳ ଭତ୍ରା, ୱାର୍ଡ ମେମ୍ବର, ଇଓଡ, ଆଶା, ଇଘଗ, ସମସ୍ତ ବର୍ଗର କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବିଧାନ ବିଷୟରେ ଚରଙ୍ଗ, ଉରଙ୍ଗ ଲୋକଙ୍କୁ ଧାରଣା ଦେଇଥିଲେ ତାହାର ସୁରକ୍ଷା ଓ ଡ଼କ୍ଟର ଭୀମରାଓ ଆମ୍ବେଦକର ବିଷୟରେ କହିଥିଲେ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ମହାବିଦ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ରାଜନୀତି ବିଜ୍ଞାନ ବିଭାଗ ପୂର୍ବତନ ଅଧାପକ ଚିତ୍ତରଞ୍ଜନ ମିଶ୍ର ଏବଂ ପ୍ରଦୀପ ବେହେରା। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସୀ ସିଂହ ଏହି ସଭାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଭାରତୀୟ ସମ୍ବିଧାନର ପ୍ରସ୍ତାବନା 'ଆମେ ଭାରତୀୟଜନ...' ପାଠ କରାଯାଇଥିଲା। ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନିକ ଜ୍ଞାନ ବୃଦ୍ଧି କରିବା ପାଇଁ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଚିତ୍ତରଞ୍ଜନ ମିଶ୍ର ଏବଂ ପ୍ରଦୀପ ବେହେରା ଏ ନେଇ ବକ୍ତବ୍ୟ ଦେଇଥିଲେ। ଅଧକ୍ଷା ଝାନ୍ସୀ ସିଂହ କାର୍ଯ୍ୟକ୍ରମର ସଫଳତା ପାଇଁ ରାଜନୀତି ବିଜ୍ଞାନ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ଅଧାପିକା ଯଥା ଦେବରାଜ ନାୟକ, ହରେକୃଷ୍ଣ ସାହୁ, ଡ.ଗୀତା ପଟ୍ଟନାୟକ, ରୋନାଲି ନାୟକ, ପ୍ରେମାନନ୍ଦ, ପିଙ୍କି ଗୋୟେଲ, ବିନୋଦ ଲେଙ୍କା, ବିନୟ ପଣ୍ଡା, ସଙ୍ଗୀତ ପଣ୍ଡା ଭାଗିରଥି ରାଉତ, ସୁମିତ୍ରା ଗିରି ଯୋଗ ଦେଇଥିଲେ।

**ନବରଙ୍ଗପୁର :** ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ, ପାରା ଲିଗାଲ ସଦସ୍ୟ, ଆଇନଜୀବୀ ପ୍ରମୁଖ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗ ଦାନ କରିଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଆଇନଜୀବୀ ସଂଘର ସଭାପତି ସିରାଜଉଦ୍ଦିନ ଅହମ୍ମଦ, ଉପ ସଭାପତି ସଦାଶିବ ସାହୁ, ଉପ ମୁଖ୍ୟ ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା. ରାଜ କିଶୋରେ ନାଗ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ମହାବିଦ୍ୟାଳୟର ଅଧାପିକା ମାଳେଶ୍ୱରୀ ସାହୁ, ଅଧାପକ ବିନୋଦ ବିହାରୀ ପ୍ରଧାନ, ଅଧାପିକା ତଉରା।ବେଗମ, ଅଧାପିକା ରଞ୍ଜୁଷା କୁମାରୀ ପ୍ରହରାଜ, ଅଧାପିକା ଡକ୍ଟର ଏମ. ରୋହିଣୀ ରାଣୀ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଉପରେ ଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧାପକ ନୃପେନ୍ଦ୍ରନାଥ ଖୋସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଏହି ଶିବିର ପରିଚାଳନା ହୋଇଥିଲା।

**ପାପଡାହାଣ୍ଡି :** ପାପଡାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାତ୍ରୀଠାରେ ପଞ୍ଚାୟତ ସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଆଜିର ଏହି ଦିବସରେ ସ୍ଥାନୀୟ ପଞ୍ଚାୟତ ପିଇଓ ମଙ୍ଗୁଲୁ ଭତରା, ବିପିସି(ପେସା) ଗିରିଜା ପ୍ରସାଦ ଦଳାଇ, ପିରାମଳ ପ୍ରତିଷ୍ଠା ସଭ୍ୟା ଶୁଭଶ୍ରୀ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ବିଶ୍ୱରଂଜନ ପାଣି, ରଞ୍ଜିତା ବେହେରା, ହିମାଂଶୁ ଶେଖର ସୋରି, ମହିଳା ସ୍ୱୟଂସହାୟକ ଦଳର ମା'ମାନେ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

**ନନ୍ଦପୁର :** ସଦରମହକୁମା ଠାରେ ଦଳିତ ସେବା ସମିତି ସଭାପତି ଜଗନ୍ନାଥ ପାଙ୍ଗିଙ୍କ ଆବାହକତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା , ତହସିଲଦାର ଦେବବ୍ରତ ମହାରଣା, ବରିଷ୍ଠ ନାଗରିକ ଗୋପାଳକୃଷ୍ଣ ବେବର୍ତ୍ତା, ସେକ ଗୋଫୁର, ଭଗବାନ ମୁଦୁଲି, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ସାମାଜିକ କର୍ମୀ ମୁନା ଦଳପତି, ସୂର୍ଯ୍ୟନାରାୟଣ ଖେମୁଣ୍ଡୁ, ବିଜେପି ନେତା ଜୟରାମ ଭୋଇ, ଯୁବନେତା ପ୍ରଭାତ ଗୁରୁମାଇ, ଗଣେଶ ଖିଲ, ସୁରେଶ୍ ଡଙ୍ଗାୟତ, ସୁନିଲ କୁମାର ସାହୁ, ଅରୁଣ ପାଣ୍ଡିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଦଳିତ ସେବା ସମିତି ପକ୍ଷରୁ ବ୍ଲକ୍‌ର ଗରିବ ଅସହାୟ ବୁଢ଼ାବୁଢ଼ିଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

**ନବରଙ୍ଗପୁର :** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ "ସମ୍ବିଧାନ ଦିବସ" ଜାତୀୟସେବାଯୋଜନା ଏବଂ ଯୁବ ରେଡ୍‌କ୍ରସର ସଂଯୁକ୍ତ ଆୟୋଜନରେ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ଲିଗାଲ ଏଡ୍ ସେକ୍ରେଟାରୀ ଶାଶ୍ୱତୀ ମିଶ୍ର ସମ୍ବିଧାନର ପ୍ରସ୍ତାବନାର ପ୍ରତ୍ୟେକ ଶବ୍ଦର ଗୁରୁତ୍ୱକୁ ସହଜରେ ବ୍ୟାଖ୍ୟା କରିଥିଲେ। ନବରଙ୍ଗପୁର ଜିଲ୍ଲା ବାର ଅସୋସିଏସନର ସଭାପତି ସିରାଜୁଦ୍ଦିନ ଅହମଦ, ଉପସଭାପତି ସଦାଶିବ ସାହୁ ଉପସ୍ଥିତ ଥାଇ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନ ସଚେତନତା ବିକାଶ, ଏବଂ ଦୈନନ୍ଦିନ ଜୀବନରେ ସମ୍ବିଧାନର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ କାଉନ୍‌ସେଲର ରାଜକିଶୋର ନାଗ, ପାନେଲ ଲୟର କିଶୋରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ସମ୍ବିଧାନର ମୁଖବନ୍ଧ-ଶପଥ ପାଠ କରାଇଥିଲେ। ଏହାର ଗୁରୁତ୍ୱ ବିଷୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମଟିକୁ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ନୃପେନ୍ଦ୍ର ନାଥ ଖୋସଲା ପରିଚାଳନା କରିଥିଲେ। ଶେଷରେ ଡ. ଏମ୍. ରୋହିଣୀ ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିନୋଦ ବିହାରୀ ପ୍ରଧାନ, ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା କୁମାରୀ ପ୍ରହରାଜ, ତାଇରା ବେଗମ, ସୁନିତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା, ତାରାନୁମ୍ ଆରା ସହଯୋଗ କରିଥିଲେ।

**ରାୟଗଡ଼ା :** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ସମ୍ବିଧାନ ଦିବସ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ନ୍ୟାୟାଳୟର ବରିଷ୍ଠ ଓକିଲ ତଥା ଭାରତୀୟ ମଜଦୁର ସଂଘର ପଦାଧିକାରୀ ଅରୁଣ କୁମାର ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦ ଓ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସଲୀଳା କୁମାରୀ ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପ୍ରତାପ ବେହେରାଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।











# ଆଇଜିଏଚ୍‌ରେ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

ରାଉରକେଲା, ୨୬।୧୧(ସମିସ)



ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରୀ ଦଳ ଜଣେ ୩୨ ବର୍ଷୀୟା ଆୟୁଷ୍ମାନ ଭାରତ କାର୍ଡଧାରୀ ହିତାଧିକାରୀ ମହିଳାଙ୍କ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳତାର ସହ ସମ୍ପର୍ଣ୍ଣ କରିଛନ୍ତି। ଫଳରେ ଅସ୍ତ୍ରୋପଚାରର ଠିକ ପରଦିନ ମହିଳା ଜଣଙ୍କ ପୁଣି ଚାଲିବାକୁ ସକ୍ଷମ ହୋଇପାରିଛନ୍ତି। ଯାହା ଆଇଜିଏଚ୍‌ର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ରୋଗୀ ଜଣକ ନିଜର ଡାହାଣ ଗୋଡ଼ରୁ ପିଠି ପର୍ଯ୍ୟନ୍ତ ପ୍ରବଳ ଯନ୍ତ୍ରଣା ସହିତ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ତାଙ୍କର ଠିଆ ହେବା, ଚାଲିବା, ବିଛଣାକୁ ଉଠିବା ସହିତ ନିଜେ ପରିସ୍ରା ଏବଂ ଶୌଚାଳୟ ଯିବାରେ ଅସୁବିଧା ହେଉଥିଲା। ଏହି ସବୁ ଲକ୍ଷଣଗୁଡ଼ିକ ଦୀର୍ଘ ପାଞ୍ଚ ଦିନ ଧରି ଲାଗି ରହିଥିଲା। ଆଇଜିଏଚରେ ଭର୍ତ୍ତି ହେବା ପରେ ଏକ ଏମଆରଆଇ କରାଯାଇଥିଲା, ଯେଉଁଥିରେ ଏଲ ୫-ଏସ୍ ୧ ଏକ୍ସଟ୍ରୁଡେଡ୍ ଡିସ୍କ ଚିହ୍ନଟ କରଯାଇଥିଲା। ଯାହାଦ୍ୱାରା କାଉଡା ଇକ୍ୱିନା ସିଣ୍ଡ୍ରୋମ୍ ସୃଷ୍ଟି ହେବା ସହିତ ରୋଗୀଙ୍କୁ ନ୍ୟୁରୋସର୍ଜିକାଲ୍‌ର ଜରୁରୀକାଳୀନ ଅସ୍ତ୍ରୋପଚାରର ଆବଶ୍ୟକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଡାକ୍ତରୀ ଦଳ ତୁରନ୍ତ ମେରୁଦଣ୍ଡ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିବା ସହ ଜରୁରୀକାଳୀନ ଲୁମ୍ବାର ସ୍ପାଇନ୍ ଅସ୍ତ୍ରୋପଚାର ସମ୍ପନ୍ନ କରିଥିଲେ। ଏହି ଅସ୍ତ୍ରୋପଚାରର ନେତୃତ୍ୱ ନ୍ୟୁରୋସର୍ଜରୀର ବରିଷ୍ଠ ପରାମର୍ଶଦାତା ଡା. ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ସମ୍ପାଦନ କରାଯାଇଥିଲା। ଏଥିରେ ଅତିରିକ୍ତ ସିଏମଓ ଡା. ସଞ୍ଜୁକ୍ତା ପାଣିଗ୍ରାହୀ ନିଶ୍ଚେତକ ସହାୟତା ଯୋଗାଇ ଦେଇଥିଲେ। ସିଷ୍ଟର ଗୋଧୂଳି ଏବଂ ସିଷ୍ଟର ଅଞ୍ଜଳି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ସହାୟତା ପ୍ରଦାନ କରିଥିଲେ। ରୋଗୀ ଜଣକ ଅସ୍ତ୍ରୋପଚାରର ମାତ୍ର ଗୋଟିଏ ଦିନ ପରେ ଠିଆ ହେବା ସହିତ ନିଜେ ଚାଲିବା ପାଇଁ ସକ୍ଷମ ହୋଇ ଉଲ୍ଲେଖନୀୟ ଭାବେ ଆରୋଗ୍ୟ ଲାଭ କରିଥିଲେ। ଏହି ସଫଳ ଚିକିତ୍ସାରେ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ମନୀଷା, ସିଷ୍ଟର ରୁବି ଏବଂ ସିଷ୍ଟର ସୋନିଆ ଅସ୍ତ୍ରୋପଚାର ପରବର୍ତ୍ତୀ ଚିକିତ୍ସା ସେବାକୁ ସତର୍କତାର ସହ ପରିଚାଳନା କରିଥିଲେ, ଯାହା ରୋଗୀଙ୍କ ସୁଗମ ଏବଂ ସ୍ଥିର ସ୍ୱାସ୍ଥ୍ୟ ଉନ୍ନତି ସୁନିଶ୍ଚିତ କରିଥିଲା। ଏଥିରେ ଆଶ୍ୱସ୍ତି ଏବଂ କୃତଜ୍ଞତା ପ୍ରକାଶ କରି ରୋଗୀ ତାଙ୍କ ସ୍ୱାସ୍ଥ୍ୟରେ ୮୦ ପ୍ରତିଶତ ଉନ୍ନତି ଅନୁଭବ କରୁଥିବା ପ୍ରକାଶ କରିଥିଲେ। ସେ ଏବେ ଧୀରେ ଧୀରେ ଭଲ ହେବା ସହିତ ଶୀଘ୍ର ଡିସଚାର୍ଜ ହେବାକୁ ଯୋଜନା କରାଯାଉଛି।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ



ରାଉରକେଲା, ୨୬।୧୧(ସମିସ): କଳାଚୋରାଲ ଏକାଡେମୀ ପରିସରରେ ସମ୍ପାଦକ ଅର୍ଦ୍ଧେନ୍ଦୁ ମହାପାତ୍ରଙ୍କ ଆବାହକତ୍ୱରେ ଏବଂ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅମୃତ ସମ୍ମାନୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଆଲୋଚକ ରୂପେ ବିଶିଷ୍ଟ ହେତୁବାଦୀ ଗଗନ ବିହାରୀ ଧଳ ଯୋଗଦେଇଥିଲେ। ଆବାହକ ଶ୍ରୀ ମହାପାତ୍ର ତାଙ୍କ ପ୍ରାରମ୍ଭିକ ସମ୍ପାଦକୀୟ ଅଭିଭାଷଣରେ ନବକୃଷ୍ଣଙ୍କ ବ୍ୟକ୍ତିଗତ ଜୀବନ ଓ ରାଜନୈତିକ ଜୀବନ ସମ୍ପର୍କରେ ଆଲୋକପାତ କରି ତାଙ୍କର ଋଷି ପ୍ରତିମ ରାଜନୈତିକ ବ୍ୟକ୍ତିତ୍ୱ ଓ ପ୍ରଜ୍ଞାବାନ ସମ୍ପର୍କରେ ସୂଚନା ଦେଇଥିଲେ। କବି ଧନଞ୍ଜୟ ମଲ୍ଲିକ ନବକୃଷ୍ଣଙ୍କ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରବର୍ତ୍ତୀ ସମୟର ଜୀବନଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ଗଗନ ବିହାରୀ ଧଳ ମାର୍କସୀୟ ଚେତନା, ସାମ୍ୟବାଦୀ ଚେତନା ଓ ସର୍ବୋଦୟ ଆନ୍ଦୋଳନରେ ଥିବା ସାମଞ୍ଜସ୍ୟକୁ ବର୍ଣ୍ଣନା କରି ନବକୃଷ୍ଣ ଏହି ତ୍ରିଧାରା ଚେତନାର ସମନ୍ୱୟ ଆଣି ଭୂଦାନ ଆନ୍ଦୋଳନରେ ତାହାକୁ କିପରି ପ୍ରୟୋଗ କରିଥିଲେ ଦର୍ଶାଇଥିଲେ। ସଭାପତି ଶ୍ରୀ ପତି ତାଙ୍କର ସ୍ୱାଗତ ଭାଷଣରେ ନବକୃଷ୍ଣଙ୍କ ଉତ୍କଳ ନବଜୀବନ ମଣ୍ଡଳ, ଭୂଦାନ ଆନ୍ଦୋଳନ, ଭୂସ୍ୱତ୍ୱ ଆନ୍ଦୋଳନ ଉପରେ ଆଲୋକପାତ କରି ତାଙ୍କର କ୍ରାନ୍ତିଦର୍ଶୀ ଜୀବନଧାରା ସମ୍ପର୍କରେ ଆଲୋଚନା ରଖିଥିଲେ। ସଙ୍ଗୀତ ସାଧକ ହ୍ୟୁମାନ ସାଗରଙ୍କ ଉଦବୋଧନରେ ଶୋକସଭା କରାଯାଇଥିଲା। ରାଜ୍ୟସରକାରଙ୍କ ଦ୍ୱାରା ପୁରସ୍କୃତ କବି ବିଜୟିନୀ ଜେନାଙ୍କ ସଂଯୋଜନାରେ ପ୍ରତାପ କୁମାର ପଣ୍ଡା, ଅକ୍ଷୟ କୁମାର ସାମଲ, ତ୍ରିନାଥ ସିଂହ, ପରେଶ ଚନ୍ଦ୍ର ବିଶ୍ୱାଳ, ସୁସ୍ମିତା ମହାପାତ୍ର, କାଶୀନାଥ ପାତ୍ର, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ପତି, ବିଜୟିନୀ ଜେନା, ସଞ୍ଜୀବ ଭୋଇ, ଶ୍ରୀଧର ସୁନା, ଅଜୟ ମହାନ୍ତି, ମୋହନ ସିଂହ, ଧୋବେଇ ବେହେରା, ଧନଞ୍ଜୟ ମଲ୍ଲିକ ପ୍ରମୁଖ ବହୁ କବି ପ୍ରଗତିଶୀଳ କବିତା ପାଠ କରିଥିଲେ। ପ୍ରଶାନ୍ତ ଦାସ, ପ୍ରଫୁଲ୍ଲ ସାମଲ, ବିଜୟ ରାୟ, କୈଳାସ ଚନ୍ଦ୍ର ମହାନ୍ତି, ଗଙ୍ଗାଧର ପୁହାଣ, ଗୌତମ ଦାସ, କାଶୀନାଥ ନନ୍ଦ, ବାସୁଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ



ରାଉରକେଲା /ବଣାଇଁ, ୨୬।୧୧(ସମିସ): ରାଉରକେଲା ପୁଲିସ ଜିଲ୍ଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କେଲୋ ଗ୍ରାମରେ ୩ ଏକର ଜମିରେ ହୋଇଥିଲା ଗଂଜେଇ ଚାଷ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ମିଳିତ ଟିମ୍ ଆଜି ଉକ୍ତ ଗଂଜେଇ ଚାଷକୁ ନଷ୍ଟ କରିଥିବା ସୂଚନା ମିଳିଛି। ଯାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କେଲୋ ଜଙ୍ଗଲ ନାଳ କଡ଼ରେ ଗଞ୍ଜେଇ ଚାଷ କରାଯାଇଥିବା ବିଷୟ କୌଣସି ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଖବର ପାଇ ଏସପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ୫ ଟି ଥାନା ଅଧିକାରୀ, ଡିଭିଏଫ, ଏପିଆର ଫୋର୍ସ, ଅବକାରୀ ଓ ବନ ବିଭାଗ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଦଳ ଆଜି ଘଟଣା ସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଚାଷକୁ ନଷ୍ଟ କରିଥିଲେ। ତେବେ ଏତେ ପରିମାଣରେ ଗଂଜେଇ ଚାଷ ହେଉଥିବା ବେଳେ କିପରି ଅବକାରୀ ବିଭାଗ ଜାଣି ପାରୁନି ନା ଜାଣି ନୀରବ ରହୁଛି ତାକୁ ନେଇ ଉଠିଛି ପ୍ରଶ୍ନ।

# ଶ୍ରମ କୋର୍ଡ ପ୍ରତ୍ୟାହାର ଦାବିରେ ମିଳିତ ମଞ୍ଚର ଗଣବିକ୍ଷୋଭ




ରାଉରକେଲା, ୨୬।୧୧(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋର୍ଡକୁ ପ୍ରତ୍ୟାହାର କରିବାକୁ ଦାବି କରି ଆଜି ବିଶ୍ରା ଛକଠାରେ ମିଳିତ ମଞ୍ଚର ଆହ୍ୱାନରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାବ୍ୟାଚ୍ ପରିଧାନ ସହ ପ୍ରତୀକାତ୍ମକ ବିରୋଧ ସ୍ୱରୂପ ଶ୍ରମ କୋର୍ଡ ଗେଜେଟ୍‌କୁ ଦାହ କରି ନୂତନ କୋର୍ଡ ରଦ୍ଦ କରିବା ପାଇଁ ଦାବି କରାଯାଇଥିଲା। ଏହି ଗଣବିକ୍ଷୋଭରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ, ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ସିଆଇଟିୟୁର ବିମାନ ମାଇତି, ଏଆଇଟିୟୁସିର ପ୍ରଦୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଏହି ଶ୍ରମିକ ବିରୋଧୀ ନୂତନ ଶ୍ରମ କୋର୍ଡ ଅତ୍ୟନ୍ତ ଚିନ୍ତାଜନକ ବୋଲି ସେମାନେ କହିଥିଲେ। ଚଳିତମାସ ୨୧ ତାରିଖରେ କେନ୍ଦ୍ର ସରକାର ପୁରୁଣା ଆଇନକୁ ରଦ୍ଦ କରି ଚାରୋଟି ଶ୍ରମ କୋର୍ଡ ଲାଗୁ କରିଛନ୍ତି। ଏହାଦ୍ୱାରା ଶ୍ରମିକ ନିଜର ଅଧିକାର ହରେଇଛି। ୧୨ ଘଣ୍ଟା କାର୍ଯ୍ୟ କରିବା ସହିତ ମହିଳା କର୍ମଚାରୀଙ୍କୁ ରାତ୍ରି ଡ୍ୟୁଟିରେ କାର୍ଯ୍ୟ କରେଇବା, ୩୦୦ରୁ କମ ଶ୍ରମିକ କାର୍ଯ୍ୟ କରୁଥିବା ଉଦ୍ୟୋଗରେ ମାଲିକ ନିଜ ଇଚ୍ଛାରେ ଛଟେଇ କରିପାରିବେ ଓ ନିଜ ଇଚ୍ଛାରେ ନିଜ ସଂସ୍ଥା ବନ୍ଦ କରିପାରିବା ଭଳି ଶ୍ରମିକ ବିରୋଧୀ ନୀତିକୁ ନେଇ ଏହି କଳା ଶ୍ରମ କୋର୍ଡ ସର୍ବଭାରତୀୟସ୍ତରରେ ବ୍ୟାପକ ଭାବରେ ବିରୋଧ କରାଯିବ ବୋଲି ନେତୃମଣ୍ଡଳୀ ନିଜ ବକ୍ତବ୍ୟରେ କହିଥିଲେ। ଏହି ଗଣବିକ୍ଷୋଭକୁ ସଫଳ କରିବାରେ ଏଆଇଟିଟିୟୁସିର ସନ୍ତୋଷ କୁମାର ଦାସ, ସୁବାସ ଚନ୍ଦ୍ର ଜାମୁଣ୍ଡିଆ, ରାଜା ମୁଣ୍ଡା, ଏଆଇଟିୟୁସିର ସଦାନନ୍ଦ ସାହୁ, ଆର୍‌ଏମ୍‌ଏସ୍‌ର ଦିଗାମ୍ବର ମହାନ୍ତି, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଜଗବନ୍ଧୁ ଜେନା, ବିଦ୍ୟାଧର ସାସମଲ, ହରିନାରାୟନ ସାହା, ସିଆଇଟିୟୁର ଅଜୟ ଶର୍ମା, ଏଚ୍‌ଏନ୍ ଯାଦବ, ଶକୁନ୍ତଳା ମହାକୁଡ଼, ଅଶୋକ ଦାସ, ଜଜାତି କେଶରୀ ସାହୁ, ବଚିରାମ୍ ବେହେରା, ଅନାଦି ସାହୁ, ଜନ୍ମଜୟ ଘୋଷ, ୱାଇ ସାହୁ, ପ୍ରଶାନ୍ତ ଷଡ଼ଙ୍ଗୀ, ଗାଙ୍ଗପୁର ମଜଦୂର ମଞ୍ଚର ସୁଲେମାନ କାଉଡ଼ିଆ, ସନ୍ତୋଷ କୁଜୁର, ଆମ୍ ମଜଦୂର ସଂଘର ବିନୟ ତିୱାରୀ, ରାଉରକେଲା ଶ୍ରମିକ ସଂଘର ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ନିହାର ଦାସ, ବୀରକିଶୋର ଶେଖରଦେଓ, ଅଖିଳ ପୃଷ୍ଟି, ବିଶ୍ୱ ମୋହନ ପୁହାଣ, ରଘୁନାଥ ପ୍ରଧାନ, ରଘୁନାଥ ଭୁକ୍ତା, ଦୁର୍ଗା ଜେନା, ରମାକାନ୍ତ ପରିଡ଼ା, ବ୍ରହ୍ମାନନ୍ଦ ବେହେରା, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରପାତି ମେଳା ଉଦ୍‌ଘାଟିତ



ବଣାଇଁ, ୨୬।୧୧(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବଣାଇଁରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ପ୍ରତିନିଧି ମନୋଜ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ ଉପାଧ୍ୟକ୍ଷା ବିନତୀ ବେହେରା, ଉପଖଣ୍ଡ ପଶୁ ସମ୍ପଦ ଅଧିକାରୀ ଡ଼ଃ ଜିତାଂଶୁ ଶେଖର ମାହାନ୍ତି, ବଣାଇଁ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରମୋଦ ମେହେରା ପ୍ରମୁଖ ଅତିଥିଗଣ ଉପସ୍ଥିତ ଥିଲେ। ତିନି ଧରି ହେବାକୁ ଥିବା ଉକ୍ତ ମେଳାରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ରିହାତି ଦରରେ ବିକ୍ରୟ ତଥା କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଯନ୍ତ୍ରପାତିରେ ସରକାରଙ୍କ ତରଫରୁ ଚାଷୀଙ୍କୁ ଦିଆଯାଉଥିବା ସବସିଡି ବାବଦରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। କୋଇଡା ବ୍ଲକ କୃଷି ଅଧିକାରୀ ଅଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବଣାଇଁ ସହକାରୀ କୃଷି ଅଧିକାରୀ ଶାଳିନୀ ମାହାନ୍ତି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପ ଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏଥିରେ ଉପଖଣ୍ଡର ସମସ୍ତ ବ୍ଲକ କୃଷି ଅଧିକାରୀଙ୍କ ସହ ବିଭାଗୀୟ କର୍ମଚାରୀ, ଚାଷୀମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା, ୨୬।୧୧(ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସ୍‌ଏମ୍‌ଏସ୍-୧)ରେ ନିୟୋଜିତ ୨୦ ଜଣ ଠିକା ଶ୍ରମିକଙ୍କୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ଏସଏମଏସ -୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥା, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ୧୩ ଟି ବିଭିନ୍ନ ଏଜେନ୍ସି ଅଧୀନରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାସ ବେହେରା, ଏଚ୍‌ଆର ୱାର୍କସ୍ ବିଭାଗର ଜିଏମ୍ ଇନଚାର୍ଜ ସଞ୍ଜୟ ମେହରୋତ୍ରା, ଏଚ୍‌ଆର ସିଏଲସି, ଟିଏମ ଆଣ୍ଡ ପିବିଭାଗର ଜିଏମ, ଜି. ଆର ଦାସ, ଏସ୍‌ଏମ୍‌ଏସ୍-୧ ମେକାନିକାଲ ବିଭାଗର ମୁଖ୍ୟ ସି.ତିର୍କୀ, ଏସ୍‌ଏମ୍‌ଏସ୍ ଇଲେକଟ୍ରିକାଲ ବିଭାଗର ବିଭାଗୀୟ ମୁଖ୍ୟ ପି.ନାଥ, ଏସ୍‌ଏସ୍‌ଏସ୍ -୧ ଅପରେସନ ବିଭାଗର ମୁଖ୍ୟ ଏସ୍ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ଠିକାଦାର ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀମାନେ ଠିକା ଶ୍ରମିକଙ୍କ ପ୍ରୟାସକୁ ପ୍ରଶଂସା କରିବା ସହିତ ଏପରି ସ୍ୱୀକୃତି ଅନ୍ୟମାନଙ୍କ ପାଇଁ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ପୁରସ୍କାର ବିଜେତା ଶ୍ରମିକମାନଙ୍କୁ ବିଭାଗର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ତାଙ୍କର ଅବଦାନ ଆଗକୁ ଜାରି ରଖିବାକୁ ଉତ୍ସାହିତ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ପ୍ରାକ୍ ହାଫ୍ ମାରାଥନ୍ ପ୍ରୋମୋ ଦୌଡ଼



ରାଉରକେଲା, ୨୬।୧୧(ସମିସ): ଆଗାମୀ ରାଉରକେଲା ହାଫ୍ ମାରାଥନ୍ - ୨୦୨୬ ଉପଲକ୍ଷେ ଆୟୋଜିତ ପ୍ରୋମୋ ଦୌଡ଼ରେ ୪୫୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହା ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଉରକେଲା ହାଫ୍ ମାରାଥନ୍ - ୨୦୨୬ ପରିପ୍ରେକ୍ଷୀରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି. ଜି କାନେକର ଇସ୍ପାତ ଷ୍ଟାଡିୟମରେ ପ୍ରୋମୋ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରସିଦ୍ଧ ମାରାଥନ୍ ଧାବକ ସୁମିତ ସିଂହ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଥିଲେ। ଶ୍ରୀ ସିଂହ ଦୌଡ଼ ସମୟରେ ଅଂଶଗ୍ରହଣକାରୀଙ୍କ ସହଭାଗିତା କରିବା ସହ ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ମଧ୍ୟ ତାଙ୍କର ମୂଲ୍ୟବାନ ଅନୁଭୂତି ବାଣ୍ଟିଥିଲେ। ସେ ୱାର୍ମ-ଅପ୍ ରୁଟିନ୍, ସଠିକ୍ ଦୌଡ଼ ପୋଜିସନ୍, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଲିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ କୌଶଳ ପ୍ରଦର୍ଶନ କରିଥିଲେ, ଯାହା ଅନ୍ୟ ଅଂଶଗ୍ରହଣକାରୀଙ୍କୁ ସହନଶୀଳତା କ୍ରୀଡ଼ା ପ୍ରତି ଏକ ଶୃଙ୍ଖଳିତ ତଥା ବୈଜ୍ଞାନିକ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା। ସେକ୍ଟର - ୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ଟେଲିଫୋନ୍ ଭବନ ପର୍ଯ୍ୟନ୍ତ ଏହି ପ୍ରୋମୋ ରନରେ ଷ୍ଟିଲ୍ ଟାଉନସିପ୍ ବାସିନ୍ଦା, ଆର୍‌ଏସ୍‌ପି କର୍ମଚାରୀ ଓ ତାଙ୍କର ପରିବାର ସଦସ୍ୟ, ଫିଟନେସ୍ ଗୋଷ୍ଠୀ ଏବଂ କ୍ରୀଡାପ୍ରେମୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

# ପ୍ରଫେସର ସମର ମୁଦାଲିଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ପୁରସ୍କାର

ରାଉରକେଲା, ୨୬।୧୧(ସମିସ): ୧୯୬୮ ମସିହାରୁ ଶିଶୁ କଳାକାର ଭାବରେ ଅଭିନୟ କରି ନାଟ୍ୟ ଜୀବନ ଆରମ୍ଭ କରି ୧୯୭୮ ମସିହାରୁ ନାଟ୍ୟ ରଚନା କରିବା ସହିତ ନାଟ୍ୟ ନିର୍ଦ୍ଦେଶକ ଭାବରେ ପରିଚୟ ସୃଷ୍ଟି କରି ଜଣେ ନାଟ୍ୟ ଗବେଷକ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଫେସର ସମର ମୁଦାଲି ୨୦୨୪ ମସିହା ପାଇଁ ନାଟ୍ୟକାର ଭାବରେ ସମ୍ମାନଜନକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର କନଭେନସନ୍ ହଲରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।



# ହାତୀ ଆକ୍ରମଣରେ ମାମୁ ମୃତ; ଭଣଜା ଆହତ

ବଣାଇଁ, ୨୬।୧୧(ସମିସ): ବଣାଇଁ ଥାନା ଭାଲୁଡୁଙ୍ଗୁରି ପଞ୍ଚାୟତ ଅନ୍ତର୍ଗତ ପୋଡାଗୋଠ ଗ୍ରାମରେ ଆଜି ଅପରାହ୍ନରେ ହାତୀ ଆକ୍ରମଣରେ ମାମୁଁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସାଥିରେ ଥିବା ନାବାଳକ ଭଣଜା ଆହତ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ବଣାଇଁ ଥାନା ଅନ୍ତର୍ଗତ ପୋଡାଗୋଠ ଗ୍ରାମର ବସନ୍ତ ଓରାମ(୪୫) ଓ ଭଣଜା ବିକାଶ ଓରାମ(୧୨) ନିଜ ଘରଠାରୁ କିଛି ଦୂରରେ ଥିବା ଜମିକୁ ଧାନ ବିଡା ବାନ୍ଧିବା ପାଇଁ ଯାଇଥିଲେ। ବିଲରେ ଧାନ ବାନ୍ଧୁଥିବା ସମୟରେ ହଠାତ୍ ଏକ ହାତୀ ସାମ୍ନାକୁ ଚାଲି ଆସିଥିଲା। କିଛି ଭାବିବା ପୂର୍ବରୁ ହାତୀଟି ବସନ୍ତଙ୍କୁ ଆକ୍ରମଣ କରିଥିଲା। ଏହା ଦେଖି ଭଣଜା ଜୀବନ ବିକଳରେ ଦୌଡ଼ି ପଳାଉଥିବା ବେଳେ ହାତୀଟି ତାକୁ ଗୋଡ଼ାଇଥିଲା। ତେବେ ସେ ତଳେ ପଡ଼ି ଆହତ ହୋଇଥିଲେ ବି ହାତୀ କବଳରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାରକୁ ସରକାରଙ୍କ ନିୟମ ଅନୁଯାୟୀ ୨୪ ଘଣ୍ଟା ମଧ୍ୟରେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ବକେୟା ସମସ୍ତ ସରକାରୀ ସହାୟତା ବାବଦକୁ ୯ ଲକ୍ଷ ଟଙ୍କା ଖୁବ୍ ଶୀଘ୍ର ଯୋଗାଇବା ଓ ଆହତ ବିକାଶର ଚିକିତ୍ସା ଖର୍ଚ୍ଚ ବିଭାଗ ବହନ କରିବା ନେଇ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ପ୍ରକାଶ କରିଛନ୍ତି।

# ୧୮ ବର୍ଷ ପରେ ଫେରାର୍ ହତ୍ୟାକାରୀ ଗିରଫ

ରାଉରକେଲା, ୨୬।୧୧(ସମିସ): ଦୀର୍ଘ ୧୮ ବର୍ଷ ପରେ ଜଣେ ପଳାତକ ହତ୍ୟାକାରୀକୁ ରାଜଗାଙ୍ଗପୁର ଥାନା ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ହତ୍ୟାକାରୀ ହେଉଛି ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଟପକରା ଗାଁର ମଙ୍ଗଲୁ ରାଉତ(୪୨)। ୨୦୦୩ ମସିହାରେ ସେ ଗୋପାଳ ରାଉତ ନାମକ ଜଣେ ଯୁବକକୁ ହତ୍ୟା କରିଥିଲା। ପୁଲିସ ଗୋପାଳ ରାଉତଙ୍କୁ ହତ୍ୟା କରିବା ଅଭିଯୋଗରେ ମଙ୍ଗଲୁ ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ୨୦୦୭ ମସିହାରେ ସେ ପାରୋଲରେ ଜେଲରୁ ଯାଇ ଫେରାର ହୋଇଯାଇଥିଲା।

# ଇସ୍ପାତ କାରଖାନାର ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତା

ରାଉରକେଲା, ୨୬।୧୧(ସମିସ): ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ଗୋପବନ୍ଧୁ ଅଡିଟୋରିୟମରେ ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିମାସିକ ଜ୍ଞାନ ଆଦାନ ପ୍ରଦାନ ପଦକ୍ଷେପ 'ଆରଏସପି ଜ୍ଞାନ ମଞ୍ଚ'ର ଏକ ଅଂଶ ଭାବେ ଆୟୋଜିତ ହୋଇଥିଲା। ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହିତ ବୈଷୟିକ, ପରିଚାଳନାଗତ ତଥା ବିଶ୍ୱସ୍ତରୀୟ କ୍ଷେତ୍ରଗୁଡିକ ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ କାରଖାନାର କର୍ମଚାରୀମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃ ବିଭାଗୀୟ ଭାଇଚାରା ଏବଂ ଆନ୍ତଃବିଭାଗୀୟ ଜ୍ଞାନ ଆଦାନ ପ୍ରଦାନକୁ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ ରହିଛି। ଏଥିରେ ସମୁଦାୟ ୨୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅନଲାଇନ ଆଧାରରେ କୁଇଜ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦଳରେ ୨ ଜଣ ସଦସ୍ୟ ଅନ୍ତର୍ଭୁକ୍ତ ଥିଲେ। ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର କବିତା ବିସୋଇ କୁଇଜ୍ ମାଷ୍ଟର ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୁଦାୟ ୫୦ଟି ପ୍ରଶ୍ନ ସହିତ ୨ଟି ରାଉଣ୍ଡ ହୋଇଥିଲା। ପ୍ରତିଯୋଗିତା ପରେ କୋକ୍ ଓଭନ୍ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ଏନପିଏମ ବିଭାଗର ସିନିୟର ମ୍ୟାନେଜର ଅଭିଜିତ ପଟ୍ଟନାୟକ କୁଇଜ୍‌ର ବିଜେତା ହୋଇଥିଲେ। ଦ୍ୱିତୀୟ ପୁରସ୍କାର ଏମଟିଟି ଆଲୋକ ଯାଦବ ଓ ଅଭିଷେକ ତିୱାରୀ ହାସଲ କରିଥିଲେ। ଜ୍ଞାନ ମଞ୍ଚ କୁଇଜର ଏହି ସଂସ୍କରଣର ବିଷୟବସ୍ତୁ ଥିଲା 'ଗୁଣବତ୍ତା ପରିଚାଳନା ଏବଂ ବ୍ୟବସ୍ଥା'। କାର୍ଯ୍ୟକ୍ରମର ଏଚଆରଏଲଏଣ୍ଡଡି ବିଭାଗର ଡିଜିଏମ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ। ସଦସ୍ୟ ପିଛା ୧୫୦୦ ଟଙ୍କା ହିସାବରେ ବିଜେତା ଦଳକୁ ୩୦୦୦ ଟଙ୍କା ସହିତ ପ୍ରତ୍ୟେକ ସଦସ୍ୟଙ୍କୁ ୨୫୦ ଟଙ୍କା ମୂଲ୍ୟର ପୁସ୍ତକ ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରତି ସଦସ୍ୟ ୧୦୦୦ ଟଙ୍କା ହିସାବରେ ଉପବିଜେତା ଦଳକୁ ୨୦୦୦ ଟଙ୍କା ଲେଖାଏଁ ଅତିରିକ୍ତ ଭାବେ ପ୍ରଦାନ କରାଯାଇଥିଲା।

# 'ସାମ୍ବିଧାନିକ ବିଧି ଅନୁପାଳନ କଲେ ମୌଳିକ ଅଧିକାର ସୁରକ୍ଷିତ ରହିବ'

ରାଉରକେଲା, ୨୬।୧୧(ସମିସ)




ରାଉରକେଲା ଓକିଲ ସଂଘ ପକ୍ଷରୁ ବୁଧବାର ମହାସମାରୋହରେ ୭୬ତମ ସମ୍ବିଧାନ ଦିବସ ଏବଂ ଜାତୀୟ ଆଇନ ଦିବସ ବିରଜପାଲି ସ୍ଥିତ ନୂଆକୋର୍ଟର ସିଭିଲ ଏବଂ ସେସନ କୋର୍ଟ ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ପକ୍ଷରୁ ଆୟୋଜିତ ସଭାରେ ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୁକ୍ତିରଞ୍ଜନ ଶଥପଥିଙ୍କ ସମେତ ପରିବାର ଅଦଲାତ ଜର୍ଜ ଲିଲି ସେନାପତି, ସ୍ପେଶିଆଲ ପୋକ୍ସୋ ଜର୍ଜ ପି. ସୂର୍ଯ୍ୟରାଓ, ଦ୍ୱିତୀୟ ଜିଲ୍ଲା ଦୌରାଜଜ୍ ରଞ୍ଜିତା ଜ୍ୟୋତିଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଣତନ୍ତ୍ରର ଆସ୍ଥା ହେଉଛି ସମ୍ବିଧାନ। ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁପାଳନ କଲେ ଦେଶର ନାଗରିକଙ୍କର ମୌଳିକ ଅଧିକାର ସୁରକ୍ଷିତ ରହିପାରିବ ଓ ଆଇନ ବ୍ୟବସ୍ଥା ଠିକ ରାସ୍ତାରେ ଚାଲିବ ବୋଲି ଅତିଥିମାନେ କହିଥିଲେ। ରାଉରକେଲା ଓକିଲ ସଂଘର ବରିଷ୍ଠ ଆଇନଜିବୀ ସୁଜୟ ପାଣି, କୈଳାସ ପ୍ରଧାନ, ଗିରିଶ ଚନ୍ଦ୍ର ମହାପାତ୍ର, ସନାତନ ବିଶ୍ୱାଳ, ରବିଶଙ୍କର ମିଶ୍ର, ଏମ୍. ମାଲେଶ୍ୱରମ, ସୁସ୍ମିତା ମହଲା ପ୍ରମୁଖ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରାଉରକେଲା ଓକିଲ ସଂଘର ସମ୍ପାଦକ ଦେବାନନ୍ଦ ତନ୍ତୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓକିଲ ସଂଘର ପାଠାଗାର ସମ୍ପାଦକ ରାଜଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଓକିଲ ସଂଘ ଯୁଗ୍ମ ସମ୍ପାଦଜ ଲିଙ୍ଗମ ହରିଡୋରା, ବ୍ରଜେଶ ମିଶ୍ର, ତାପସ ପରିଡ଼ା, ଅକ୍ଷୟ ସିଂଦେଓ, ଅନନ୍ତ ସାହୁ, ସୁମିତି ନନ୍ଦ, ମେରୀ ମେକ୍ସିମା, ଗଙ୍ଗାଧର ଦାସ, ଏକ୍କାଙ୍କ ସମେତ ବିଦ୍ୟାନନ୍ଦ ପ୍ରଧାନ, ସରୋଜ ମହାପାତ୍ର, ରବି ନାରାୟଣ ସିଂହ, ରାଜା ମୁନା, ଧନତିଆ ତାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

ବଣାଇଁ: ବଣାଇଁ ସିଭିଲ କୋର୍ଟ ପରିସରସ୍ଥ ସଭାଗୃହରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା ସଂସ୍ଥାର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବଣାଇଁ ସବଜଜ୍ ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସଡିଜେଏମ ପ୍ରୀତିଶ ମିଶ୍ର, କୋଇଡା ଜେଏମଏଫସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ ଯୋଗଦେଇ ସମ୍ବିଧାନ ଦେଶରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିବା ସହ ସମାନ ନିୟମରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁଲାଲ ମାହାନ୍ତ, ଶିଶୁ ବିକାଶ ସୁପରଭାଇଜର ଅରୁଣାବାଳା ମିଶ୍ର, ଓକିଲ ସଂଘର ଉପସଭାପତି ତୁଷାରକାନ୍ତ ସାହୁ, ଆଇନଜୀବୀ ଧିରୋଜ କୁମାର ସାହୁ, ବିଶ୍ୱଜିତ ନନ୍ଦ, ସ୍ମିତା ସେନାପତି, ରିଟେନର ମାନସ ରଞ୍ଜନ ପତି, ସିଭିଲ କୋର୍ଟର ସମସ୍ତ କର୍ମଚାରୀ, ଆଇନଜୀବୀ ଓ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସମ୍ବିଧାନ ଦିବସ: ଶପଥପାଠ ଉତ୍ସବ ଓ ଆଲୋଚନାଚକ୍ର



କେନ୍ଦୁଝର,୨୬।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ପୌରୋହିତ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ସୁରେଶଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ରଘୁନାଥ ମହାନ୍ତ, ଗୋଲକ ବିହାରୀ ସାହୁ, ସନତ ଦାସ, ପ୍ରକାଶ ପ୍ରଧାନ, ହରେରାମ ମାଝୀ, ଅଭୟ ଦେହୁରୀ, ସତ୍ୟବ୍ରତ ସାହୁ, ତାପସ କୁମାର ଜେନା, ଅଜିତ ସାହୁ, ଦୀପକ ଚାୱଡା, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିନ୍ଦୁସ୍ନାତା ପାତ୍ର, ଅର୍ପିତାରାଣୀ ମହାନ୍ତି ସମେତ କର୍ମଚାରୀ ହରିହର ମହାନ୍ତ, ସୁବୋଧ ସାହୁ, ସୁରେନ୍ଦ୍ର ସାହୁ, ରସରଞ୍ଜନ ରଣା, ପରମେଶ୍ୱର ଦେହୁରୀ, ମହେନ୍ଦ୍ର ସାହୁ, ଶିବ ସାମଲ, ଗୁରୁବାରୀ କାରୁଆ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

**ଆନନ୍ଦପୁର:** ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ସୁଡୁସୁଡିଆ ବାଇପାସ୍ଥିତ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେପରେ ସେବାସଂଘ କାର୍ଯ୍ୟାଳୟ ବାଇଲୋଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ସଭାପତି ଚତୁର୍ଭୁଜ ଦାସ ସଭାପତିତ୍ୱ କରିଥିଲାବେଳେ ବେଳେ ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା ବୈଠକର ଆଭିମୁଖ୍ୟ ଜଣାଇଥିଲେ। ସାଧାରଣ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଦେଶ ହିତରେ ସମ୍ବିଧାନର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଉପଦେଷ୍ଟା ବିଦେଶୀ ଚରଣ ଜେନା, ହରିହର ଦାସ, ଉପସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସାଂସ୍କୃତିକ ସମ୍ପାଦକ କଳାକାର ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, ସାଂଗଠନିକ ସମ୍ପାଦକ ପ୍ରମୋଦ ଜେନା, ଅଭିମନ୍ୟୁ ଜେନା, ଗଣେଶ ପ୍ରସାଦ ଜେନାଙ୍କ ସମେତ ନାରାୟଣ ଜେନା, ସମୀର ଜେନା, ବାଇଧର ମଲ୍ଲିକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବାଇଲୋ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ୍ ମୁଖ୍ୟାଳୟଠାରେ ଥିବା ଚାରିଗଡ଼ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଅଫିସର ସନ୍ଦୀପ କୁମାର ସିଂ ସଭା ପରିଚାଳନା କରିଥିଲେ। ଏହି ସଭାରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ଦଳ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ କଲେଜର ଅଧ୍ୟକ୍ଷ ଡ ତପନ କୁମାର ପଣ୍ଡା ନିଜ ଅଭିଭାଷଣ ରଖିଥିଲା ବେଳେ କଲେଜର ସମସ୍ତ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ।

**ଯୋଡ଼ା:** ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ବସ୍ତିଠାରେ ସମ୍ବିଧାନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ରଂଜିତ ମହାକୁଡ଼, ପାତ୍ର ତନ୍ତୀ କଲ୍ୟାଣ ସମିତିର ସମ୍ପାଦକ ମାୟାଧର ପାତ୍ର ଯୋଗ ଦେଇଥିଲେ। ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାସ୍କର ବେଣିପୁରୀ (ସଭାପତି), ଗୋକୁଳ ପାତ୍ର (ସମ୍ପାଦକ), ସଦସ୍ୟ ରାମଚନ୍ଦ୍ର ପାତ୍ର, ସଞ୍ଜୟ ପାତ୍ର, ବସନ୍ତ ପାତ୍ର, ରମେଶ ପାତ୍ର, ସନ୍ଧ୍ୟା ନାଏକ, ଆଇନ ପରାମର୍ଶଦାତା ନରେଶ ପାତ୍ରଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

**ବଡବିଲ :** କେନ୍ଦୁଝର ଜିଲ୍ଲା ବଡବିଲ ତାଲୁକ୍ ଆଇନ ସେବା ସମିତି ଆନୁକୂଲ୍ୟରେ ଅଦାଲତ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ୧ମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ମଲ୍ଲିକା ଗୋଏଙ୍କା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ତ୍ରିବେଣୀ ଗିରି, ରସାନନ୍ଦ ବେହେରା, ରଞ୍ଜିତ ବାରିକ, ଅବଦୁଲ୍ ଲତିବ, ଅକ୍ଷୟ କୁମାର ଧୀର, ଦେବପ୍ରିୟ ରଣା ସମ୍ବିଧାନ ବିଷୟରେ ବକ୍ତବ୍ୟ ରଖିଥିଲେ। ସମସ୍ତେ ସାମୂହିକ ଭାବେ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ବଡବିଲ କୋର୍ଟର ସମସ୍ତ ଆଇନଜୀବୀ, ସମସ୍ତ ବିଭାଗୀୟ କର୍ମଚାରୀ, ଆରକ୍ଷୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବଡ଼ବିଲ ମହାବିଦ୍ୟାଳୟରେ ପାଳିତ ଏହି ଦିବସରେ ଡ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଓ ସମ୍ବିଧାନ ପ୍ରସ୍ତୁତିରେ ତାଙ୍କର ଭୂମିକା ଉପରେ ଆଲୋଚନା କରାଯାଇଥିଲା।

**ଡୁମୁରୁଆ:** ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶପଥ ପାଠ କରାଯାଇଥିବା ବେଳେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ସମ୍ବିଧାନ ସମ୍ପର୍କିତ ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗୌରହରି ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, କୃଷି ଅଧିଦର୍ଶକ ଅଭୟ ରାଉତ, ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନର କାର୍ତ୍ତିକ ଦାସ, ଏଡିଓ ଯଦୁମଣି ମହାନ୍ତ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଓ ଦିବସ




କେନ୍ଦୁଝର, ୨୬।୧୧(ସମିସ): ଦେଶରେ ବର୍ତ୍ତମାନ ବିଜେପି ସରକାର ଅଧୀନରେ ଲୋକମାନେ ଉପଯୁକ୍ତ ନ୍ୟାୟ ପାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବିଧାନକୁ ସୁରକ୍ଷିତ ରଖିବାକୁ ସମ୍ବିଧାନ ବଞ୍ଚାଓ ଦିବସ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଆଦିବାସୀ ନେତା ନିର୍ମଳ ନାଏକ ପ୍ରମୁଖ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ, ଉତ୍ତମ ସାହୁ, ଶରତଚନ୍ଦ୍ର ପାତ୍ର, ସାମ୍ବାଦିକ ଦିଲ୍ଲୀପ ସାହୁ, ମହିଳା କଂଗ୍ରେସ ନେତ୍ରୀ ସବିତା ସାହୁ, କଂଗ୍ରେସ ନେତା ହାଡିବନ୍ଧୁ ଖୁଣ୍ଟିଆ, ଅମିତ ମହାନ୍ତ, ସୁବ୍ରତ ନାୟକ, ଦିନେଶ ରାଉତ, ଚିତ୍ତରଞ୍ଜନ ପାତ୍ର, ଲକ୍ଷ୍ମଣ ଦାଶ, ଗୋବିନ୍ଦଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାରଣା, ସେକ ଏଲିୟାସ, ହୃଦୟ ରଞ୍ଜନ ସିଂହ, ଲମ୍ବୋଧର ବେହେରା, ଗୋପାଳଚନ୍ଦ୍ର ସା, ସମ୍ରାଟ ନାୟକ, ନିରଞ୍ଜନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଓକିଲ ସଂଘ ପକ୍ଷରୁ ଜାତୀୟ ଆଇନ ଦିବସ




ଆନନ୍ଦପୁର,୨୬।୧୧(ସମିସ): ଆନନ୍ଦପୁର ଓକିଲ ସଂଘର ସଭାଗୃହରେ ସମ୍ବିଧାନ ଦିବସ ଓ ଜାତୀୟ ଆଇନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆମ ସମ୍ବିଧାନ ଆମ ସ୍ୱାଭିମାନ ଶୀର୍ଷକ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବରେ ଆନନ୍ଦପୁରର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଦେବଦତ୍ତ ଦାସମହାପାତ୍ର ସମ୍ବିଧାନର ମୂଲ୍ୟବୋଧ ନୈତିକ ଦାୟିତ୍ୱ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସବଜଜ୍ ଗୌରବ ପୁରୋହିତ, ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା ନ୍ୟାୟିକ ପ୍ରଥମ ଶ୍ରେଣୀ ବିଚାରପତି ଯଶସ୍ୱିନୀ ମହାପାତ୍ର ଯୋଗଦେଇଥିଲେ। ନୂତନ ନିର୍ବାହୀ ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ଘଷିପୁରାର ନ୍ୟାୟାଧିକାରୀ ଜଙ୍ଗମ ଇଶ୍ୱରଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଭଗବାନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଅଧିବକ୍ତା ମହେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ରାମଚନ୍ଦ୍ର ପାତ୍ର, ମନୋଜ ମିଶ୍ର, ତୁଳସୀ ଗୋଲାମ ଦେବତା, ସଞ୍ଜୟ ମିଶ୍ର, କିଶୋର ଚକ୍ର, ହୃଦାନନ୍ଦ ଦ୍ୱିବେଦୀ, ଅମର ମହାପାତ୍ର, ସୁବାଶ ବିଶ୍ୱାଳ, ଜୟନ୍ତ ରାଜ, ଉପସଭାପତି ଅତୁଲ ଚରଣ ନାୟକ, କୋଷାଧ୍ୟକ୍ଷ ଅଶୋକ ରାଉଳ, ରମେଶ ବାରିକ, ଶିବଶଙ୍କର ସାହୁ, ଅମୀୟ ଜେନା, ମନୋରଞ୍ଜନ ପାଣିଗ୍ରାହୀ, ମନୋଜ ତ୍ରୀପାଠୀ, ଭାଗୀରଥୀ ଦାଶ, ଉମେଶ ମହାନ୍ତି, ସୁଦାମ ମଙ୍ଗଳ, ଭୁବନେଶ୍ୱର ଜେନା, ମହେନ୍ଦ୍ର ରାମ, ହରିହର ଧଡା, ଜିତେନ୍ଦ୍ରୀୟ ଓଝା, ତ୍ରିଲୋଚନ ତ୍ରିପାଠୀ, ଦିଲୀପ ନାଥ, ସରୋଜ ପରିଡା, ନିରଞ୍ଜନ ସାହୁ, ଚତୁର୍ଭୂଜ ଜେନା, ମମିତା ମଲିକ ଯୋଗ ଦେଇଥିଲେ। ସଂଘ କର୍ମକର୍ତ୍ତା ସନ୍ତୋଷ ମିଶ୍ର, କୁଳମଣି ବେହେରା, ନରେନ୍ଦ୍ର ବେହେରା ସହଯୋଗ କରିଥିଲେ।

# ଗିରିଗାଁକୁ ନୂତନ ପଞ୍ଚାୟତ ମାନ୍ୟତା ଦାବି



ହାଟଡିହୀ,୨୬।୧୧(ସମିସ): ହାଟଡିହୀ ବ୍ଲକ୍ ଗିରିଗାଁ ଗ୍ରାମକୁ ନୂତନ ପଞ୍ଚାୟତର ମାନ୍ୟତା ଦେବାକୁ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମଟି ସମଣା ଗ୍ରାମପଞ୍ଚାୟତ ଅଧୀନରେ ଅଛି। ପଞ୍ଚାୟତଟି ୧୩ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଗ୍ରାମର ଲୋକସଂଖ୍ୟା ୨ହଜାରରୁ ଉର୍ଦ୍ଧ୍ୱ ଏବଂ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହାର ଦୂରତା ୪ କିଲୋମିଟରରୁ ଉର୍ଦ୍ଧ୍ୱ। ବନ୍ୟା ପ୍ଲାବିତ ପଞ୍ଚାୟତ ହୋଇଥିବାରୁ ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। ବୃଦ୍ଧବୃଦ୍ଧାମାନେ ଭତ୍ତା କି ରାସନ ପାଇଁ ଏତେ ଦୂରକୁ ଯିବାରେ ନାନା ସମସ୍ୟା ଭୋଗ କରୁଛନ୍ତି। ଫଳରେ ଗିରିଗାଁ ଗ୍ରାମଟି ଅବହେଳିତ ଅବସ୍ଥାରେ ରହୁଛି। ଗିରିଗାଁ, ତେଲସିଙ୍ଗା, ବରାଙ୍ଗ, ତେମଳା, ଦୁଡୁଗାଁ, ଭାଗିରଥୀପୁର, ବାହାରିପୁର ଆଦି ଗ୍ରାମକୁ ନେଇ ଗିରିଗାଁ ପଞ୍ଚାୟତ ଗଠନ ହେଲେ ଏହି ସବୁ ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ ବୋଲି ଉପରୋକ୍ତ ଗ୍ରାମର ରାମ ସାହା, ଜଗତଜୀବନ ପାଢ଼ୀ, ସୁଦର୍ଶନ ଖଟୁଆ, ରମେଶ ଜେନା, କହ୍ନେଇ ଜେନା, ବିଦ୍ୟାଧର ପାଢ଼ୀ, ଅନାମ ବାରିକ, ସାଧୁ ଜେନା, ଗୋପାଳ ବାରିକ, ରାଜକିଶୋର ବାରିକ, ରାଜକିଶୋର ଜେନା, ସହଦେବ ପଣ୍ଡା, ଶ୍ୟାମସୁନ୍ଦର ପାଢ଼ୀ, ମୁରଲୀଧର ଜେନା, ପଦ୍ମନାଭ ସ୍ୱାଇଁ, କହ୍ନେଇ ଦାସ, ଉମାକାନ୍ତ ପୁହାଣ, ଗଙ୍ଗାଧର ଦଳେଇ, ଚିତ୍ତ ଜେନା, ହଳଧର ଜେନା, ଲକ୍ଷ୍ମୀଧର ଜେନା, ତରୁଣ ଶଙ୍କର ତ୍ରିପାଠୀ, ଅନନ୍ତ ନାରାୟଣ ପାଢ଼ୀ, ଅଁତେ ଜେନା, ଅଲେଖ ଜେନା, ରମାକାନ୍ତ ଜେନାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି।

## ଧର୍ମପ୍ରାଣା କାଞ୍ଚନ ରାଉତଙ୍କ ସ୍ମୃତିସଭା

ଆନନ୍ଦପୁର, ୨୬।୧୧ (ସମିସ): ଘସିପୁରା ବ୍ଲକ ଭଣ୍ଡାରିଡିହା ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତ କାଞ୍ଚନ ରାଉତଙ୍କ ଏକାଦଶାହରେ ତାଙ୍କ ବାସଭବନରେ ବିପିନ୍ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତା କାଞ୍ଚନ ରାଉତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଗଗନ ବିହାରୀ ରାଉତଙ୍କ ସଂଯୋଜନରେ ବିଶ୍ୱଜିତ ମଲ୍ଲିକ, ରଞ୍ଜନ ରାଉତ, ଧନେଶ୍ୱର ବେହେରା, ଜୟରାମ ରାଉତ, ମନ୍ଦରଧର ଭିତିରିଆ, ରାଜେଶ୍ୱରୀ ରାଉତ, ପ୍ରତାପ ବଳ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝରଣା ରାଉତ, ରାଜେଶ ରାଉତ, ରାକେଶ ରାଉତ ଆଦି ଯୋଗ ଦେଇଥିଲେ।

## ଅଲ୍ ହିରା ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




ଚମ୍ପୁଆ,୨୬।୧୧(ସମିସ) ଅଲ୍ ହିରା ଇଂରାଜି ମିଡିୟମ ଶିକ୍ଷାନୁଷ୍ଠାନରେ ୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ମୁଖ୍ୟବକ୍ତା ଭାବରେ ଚନ୍ଦ୍ରଶେଖର କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଆବିଦ ଆନସାରୀ, ଅଲ୍ ହିରା ଇଂରାଜି ମିଡିୟମ ପରିଚାଳନା କମିଟି ସଭାପତି ସଂପାଦକ, ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଗଣେଶ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର



ଆନନ୍ଦପୁର, ୨୬।୧୧ (ସମିସ): ଘଷିପୁରାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଗଣେଶ ଗ୍ରୁପ ପକ୍ଷରୁ ଆଜି ଆନନ୍ଦପୁର ରେଡ୍‌କ୍ରସ୍ ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ଘଷିପୁରା ତହସିଲଦାର ଅଭୟ ସ୍ୱାଇଁ, ମେଡିକାଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ଦାସ, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଅମର ବେହେରା, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସୁବାସ ନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରୁ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଦମ୍ପତିଙ୍କ ରକ୍ତଦାନ ଏହି ଶିବିରର ମୁଖ୍ୟ ଆକର୍ଷଣ ରହିଥିଲା। ସଂଗଠନର ଉପଦେଷ୍ଟା ରମେଶ ସାହୁଙ୍କ ତତ୍ତ୍ୱାବଧାନରେ ସଭାପତି ରଙ୍କନାଥ ସାମଲ, ସମ୍ପାଦକ ମହେଶ୍ୱର ସାହୁ, ତପନ ସାହୁ, ଜିତେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ସଦାଶିବ ସାହୁ, ଜୟନ୍ତ ସାହୁ, ନରୁ ଦାସ, ବାମଦେବ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ସୁରେନ୍ଦ୍ର ସାହୁ, ବିଶ୍ୱଭାରତ ସାହୁ, ରକ୍ତଭଣ୍ଡାର କର୍ମଚାରୀ ସୁଦର୍ଶନ ବେହେରା, ଅଶୋକ ସୂର୍, ମୋନାଲିସା ପୁହାଣ, ବୁଲୁ ସୁବୁଦ୍ଧି, ଅଞ୍ଜନ ସିଂ ପରିଚାଳନା କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ଇଣ୍ଡକ୍ସନ ପ୍ରୋଗ୍ରାମ




ଆନନ୍ଦପୁର, ୨୬।୧୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଶାଖାର ଇଣ୍ଡକ୍ସନ ପ୍ରୋଗ୍ରାମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗାଶଙ୍କର ପରିଡ଼ା ଉଦଘାଟନ କରିଥିଲେ। ଯୁବ ରେଡକ୍ରସ୍‌ର ପରାମର୍ଶଦାତା ଅଧ୍ୟାପକ ରଞ୍ଜନ କୁମାର ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥିଙ୍କ ସହ ସମ୍ମାନିତ ଅତିଥି ଅଧ୍ୟାପିକା ସଂଘମିତ୍ରା ରାଉତ ସ୍ୱେଚ୍ଛାସେବୀଙ୍କ ସହ ରେଡକ୍ରସ୍‌ର ଇତିହାସ, ଏହାର ମୌଳିକ ନୀତି, ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ରେଡକ୍ରସ୍‌ର ମୁଖ୍ୟ ଉଦ୍ଦେଶ୍ୟ ସେବା, ଶାନ୍ତି ଓ ନିରପେକ୍ଷତା ଉପରେ ମାର୍ଗଦର୍ଶନ କରାଇଥିଲେ। ଅନ୍ୟତମ ପରାମର୍ଶଦାତା ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ।

## ଦଧିବାମନଜୀଉ ମନ୍ଦିରରେ ଶ୍ରୀଜଗନ୍ନାଥ କଥାମୃତ




ଆନନ୍ଦପୁର, ୨୬।୧୧ (ସମିସ): ଘସିପୁରା ବ୍ଲକ କେଶଦୁରାପାଳ ଦଧିବାମନଜୀଉ ମନ୍ଦିର କମିଟି ତରଫରୁ ପବିତ୍ର ମାର୍ଗଶୀର ମାସରେ ଜଗନ୍ନାଥ କଥାତତ୍ତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ପଦ୍ମଶ୍ରୀ ବାବା ବଳିଆଙ୍କୁ କେଶଦୁରାପାଳ ବସଷ୍ଟାଣ୍ଡରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ରବିନ୍ଦ୍ର ବଳ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବାବା ବଳିଆଙ୍କୁ ଆକାଶ ରଥ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାବା ବଳିଆ ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ହରିପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲା ବେଳେ ଉପଦେଷ୍ଟା ହୃଷୀକେଶ ଆଚାର୍ଯ୍ୟ ସମ୍ବର୍ଦ୍ଧନା ବାର୍ତ୍ତା ଦେଇଥିଲେ। ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଧ୍ୟାତ୍ମିକ ଦିବ୍ୟ ପ୍ରବଚନ ଶୁଣିବାକୁ ଆଖପାଖର ଜଗନ୍ନାଥପ୍ରେମୀଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ଭିକାରୀ ଚରଣ ବିନ୍ଧାଣି, ବିଶ୍ୱନାଥ ଓଝା, ମାଧବ ସାହୁ, ନିଧିରାମ ବିନ୍ଧାଣିଙ୍କ ସହ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ।

## ଶିକ୍ଷକ ଦମ୍ପତି ବାଣ୍ଟିଲେ ଶୀତବସ୍ତ୍ର



ହାଟଡ଼ିହୀ,୨୬କ୧୧(ସମିସ): ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବାବା ବଟେଶ୍ୱରଙ୍କ ଶୈବମନ୍ଦିର ସମ୍ମୁଖରେ ବୁଧବାର ସକାଳ ସମୟରେ ମାଗଣା ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଶିକ୍ଷକ ଦମ୍ପତି ଆଜକୁ ୭ ବର୍ଷ ଧରି ନିଜକୁ ସେବାକାର୍ଯ୍ୟରେ ନିୟୋଜିତ କରିଆସିଛନ୍ତି। ହାଟଡ଼ିହୀ ବ୍ଲକ ଖେତୁଆଳି ଗ୍ରାମର ଶିକ୍ଷକ ସୁଧାକର ମହାପାତ୍ର ଓ ତାଙ୍କ ପତ୍ନୀ ରୁକ୍ମଣୀ ମହାପାତ୍ର ଚଳିତବର୍ଷ ମଧ ଗୋବିନ୍ଦପୁରର ୨୦ରୁ ଉର୍ଦ୍ଧ୍ୱ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୃସିଂହ ପାଢ଼ୀ ସଭାପତିତ୍ୱ କରିଥିଲା ବେଳେ ନିରାକାର ସ୍ୱାଇଁ, ରତ୍ନାକର କବି, ୱାର୍ଡସଭ୍ୟ ଦୀପ୍ତିମୟୀ ଡୋରା, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷା ଲିଲି ନାୟକ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଡୋରା, ଯୁବ ସମାଜସେବୀ ସତ୍ୟାନନ୍ଦ ଡୋରାଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଣି ପାଇପ୍ ଫାଟି ରାସ୍ତାସାରା ଜଳମଗ୍ନ



ହାଟଡିହୀ,୨୬।୧୧(ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ୧୫ନଂ ୱାର୍ଡକୁ ଲମ୍ବିଥିବା ରାସ୍ତାଟି ଜଳମଗ୍ନ ହୋଇଥିବା ଦେଖାଯାଇଛି। ଉକ୍ତ ୱାର୍ଡବାସିନ୍ଦାଙ୍କ କହିବାନୁସାରେ, ରାସ୍ତାକଡ଼ରେ ପୋତା ଯାଇଥିବା ପାଣି ପାଇପ୍ ଫାଟିଯିବାରୁ ଆଜକୁ ୧୫ଦିନ ହେବ ଅନବରତ ପାଣି ବୋହି ରାସ୍ତାସାରା ଜଳମୟ ହୋଇପଡ଼ିଛି। ପଞ୍ଚାୟତଠାରୁ ବ୍ଲକ୍ ଯାଏଁ ଅଭିଯୋଗ କରିଥିଲେ ମଧ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ପିଲାଠୁ ବୃଦ୍ଧବୃଦ୍ଧା ଯାଏଁ ସମସ୍ତେ ପାଣି କାଦୁଅରେ ପଶି ନାନା ଅସୁବିଧାରେ ଯା'ଆସ କରୁଛନ୍ତି। ସାଧାରଣତଃ ଗାଁରୁ ବାହାରି ଅଙ୍ଗନବାଡି ଛୁଆ, ସ୍କୁଲକଲେଜକୁ ଯାଉଥିବା ପିଲାମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ଏହାର ସମାଧାନ କରିବାକୁ ୧୫ନଂ ୱାର୍ଡମେମ୍ବର ଦୀପ୍ତିମୟୀ ଡୋରାଙ୍କ ସମେତ ଚଞ୍ଚଳା ସ୍ୱାଇଁ, ପ୍ରଫୁଲ୍ଲ ଡୋରା, ବଳରାମ ଦାସ, ରମାକାନ୍ତ ଦାସ, ନଟବର ଦାସ, ଜଗବନ୍ଧୁ ଦାସ, ମାୟାଧର ସ୍ୱାଇଁ, ସତ୍ୟାନନ୍ଦ ଡୋରା, ମଣିଚରଣ ସେନାପତି, ସୁବାସ ଘୋଷ, ରତ୍ନମଣି ଡୋରା, ଲୋକନାଥ ଡୋରା, ପ୍ରଫୁଲ୍ଲ ଦାସ, ଆକାଶ ଦାସ, ସୁବାସଚନ୍ଦ୍ର ଡୋରା, ରଘୁନାଥ ଡୋରା ପ୍ରମୁଖ ଦାବି କରିଛନ୍ତି।

# ଜେବି ମ୍ୟୁଜିକ୍‌ରେ ମୁକ୍ତିଲାଭ କଲା ମହାଲକ୍ଷ୍ମୀ ବ୍ରତକଥା



ଆନନ୍ଦପୁର, ୨୬।୧୧ (ସମିସ): ଜେବି ମ୍ୟୁଜିକରେ ମାଣବସା ଗୁରୁବାର ଆଧାରିତ ମହାଲକ୍ଷ୍ମୀ ବ୍ରତକଥା ସଂଗୀତ ସା ନି ଧା ପା.. କଳାକାରଙ୍କ ଗହଣରେ ମୁକ୍ତିଲାଭ କରିଛି। ଦୀପ୍ତିମୟୀ ସାହୁ ଓ ସାଗରିକା ପହିଙ୍କ କଣ୍ଠରେ, ଲକ୍ଷ୍ମୀ ପୁରାଣର ନିଆରା ସ୍ୱାଦକୁ ନେଇ ସଙ୍ଗୀତ ପ୍ରତ୍ୟେକ ଜନମାନସଙ୍କ ହୃଦୟରେ ଆଦୃତ ହୋଇ ଭକ୍ତି ଭାବନା ସୃଷ୍ଟି କରିବ ବୋଲି ପ୍ରାୟୋଜକ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାମ୍ଭିଡ଼ିସ୍ଥିତ ଡିଏନ ଷ୍ଟୁଡିଓରେ ଜେ.ବି ମ୍ୟୁଜିକ ତରଫରୁ ଲକ୍ଷ୍ମୀପୁରାଣକୁ ଏକ ନୂତନ ସଂଗୀତଶୈଳୀର ପରିକଳ୍ପନା କରାଯାଇଛି। ସରକାରୀ ସ୍ତରରେ ନିୟୋଜିତ ଥିବା ଦୁଇ ସୁମଧୁର ମହିଳା କଣ୍ଠଶିଳ୍ପୀ ନିଜର ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ କର୍ମକ୍ଷେତ୍ରରୁ ସମୟ ବାହାର କରି ସଙ୍ଗୀତ ପ୍ରତି ପ୍ରୟାସ ଜାରି ରଖିଛନ୍ତି। ଆନନ୍ଦପୁର ଉପଖଣ୍ଡ ଭାଟିଁଶିରା ଗ୍ରାମର ଶିକ୍ଷୟିତ୍ରୀ ସାଗରିକା ପହି ଓ ବଞ୍ଚୋ ଆରଆଇ ଦୀପ୍ତିମୟୀ ସାହୁଙ୍କ କଣ୍ଠଦାନରେ ଏହି ପୌରାଣିକ ଭାବପୂର୍ଣ୍ଣ ଲକ୍ଷ୍ମୀ ପୁରାଣର ନିଆରା ଉଦ୍ୟମ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟରେ ଏକ ଭକ୍ତି ଭାବର ଚେତନା ଜାଗ୍ରତ କରିପାରିବ ବୋଲି ଜେ.ବି ମ୍ୟୁଜିକର ସମ୍ପାଦକ ଜ୍ୟୋତିପ୍ରକାଶ ସାହୁ ଆସ୍ଥା ରଖିଛନ୍ତି। ଏହି ପରିକଳ୍ପନାର ନୂଆ ଧାରା ଓ ଶୈଳୀକୁ ସଂଗୀତର ଯାଦୁଗରିରେ ସଜେଇଛନ୍ତି ସଂଗୀତ ନିର୍ଦ୍ଦେଶକ ହରିହର ଜେନା ଓ ଲକ୍ଷ୍ମୀପୁରାଣର ସଂଯୋଜନା କରିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ମଦନ ପାଣି।

● ବରଗଡ଼ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

# ସିଙ୍ଘୋଡ଼ାରେ ସହିଦ ମାଧୋ ସିଂଙ୍କ ସ୍ମାରକୀ ଦାବି



ବରଗଡ଼, ୨୬।୧୧(ସମିସ): ଓଡ଼ିଶାର ବରଗଡ଼ ଜିଲ୍ଲା ସ୍ଥିତ ଘେଁସ ମାଟିରେ ଜନ୍ମିତ ଜାତୀୟବୀର ସହିଦ ମାଧୋ ସିଂଙ୍କ ପ୍ରମୁଖ ରଣସ୍ଥଳୀ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ଥିବା ସିଙ୍ଘୋଡା ଘାଟିରେ ତାଙ୍କ ସ୍ମୃତି ପାଇଁ ତୋରଣ, ସ୍ତମ୍ଭ କିମ୍ବା ସ୍ମାରକୀ ନିର୍ମାଣ କରି ଉଚିତ ସମ୍ମାନ ପ୍ରଦର୍ଶନ କରାଯାଉ ବୋଲି ବରଗଡ଼ ସାମ୍ବାଦିକ ସଞ୍ଜୀବ ମହାପାତ୍ର ଦାବି କରିଛନ୍ତି। ଶ୍ରୀ ମହାପାତ୍ର ଆଜି ବରଗଡ଼ ସହର ପାଖ ଡୁରୁଙ୍ଗାର ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନରେ ଆସିଥିବା ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। ଏହାସହ ଏକ ସ୍ମାରକପତ୍ର ଓ ମାଧୋ ସିଂହଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରିଥିଲେ। ସହିଦଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ ସହିତ ଆଗାମୀ ପିଢ଼ିଙ୍କ ଅବଗତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ବିନମ୍ର ନିବେଦନ କରିଥିଲେ। ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ କରି ବରଗଡ଼ ଜିଲ୍ଲାର ଘେଁସ ଗାଁର ମାଧୋ ସିଂଙ୍କର ପରିବାରରୁ ପିତା ପୁତ୍ର ପାଞ୍ଚଜଣ ତଥା ଛତିଶଗଡ଼ରେ ଥିବା ତାଙ୍କର ସମ୍ବନ୍ଧି, ଝିଅ ଓ ଜ୍ୱାଇଁ ପ୍ରଭୃତି ସମସ୍ତ ସମ୍ପର୍କୀୟ ଜୀବନ ଉତ୍ସର୍ଗ କରିଥିଲେ। କେବଳ ଭାରତୀୟ ମୁକ୍ତି ସଂଗ୍ରାମ ନୁହେଁ ସମଗ୍ର ବିଶ୍ୱର ମୁକ୍ତି ସଂଗ୍ରାମର ଇତିହାସରେ ମଧ୍ୟ ଏହା ଏକ ବିରଳ ଦୃଷ୍ଟାନ୍ତ। ତେଣୁ ସିଙ୍ଘୋଡା ଘାଟିରେ ସ୍ମୃତିରକ୍ଷା କରିବା ଛତିଶଗଡ଼ ସରକାରଙ୍କ ପାଇଁ ଐତିହାସିକ ପଦକ୍ଷେପ ହେବ ବୋଲି ପଶ୍ଚିମ ଓଡ଼ିଶାର ଅନେକ ବିଜ୍ଞ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମହାପାତ୍ରଙ୍କ ଠାରୁ ଜଣାପଡ଼ିଛି।

## ବିଚ୍ଛିନ୍ନାଞ୍ଚଳ ଦେଚୁଆଁରେ ବିକାଶ ଅପହଞ୍ଚ

# ଭିଟାମାଟି ଛାଡ଼ିବାକୁ ଦେଚୁଆଁ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଗୁହାରି

ଅମ୍ବାଭୋନା, ୨୬।୧୧(ସମିସ)



ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଓ ତହସିଲ ଅଧୀନ ଦେଚୁଆଁ ଗାଁକୁ ଅଭୟାରଣ୍ୟ ପରିସରଭୁକ୍ତ କରି ଉଚ୍ଛେଦ କରିବା ଏବଂ ପୁନର୍ବାସ ଯୋଜନାରେ ଥଇଥାନ କରିବା ପାଇଁ ବରଗଡ଼ ଜିଲ୍ଲାପାଳ ଓ ବରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଗ୍ରାମବାସୀ ଗୁହାରି ଜଣାଇଛନ୍ତି। ଗାଁଟି ବଣ ପାହାଡ ଘେରା ବାରପାହାଡ ଜଙ୍ଗଲ ଭିତରେ ଥିବାରୁ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଟେଲି ଯୋଗାଯୋଗ ଆଦି ସବୁ କ୍ଷେତ୍ରରେ ବଞ୍ଚିତ ରହୁଛି। ବାରମ୍ବାର ବନ୍ୟ ପଶୁଙ୍କ ଦୌରାତ୍ମ୍ୟ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଦେଚୁଆଁ ବାସୀ।

### ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

୨୦୨୧ ଜନଗଣନା ଅନୁସାରେ ଦେଚୁଆଁ ଗାଁ ଗୋଟିଏ ୱାର୍ଡ ବିଶିଷ୍ଟ ହୋଇଥିବା ବେଳେ ପାଖାପାଖି ୭୯ଟି ପରିବାରରେ ପ୍ରାୟ ୩୦୦ ଜନସଂଖ୍ୟା ଏଠାରେ ବସବାସ କରୁଛନ୍ତି। ଗାଁଟି କର୍ଲା ପଞ୍ଚାୟତ ଅଧୀନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗାଁ ମାନ୍ୟତାରୁ ବଞ୍ଚିତ ରହିଛି। ତେଣୁ କୃଷି କ୍ଷେତ୍ରରେ ସରକାରୀ ସହାୟତାରୁ ବଞ୍ଚିତ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଝି ଜଙ୍ଗଲରେ ଗାଁଟି ଥିବାରୁ ପ୍ରାୟ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଛି ବୋଲି ଗ୍ରାମବାସୀ କହିଛନ୍ତି। ଶେଷରେ ବାଧ୍ୟ ହୋଇ ସମସ୍ତ ଗ୍ରାମବାସୀ ସର୍ବସମ୍ମତି କ୍ରମେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ବରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଦେଚୁଆଁ ଭିଟାମାଟି ଛାଡି ଅନ୍ୟତ୍ର ରହିବାକୁ ଲିଖିତ ଦାବି ଜଣାଇଛନ୍ତି। ବର୍ତ୍ତମାନ ଯୁଗରେ ଲୋକେ ୫ଜିରୁ ୬ଜି ସୁବିଧା ପାଇବାକୁ ଯାଉଥିବା ବେଳେ ଦେଚୁଆଁ ବାସୀ ଅଧିକାଂଶ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଏଣୁ ସରକାର ଅଭୟାରଣ୍ୟ ପରିସରରୁ ସେମାନଙ୍କୁ ଉଚ୍ଛେଦ କରି ଅନ୍ୟତ୍ର ମୌଳିକ ସୁବିଧା ସହିତ ପୁନର୍ବାସ ଦେବାକୁ ଦେଚୁଆଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

● ବରଗଡ଼ ପୁସ୍ତକ ମେଳାର ୭ମ ସନ୍ଧ୍ୟା

# 'ଆମ ଅଞ୍ଚଳର ଲୋକଗୀତ' ଆଲୋଚନାଚକ୍ର

ବରଗଡ଼, ୨୬।୧୧(ସମିସ): ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ୨୨ତମ ବରଗଡ଼ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ କବି ସଙ୍ଗୀତା ଷଡଙ୍ଗୀ ପଣ୍ଡାଙ୍କ ସଂଯୋଜନାରେ 'ଆମ ଅଞ୍ଚଳର ଲୋକଗୀତ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଆଲୋଚକ ଭାବେ ବିଶିଷ୍ଟ ଲୋକଗୀତ ଓ ଲୋକସଙ୍ଗୀତ ଗବେଷକ ତୁଲାରାମ କଲେତ୍ ଓ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଅଞ୍ଚଳର ଲୋକଗୀତ ଓ ଲୋକସଙ୍ଗୀତ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଞ୍ଚଳର ଭାଷା, ସଂସ୍କୃତି, ପରମ୍ପରା ଓ ଚାଲିଚଲଣ କେତେ ମହାନ, କେତେ ସମୃଦ୍ଧ ବୋଲି ଉଭୟେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ କରନ୍ ସାହୁ ଓ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବରଗଡ଼ ବ୍ଲକ୍‌ରୁ ୭ ପ୍ରକଳ୍ପ ଜିଲ୍ଲା ବିଜ୍ଞାନ ମେଳାକୁ ମନୋନୀତ



ବରଗଡ଼, ୨୬।୧୧(ସମିସ): ବରଗଡ଼ ବ୍ଲକରୁ ୭ଟି ପ୍ରକଳ୍ପ ଜିଲ୍ଲା ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ୨୩୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ମଧ୍ୟରୁ କଳାପାଣି ହାଇସ୍କୁଲ ବାଣୀସ୍ମିତା ପଧାନଙ୍କ ହାଇ ଇଣ୍ଟେନ୍ସିଭ ଫିସ ଫାର୍ମିଂ, ତାଲଶ୍ରୀଗିଡ଼ା ହାଇସ୍କୁଲ ଛାତ୍ର ହିମାଂଶୁ ସାହୁଙ୍କ ଭେହିକିଲ ପଲ୍ୟୁସନ୍ ପ୍ୟୁରିଫାୟର, ସରକାରୀ ଉଚ୍ଚ ବିଦ୍ୟାଳୟ ତୋରାର ଛାତ୍ର ସ୍ୱରାଜ ବେହେରାଙ୍କ ଫ୍ୟୁଚର ପାୱାର ଆଲକୋହଲ ଷ୍ଟୋଭ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ ଛାତ୍ର ସ୍ୱରାଜ ବେହେରାଙ୍କ କ୍ଲାସରୁମ୍ ଉପସ୍ଥାନ ସିଷ୍ଟମ୍, ରାଣା ପ୍ରତାପ ହାଇସ୍କୁଲ ଛାତ୍ର ସ୍ୱୟଂ ସିଦ୍ଧ ମିଶ୍ରଙ୍କ ପରିମିତି ଆଧାରିତ ପ୍ରକଳ୍ପ, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଧାଙ୍ଗେରର ଛାତ୍ରୀ ଗାର୍ଗୀ ଭୋଇଙ୍କ ଖାଦ୍ୟ ଓ ସ୍ୱାସ୍ଥ୍ୟ, ଆଞ୍ଚଳିକ ହାଇସ୍କୁଲ ଶ୍ରୀହରି ନଗରରୋସନ ମହାପାତ୍ରଙ୍କ ସିୱେଜ୍ ଓ ଆକ୍ୱା ଫ୍ଲୋ ପରୀକ୍ଷଣ ପ୍ରମୁଖ ୭ଟି ପ୍ରକଳ୍ପ ରହିଛି। ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଏହି ସବୁ ପ୍ରକଳ୍ପ ସ୍ଥାନିତ ହେବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି।

# ସାମ୍ବାଦିକଙ୍କୁ ଧମକ; ବିଜେପୁର ସାମ୍ବାଦିକ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ



ବରଗଡ଼, ୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଯୋଖିପାଲି ପଞ୍ଚାୟତ ଲିଟିପାଲି ସରକାରୀ ବିଦ୍ୟାଳୟ ଶୌଚାଳୟ ଅନିୟମିତତା ସମ୍ବନ୍ଧୀୟ ଖବର ନଭେମ୍ବରରେ ପ୍ରକାଶ ପାଇଥିଲା। ଏହାପରେ ସରପଞ୍ଚ ସବିତା ସାହୁ ସାମ୍ବାଦିକ ସୁଶାନ୍ତ ସାହୁଙ୍କୁ ଫୋନ ଯୋଗେ ଧମକ ଦେଇଥିବା ଅଭିଯୋଗ ନେଇ ଅଞ୍ଚଳରେ ବ୍ୟାପକ ଚର୍ଚ୍ଚା ହୋଇଛି। ସୁଶାନ୍ତ ସାହୁ ପ୍ରଥମେ ବିଜେପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଧମକ ବନ୍ଦ ନ ହେବାରୁ ପରେ ସାମ୍ବାଦିକ ସଂଘକୁ ଜଣାଇଥିଲେ। ଫଳରେ ଘଟଣାକୁ ଗୁରୁତ୍ୱ ସହ ନେଇ ସାମ୍ବାଦିକ ମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ପ୍ରେସ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ପ୍ରୟାସର ଅଭିଯୋଗ ଦେଇ ନିଜ ସୁରକ୍ଷା ପାଇଁ ପ୍ରଯୋଜନୀୟ ବ୍ୟବସ୍ଥା ଦେବାକୁ ଦାବି କରିଛନ୍ତି। ସଂଘ ପକ୍ଷରୁ ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ସହ ସୁଶାନ୍ତ ସାହୁଙ୍କୁ ପୁଲିସ ତରଫରୁ ସୁରକ୍ଷା ଦେବାକୁ ଦାବି କରାଯାଇଛି। ଏସପି ମୀନା ଘଟଣା ଉପରେ ଗମ୍ଭୀରତାର ସହ ତଦନ୍ତ କରିବାକୁ ଆଶ୍ୱାସନା ଦେଇଛନ୍ତି।

# ବରଗଡ଼ରେ ମହିଳା ଥାନା ସ୍ଥାପନ ଦାବି

ବରଗଡ଼, ୨୬।୧୧(ସମିସ): କ୍ରମବର୍ଦ୍ଧିଷ୍ଣୁ ଅପରାଧ ଯୋଗୁଁ ବରଗଡ଼ ଜିଲ୍ଲା ସଦର ମହକୁମାରେ ଏକ ମହିଳା ଥାନା ସ୍ଥାପନ କରାଯିବାକୁ ବରଗଡ଼ ମହିଳା ସମିତି ପୁଣି ଦାବି ଉପସ୍ଥାପନ କରିଛି। ମଙ୍ଗଳବାର ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସମିତିର ପ୍ରତିନିଧି ଦଳ ଭେଟି ଦାବି ଉପସ୍ଥାପନ କରିଛନ୍ତି। ସମିତିର ପ୍ରତିଷ୍ଠାତା ସଦସ୍ୟା ଗୀତା ମିଶ୍ର, ସଭାପତି ଅଞ୍ଜନା ଦାସ, ସମ୍ପାଦକ ସୁଧାଂଶୁ ବାଳା ଦାଶ ଓ କୋଷାଧ୍ୟକ୍ଷ ମମତା ମିଶ୍ର ଜିଲ୍ଲାପାଳଙ୍କୁ ଭେଟିଥିଲେ। ମହିଳା ଥାନାର ଆବଶ୍ୟକତା ନେଇ ଧନୁଯାତ୍ରା ପୂର୍ବରୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ସମିତି ପକ୍ଷରୁ ଜାନୁଆରୀ ୨୦୨୪ରେ ମହିଳା ଥାନା ଦାବିରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଥିବା ଦାବିପତ୍ରର ପ୍ରତିଲିପି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ପ୍ରାୟ ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନଥିବାରୁ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ ଜଣାଇଥିଲେ। ମହିଳା ଥାନା ହେଲେ ମହିଳାମାନଙ୍କୁ ଅପରାଧ ରିପୋର୍ଟ କରିବା ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ମିଳିବା ସାଙ୍ଗକୁ ବିଶେଷକରି ଘରୋଇ ହିଂସା ଭଳି ଅପରାଧ ବିରୋଧରେ ମହିଳାଙ୍କୁ ସୁବିଧା ମିଳି ପାରିବ । ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ବିଜେପୁର ବିଧାୟକ ସନତ ଗଡ଼ତିଆ ମଧ୍ୟ ଉପସ୍ଥିତ ଥିଲେ। ଦାବିର ଯଥାର୍ଥତା ଦୃଷ୍ଟିରୁ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବରପାଲି, ୨୬।୧୧(ସମିସ): ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ନବମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁନମ ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ରସାନନ୍ଦ ଥପା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। କ୍ରୀଡା ଦ୍ୱାରା ଛାତ୍ରୀ ମାନଙ୍କର ଶାରୀରିକ ଅଭିବୃଦ୍ଧି ହେବା ସହ ବୌଦ୍ଧିକ ବିକାଶର ସହାୟକ ହୋଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ଲୋକନାଥ ମେହେରଙ୍କ ତତ୍ତ୍ୱାଧାନରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଛାତ୍ରୀ ମାନେ ୧୦୦ ମିଟର, ୨୦୦ ମିଟର, ହାଇ ଜମ୍ପ୍, ସ୍ଲୋ ସାଇକଲ, ଜାଭ୍‌ଲିନ ଥ୍ରୋ, ସର୍ଟ ପୁଟ ପ୍ରଭୃତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଶିକ୍ଷା ବିଭାଗ ଅଧ୍ୟାପିକା ଶୋଭାବତୀ ଥପା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଯତୀନ୍ଦ୍ର ସାହୁ, ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ପରିଣୀତା ପଧାନ, ମନୀଷା ଭୋଇ, ସସ୍ମିତା ମେହେର, ଯାଜ୍ଞସେନୀ ପଟେଲ ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ଭୁଏ, ତ୍ରିପୁରା ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟକ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ


ବରଗଡ଼


ଲକ୍ଷେଘର ସମାଜ


ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ

ବରଗଡ଼, ୨୬।୧୧(ସମିସ)


ବିକାଶ ଲ' ସ୍କୁଲ



ପାହାଡଶ୍ରୀଗିଡା ଡିଗ୍ରୀ କଲେଜ

ଭାରତୀୟ ଗଣତନ୍ତ୍ରର ଭିତ୍ତିସ୍ତମ୍ଭ ଭାବେ ପରିଚିତ 'ସମ୍ବିଧାନ' ଗୃହୀତ ହେବାର ଐତିହାସିକ ଦିନଟିର ଗୁରୁତ୍ୱକୁ ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସମ୍ବିଧାନ ଦିବସ ପାଳିତ ହୋଇଥାଏ। ଏହି ଉପଲକ୍ଷେ ଦେଶଭକ୍ତି, ସାମାଜିକ ଜାଗୃତି ଏବଂ ଗଣତାନ୍ତ୍ରିକ ଆଦର୍ଶ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ତଥା ବରଗଡ଼ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଇଓ (ଅର୍ଥ) ଉମେଶ ଚନ୍ଦ୍ର ବାଘ ମଞ୍ଚାସୀନ ଥିଲେ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ମଧୁସ୍ମିତା ନନ୍ଦ ମୁଖ୍ୟବକ୍ତା ଭାବେ ଭାରତୀୟ ସମ୍ବିଧାନର ଐତିହାସିକ ପୃଷ୍ଠଭୂମି, ଏହାର ମୂଳ ଦାର୍ଶନିକ ଧାରା, ଡ.ଅମ୍ବେଦକରଙ୍କ ଆଧୁନିକ ଭାରତ ଗଠନର ସ୍ୱପ୍ନ ଓ ଆଜିର ପିଢ଼ି ପାଇଁ ତାହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବରଗଡ଼: ୧୯୪୯ ମସିହା ୨୬ ନଭେମ୍ବରରେ ଭାରତୀୟ ସମ୍ବିଧାନ ଗ୍ରହଣ ହେବା ନେଇ ସମ୍ବିଧାନ ଦିବସ ପ୍ରତ୍ୟେକ ବର୍ଷ ଏହି ତାରିଖରେ ଦେଶରେ ପାଳିତ ହୋଇ ଆସୁଛି। ଏନେଇ ତୋରାରେ ପ୍ରିଅମ୍ବଲ ପାଠ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମସ୍ତେ ସମ୍ବିଧାନର ମୂଲ୍ୟବୋଧ ନ୍ୟାୟ, ସ୍ୱାଧୀନତା, ସମତା ଓ ବନ୍ଧୁତ୍ୱ ରକ୍ଷା ପାଇଁ ଶପଥ ନେଇଥିଲେ। ପରେ କୁଇଜ ପ୍ରତିଯୋଗିତା, ଭାଷଣ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ।

ବରଗଡ଼: ବିକାଶ ଲ' ସ୍କୁଲରେ ଅଳ ଭାରତୀୟ ଅଭକ୍ତ ପରିଷଦ, ବରଗଡ଼ ଓ ଲ' ସ୍କୁଲର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲ' ସ୍କୁଲର ଅଧ୍ୟାପକ ଜୈମିନି ସାହୁ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଲାଲା ଲଜପତ୍‌ରାୟ ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ.ଗିରିଜା ଶଙ୍କର ଶର୍ମା ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ସଦସ୍ୟ, ଲ' ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ବରଗଡ଼: ଜମଲା ଡିଗ୍ରୀ କଲେଜ ଜମଲାରେ ଆଜି ମହାସମାରୋହରେ ସମ୍ବିଧାନ ଦିବସ ପାଳନ ହୋଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଳାକହ୍ନେଇ ପଧାନ ଓ ସଭ୍ୟ ସଦାନନ୍ଦ ଭୋଇ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା କୁମୁଦିନୀ ସାହୁ ସମ୍ବିଧାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁରେଖା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

ଗାଇସିଲେଟ: ଗାଇସିଲେଟ ବ୍ଲକ ଆମ୍ବେଦକର ଛକରେ ଆଜି ଲକ୍ଷେଘର ସମାଜ ବ୍ଲକ ସଭାପତି ଗୋଲାପ ପାଇକଙ୍କ ନେତୃତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ। ଆମ୍ବେଦକର ଛକ ଠାରେ ଥିବା ଭାରତରତ୍ନ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଦିବାସୀ ସଂଘର ଶଶି ଭୂଷଣ ବରିହା, ସଞ୍ଜୟ ଜରଜରିଆ, ଲକ୍ଷେଘର ସମାଜ ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ଆରୁଣି ମହାନନ୍ଦ, କଳ୍ପତରୁ କର୍ଣ୍ଣାଲ, ପ୍ରସନ୍ନ କୁମ୍ଭାର, ପୂର୍ବତନ ସଭାପତି ଛବିଲାଲ ଦୀପ, ସଞ୍ଜୟ ଦୀପ କାର୍ଯ୍ୟକାରୀ ସମ୍ପାଦକ, ପ୍ରଶାନ୍ତ ଦୀପ କୋଷାଧ୍ୟକ୍ଷ ଏବଂ ସମସ୍ତ ପଞ୍ଚାୟତ ସଭାପତି, ମହିଳା ସଦସ୍ୟା ସାବିତ୍ରୀ ନାଗ, ମିନତି ରାଜହଂସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ କଳ୍ପତରୁ କର୍ଣ୍ଣାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରପାଲି: ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ପୁନମ୍ ସାହୁଙ୍କ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ଅଧ୍ୟାପିକା ପିଙ୍କି ବାରିକ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ସୋହେଲା: ସୋହେଲା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଓ ଜାତୀୟ ସେବା ଯୋଜନା ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡରବୀନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ମୁଖ୍ୟ ପ୍ରେମଚାନ୍ଦ ଦୁଆନ ସମ୍ବିଧାନ ପ୍ରଣୟନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗର ଅଧ୍ୟାପକ ଡ.ଭରତ ଚନ୍ଦ୍ର ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ସୁରେନ୍ଦ୍ର ସାହୁ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ମିଶ୍ର ଓ ସୁଦାମ ସାହୁ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

ପାଇକମାଳ: ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋମନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶେଷଦେବ ନାୟକ, ବିଭାଗୀୟ ମୁଖ୍ୟ କୃଷ୍ଣଚନ୍ଦ୍ର ଦେବତା ସମ୍ବିଧାନର ମହତ୍ତ୍ୱ ଉପରେ ଦିଗଦର୍ଶନ ଦେଇଥିଲେ। ଡ.ଦେବକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ୟୁଥ୍ ପାର୍ଲିଆମେଣ୍ଟ ମାଧ୍ୟମର ଛାୟା ପାର୍ଲିଆମେଣ୍ଟ ଗଠନ କରି ଅଭିନୟ ମାଧ୍ୟମରେ ଗଣତନ୍ତ୍ରର ଶକ୍ତି ତଥା ତାର ପ୍ରଭାବ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ପ୍ରଦୀପ୍ତ ସାହୁ, ପ୍ରଦୀପ ଦେୱାନ, ମୀନା ସାହୁ, ଦେବରାଜ ସାହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଅତାବିରା: ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ପ୍ରଧାନ ଭାରତୀୟ ସମ୍ବିଧାନର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ଦେଇଥିଲେ। ଛାତ୍ର କ୍ଷୀରସାଗର, ଅଂଶୁମାନ, ସଚିନ, ଗଣନାଥ, ମହେଶ, ଅଙ୍କିତ, ରୁଦ୍ରପ୍ରତାପ, ତପୁନ୍, ନିର୍ମଳ, ଶଙ୍କର୍, ଛାତ୍ରୀ ସଙ୍ଗୀତା, ସସ୍ମିତା, ମଞ୍ଜୁ, କିରଣମୟୀ, ଲିପ୍ସା, ଡେଜି, ନନ୍ଦିନୀ, ସୋନାଲି ସମ୍ବିଧାନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ସରକାରୀ ପଲିଟେକ୍ନିକ୍‌ରେ 'ସ୍ମାର୍ଟ ମ୍ୟାନୁଫ୍ୟାକ୍‌ଚରିଂ' କର୍ମଶାଳା




ଅନୁଗୋଳ,୨୬ ।୧୧(ସମିସ): ଅନୁଗୋଳ ସରକାରୀ ପଲିଟେକ୍ନିକ୍‌ର ଯାନ୍ତ୍ରିକ ବିଭାଗ ପକ୍ଷରୁ 'ସ୍ମାର୍ଟ ମ୍ୟାନୁଫ୍ୟାକ୍‌ଚରିଂ' ବିଷୟରେ ୩-ଦିନିଆ କର୍ମଶାଳା ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଏଆଇସିଟିଇ-ଭାନି ୨୦୨୫-୨୬ ଅଧୀନରେ ଆୟୋଜିତ ହେଉଛି। ପ୍ରାନ୍ତିକ ଶିକ୍ଷାରେ ଆଞ୍ଚଳିକ ଭାଷାର ପ୍ରଚାର ଓ ଶିକ୍ଷା-ଶିଳ୍ପ ସମ୍ପର୍କକୁ ସୁଦୃଢ଼ କରିବା ଏହାର ମୂଳ ଉଦ୍ଦେଶ୍ୟ। ଅତିଥି ରୂପେ ଉପସ୍ଥିତ ସରକାରୀ ପଲିଟେକ୍ନିକ ବୌଦ୍ଧ ଅଧ୍ୟକ୍ଷ ଇଞ୍ଜି. ପ୍ରଦୀପ୍ତ କୁମାର ସାହୁ କରିଥିଲେ। ତାଙ୍କ ଉଦ୍‌ବୋଧନରେ ସେ ଭାରତର ଶିଳ୍ପ ମଣ୍ଡଳୀକୁ ପରିବର୍ତ୍ତନ କରୁଥିବା ସ୍ମାର୍ଟ ମ୍ୟାନୁଫ୍ୟାକ୍‌ଚରିଂ ଓ ଇଣ୍ଡଷ୍ଟ୍ରି ୪.୦ ର ଦୃତିୟ ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ।ଏହି ପ୍ରୟାସର ଲକ୍ଷ୍ୟ ହେଉଛି ଅଂଶଗ୍ରାହୀମାନେ ସ୍ମାର୍ଟ ମ୍ୟାନୁଫ୍ୟାକ୍‌ଚରିଂ, ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ଓ ନବୀନ ଟ୍ରେଣ୍ଡ ସମ୍ବନ୍ଧୀୟ ଗଭୀର ଜ୍ଞାନ ହାସଲ କରନ୍ତୁ। ଏହା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଗବେଷଣା, ନବୋନ୍ମେଷ ଓ ଆଧୁନିକ ଶିଳ୍ପ ପ୍ରଚଳନ ଅଙ୍ଗୀକାର କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। କର୍ମଶାଳାରେ ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଶିକ୍ଷାଣ ରହିଛି, ଯାହା ଭିନ୍ନ ଭାଷାପୃଷ୍ଠଭୂମିର ଶିକ୍ଷାର୍ଥୀମାନଙ୍କୁ ସମାନ ଭାବରେ ଲାଭାନ୍ୱିତ କରିବ।ଏହି କାର୍ଯ୍ୟକ୍ରମ ସରକାରୀ ପଲିଟେକ୍ନିକ୍, ଅନୁଗୋଳ ର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀକାନ୍ତ ନାୟକଙ୍କ ନିର୍ଦ୍ଦେଶନାୟ ଏବଂ ଯାନ୍ତ୍ରିକ ବିଭାଗର ବରିଷ୍ଠ ଅଧ୍ୟାପିକା ମୋନାଲିସା ବେହେରାଙ୍କ ସମନ୍ୱୟରେ ହେଉଛି। ସହ-ସମନ୍ୱୟକ ଭାବେ ଯାନ୍ତ୍ରିକ ବିଭାଗର ଅଧ୍ୟାପିକା ଶୁଭାଙ୍ଗୀ ମିଶ୍ର ଦାୟିତ୍ୱ ନିଷ୍ପାଦନ କରୁଛନ୍ତି।କାର୍ଯ୍ୟକ୍ରମରେ ସମନ୍ୱୟକମାନେ କହିଥିଲେ ଯେ କର୍ମଶାଳାର ପ୍ରମୁଖ ଲକ୍ଷ୍ୟ ହେଉଛି ଶ୍ରେଣୀଗୃହ ଶିକ୍ଷା ଓ ଶିଳ୍ପ ଆବଶ୍ୟକତାର ମଧ୍ୟରେ ଥିବା ମୂଳଭୂତ ତଫାତ୍ କମେଇବା, ସେଥିସହ ପ୍ରାନ୍ତିକ ଶିକ୍ଷାରେ ଆଞ୍ଚଳୀୟ ଭାଷାର ବ୍ୟବହାରକୁ ପ୍ରୋତ୍ସାହନ ଦେବା।

# ଲିଙ୍ଗଭିତ୍ତିକ ହିଂସା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ




ଅନୁଗୋଳ,୨୬ ।୧୧(ସମିସ): ଅନୁଗୋଳ ଜିଲ୍ଲାରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ ଦିନ ଧରି ହେବାକୁ ଥିବା ସଚେତନତା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଉଦଘାଟନ କରିବା ସହ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ପୋଗ୍ରାମ ଅଧିକାରିଣୀ, ଅଙ୍ଗନୱାଡି କର୍ମୀ ଏବଂ ସଖୀ (ୱାନ ଷ୍ଟପ୍ ସେଣ୍ଟର)ର କର୍ମଚାରୀଙ୍କ ଉପସ୍ଥିତରେ ସଭା ଆୟୋଜନ କରାଯାଇଥିଲା। ଆଇନଗତ ଅଧିକାର, ଲିଙ୍ଗଗତ ସମାନତା ଓ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତୀକରଣ ଉପରେ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଓ ସଖୀ (ୱାନ ଷ୍ଟପ୍ ସେଣ୍ଟର) କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତରେ ଜିଲ୍ଲା ସମାଜ ମଙ୍ଗଳ ଓ ସଖୀ (ୱାନ ଷ୍ଟପ୍ ସେଣ୍ଟର) କର୍ମଚାରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ।

# ଋତୁସ୍ରାବ ସଚେତନତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ଅନୁଗୋଳ,୨୬ ।୧୧(ସମିସ): ଅନୁଗୋଳର ଚେତନା ଏ ମିଶନ ଦ୍ୱାରା ସ୍ଥାନୀୟ ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ "ଋତୁସ୍ରାବ ସଚେତନତା ଓ ସ୍ୱଚ୍ଛତା' ସମ୍ବନ୍ଧୀୟ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।




ଅନୁଗୋଳ ବିଇଓ ଅଶୋକ ପ୍ରଧାନ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଚେତନା ମିଶନର ପ୍ରତିଷ୍ଠାତ୍ରୀ ତଥା ମୋଟିଭେସନାଲ ସ୍ପିକର ବାଣୀ ଦେବ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ନାଲକୋ ଡାକ୍ତରଖାନାର ଅବସରପ୍ରାପ୍ତ ଡାକ୍ତର ସୁଷମା ଚୌଧୁରୀଙ୍କ ଦ୍ୱାରା ଛାତ୍ରୀମାନଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଦିଆଯାଇଥିଲା। ଋତୁସ୍ରାବ ସମୟରେ ଶରୀରର ଯତ୍ନ, ପରିଚ୍ଛନ୍ନତା, ହାଲୁକା ବ୍ୟାୟାମ ଓ ସୁଷମ ଖାଦ୍ୟର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମୟରେ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସରଳ ଉପଚାର ବିଷୟରେ ଅବଗତ କରାଯିବା ସହ ଅନ୍ଧବିଶ୍ୱାସ ଦୂର କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଲ୍ୟ ବିବାହମୁକ୍ତ ଭାରତ ପାଇଁ ଜିଲ୍ଲାସ୍ତରୀୟ ସମ୍ମିଳନୀ




କିଶୋରନଗର,୨୬ ।୧୧(ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ଏକ ହୋଟେଲରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ନିୟୋଜନ ଅଧିକାରୀ ଦେବାଶିଷ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଶିଶୁ କଲ୍ୟାଣ କମିଟି ସଦସ୍ୟା ମମତା ପ୍ରଧାନ, ଭାରପ୍ରାପ୍ତ ଥାନା ଅଧିକାରୀ ଅର୍ଚ୍ଚନା ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରୀତାଞ୍ଜଳି ପ୍ରଧାନ, ମମତା ଯୋଜନା ଜିଲ୍ଲା ସଂଯୋଜକ ତାପସ କୁମାର ପାଣି, ସମାଜସେବୀ ବୀରେନ ନାୟକ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାର୍ଣ୍ଡି ଉପସ୍ଥିତ ଥିଲେ। ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଉପରେ ଆଲୋଚନା ହୋଇଥିଲା। ୧୦୦ ଦିନ ବ୍ୟାପୀ ଅଭିଯାନ କିପରି କାର୍ଯ୍ୟକାରୀ କରାଯିବ ଓ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଝିଅ ସଂଖ୍ୟା କମିବା ଓ କିଶୋରୀ ମାତୃତ୍ୱ ବଢ଼ିବା ମୁଖ୍ୟ ସମସ୍ୟା ହୋଇଚି। ଏହାକୁ କିପରି ରୋକା ଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ସଚେତନତା ଓ କାର୍ଯ୍ୟାନୁଷ୍ଠାନ ହେଲେ ବାଲ୍ୟ ବିବାହ ସମସ୍ୟା ଦୂର କରାଯାଇପାରିବ ବୋଲି ଅଙ୍ଗନବାଡ଼ି କର୍ମୀ ଓ ଅନ୍ୟମାନେ କହିଥିଲେ। ନଭେମ୍ବର ୨୭ ତାରିଖ ହେବାକୁ ଥିବା ଜାତୀୟ ବାଲ୍ୟ ବିବାହ ନିରୋଧ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସଂଯୋଜିକା ପୂଜା ସ୍ୱାଇଁ, ପ୍ରକଳ୍ପ ସହାୟିକା ଲକ୍ଷ୍ମୀ ବେହେରା, ସୋନାଲିସା ଶବର ସହଯୋଗ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୫୦ଟି ଗଛ ପ୍ରଦାନ




ଅନୁଗୋଳ,୨୬ ।୧୧(ସମିସ): ଅନୁଗୋଳ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୫୦ଟି ଗଛ ପ୍ରଦାନ କରାଯାଇଛି। ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦିଲୀପ ପଟ୍ଟନାୟକ ଓ ହସ୍ପିଟାଲ ପରିଚାଳକ ସଙ୍ଗୀତା ସାହୁଙ୍କ ଉପସ୍ଥିତିରେ ଏହି ଗଛ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସବୁଜିମା ଓ ସୌନ୍ଦର୍ଯ୍ୟକରଣ ଲକ୍ଷ୍ୟ ନେଇ ଏହି ପଦକ୍ଷେପ ନିଆଯାଇଥିବା ମେଳାର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତାପ ମହାପାତ୍ର, ପର୍ଶୁରାମ ଦାଶ, ଜୟନ୍ତ କର, ବିଶ୍ୱଜିତ୍ ବିଶ୍ୱାଳ, ସ୍ୱରୂପ ପାଢ଼ୀ, ଆକାଶ ପ୍ରଧାନ, ଗୋପବନ୍ଧୁ ସାହୁ ଓ ଲରେନଜିତ୍ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳରେ ସମ୍ବିଧାନ ଦିବସ ପାଳିତ



ଅନୁଗୋଳ,୨୬ ।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ମଧୁସ୍ମିତା ବିଶି, ଆସିଷ୍ଟାଣ୍ଟ କଲେକ୍ଟର ପ୍ରତାପହରି ପ୍ରଧାନଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ




ଅନୁଗୋଳ,୨୬ ।୧୧(ସମିସ): ବୁଧବାର ପୂର୍ବାହ୍ନରେ ଅନୁଗୋଳ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସନମ୍ ସ୍ମିତା ସାହୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ନିଯୁକ୍ତିପତ୍ର ବଣ୍ଟନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କଠାରୁ ସେ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସାହୁ ଆଗାମୀ ଦିନରେ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ପାଳିତ




ଅନୁଗୋଳ,୨୬ ।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଲୋପାମୁଦ୍ରା ପଣ୍ଡା, ଅନୁଗୋଳ ଡିଏସ୍‌ପି ବିରଞ୍ଚି ବାଗ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧ ପ୍ରୋତ୍ସାହିତ କରିବା ଏବଂ ସମ୍ମାନ ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଦିବସ ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ପ୍ରଧାପକ ଅମୂଲ୍ୟନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




କିଶୋରନଗର,୨୬ ।୧୧(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟ ପରିସରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ସିଡିପିଓ ଆରତୀ ସିଂହ, ଏବିଡିଓ ଦିଲୀପ ପ୍ରଧାନ, ବିଏସଏସଓ ଝସକେତନ ସାହୁ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଯୋଗଦେଇ ଶିବିର ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ ମୋଟ ୨୩୮ ଜଣ ନାମ ପଞ୍ଜୀକରଣ କରିଥିଲେ। ଏଥିରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଆଶୁତୋଷ ମିଶ୍ର, ଇଏନଟି ବିଶେଷଜ୍ଞ ଡା. ପିକେ ମହାନ୍ତି, ଭେଷଜ ବିଶେଷଜ୍ଞ ଡା. ଦୀପକ ଗଡ଼ନାୟକ, ଶିଶୁରୋଗ ବିଶେଷଜ୍ଞ ଡା. ଅଶୋକ ମଲ୍ଲିକ, ଚକ୍ଷୁ ବିଶେଷଜ୍ଞ ଡା. ଏନ ମଲ୍ଲିକ, ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଭିନ୍ନକ୍ଷମ ଚିହ୍ନଟ କରିଥିଲେ। ବର୍ଷାରାଣୀ ରାଉତ, ନଳିନୀ ରଞ୍ଜନ ପ୍ରଧାନ, ସୁରେଶ ଚନ୍ଦ୍ର ମହାଲିକ, ଡିଇଓ ଏସକେ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# କିଶୋରନଗର ମହାବିଦ୍ୟାଳୟରେ ସମ୍ବିଧାନ ଦିବସ




କିଶୋରନଗର,୨୬ ।୧୧(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ କୃତୀ, ସମ୍ବିଧାନର ବିଭିନ୍ନ ଧାରା, ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଇତ୍ୟାଦି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଛାତ୍ରଛାତ୍ରୀମାନେ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ ସଭା ସଂଯୋଜନା କରିଥିଲା ବେଳେ ଅଧ୍ୟାପିକା ରୋଜାଲିନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୀଣାପାଣି ସାହୁ, ଶୁଭଶ୍ରୀ ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ, ଅମ୍ବିକା ବେହେରା, ସୁଶାନ୍ତ ରାଉଳ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ

କଣିହାଁ,୨୬ ।୧୧(ସମିସ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଲକ ପଞ୍ଚାୟତ ଦଲକ ଗ୍ରାମରେ ୧୦ ଲକ୍ଷ ଟଙ୍କାରେ ନିର୍ମିତ ନୂତନ ହାଟପିଣ୍ଡି ଉଦଘାଟିତ ହୋଇଛି। ସେହିପରି ନାଲମ ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହର ଶିଳାନ୍ୟାସ, ପୋଇପାଳ ଖଜୁରିଆ ସାହିରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ୩ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତାର ଉଦ୍‌ଘାଟନ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପ୍ରକଳ୍ପଗୁଡ଼ିକର ଭୂମିପୂଜନ ଓ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ଦଲକ ସରପଞ୍ଚ ସଙ୍ଗୀତା ଡାକୁଆ, ତାଳପଦା ସରପଞ୍ଚ ରାଜେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ପୁଷ୍ପଲତା ପ୍ରଧାନ, ରେଙ୍ଗାଲି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ମଣ୍ଡଳ ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରହ୍ଲାଦ ସାମଲ, ବରିଷ୍ଠ ନେତା ଦିବାକର ପ୍ରଧାନ, ଧ୍ରୁବଚରଣ ଧୀର, ସୁମନ୍ତ ପ୍ରଧାନ, ଟିକନ ପ୍ରଧାନ କବିରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବସ୍ ଦୁର୍ଘଟଣାଗ୍ରସ୍ତ: ୧୫ ଗୁରୁତର




ଅନୁଗୋଳ,୨୬ ।୧୧(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡ଼ା ଥାନା ଜେରେଙ୍ଗ ଗାଁ ନିକଟରେ ଏକ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବସ୍ ଅନୁଗୋଳରୁ ବିନିକେଇ ଯାଉଥିବା ଚାଳକ ହଠାତ୍ ମୂର୍ଚ୍ଛା ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ୧୫ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ କଲେଜ ଛାତ୍ରୀ, ୨ ଜଣ ମହିଳା ଅଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅପହୃତା ଛାତ୍ରୀ ଉଦ୍ଧାର: ଯୁବକ ଗିରଫ

ବଇଣ୍ଡା,୨୬ ।୧୧(ସମିସ): ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ବେଳେ ବୁଧବାର ଠାକୁରଗଡ଼ ଥାନା ପୁଲିସ ତାଙ୍କୁ ସାଲେପୁର ଅଞ୍ଚଳରୁ ଉଦ୍ଧାର କରିଛି। ଅପହରଣରେ ସମ୍ପୃକ୍ତ ଠାକୁରଗଡ଼ ଥାନା ଝିଲ୍ଲୀମୁଣ୍ଡା ଗ୍ରାମର ଦଣ୍ଡଧର ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ଛାତ୍ରୀ ଜଣକ ପାଠ ପଢ଼ି ଘରକୁ ଫେରୁଥିବା ବେଳେ ଦଣ୍ଡଧର ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ କୌଣସି ସୂତ୍ରରୁ ସୁରାକ ପାଇ ସାଲେପୁର ଅଞ୍ଚଳରେ ଚଢ଼ଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଦଣ୍ଡଧରଙ୍କୁ ଗିରଫ କରିଛି। ଆଠମଲ୍ଲିକ ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।

# ତାଳଚେର ଫର୍ଟିଲାଇଜର ତରଫରୁ ସାମ୍ବାଦିକ ସମ୍ମିଳନୀ

ଅନୁଗୋଳ/ତାଳଚେର,୨୬ ।୧୧(ସମିସ):




ତାଳଚେର ଫର୍ଟିଲାଇଜର ଟାଉନସିପ୍‌ସ୍ଥିତ ଭଞ୍ଜ ମଣ୍ଡପରେ ଟିଏଫଏଲ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଟିଏଫଏଲ୍‌ର ଏମଡି ବିବେକ ଶ୍ରୀବାସ୍ତବ, ଡାଇରେକ୍ଟର ଅପରେସନ୍ ଶ୍ୟାମଲ ରାୟ ଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିଥିଲେ। କମ୍ପାନୀର ମୁଖ୍ୟ ପ୍ରବନ୍ଧକ (ସମ୍ପର୍କ) ସୁମନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜି ସମ୍ବିଧାନ ଦିବସ ହୋଇଥିବାରୁ ମୁଖ୍ୟ ପ୍ରବନ୍ଧକ (ମାନବ ସମ୍ବଳ) ପ୍ରଶାନ୍ତ ରାଉତ ଉପସ୍ଥିତ ଅତିଥିଙ୍କୁ ନେଇ ସମ୍ବିଧାନର ଶପଥପାଠ କରାଇଥିଲେ। ମୁଖ୍ୟ ପ୍ରବନ୍ଧକ ସିଭିଲ୍ ଅଖିଳ ଶତପଥୀ ପ୍ରକଳ୍ପ ବିଷୟରେ ସମସ୍ତ ସ୍ଥିତି, ଅବସ୍ଥିତି, ବର୍ତ୍ତମାନ ସୁଦ୍ଧା ଅଗ୍ରଗତି ଓ ଆଗାମୀ ଦିନର ଯୋଜନା ସମ୍ବନ୍ଧରେ ଭିଡିଓ ମାଧ୍ୟମରେ ସୂଚନା ଦେଇଥିଲେ। ଏମ୍‌ଡି ଶ୍ରୀବାସ୍ତବ କହିଲେ ଯେ ଟିଏଫଏଲ୍ ଏକ ଯୁଗ୍ମ ଭାଗିଦାରୀ କମ୍ପାନୀ। ଯୌଥ ଉଦ୍ୟୋଗ ଯଥା-ଗେଲ୍ ଇଣ୍ଡିଆ, କୋଲ୍ ଇଣ୍ଡିଆ, ଆରସିଏଫ୍ ଓ ଏଫସିଆଇଏଲ୍ ପ୍ଲାଣ୍ଟ ଉପରେ ହିଁ ଗଢ଼ିଉଠିଛି। ଏହି ପ୍ରକଳ୍ପ ପୁରାତନ ଏଫସିଆଇଏଲ୍ ପ୍ଲାଣ୍ଟ ଉପରେ ହିଁ ଗଢ଼ିଉଠିଛି। ଏହା ହେଉଛି ଦେଶର ଏକ ମହତ୍ତ୍ୱାକାଂକ୍ଷୀ ତଥା ପ୍ରଥମ କୋଇଲା ଗ୍ୟାସ୍‌ଭିତ୍ତିକ ଆମୋନିଆ ଓ ୟୁରିଆ ସାର ପ୍ରକଳ୍ପ ତଥା ଓଡ଼ିଶାର ଏକମାତ୍ର ୟୁରିଆ ସାର କାରଖାନା ବୋଲି କହିଥିଲେ। ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି, କାର୍ଯ୍ୟର ଅଗ୍ରଗତି, ପରିସମାପ୍ତି, ନୂତନ ସମୟସୀମା, ଆଗାମୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟରେ ଯେଉଁ ସବୁ ଆହ୍ୱାନ ଆସିଛି ସେଗୁଡ଼ିକୁ ଆମେ କିପରି ସାମନା କରିଛୁ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକଳ୍ପର ପ୍ରାୟ ୭୦ ପ୍ରତିଶତ କାମ ସମାପ୍ତ ହୋଇଛି। ପ୍ରମୁଖ ନିର୍ମାଣ କ୍ଷେତ୍ରରେ ଗତିଶୀଳ ପ୍ରଗତି ଲକ୍ଷ୍ୟ କରାଯାଇଛି। ପ୍ରିଲିଂ ଟାୱାର ଚିମ୍‌ନି ଏବଂ କୋଇଲା ଗ୍ୟାସିଫିକେସନ୍ ଫ୍ରେମ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। କୋଇଲା ମିଲିଂ ଫ୍ରେମ୍ ଓ ୟୁରିଆ ପ୍ଲାଣ୍ଟର ମୁଖ୍ୟ ଫ୍ରେମ୍‌ର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଇଲା ଗ୍ୟାସିଫିକେସନ୍ ଏବଂ ଆମୋନିଆ, ୟୁରିଆ ୟୁନିଟ୍ ପାଇଁ ସମସ୍ତ ଆବଶ୍ୟକ ଉପକରଣ କାରଖାନା ପରିସରରେ ପହଞ୍ଚିଛି। ୩ଟି ବଏଲରରୁ ୨ଟିର ଯାନ୍ତ୍ରିକ ନିର୍ମାଣ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଅଫ୍‌ସାଇଟ୍ ଓ ୟୁଟିଲିଟି ପ୍ୟାକେଜ୍‌ଗୁଡ଼ିକ ଦ୍ରୁତଗତିରେ ଚାଲିଛି। ରେଲୱେ ସାଇଡିଂ ଏବଂ ପାଣି ପାଇପ୍ ଲାଇନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସଫଳତା ଠିକାଦାରମାନଙ୍କ ସହଯୋଗ ପ୍ରଯୁକ୍ତି ଲାଇସେନ୍ସଦାତା ଏବଂ ପ୍ରକଳ୍ପର ଅଂଶୀଦାର କମ୍ପାନୀମାନଙ୍କ ସମନ୍ୱିତ ପ୍ରୟାସର ଫଳଶ୍ରୁତି ହୋଇପାରିଛି। ୨୦୨୫ ସେପ୍ଟେମ୍ବର ୨୬ରେ ତାଳଚେରରେ ୧୨,୨୫୦ କୋଟି ଟଙ୍କାର ଋଣ ଚୁକ୍ତିପତ୍ର ସହ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଅତିକ୍ରମ କରିଛି ବୋଲି କହିଥିଲେ। ସେହିପରି ୨୦୨୫ ଅକ୍ଟୋବର ୧୮ ରେ ଟିଏଫଏଲ୍ ଓ ତାହାର ପ୍ରୋତ୍ସାହକଙ୍କ ସହ ମିଶି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏ ପ୍ରକଳ୍ପର ସଫଳତା ନିମିତ୍ତ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ, ସାଂସଦ, ବିଧାୟକ, ପଞ୍ଚାୟତ ପ୍ରତିନିଧି ସମୂହଙ୍କ ସମର୍ଥନ ମିଳିବା ସହ ସମସ୍ତ ସାମ୍ବାଦିକଙ୍କ ସହଯୋଗ କାମନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସିଇଓ ସୁନୀଲ ପେଭକରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ ଅନନ୍ତ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୨୬ା୧୧(ସମିସ): ଟାଉନ ଥାନା ଅନ୍ତର୍ଗତ ତୁଳସୀ ନଗର ଅଞ୍ଚଳର ଏକ ତାଲା ବନ୍ଦ ଘରୁ ବଡ଼ ଧରଣର ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ତୁଳସୀ ନଗର ନବମ ଲାଇନ ନିବାସୀ ଏମଡ଼ି ଗୁଲାମ ଅହମ୍ମଦ ଓ ତାଙ୍କ ପରିବାର ଲୋକେ ରୁହନ୍ତି। ଗତ ୭ ତାରିଖରେ ବେଙ୍ଗାଲୁରୁରେ ରହୁଥିବା ପୁଅ ପାଖକୁ ଏମଡ଼ି ଗୁଲାମ ଯାଇଥିଲେ। ଗଲା ବେଳେ ଘରେ ତାଲା ପକାଇ ଯାଇଥିଲେ। ଗତ ୨୪ତାରିଖରେ ସେ ବ୍ରହ୍ମପୁର ଫେରିଥିଲେ। ଏଠାକୁ ଆସିବା ପରେ ଘରର ଝରକା ଭାଙ୍ଗି ସୁନା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗୋଟିଏ ସୁନା ହାର, ଦୁଇଟି ଚେନ, ଦୁଇଟି ମୁଦି ଗୋଟିଏ ଡାଇମନ ମାର୍ଥମଣି ଓ ନଗଦ କିଛି ଟଙ୍କା ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ନିଳାଦ୍ରୀବିହାର ୨ୟ ଲାଇନରେ ଟି. ମନୋଜ କୁମାର ପାତ୍ର ନିଜ ପରିବାର ସହ ରହୁଛନ୍ତି। ଗତ ୨୨ତାରିଖ ରାତିରେ ମନୋଜ ଓ ତାଙ୍କ ପରିବାର ଲୋକେ ଘଟଗାଁ ବୁଲିବାକୁ ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା। ୨୩ ତାରିଖ ବିଳମ୍ବିତ ରାତିରେ ମନୋଜ ଓ ତାଙ୍କ ପରିବାର ଲୋକେ ବ୍ରହ୍ମପୁର ଫେରି ନଗଦ ୧୦ ଲକ୍ଷ ଟଙ୍କା, ୧୦ ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର, ୫୦୦ ଗ୍ରାମ ଓଜନର ରୂପା ଅଳଙ୍କାର ଚୋରି ହୋଇଯାଇଥିବା ମନୋଜ ଜାଣିବାକୁ ପାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

● ଡକାୟତି ଯୋଜନା ପଣ୍ଡ

## ଧରାପଡ଼ିଲେ ନାବାଳକ, ବୋମା ଓ କାତି ଜବତ

ବ୍ରହ୍ମପୁର,୨୬ା୧୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ କେତେକ ଅସାମାଜିକ ଯୁବକ ଏକତ୍ରିତ ହୋଇଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଜଣେ ନାବାଳକଙ୍କୁ ଧରିଥିବା ବେଳେ ପୁଲିସକୁ ଚକମା ଦେଇ ମାଷ୍ଟରମାଇଣ୍ଡ ସମେତ ୫/୬ ଜଣ ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ ଘଟଣାସ୍ଥଳରୁ ଗୋଟିଏ ବୋମା, ୩ଗୋଟି କାତି ଓ ମଦ ବୋତଲ ପ୍ରଭୃତି ଜବତ କରିଥିଲା। ମାମଲା ରୁଜୁକରି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋଡର୍‌ରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଉକ୍ତ ନାବାଳକଙ୍କ ବୟାନ ଅନୁଯାଇ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଉକ୍ତ ଥାନା ପୁଲିସ ରାତ୍ରିକାଳୀନ ପେଟ୍ରୋଲିଂ ବେଳେ କିଛି ଅସାମାଜିକ ଯୁବକ ମେଳି ହୋଇଥିବା ପୁଲିସକୁ ଖବର ମିଳିବା ପରେ ଚଢ଼ଉ କରାଯାଇଥିଲା।

## ମିନିଟ୍ରକକୁ ଧକ୍କା ଦେଇ ବାଇକ୍‌ଚାଳକ ମୃତ

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୨୬ା୧୧(ସମିସ): ବାଇଗଣବାଡି ଛକଠାରେ ଛିଡା ହୋଇଥିବା ଏକ ମିନିଟ୍ରକକୁ ବାଇକ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଲୋଚାପଡ଼ା ବ୍ୟାଙ୍କ କଲୋନୀ ଅଞ୍ଚଳର କୁମାରଚନ୍ଦ୍ର ବେହେରା ଓରଫ ଜିତୁ(୪୨)। ସଦର ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ମିନିଟ୍ରକକୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ବୁଧବାର ସନ୍ଧ୍ୟାରେ କୁମାରଚନ୍ଦ୍ର ଏକ ବାଇକ ଯୋଗେ ମୋହନାରୁ ବ୍ରହ୍ମପୁର ଫେରୁଥିଲେ। ଦିଗହପହଣ୍ଡି-ବ୍ରହ୍ମପୁର ରାସ୍ତାର ବାଇଗଣବାଡି ଛକରେ ଏକ ମିନି ଟ୍ରକ ରରାସ୍ତା କଡ଼ରେ ପାର୍କିଂ କରିଥିଲା। ଦ୍ରୁତଗତିରେ ଆସୁଥିବା କୁମାରଚନ୍ଦ୍ର ମିନିଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରେଡକ୍ରସ୍ ବଧିର ବିଦ୍ୟାଳୟରେ ଛାତ୍ରଙ୍କୁ ଅତ୍ୟାଚାର ଘଟଣା

# ଆଡ୍‌ହକ୍ ଆଟେଣ୍ଡାଣ୍ଟ ଗିରଫ; ପ୍ରଧାନଶିକ୍ଷକ ନିଲମ୍ବିତ

ବ୍ରହ୍ମପୁର/ଛତ୍ରପୁର,୨୬ା୧୧(ସମିସ)

ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ହେଲେନ୍ କେଲର୍ ରେଡକ୍ରସ୍ ବଧିର ବିଦ୍ୟାଳୟର ଜଣେ ମୂକ/ବଧିର ଛାତ୍ରଙ୍କ ପ୍ରତି ଉକ୍ତ ସ୍କୁଲର ଜଣେ ପରିଚାରିକାଙ୍କ ଦ୍ୱାରା ହୋଇଥିବା ଅତ୍ୟାଚାର ସମ୍ପର୍କରେ ଟ୍ୱିଟରରେ ଏକ ଭିଡିଓ କ୍ଲିପ୍ ଅପଲୋଡ୍ କରାଯାଇଥିଲା। ଯେଉଁଥିରେ ସ୍କୁଲର ଜଣେ ଆଡହକ୍ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତ ପ୍ରାୟ ୧୬ବର୍ଷ ବୟସର ଅଷ୍ଟମ ଶ୍ରେଣୀର ଶ୍ରବଣ/ବାକ୍ ଅକ୍ଷମତା ଥିବା ପ୍ରଭୁ ସାହୁ ନାମକ ଜଣେ ଛାତ୍ରକୁ ଝାଡୁରେ ନିର୍ମମ ଭାବରେ ପିଟିଥିବାର ଦେଖାଯାଇଥିଲା। ଏହି ଭିଡିଓ କ୍ଲିପ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ଓଡ଼ିଶାର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବିଭାଗର କମିଶନର-ତଥା-ସଚିବ, ଆମ୍ବପୁଆର ହେଲେନ୍ କେଲର୍ ରେଡକ୍ରସ୍ ବଧିର ବିଦ୍ୟାଳୟର ସେହି କର୍ମଚାରୀଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଗତ ୨୨ତାରିଖରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିଦ୍ୟାଳୟ ଏବଂ ଘଟଣାସ୍ଥଳର ମଧ୍ୟ ତଦନ୍ତ କରି ସରକାର ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କୁ ତାଙ୍କ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ତଦନୁସାରେ, ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁରର ଉପ-ଜିଲ୍ଲାପାଳ, ଉକ୍ତ ବିଦ୍ୟାଳୟର ଦାୟିତ୍ୱରେ ଥିବା ଅବୈତନିକ ସଂପାଦକଙ୍କୁ ଉକ୍ତ ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୫ତାରିଖରେ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ ଅଧିନରେ ଥିବା ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ ପୀଡିତାଙ୍କୁ ଗୋପାଳପୁର ପୁଲିସ ଷ୍ଟେସନକୁ ନେଇ ଯାଇଥିଲେ। ବଧିର/ମୂକ ଛାତ୍ରଙ୍କୁ ଝାଡୁରେ ନିର୍ମମ ଭାବରେ ପିଟି ଶାରୀରିକ ଆଘାତ ଦେଇଥିବା ହେତୁ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉଙ୍କ ବିରୁଦ୍ଧରେ ଏଫଆଇଆର ଦାଖଲ କରିଥିଲେ। ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ନାୟକଙ୍କୁ ମଧ୍ୟ ଏଫଆଇଆରରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହିକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଆଡ୍-ହକ୍ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତ, ଆଟେଣ୍ଡାଣ୍ଟଙ୍କୁ ବହିଷ୍କାର କରିବା ସହିତ ହେଲେନ୍ କେଲର୍ ରେଡକ୍ରସ୍ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ନାୟକଙ୍କୁ ନିଲମ୍ବନ କରିବାକୁ ବ୍ରହ୍ମପୁରର ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୫ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ଆଟେଣ୍ଡାଣ୍ଟ ଗିରିଶ ରାଜଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ ଯେ, ଆଟେଣ୍ଡାଣ୍ଟ, ଗିରିଶ ରାଜ ରାଉତ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନର ଅନୁମତି ବିନା ୧୪ଜଣ ମୁକ/ବଧିର ଛାତ୍ରଙ୍କୁ ସ୍କୁଲ କ୍ୟାମ୍ପସ ବାହାରେ ଏକ ଅନଧିକୃତ ଭଡା ଘର ଏବଂ ଘରୋଇ ମେସରେ ରଖିଥିଲେ। ଏହି ଦୁର୍ବଳ ପିଲାମାନଙ୍କୁ ପଞ୍ଜିକୃତ ନ ଥିବା ଘରେ ରଖିବା ଅକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ନିର୍ଦ୍ଧାରିତ ନିୟମର ବିରୁଦ୍ଧାଚରଣ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସମ୍ବିଧାନ ଦିବସ



ବ୍ରହ୍ମପୁର,୨୬ା୧୧(ସମିସ): ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ଓ ପାର୍ଟିର ୧୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏ ଅବସରରେ ପାର୍ଟି ପକ୍ଷରୁ "ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ' ଶପଥ ନେଇ ଇଞ୍ଜିନିୟରିଂ ସ୍କୁଲ ଛକ ଓ ଦୀପ ସାହି ନିକଟରେ ଥିବା ଭାରତରତ୍ନ ବାବା ସାହେବ ଡ଼. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରରେ ଗଞ୍ଜାମ ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ରାଉତ, ସମ୍ପାଦକ ଆଦିତ୍ୟ ନାରାୟଣ ରଥ, ଯୁବ ସଭାପତି ନୀଳକଣ୍ଠ ରେ‡ୀ, ଆଇନଜୀବୀ କୈଳାଶ ସେଠୀ, ରିତୁ କୁମାରୀ ସେଠୀ, କୃଷ୍ଣ ବେହେରା, ଶିବା ରେ‡ୀ, ଅଭିମନ୍ୟୁ ଦଳାଇ, ସତ୍ୟପ୍ରକାଶ ସେଠୀ, ସନ୍ତୋଷ ପାତ୍ର, ଶ୍ରୀତମ ବିଶୋଇ, ଶିବ କୁମାର କରାଡେ ଓ ସୁଦର୍ଶନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକ୍ତର ଚନ୍ଦନ ଗନ୍ତାୟତଙ୍କୁ ରାଜ୍ୟସ୍ତରୀୟ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ



ବ୍ରହ୍ମପୁର,୨୬ା୧୧(ସମିସ): ଓଡିଶା ସଂଗୀତ ନାଟକ ଏକାଡେମୀ ତରଫରୁ ସୁଗମ ସଂଗୀତ ବର୍ଗରେ ଭେଷଜ ବିଶେଷଜ୍ଞ ତଥା କଣ୍ଠଶିଳ୍ପୀ ଡା. ଚନ୍ଦନ ଗନ୍ତାୟତ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ୨୦୨୩ ରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆକାଶବାଣୀ କଣ୍ଠଶିଳ୍ପୀ ଡାକ୍ତର ଚନ୍ଦନଙ୍କୁ ସମ୍ମାନିତ କରାଯାଇଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ତଥା ଅଭିନେତା ଆକାଶ ଦାସ, ସଂଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଉପସ୍ଥିତ ରହି ମାନପତ୍ର, ଅଙ୍ଗବସ୍ତ୍ର ଏବଂ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏଇ ସଫଳତା ପାଇଁ ଡାକ୍ତର ଚନ୍ଦନଙ୍କ ପାଇଁ ବିଭିନ୍ନ କଳାକାର ବର୍ଗ ତଥା ବୁଦ୍ଧୀଜୀବି ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ବ୍ରହ୍ମପୁର,୨୬ା୧୧(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଥିବା ବେଳେ




ବୁଧବାର ନୂଆ ବସଷ୍ଟାଣ୍ଡରେ ସଂଗଠିତ ହୋଇ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାର ଗତ ୨୧ତାରିଖରୁ ଦେଶରେ ଶ୍ରମ ଆଇନକୁ ଅକାମୀକରି ଶ୍ରମକୋଡ଼ କାର୍ଯ୍ୟକାରୀ କରିଛନ୍ତି। ଫଳରେ ଶ୍ରମିକମାନେ ମାଲିକ ମାନଙ୍କର ଗୋଡି ଶ୍ରମିକରେ ପରିଣତ ହେଉଥିବା ଏଠାରେ କୁହାଯାଇଛି। ଶତାଧିକ ବର୍ଷ ଧରି ଶ୍ରମିକମାନେ ଲଢେଇ ଫଳରେ ଅର୍ଜନ କରିଥିବା ଅଧିକାର ସରକାର ଅପହରଣ କରିନେଇଥିବା ଅଭିଯୋଗ କରାଯାଇଛି। ଏହା ଦ୍ୱାରା ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ବ୍ୟବସ୍ଥା, ସଂଘ ଗଠନ କରିବା, ଧର୍ମଘଟ କରିବା, ସାମାଜିକ ସୁରକ୍ଷା, ମହିଳା କର୍ମଚାରୀଙ୍କ ନିରାପତ୍ତା ଓ ପେନସନ ଭଳି ଅଧିକାର ଗୁଡିକ ଅକାମୀ ହୋଇଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଚାଷୀ ଫସଲର ଲାଭଜନକ ଦର ନ ମିଳିବାରୁ ପ୍ରତିବର୍ଷ କ୍ଷତି ଭରଣା କରି ନପାରି ପ୍ରାୟ ୧୫ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି। ସରକାର ଚାଷୀ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ବିକ୍ଷୋଭ ବେଳେ ଶ୍ରମିକ ନେତା ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଯୁଧିଷ୍ଠିର ବେହେରା, ହରୀକୃଷ୍ଣ ରେଡ୍ଡୀ, ଗୋପାଳ ପାଣିଗ୍ରାହୀ, ମଧୁସୁଦନ ବେହେରା, ସୁବୋଧ ସାହୁ, ଭାଲ ଷଡ଼ଙ୍ଗୀ, ପ୍ରତାପ ପ୍ରଧାନ, ନୀଳକଣ୍ଠ ଦାସ, ପ୍ରଫୁଲ୍ଲ ଜେନା, କାମଦେବ ପାହାନ, ସୋମନାଥ ବେହେରା ଓ ନିମାଇଁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରକ୍ଷିତ ସ୍ଥାନାନ୍ତରିତ ହେଲା ୫୦ଫୁଟ ଉଚ୍ଚର ଅଶୋକ ବୃକ୍ଷ



ବ୍ରହ୍ମପୁର,୨୬ା୧୧(ସମିସ): ବ୍ରହ୍ମପୁର ସବୁଜ ବାହିନୀ ଏବଂ ମା' ମହୁରୀ କାଳୁଆ ଉନ୍ନୟନ କମିଟି ମିଳିତ ଉଦ୍ୟମରେ ଦୀର୍ଘ ବର୍ଷର ପ୍ରାୟ ୫୦ଫୁଟ ଉଚ୍ଚତା ବିଶିଷ୍ଟ ଅଶୋକ ବୃକ୍ଷ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ କରାଯାଇଛି। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମା' ମହୁରୀ କାଳୁଆ ଦେବୀ ପୀଠ ପରିସରରେ ଏହି ବୃକ୍ଷକୁ ଜେସିବି ଓ କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତରିତ କରାଯାଇଛି। ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟ ଉକ୍ତ ବୃକ୍ଷଟି ପ୍ରତିବନ୍ଧକ ସୃଷ୍ଟି କରିଥିଲା। କିନ୍ତୁ ବୃକ୍ଷ ନକାଟି ଉକ୍ତ ଅଞ୍ଚଳର ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରଯାଇଥିଲା। ବ୍ରହ୍ମପୁର ସବୁଜ ବାହିନୀ ଦ୍ୱାରା ନିଜସ୍ୱ ଉଦ୍ୟମରେ ବୃକ୍ଷକୁ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ଜାରି ରହିଛି। କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ପ୍ରମଦ ଜେନା, ସମ୍ପାଦକ ନିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ କମେଶ୍ୱର ବିଶ୍ୱାଳ, ସଦସ୍ୟ ହରେକୃଷ୍ଣ କୁଠିଆ, କିଶୋର ପାତ୍ରଙ୍କ ସମେତ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଉପ ସଭାପତି ଏ. ପ୍ରକାଶ, ମୁନା ଶତପଥୀ, ପ୍ରବୀଣ ନାୟକ, ପି. ବିନୋଦ, ବାଲାଜୀ ବେହେରା, ରବି ସାହୁ ଓ ସତିଶ୍ ଆଚାରି ପ୍ରମୁଖ ସହଯୋଗ କରିଥଲେ।

## ସହରରେ ବୁଲିଲା ଟିଫା ମେସିନ

ବ୍ରହ୍ମପୁର,୨୬ା୧୧(ସମିସ): ସହରରେ ଅତିଷ୍ଠ କଲେଣି ମଶା। ଜନସାଧାରଣ ସିଧାସଳଖ ବିଇଏମସିର ପରିମଳ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ସେପଟେ ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ମଶାଙ୍କ ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୨ଗୋଟି ଟିଫା ମେସିନ ସମସ୍ତ ୱାର୍ଡରେ ଧୂଆଁ ଛାଡିବାକୁ ନିୟୋଜିତ କରାଯାଇଛି। ୪୨ଟି ୱାର୍ଡ ପାଇଁ ଦୁଇଟି ଟିଫା ମେସିନ ଯଥେଷ୍ଟ ନଥିବା ବେଳେ ପର୍ଯ୍ୟାୟ କ୍ରମେ ବିଭିନ୍ନ ୱାର୍ଡରେ ଟିଫା ମେସିନକୁ ଧୂଆଁ ଛାଡିବା କ୍ଷେତ୍ରରେ ନିୟୋଜିତ କରାଯାଉଛି। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ସେହିଭଳି ନଗରସ୍ତରୀୟ ମେଲେରିଆ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ସହରର ସମସ୍ତ ଡ୍ରେନ ଗୁଡିକରେ ମଶାତେଲ ସିଞ୍ଚନ କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି।

## ମହାମୟୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍ କାର୍ଯ୍ୟକ୍ଷମ ପାଇଁ ପୁଣି ନୋଟିସ

ବ୍ରହ୍ମପୁର,୨୬ା୧୧(ସମିସ): ମହାମୟୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପୁଣି ନୋଟିସ ଜାରି ହୋଇଛି। ମହାବିଦ୍ୟାଳୟର ପ୍ରଥମ କ୍ୟାମ୍ପସ ଗାନ୍ଧୀନଗରରେ ଥିବା ବେଳେ ବିଶ୍ୱବ୍ୟାଙ୍କ ଅନୁଦାନରେ ମିନାକ୍ଷୀ ନଗରରେ ଦ୍ୱିତୀୟ ତଥା ଡିଗ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀ ପାଇଁ ନୂତନ କୋଠା ନିର୍ମାଣ କରାଯାଇଛି। ତେବେ ନୂତନ କୋଠାକୁ ବ୍ୟବହାର ଯୋଗ୍ୟ କରାଯାଉନଥିବାରୁ ବିରକ୍ତି ପ୍ରକାଶ କରି ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନୋଟିସ ଜାରି କରାଯାଇଛି। ଏନେଇ ପୂର୍ବରୁ ବହୁଥର କଲେଜ କର୍ତ୍ତୃପକ୍ଷଙ୍କ ନୋଟିସ ଜାରି କରାଯାଇଥିଲେ ମଧ୍ୟ କ୍ୟାମ୍ପସକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସମ୍ଭବପର ହେଉନଥିବା ଅଧ୍ୟକ୍ଷା ଡଃ ନିବେଦିତା ମହାପାତ୍ର କହିଛନ୍ତି। ବର୍ତ୍ତମାନ ଜାରି ନୋଟିସରେ ନୂତନ କ୍ୟାମ୍ପସରେ ପାନୀୟଜଳର ବ୍ୟବସ୍ଥା ସହିତ କଲେଜର କାର୍ଯ୍ୟାଳୟ ନୂତନ ତଥା ଦ୍ୱିତୀୟ କ୍ୟାମ୍ପସକୁ ସ୍ଥାନାନ୍ତର କରି ପୁରୁଣା କ୍ୟାମ୍ପସରେ ଯୁକ୍ତ ୨ଶ୍ରେଣୀ ଛାତ୍ରୀଙ୍କ ପାଇଁ ଆବଶ୍ୟକ କର୍ମଚାରୀଙ୍କୁ ରଖିବାକୁ କୁହାଯାଇଛି।

## ସମ୍ବିଧାନ ଦିବସ ପାଳନ ସହ ନିଶାମୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୬ା୧୧(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଯୁବ ରେଡ୍ କ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ସହ ନିଶାମୁକ୍ତି ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ, ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଓ ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇ ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ, ନାଗରିକମାନଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ ଅଧିକାରୀ ତଥା ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତ୍ତରଞ୍ଜନ ମହାନ୍ତି ସଂଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ଓ ଡ. ସ୍ନେହାସିନୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ନିଶାମୁକ୍ତି ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ ଓ ଜିଲ୍ଲା ଗୁଇନ୍ଦା ବିଭାଗ ଅଧିକ୍ଷକ ଶ୍ରୁତିକାନ୍ତ ରାଉତ ଯୋଗ ଛାତ୍ରଛାତ୍ରୀଙ୍କୁ ସଚେତ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ପ୍ରାରମ୍ଭରେ ନିଶାମୁକ୍ତି ଅଭିଯାନର ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡ୍ କ୍ରସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର ଅନ୍ୟତମ ଅଧିକାରୀ ଡ. ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ପୂର୍ବତନ ମେୟରର ପିଣ୍ଟୁ ଦାଶଙ୍କ ଗିରଫକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ

ବ୍ରହ୍ମପୁର,୨୬ା୧୧(ସମିସ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପୂର୍ବତନ ମେୟରର ପିଣ୍ଟୁ ଦାଶ ଓ ଅନ୍ୟ ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଦାଖଲ ହୋଇଥିବା ଦୁଇଟି ପିଟିସନ ଉପରେ ଶୁଣାଣି ଶେଷ ହୋଇଛି। ତେବେ ରାୟ ସଂରକ୍ଷିତ ରଖିଛନ୍ତି କୋର୍ଟ। ଗିରଫ ଆଇନଜୀବୀ ମଦନ ଦଳେଇଙ୍କ ଓକିଲ ଆଇନଜୀବୀ ଦୀପକ ପଟ୍ଟନାୟକ ମଙ୍ଗଳବାର ଦିନ କୋର୍ଟରେ ଦାଖଲ କରିଥିବା ଅତିରିକ୍ତ ପିଟିସନ ସହିତ ପିଣ୍ଟୁ ଦାଶଙ୍କ ପତ୍ନୀ ଦାଖଲ କରିଥିବା ସିସିଟିଭି ଫୁଟେଜ ଓ ସତ୍ୟପାଠ ସମ୍ପର୍କିତ ପିଟିସନ ଉପରେ ଶୁଣାଣି ହୋଇଥିଲା। ଆଇନଜୀବୀ ଦୀପକ ପଟ୍ଟନାୟକ ପିଟିସନ ଜରିଆରେ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ, ବୈଦ୍ୟନାଥପୁର ଥାନା ଓ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ ବ୍ୟାରେକର ଅକ୍ଟୋବର ୧୫ ଠାରୁ ୨୨ ପର୍ଯ୍ୟନ୍ତ ୮ ଦିନର ସିସିଟିଭି ଫୁଟେଜ କୋର୍ଟରେ ଦାଖଲ କରିବାକୁ ନିବେଦନ କରିଛନ୍ତି। ମଦନ ଦଳେଇଙ୍କ ଓକିଲ ଦୀପକ ପଟ୍ଟନାୟକ ଦାଖଲ କରିଥିବା ପିଟିସନ ଉପରେ ସରକାରୀ ଓକିଲ ଅଥବା ପୁଲିସ ପକ୍ଷରୁ କୌଣସି ଉତ୍ତର କୋର୍ଟରେ ଦାଖଲ ହୋଇନଥିବା ଜଣାପଡିଛି। ତେବେ ପିଣ୍ଟୁ ଦାଶଙ୍କ ଗିରଫ ଘଟଣାରେ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ ଓ ଜଟିଳ ପରିସ୍ଥିତି। ଅକ୍ଟୋବର ୨୦ତାରିଖରେ ପିଣ୍ଟୁଙ୍କୁ ତାଙ୍କ ବାସଭବନରୁ ଉଠାଇ ଅଣାଯାଇଥିବା ବେଳେ ୨୨ତାରିଖରେ ପୁଲିସ ତାଙ୍କୁ ଗିରଫ ଦର୍ଶାଇଥିବା ଅଭିଯୋଗ ହୋଇଥିଲା। ଅର୍ଥାତ୍ ପିଣ୍ଟୁଙ୍କୁ ବେନିୟମ ଭାବେ ଅଟକ ରଖାଯାଇ ନିର୍ଯାତନା ଦିଆଯାଇଥିବା ତାଙ୍କ ପତ୍ନୀ ଆଶାଲତା ଅଭିଯୋଗ କରିଥିଲେ। ଏହି ପିଟିସନର ଉତ୍ତର ଦେଇ ସରକାରୀ ଓକିଲ କୋର୍ଟରେ ଅବଜେକ୍ସନ ଦାଖଲ କରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯାହାକୁ ନେଇ ବୁଧବାର ହୋଇଥିବା ଶୁଣାଣି ବେଳେ ପ୍ରତିପକ୍ଷ ଓକିଲ ପ୍ରଶ୍ନ ଉଠାଇଥିଲେ।

୨୦ତାରିଖରେ ତଦନ୍ତ ଅଧିକାରୀ ନିଜ ଟିମ ସହ କିଛି ୟୁନିଫର୍ମ ଓ କିଛି ସାଦାପୋଷାକରେ ପିଣ୍ଟୁ ଦାଶଙ୍କ ଘରେ ପହଞ୍ଚିଥିଲେ। ଟିମରେ ମହିଳା ପୁଲିସ ଅଧିକାରୀ ମଧ୍ୟ ସାମିଲ ଥିଲେ। ପୁଲିସ ଟିମ ଭାରତୀୟ ନ୍ୟାୟ ସଂହିତାର ଧାରା ୧୭୯ ଅନୁଯାୟୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପଚରାଉଚରା ପାଇଁ ଏସଡିପିଓ ଟାଉନଙ୍କ କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଥିଲେ। ପିଣ୍ଟୁ ଦାଶ ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଓ ସେଠାରେ ତାଙ୍କୁ ପଚରାଉଚରା କରାଯାଇଥିଲା। ପରେ ତାଙ୍କୁ ସର୍ତ୍ତମୂଳକ ଭାବେ ଘରକୁ ଯିବାକୁ ଦିଆଯାଇଥିଲା ଏବଂ ପରଦିନ ଅର୍ଥାତ୍ ୨୧ତାରିଖରେ ପୁଣି ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତରେ ସହଯୋଗ କରିବାକୁ କୁହାଯାଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନି ପିଣ୍ଟୁ ଦାଶ ୨୨ତାରିଖରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ସେଠାରୁ ତାଙ୍କୁ ପୁଣି ପଚରାଉଚରା କରାଯାଇଥିଲା। ଉକ୍ତ ଦିନ ଅର୍ଥାତ୍ ଅକ୍ଟୋବର ୨୨ତାରିଖରେ ପୁଲିସ ତାଙ୍କୁ ଗିରଫ କରିବା ସହିତ ପୀତବାସ ହତ୍ୟା ମାମଲାରେ ତାଙ୍କର ସମ୍ପୃକ୍ତି ନେଇ ଆବଶ୍ୟକ ସମସ୍ତ ନଥିପତ୍ର ଦର୍ଶାଇଥିଲା। ଏଣୁ ପିଣ୍ଟୁ ଦାଶଙ୍କ କେବେ ମଧ୍ୟ ଆମ୍ବପୁଆ ସ୍ଥିତ ପୁଲିସ ବ୍ୟାରେକରେ ଅଟକ ରଖାଯାଇନାହିଁ କିମ୍ବା ତାଙ୍କୁ ପୁଲିସ ନିର୍ଯାତନା ଦେଇନଥିବା ନେଇ କୋର୍ଟରେ ଲିଖିତ ଉତ୍ତର ରଖିଛନ୍ତି ସରକାରୀ ଓକିଲ। ଅପରପକ୍ଷେ ପିଣ୍ଟୁ ଦାଶଙ୍କ ପକ୍ଷରୁ ଏଭଳି ମିଥ୍ୟା ପିଟିସନ ଦାଖଲ କରି ତଦନ୍ତକାରୀ ଅଧିକାରୀଙ୍କ ଉପରେ ଚାପ ସୃଷ୍ଟି କରି ତଦନ୍ତକୁ ଦିଗହରା କରିବାକୁ ଚେଷ୍ଟା କରାଯାଉଥିବା ନେଇ ଜବାବରେ ଉଲ୍ଲେଖ କରାଯାଇଛି। ଏବଂ ହତ୍ୟା ଭଳି ସଙ୍ଗୀନ ମାମଲାରେ ପିଣ୍ଟୁ ଦାଶଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କର ଜାମିନ ଆବେଦନକୁ ଖାରଜ କରିବାକୁ କୋର୍ଟକୁ ନିବେଦନ କରାଯାଇଛି। ସେପଟେ କିନ୍ତୁ ପୁଲିସ ପକ୍ଷରୁ କୋର୍ଟରେ ପିଣ୍ଟୁ ଦାଶଙ୍କ ଗିରଫ ନେଇ ଦାଖଲ ହୋଇଥିବା ମେମୋ ଅଫ ଆରେଷ୍ଟରେ ପିଣ୍ଟୁ ଦାଶଙ୍କୁ ୨୧ତାରିଖ ଅପରାହ୍ନ ୫ଟା ୨୫ମିନିଟରେ ଗିରଫ କରାଯାଇଥିବା ଦର୍ଶାଯାଇଛି। ଫଳରେ ବର୍ତ୍ତମାନ କୋର୍ଟରେ ଦାଖଲ ହୋଇଥିବା ଉଭୟ ପୁଲିସ ଓ ସରକାରୀ ଓକିଲଙ୍କ ଦସ୍ତାବିଜରେ ପିଣ୍ଟୁ ଦାଶଙ୍କ ଗିରଫ ତାରିଖରେ ତାଳମେଳ ନଥିବା ସ୍ପଷ୍ଟ ହୋଇଛି। ପୁଲିସ ପିଣ୍ଟୁଙ୍କୁ ଅକ୍ଟୋବର ୨୧ତାରିଖ ଅପରାହ୍ନ ୫ଟା ୨୫ମିନିଟରେ ଗିରଫ କରିଥିବା ମେମୋ ଅଫ ଆରେଷ୍ଟରେ ପୁଲିସ ଦର୍ଶାଇଥିବା ବେଳେ ପିଟିସନର ଜବାବ ରଖି ସରକାରୀ ଓକିଲ ଏସଡିଜେଏମଙ୍କ କୋର୍ଟରେ ଦାଖଲ କରିଥିବା ଲିଖିତ ଅବଜେକ୍ସନରେ ପିଣ୍ଟୁ ଦାଶଙ୍କୁ ୨୨ତାରିଖରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଜେରା ପାଇଁ ଆସିଥିବା ବେଳେ ଗିରଫ ହୋଇଥିବା ଉଲ୍ଲେଖ ରହିଛି। ଏଣୁ ପିଣ୍ଟୁଙ୍କ ଗିରଫ ତାରିଖକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ସିସିଟିଭି ଫୁଟେଜରୁ ସବୁ କିଛି ସ୍ପଷ୍ଟ ହେବ ଓ ଦ୍ୱନ୍ଦ୍ୱ ଦୂର ହେବ ବୋଲି କହିଛନ୍ତି ପିଣ୍ଟୁ ଦାଶଙ୍କ ଓକିଲ କୈଳାସ ପଣ୍ଡା।

ଏଥି ସହିତ ୨୦ତାରିଖ ପରେ ୨୧ତାରିଖରେ ପିଣ୍ଟୁଙ୍କୁ ଏସଡିପିଓଙ୍କ କାର୍ଯ୍ୟାଳୟକୁ ପୁଲିସ କହିଥିବା ବେଳେ ଯଦି ପିଣ୍ଟୁ ୨୧ତାରିଖରେ ଜେରା ପାଇଁ ଗଲେ ନାହିଁ ଏବଂ ୨୨ତାରିଖରେ ଅର୍ଥାତ୍ ଦିନକ ପରେ ଗଲେ ପୁଲିସ ତାଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଅଥବା ନୋଟିସ ଜାରି କରିଛି କି ବୋଲି ପାଲଟା ପ୍ରଶ୍ନ କରିଛନ୍ତି ପିଣ୍ଟୁଙ୍କ ଓକିଲ। ପିଟିସନର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିବା ବେଳେ କୋର୍ଟଙ୍କ ରାୟ କଣ ଆସୁଛି ତାକୁ ନେଇ ରହିଛି ସମସ୍ତଙ୍କ ନଜର।


**ଭୁଲ୍ ତଥ୍ୟ ଦେଇ କୋର୍ଟକୁ ଭ୍ରମିତ କରୁଛି କି ପୁଲିସ?**

**ସିସିଟିଭି ଦାଖଲ ଓ ବେଆଇନ ଅଟକ ସମ୍ପର୍କିତ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ**

# ଶ୍ରୀକ୍ଷେତ୍ର ସିଟି

୨୬/୧୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୦,୬୫୬/- ସୁନା: ୦୬.୪୦୦ ଗ୍ରାମ୍ ରୁପା: ୩୨.୨୦୦ ଗ୍ରାମ୍





● 'ଅପରେସନ ଚକ୍ର'ରେ ପୁଲିସକୁ ସଫଳତା

## ୩ ମାସରେ ୧୪୨ ନାବାଳିକା ଓ ଯୁବତୀ ଉଦ୍ଧାର

ପୁରୀ,୨୬।୧୧(ସମିସ): ପୁରୀ ପୁଲିସ ପକ୍ଷରୁ ଚାଲିଥିବା ଅପରେସନ ଚକ୍ରରେ ହଜିଯାଇଥିବା ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରିବାରେ ସଫଳତା ମିଳିଛି। ଏସ୍‌ପି ପ୍ରତୀକ୍ ସିଂ ସମଗ୍ର ଜିଲ୍ଲାରେ ଅପରେସନ ଚକ୍ର ଅଭିଯାନ ଆରମ୍ଭ କରି ହଜିଯାଇଥିବା ନାବାଳିକା ବା ଯୁବତୀଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଆଇଆଇସି ଓ ଓଆଇସିଙ୍କ ଦୃଢ଼ ପଦକ୍ଷେପ ଯୋଗୁଁ ଏଥିରେ ସଫଳତା ମିଳିଛି। ବୁଧବାର ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁର ଥାନା ପକ୍ଷରୁ ଜଣେ ଲେଖାଏଁ ନାବାଳିକାକୁ ଉଦ୍ଧାର କରାଯାଇଥିବା ବେଳେ ସତ୍ୟବାଦୀ ଥାନା ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଏଥିସହ ଗତ ୩ ମାସରେ ଅପରେସନ ଚକ୍ର ଅଭିଯାନରେ ଜିଲ୍ଲାରେ ମୋଟ ୧୪୨ ଜଣ ନାବାଳିକା ଓ ଯୁବତୀ ଉଦ୍ଧାର ହୋଇଛନ୍ତି। ଏଥିରେ ୬୨ ଜଣ ନାବାଳିକା ଓ ୮୦ ଜଣ ଯୁବତୀ ରହିଛନ୍ତି। ଉଦ୍ଧାର ନାବାଳିକାଙ୍କ ମଧ୍ୟରେ ସିଟି ସବ୍‌ଡିଭିଜନରେ ୧୭ ଜଣ, ସଦର ସବ୍‌ଡିଭିଜନରେ ୧୫ ଜଣ, ନିମାପଡ଼ା ସବ୍‌ଡିଭିଜନରେ ୧୨ ଜଣ ଏବଂ ପିପିଲି ସବ୍ ଡିଭିଜନରେ ୧୮ ଜଣ ରହିଛନ୍ତି। ସେହିପରି ଉଦ୍ଧାର ଯୁବତୀଙ୍କ ମଧ୍ୟରେ ସିଟି ସବ୍‌ଡିଭିଜନରେ ୩୧ ଜଣ, ସଦର ସବ୍‌ଡିଭିଜନରେ ୮ ଜଣ, ନିମାପଡ଼ା ସବ୍‌ଡିଭିଜନରେ ୧୯ ଜଣ ଏବଂ ପିପିଲି ସବ୍‌ଡିଭିଜନରେ ୨୨ ଜଣ ରହିଛନ୍ତି।

## ୧୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ପୁରୀ,୨୬।୧୧(ସମିସ): ବ୍ରାଉନ୍‌ସୁଗର ବିକ୍ରି ଅଭିଯୋଗରେ ଟାଉନ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନାଟମଣ୍ଡପ ସାହିର ଜ୍ୟୋତିରଞ୍ଜନ ଶତପଥୀ। ତା' ନିକଟରୁ ୧୬.୦୭ ଗ୍ରାମ୍ ବ୍ରାଉନ୍‌ସୁଗର, ନଗଦ ୧୩ ହଜାର ୬୦୦ ଟଙ୍କା, ଗୋଟିଏ ବାଇକ୍ ଏବଂ ୨ଟି ମୋବାଇଲ୍ ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଜ୍ୟୋତିରଞ୍ଜନ ବୁଧବାର ପୂର୍ବାହ୍ଣ ପ୍ରାୟ ୧୦ଟା ୧୫ ସମୟରେ ଜଗତ ପ୍ରତିହାରୀ ଜାଗା ପାଖରେ କିଛି ଯୁବକଙ୍କୁ ବ୍ରାଉନ୍‌ସୁଗର ବିକ୍ରି କରୁଥିଲା। ବିଶେଷ ସୂତ୍ରରୁ ଏହି ଖବର ପାଇବା ପରେ ଟାଉନ ଥାନାର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ତାକୁ ଧରିବାରେ ସଫଳ ହୋଇଛି। ତାକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ତେବେ ସେ ପୂର୍ବରୁ ମଧ୍ୟ ଏହି ବ୍ରାଉନ୍‌ସୁଗର ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲା।

## ବେଆଇନ ବାଣ ତିଆରି; ଜଣେ ଗିରଫ

ପୁରୀ,୨୬।୧୧(ସମିସ): ଘରେ ବେଆଇନ ବାଣ ତିଆରି ଅଭିଯୋଗରେ ଚନ୍ଦନପୁର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭିକାରୀପଡ଼ାର ଦୁଃଶାସନ ପାତ୍ର। ଅଭିଯୁକ୍ତ ତାଙ୍କ ଘରେ ବେଆଇନ ଭାବେ ବାଣ ତିଆରି କରୁଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସ୍‌ଆଇ ଜୟଦେବ ମହାପାତ୍ର ଓ ଅନ୍ୟ କର୍ମଚାରୀ ଚାଳିଶିବାଟିଆ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବାବେଳେ ଦୁଃଶାସନ ବେଆଇନ ବାଣ ତିଆରି କରୁଥିବା ଖବର ପାଇଥିଲେ। ସଙ୍ଗେ ସଙ୍ଗେ ପାଟ୍ରୋଲିଂ କର୍ମଚାରୀ ତାଙ୍କ



ଘରେ ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ପୁଲିସ ପ୍ରାୟ ୧ କେଜି ବାରୁଦ, ୩୧ଟି କୁମ୍ପି, ୯ଟି ସ୍କାଏ ସର୍ଟ, ୭୫ଟି କ୍ରାକର ବମ୍ ଆଦି ଜବତ କରିଥିଲା। ବାଣ ତିଆରି ନେଇ ଦୁଃଶାସନକୁ ପୁଲିସ ଲାଇସେନ୍ସ ମାଗିଥିଲେ ହେଁ ସେ ଦେଇପାରି ନ ଥିଲେ। ତେଣୁ ବେଆଇନ ବାଣ ତିଆରି ଅଭିଯୋଗରେ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୨୬୬/୨୫) ରୁଜୁ କରାଯାଇ ତାକୁ କୋର୍ଟଚାଲାଣ କରାଯାଇଛି।

## ବିନା ଅନୁମତିରେ ବାଜୁଥିବା ୩ ଡିଜେ ଜବତ

ପୁରୀ,୨୬।୧୧(ସମିସ): ଏବେ ଚାଲିଛି ବିବାହ ସିଜିନ୍। ତେଣୁ ପୁରୀ ସହରରେ ବିନା ଅନୁମତିରେ ବେଆଇନ ଭାବେ ବହୁଳ ମାତ୍ରାରେ ଡିଜେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ସାଙ୍ଗକୁ ସହରବାସୀ ଅତିଷ୍ଠ ହୋଇପଡୁଛନ୍ତି। ତେବେ ବୁଧବାର ଟାଉନ ଥାନା ପୁଲିସ ୩ଟି ଡିଜେ ଗାଡ଼ି ଜବତ କରିଛି। ଏମାନଙ୍କ ପାଖରେ ଅନୁମତିପତ୍ର ନ ଥିବାବେଳେ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦ କରି ଯାଉଥିଲେ। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ହେଉଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଟାଉନ ପୁଲିସ କଚେରୀ ରୋଡ୍‌ରୁ ଗୋଟିଏ ଏବଂ ମରିଚିକୋଟ ଛକରୁ ୨ଟି ଏହିପରି ମୋଟ ୩ଟି ଡିଜେ ଜବତ କରିଛି। ସୂଚନାଯୋଗ୍ୟ ଯେ, ବିଭିନ୍ନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ଯୋଗୁଁ ବୟସ୍କ, ରୋଗୀ ଓ ଶିଶୁମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥିପାଇଁ ଡିଜେ ଉପରେ ରୋକ୍ ଲଗାଯାଇଛି। ମାତ୍ର ଏହି କଟକଣାକୁ ଅନେକ ନ ମାନି ବହୁଳ ମାତ୍ରାରେ ଉଚ୍ଚ ଶବ୍ଦରେ ବେଆଇନ ଭାବେ ଡିଜେ ବ୍ୟବହାର କରୁଛନ୍ତି।

### ଜିଲ୍ଲାସ୍ତରୀୟ ଖରିଫ୍ ଧାନ ସଂଗ୍ରହ କମିଟି ବୈଠକ

# ଜାନୁଆରୀ ୧୫ରୁ ଖୋଲିବ ମଣ୍ଡି

ପୁରୀ,୨୬।୧୧(ସମିସ)



ପୁରୀ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ବୁଧବାର ସର୍କିଟ୍ ହାଉସ୍‌ଠାରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ଚଳିତବର୍ଷ ଧାନ ସଂଗ୍ରହ ଯେପରି ଶୃଙ୍ଖଳିତ ଓ ଚାଷୀମାନଙ୍କ ପାଇଁ ସୁଗମ ହେବ ସେଥିପ୍ରତି ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଧାନ ସଂଗ୍ରହ କ୍ଷେତ୍ରରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ଆସନ୍ତା ଜାନୁଆରୀ ୧୫ ତାରିଖଠାରୁ ଧାନ କିଣାଯିବା ନେଇ ବୈଠକରେ ସ୍ଥିର କରାଯାଇଛି।

ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜିଲ୍ଲାର ଚାଷୀମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସୁଚାରୁ ରୂପେ ମଣ୍ଡିରୁ ଧାନ ଉଠେ, ଚାଷୀମାନଙ୍କ ପାଇଁ ମଣ୍ଡିରେ ସମସ୍ତ ସୁବିଧା ରୁହେ ଏ ସବୁ ପ୍ରତି ସମ୍ପୃକ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ। ଚାଷୀମାନଙ୍କ ସୁବିଧା ପାଇଁ ଜିଲ୍ଲାର ସବୁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ମିଲରମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪-୫ଟି ମଣ୍ଡି ପାଇଁ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀ ନିୟୋଜିତ ହେବେ। ପ୍ରତି ସପ୍ତାହରେ ସେମାନେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବେ। ଧାନର ମାନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ୨୦୦ ଲେଖାଏଁ ଚାଷୀଙ୍କୁ ନେଇ ଗ୍ରୁପ୍ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଚଳିତବର୍ଷ ଏଫ୍‌ଏକ୍ୟୁ ମାନ ଧାନର କ୍ୱିଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ୍ ଏ' ଧାନର ମୂଲ୍ୟ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଘୋଷଣା କରିଥିବା ୭୩୧ ଟଙ୍କା ଇନ୍‌ପୁଟ ସହାୟତା ଚାଷୀ ପାଇବେ। ଧାନ ଦେବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଡିବିଟି ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରାଯିବ।

ଜିଲ୍ଲାର ଖରିଫ୍ ଧାନ ନିମନ୍ତେ ୫୯ ହଜାର ୯୯୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାରେ ୧୯୬ଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ ହେବ। ଏଥିରେ ୧୯୨ ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବାବେଳେ ୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ।

### ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ଚଳିତବର୍ଷ ଜିଲ୍ଲାରେ ୧ ଲକ୍ଷ ୨୦ ହଜାର ୪୦୦ ମେଟ୍ରିକ୍ ଟନ୍ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଆର୍‌ଏମ୍‌ସି ପକ୍ଷରୁ ସମସ୍ତ ମଣ୍ଡି ଓ ଯନ୍ତ୍ରପାତିଗୁଡ଼ିକର ଆବଶ୍ୟକୀୟ ମରାମତି, ସମ୍ପୂର୍ଣ୍ଣ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଜନପ୍ରତିନିଧିଙ୍କ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ ଓ ସେମାନଙ୍କ ପ୍ରତିନିଧି, ପାକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡିଆର୍‌ସିଏସ୍ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଓ ରୂପଶ୍ରୀ ମହାପାତ୍ରଙ୍କୁ ଏକାଡେମୀ ପୁରସ୍କାର

ପୁରୀ,୨୬।୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ମାହାରୀ ନୃତ୍ୟ ପାଇଁ ବିଶିଷ୍ଟ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଆୟୋଜିତ ଏକାଡେମୀର ପୁରସ୍କାର ଉତ୍ସବରେ ୮୮ ବର୍ଷ ଧରି ସଂଗ୍ରାମ ଓ ସଂଘର୍ଷ କରି ବଞ୍ଚି ରହିଥିବା ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଶ୍ରେଷ୍ଠ ନାଟ୍ୟ ଅନୁଷ୍ଠାନ ଏବଂ ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ଦାଶଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କୃତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ, ପୁରୀ ଜିଲ୍ଲାପାଳ, ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଓ ସମସ୍ତ ସଦସ୍ୟଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହିତ ପୁରୀ ଜିଲ୍ଲାର ବିଶିଷ୍ଟ ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ, ମଞ୍ଚକଳା ଶିଳ୍ପୀ ବସନ୍ତ ମହାନ୍ତି, ବାଦ୍ୟ ଶିଳ୍ପୀ କୁଳମଣି ବିଶ୍ୱାଳ ପ୍ରମୁଖ ଏକାଡେମୀ ପୁରସ୍କାର ପାଇଛନ୍ତି। ଏଥିରେ ପୁରସ୍କାର ପାଇଥିବା ସମସ୍ତ ପ୍ରତିଭାଙ୍କୁ ସଦସ୍ୟ ଶ୍ରୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## କୁରାଳ ପଞ୍ଚମୀ ପର୍ବ: ଠାକୁରଙ୍କ ପାଖରେ ପିଠା ଭୋଗ

ପୁରୀ,୨୬।୧୧(ସମିସ): କୁରାଳ ପଞ୍ଚମୀ ପର୍ବର ଦ୍ୱିତୀୟ ଦିବସରେ ବୁଧବାର କୁମ୍ଭକାର ସମ୍ପ୍ରଦାୟଙ୍କ ଇଷ୍ଟଦେବତା ରୁଦ୍ରପାଳ ଏବଂ ରତ୍ନେଶ୍ୱରୀଙ୍କ ନିକଟରେ ପିଠା ଭୋଗ ହୋଇଛି। ପରମ୍ପରା ମୁତାବକ, ସକାଳୁ ଅଛଡ଼ା ଲିଆ ଶାଳଘରେ ବିଛା ଯାଇଥିଲା। ଏହାପରେ ଠାକୁରମାନଙ୍କୁ ଘୋଡ଼ଲାଗି କରାଯାଇଥିଲା। ପରେ ଅତ୍ୟନ୍ତ ଶୁଦ୍ଧପୁତ ଭାବେ କୁମ୍ଭକାର ଘରର ମହିଳାମାନେ ବ୍ୟଞ୍ଜନ ସହିତ ନାନାଦି ପ୍ରକାରର ପିଠା ପ୍ରସ୍ତୁତ କରିଥିଲେ। ଆରିସା, କାକରା, ମଣ୍ଡା, ଏଣ୍ଡୁରି, ଇଟିଲି, ବିରି ପିଠା, ଖଜା, ଗଜା ଇତ୍ୟାଦି ଠାକୁରଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ହୋମ କରାଯାଇ ସାର୍ବଜନୀନ ପୂଜାମଣ୍ଡପମାନଙ୍କରେ ଏହି ପିଠା ଲାଗି କରାଯାଇଥିବା କୁମ୍ଭକାର ନିଯୋଗର ମହେନ୍ଦ୍ର ବିଶୋଇ କହିଛନ୍ତି।

### ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ପ୍ରସଙ୍ଗ

## ୭ରେ ଶୋଭାଯାତ୍ରା ଓ ପ୍ରତିବାଦ ସଭା



ପୁରୀ,୨୬।୧୧(ସମିସ): ସ୍ଥାନୀୟ ସାଲବେଗ ପୀଠରେ ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚର ଦ୍ୱିତୀୟ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖ ଅପରାହ୍ଣ ୪ଟାରେ ଗୁଣ୍ଡିଚା ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମାର୍କେଟ୍ ଛକ ନିକଟରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ପୁରୀର ସମସ୍ତ ଜାଗା ଆଖଡ଼ାର କର୍ମକର୍ତ୍ତା, ଅଧିବକ୍ତା, ସେବାୟତ, ସମସ୍ତ ସାମାଜିକ ଓ ସାଂସ୍କୃତିକ ସଂଗଠନ ସାମିଲ୍ ହେବେ। ଏଥିପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିସହିତ ପୁରୀର ସାଂସଦ ଓ ବିଧାୟକଙ୍କ ସମେତ ସମସ୍ତ ବର୍ତ୍ତମାନ ଓ ପୂର୍ବତନ ଲୋକ ପ୍ରତିନିଧିଙ୍କୁ ଆସନ୍ତା ପ୍ରତିବାଦ ସଭାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ। ଏତଦ୍‌ବ୍ୟତୀତ ଆସନ୍ତା ୩୦ ତାରିଖରେ ସବୁ ଜାଗା ଆଖଡ଼ାର କର୍ମକର୍ତ୍ତା, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ।

ଛତିଶାନିଯୋଗର ସମସ୍ତ ସଭାପତି, ସମ୍ପାଦକ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ଆସନ୍ତା ୭ ତାରିଖ ପ୍ରତିବାଦ ସଭାକୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ଯେଉଁମାନେ କି ଆଗାମୀ ଦିନରେ ଏହି ଶୋଭାଯାତ୍ରାକୁ ଓ ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ଅହରହ ଉଦ୍ୟମ କରିବେ। ପୁରୀବାସୀଙ୍କ ଅବଗତି ନିମନ୍ତେ ପୁରୀ ସହରରେ ଅଟୋ ବୁଲାଇ ପ୍ରଚାରପ୍ରସାର କରାଯିବ ଓ ବିଭିନ୍ନ ଖବରକାଗଜରେ ପ୍ରଚାରପତ୍ର ପଠାଯାଇ ୭ ତାରିଖ କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ନିବେଦନ କରାଯିବ ବୋଲି ସ୍ଥିର ହୋଇଛି।

## ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ କର୍ମଶାଳା

ପୁରୀ,୨୬।୧୧(ସମିସ): ନିରନ୍ତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୭ଟି ଲକ୍ଷ୍ୟ ବା ଗୋଲ୍ ଧାର୍ଯ୍ୟ କରାଯାଇଛି। ଏହାକୁ ସଫଳ କରିବା ଓ ସମସ୍ତଙ୍କୁ ଏହି ଲକ୍ଷ୍ୟରେ ସାମିଲ୍ କରିବା ଆବଶ୍ୟକ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ



ପୃଷ୍ଟି। ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପୃଷ୍ଟି ଆସନ୍ତାକାଲିର ଭାରତ ବର୍ଷକୁ ବିକଶିତ କରିବା ଲକ୍ଷ୍ୟରେ ଧାର୍ଯ୍ୟ କରାଯାଇଥିବା ଏହି ଲକ୍ଷ୍ୟକୁ ପୂରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବିଭାଗ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ସହ ସେମାନଙ୍କ ଯୋଜନାଗୁଡ଼ିକ ଯେପରି ସାଧାରଣ ଲୋକଙ୍କ ଜୀବନ ଧାରଣରେ ଉନ୍ନତି କରିପାରିବ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଷୟ ବିଷାରଦ ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ା ଓ ଏସ୍‌ସିଏସ୍ କଲେଜର ସହକାରୀ ପ୍ରଫେସର ଡ. ପ୍ରମୋଦ କୁମାର ତ୍ରିପାଠୀ ଯୋଗଦେଇ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ବିକଶିତ ଭାରତ ଗଠନ ସମ୍ପର୍କରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲ୍‌ଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମହେଶ ପ୍ରସାଦ ମିଶ୍ର, ରାମଚନ୍ଦ୍ର ଟୁଡୁ, ଅର୍ଥ ବିଶେଷଜ୍ଞ ବିଶ୍ୱରଞ୍ଜନ ଜେନା, କ୍ଷୁଦ୍ର ଯୋଜନା ଏବଂ ଜୀବିକା ବିଶେଷଜ୍ଞ ସନ୍ଧ୍ୟାରାଣୀ ଦାଶ ଓ ଅର୍ଥନୀତିଜ୍ଞ ସୋନାଲିଜା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବିଧାନ ପ୍ରତିଷ୍ଠା ଦିବସ ପାଳିତ

ପୁରୀ,୨୬।୧୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବିଧାନ ପ୍ରତିଷ୍ଠା ଦିବସ ପରିସରସ୍ଥ ଜୟଦେବ ସଭାଗାରରେ ପାଳିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟର ଏଲ୍‌ଏଲ୍‌ଏମ୍ ବିଭାଗର ବିଭାଗ ମୁଖ୍ୟ ଡ. ଲୋକନାଥ ସୁଆର ଉପସ୍ଥିତ ରହି ସମ୍ବିଧାନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଲଳିତ କୁମାର ସାହୁ ଯୋଗଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା। ଡ. ଓମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ବିଶ୍ୱନାଥ ମିଶ୍ର।

### ଜିଲ୍ଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ ପାଳିତ

# ସମ୍ବିଧାନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନର ଅପଚେଷ୍ଟା ହେଉଛି

ପୁରୀ,୨୬।୧୧(ସମିସ)




ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗାନ୍ଧୀ ସ୍ମୃତି ପୀଠରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉତ୍ତମ ଆଚାର୍ଯ୍ୟ କହିଥିଲେ, ଆଜି ସରକାର ନିଜ ରାଜନୈତିକ ସ୍ୱାର୍ଥସାଧନ ପାଇଁ ଦେଶର ସମ୍ବିଧାନ ବାରମ୍ବାର ସଂଶୋଧନ କରୁଥିବାବେଳେ ସମ୍ବିଧାନ ସମ୍ପୂର୍ଣ୍ଣ ପରିବର୍ତ୍ତନର ଅପଚେଷ୍ଟା କରୁଛନ୍ତି।

ବରିଷ୍ଠ ଅଧିବକ୍ତା ବୈଦ୍ୟନାଥ ପାଣି ମହାତ୍ମା ଗାନ୍ଧୀଙ୍କ ଦେଶ ଏ ଜାତି ପ୍ରତି ନିଜର ବଳିଦାନ ସମ୍ପର୍କରେ ଆଲୋକପାତ କରିବା ସହିତ କଂଗ୍ରେସ ସେବା ଦଳର ସ୍ୱାଧୀନତା ପୂର୍ବର ଭୂମିକା ବର୍ଣ୍ଣନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର ଗୋପବନ୍ଧୁ ଦାସଙ୍କ ଉକ୍ତି "ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ତା'ର ପ୍ରତି ରକ୍ତ ବିନ୍ଦୁ' ଉକ୍ତିରୁ ଆରମ୍ଭ କରି ଆଜି ନକଲି ହିନ୍ଦୁତ୍ୱର ନାରାବାଜି ଚାଲିଛି, ଯାହା ଆମ ସମ୍ବିଧାନ ପ୍ରତି ବିପଦ ବୋଲି ଦର୍ଶାଇଥିଲେ।

ଶେଷରେ ଗାନ୍ଧୀବାଦୀ ଲେଖକ ବରିଷ୍ଠ ଅଧିବକ୍ତା ଗୌରାଙ୍ଗ ଚରଣ ପରିଡ଼ା ସମ୍ବିଧାନ ପ୍ରଣୟନ ସଭାରେ ପୁରୀର ପୂର୍ବତନ ସାଂସଦ ଲୋକନାଥ ମିଶ୍ର (ଯାହାଙ୍କୁ ପଙ୍କ ବାବୁ ବୋଲି ଶ୍ରଦ୍ଧାରେ ସମସ୍ତେ ଡାକନ୍ତି)ଙ୍କର ଦସ୍ତଖତ ମଧ୍ୟ ସମ୍ବିଧାନ ମୂଳ ଲିପିରେ ଥିବା ସୂଚନା ଦେବା ସହ ପଙ୍କ ବାବୁ ମଧ୍ୟ ଧର୍ମନିରପେକ୍ଷ ସମ୍ବିଧାନ ଗଠନ ପ୍ରସ୍ତାବ ଦେଇଥିଲେ। ସେହିପରି ଭାରତକୁ ଦୀର୍ଘ ବର୍ଷ ଶାସନ କରୁଥିବା ଇଂଲଣ୍ଡ ଭଳି ୟୁରୋପୀୟ ଦେଶର ଆଜିପର୍ଯ୍ୟନ୍ତ ନିଜର ଲିଖିତ ସମ୍ବିଧାନ ନ ଥିବା କହିଥିଲେ ଏବଂ ଆମେରିକା ସମ୍ବିଧାନରେ ମାତ୍ର ୭ଟି ଧାରା ଥିବାବେଳେ ଭାରତୀୟ ସମ୍ବିଧାନର ମହାନତା ବିଷୟରେ ଉଲ୍ଲେଖ କରିଥିଲେ। ସରକାରୀ ଦଳର ହ୍ୱାଟ୍ସଆପ୍ ୟୁନିଭର୍ସିଟିର ମିଥ୍ୟା ପ୍ରଚାରରେ କିପରି କିଛି ଅନ୍ଧ ଭକ୍ତ ଆଜି ପାଗଳ ହୋଇଛନ୍ତି ସେଥିରେ ଦୁଃଖ ପ୍ରକାଶ କରିଥିଲେ।

**ନକଲି ହିନ୍ଦୁତ୍ୱର ନାରାବାଜି ଆମ ସମ୍ବିଧାନ ପ୍ରତି ବିପଦ**

ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ଉମାକାନ୍ତ ବରାଳ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ଆଶୁତୋଷ ମିଶ୍ର, ଉମାକାନ୍ତ ବେହେରା, ଅମିୟ କୁମାର ଦାସ, ସୌମ୍ୟକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଜିବେଶ ରଥ, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୨୬।୧୧(ସମିସ): କେବଳ ପର୍ଯ୍ୟଟନର ବିକାଶ ନୁହେଁ, ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ପୁରୀର ହୋଟେଲ ଶିଳ୍ପ ରକ୍ତଦାନ ଶିବିର କରିବା ଏକ ଆବଶ୍ୟକତା ବୋଲି କହିଛନ୍ତି ଶତକ ରକ୍ତଦାତା ବଦ୍ରି ମିଶ୍ର। ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ମହାନ୍ତିଙ୍କ ଦିଗ୍‌ଦର୍ଶନରେ ହୋଟେଲ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ମିଶ୍ର ରକ୍ତଦାନ ତାଙ୍କୁ ନିରୋଗ ରଖିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉପସଭାପତି ସନ୍ତୋଷ ନାୟକ, ସାଧାରଣ ପରିଚାଳକ ଉପେନ୍ଦ୍ର ସାନଭାଗ୍ ଓ ମାନବ ସମ୍ବଳ ବିଭାଗର ନୃସିଂହ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅଧିବକ୍ତା କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

## ଡିଏମ୍ ପବ୍ଲିକ୍ ସ୍କୁଲର ନୂତନ କ୍ୟାମ୍ପସ୍ ଉଦ୍‌ଘାଟିତ

ପୁରୀ,୨୬।୧୧(ସମିସ): ଶିଶୁ ଶିକ୍ଷାନୁଷ୍ଠାନ ଡିଏମ୍ ପବ୍ଲିକ୍ ସ୍କୁଲର ନୂତନ କ୍ୟାମ୍ପସ୍ ପ୍ରବେଶ ଉତ୍ସବ ଦଣ୍ଡତୋଟାସ୍ଥିତ ମହାବୀର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବରେନ୍ ଚନ୍ଦ୍ର ପଟ୍ଟନାୟକ, କ୍ଲବ୍‌ର ସାଧାରଣ ସମ୍ପାଦକ ରଘୁନାଥ ଜଗଦ୍ଦେବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଷ୍ଠା ଓ ପରିଶ୍ରମ ହେଉଛି ସଫଳତାର ଚାବିକାଠି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୌର ସଦସ୍ୟ ପ୍ରୀତମ୍ ଜଗଦ୍ଦେବ, ସଂଗଠକ ଶଚିକାନ୍ତ ମିଶ୍ର, ଜିତେନ୍ଦ୍ର ନାଥ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସଂଘମିତ୍ରା ଶତପଥୀ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶକ ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ ଆଦି ପରିବେଷିତ ହୋଇଥିଲା।



# ବିଜେଡି ପକ୍ଷରୁ ବୀରେନ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୨୬।୧୧(ସମିସ): ଓଡ଼ିଶା ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ରଙ୍କ ଜୟନ୍ତୀ ଅବସରରେ ଜୟଦେବ ବିହାରଠାରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ବରପୁତ୍ରଙ୍କ ଉପରେ ଭାଗବତ ପ୍ରସାଦ ଦାସ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଜିଲ୍ଲା ଉପସଭାପତି ଅଧିବକ୍ତା ସୁଧାଂଶୁ ତ୍ରିପାଠୀ, ପ୍ରଧାପକ ରଙ୍ଗାଧର ସାହୁ, ଜମ୍ବେଶ୍ୱର ବିଶ୍ୱାଳ, ସମାଜସେବୀ ମନୋରଞ୍ଜନ ମହାନ୍ତି, ସୁରଜିତ ପରିଡା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଦେଇଥିଲେ।

# ଡିଏଭି ୟୁନିଟ୍-୮ ରେ ଛାୟା ସଂସଦ ଅଧିବେଶନ



ଭୁବନେଶ୍ୱର, ୨୬।୧୧(ସମିସ): ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ ପରିସରରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକ ଛାୟା ସଂସଦ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ନୂତନ ଶିକ୍ଷା ପ୍ରଣାଳୀ ୨୦୨୦, ଅପରେସନ ସିନ୍ଦୂର ଆଦି ବିଷୟ ଭିତ୍ତିରେ ଶାସକ ଓ ବିପକ୍ଷ ଦଳ ଭାବେ ଅଂଶଗ୍ରହଣ କରି ତର୍କବିତର୍କ ମାଧ୍ୟମରେ ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଷମ କଟକ ବିଧାୟକ ନୀଳମାଧବ ହିକାକା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ଏକତାକୁ ଭୂୟସୀ ପ୍ରଶଂସା କରିବା ସହିତ ନୂତନ ପିଢ଼ି ଯଦି ସମ୍ବିଧାନର ମୂଳମନ୍ତ୍ରକୁ ବୁଝିବେ ତେବେ ଦେଶର ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ବିଧାନ ସମ୍ପର୍କୀୟ ସ୍ଲୋଗାନ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରତିଭାଶୀଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଈପ୍ସିତା ଦାସ ସମ୍ବିଧାନର ମୂଲ୍ୟବୋଧକୁ ବୁଝି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ବିକଶିତ ଭାରତ ଗଢ଼ି ତୋଳିବାକୁ ଯୁବସମାଜକୁ ଆହ୍ୱାନ ଦେଇଥିଲେ।

# ମହିଳା ମହାବିଦ୍ୟାଳୟରେ 'ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ'

ଭୁବନେଶ୍ୱର, ୨୬।୧୧(ସମିସ): ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟରେ 'ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତ ବାର୍ଷିକ' ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନିହାରିକା ଦାସଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସହ ସଙ୍ଗୀତ ସମବେତ ଗାନ କରାଯାଇଥିଲା। ଏହି ଉତ୍ସବରେ ଡ. ମୃଣ୍ମୟୀ ରଥ, ଅଧ୍ୟାପିକା ଡ. ରଶ୍ମିତା ପରିଡା, ଡ. ଆରୁଣି ମିଶ୍ର, ଡ. ସ୍ନିଗ୍ଧା ସମଦର୍ଶିନୀ, ଡ.ମୌସୁମୀ ମଧୁସ୍ମିତା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ତରୁଣ କୁମାର ନାୟକ, ଜଟାଧାରୀ ସ୍ୱାଇଁ, ପ୍ରଭାତ ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ଅନିତା କୁମାରୀ ଜେନା, ଜାନକୀ ସୋରେନ ସହଯୋଗ କରିଥିଲେ।



ଏହି ଉତ୍ସବରେ ମହାବିଦ୍ୟାଳୟର ବହୁ ପ୍ରାକ୍ତନ ଅବସରପ୍ରାପ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଶ୍ରୀ ସତ୍ୟସାଇ ବାବାଙ୍କ ଶ୍ରଦ୍ଧାଳୁ ଭକ୍ତବୃନ୍ଦ, ମହାବିଦ୍ୟାଳୟର ସମସ୍ତ ହିତାକାଂକ୍ଷୀ ଯୋଗଦେଇଥିଲେ। ଶେଷରେ ମହାବିଦ୍ୟାଳୟ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଭାରତୀୟ ଡାକ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ

ଭୁବନେଶ୍ୱର,୨୬।୧୧(ସମିସ): ସମ୍ବିଧାନ ଦିବସ ଅବସରରେ ଭାରତୀୟ ଡାକ ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ରଦ୍ଦିକରଣ ବା ସ୍ପେଶାଲ କ୍ୟାନସଲେସନ କାର୍ଯ୍ୟକ୍ରମ ଭୁବନେଶ୍ୱର ପ୍ରଧାନ ଡାକଘର ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସହକାରୀ ଡାକ ଅଧୀକ୍ଷକ ମୋହନ ସୁନା, ବରିଷ୍ଠ ଡାକପାଳ ସ୍ମିତା ମହାପାତ୍ର, ସହକାରୀ ଡାକ ଅଧୀକ୍ଷକ ବିଭୁଦତ୍ତ ବେହେରା, ଡାକ ଟିକେଟ ସଂଗ୍ରହକାରୀ ସକିଲ ଅହମଦ, ଅନୁପ ରାଉତ ପ୍ରମୁଖ ଭାରତୀୟ ସମ୍ବିଧାନ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେଇଥିଲେ। କାର୍ଯ୍ୟାଳୟ ସହାୟକ ରଞ୍ଜନ କୁମାର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସହକାରୀ ଡାକପାଳ ରମାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶ୍ରମ ସଂହିତା ବାତିଲ ଓ ଏମ୍ଏସ୍‌ପିକୁ ଆଇନ ପରିସରଭୁକ୍ତ କରିବା ପାଇଁ ଦାବି

# ଶ୍ରମ କୋଡ୍ ଗେଜେଟ୍ ପୋଡ଼ି ଓ ବିକ୍ଷୋଭ

ଭୁବନେଶ୍ୱର, ୨୬।୧୧(ସମିସ):

କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିସାନ ମୋର୍ଚ୍ଚା ପକ୍ଷରୁ ବିଜେପି ସରକାର ଶ୍ରମ ସଂସ୍କାର ନାମରେ ୪ଶ୍ରମ କୋଡ୍‌କୁ ଦେଶରେ ଲାଗୁ କରିଛନ୍ତି ଏହି ଶ୍ରମ କୋଡ୍‌କୁ ତୁରନ୍ତ ରଦ୍ଦ କରିବାକୁ ଓ କୃଷକଙ୍କୁ ଏମଏସ୍‌ପିକୁ ଲିଗାଲ ଗ୍ୟାରେଣ୍ଟି ଦେବାକୁ ଦାବି କରିବା ସହିତ ବୁଧବାର ଶ୍ରମ କୋଡ୍‌ର କପିକୁ ଗାନ୍ଧୀ ମାର୍ଗ ଠାରେ ପୋଡିଛନ୍ତି। ସଂଯୁକ୍ତ କିସାନ ମୋର୍ଚ୍ଚାର ନେତା ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡା, ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସଭାପତି ମଣ୍ଡଳୀରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ସଂଯୁକ୍ତ କିସାନ ମୋର୍ଚ୍ଚାର ସର୍ବଭାରତୀୟ ନେତା ଡ. ସୁନି ଲିୟମ ଏହି ପ୍ରତିବାଦରେ ଭାଗନେଇ କହିଛନ୍ତି, କେନ୍ଦ୍ର ସରକାର କିପରି ଦେଶର ପୁଞ୍ଜିପତିକୁ ଲାଭ ଦେବା ଲାଗି ଶ୍ରମ କୋଡ଼ର ପରିବର୍ତ୍ତନ କରିଛନ୍ତି ଏହା ତୁରନ୍ତ ରଦ୍ଦ ହେବା ଆବଶ୍ୟକ। ଏଥିସହିତ




କୃଷକ ଶ୍ରମିକ ଆନ୍ଦୋଳନ ତାଙ୍କୁ କେବେବି ସହଜରେ ଛାଡ଼ିଦେବେନି ଓ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି କୋଡ଼ରେ ଶ୍ରମିକଙ୍କ ଲାଗି ସେଭଳି କିଛି ବିଶେଷ ଧରଣର କିଛି ନାହିଁ ଏହା କେବଳ ନୂଆ ବୋତଲରେ ପୁରୁଣା ମଦ ଭଳି ହୋଇଛି ଓ କେବଳ ନାମ ପରିବର୍ତ୍ତନ ହୋଇଛି ଯାହା ବିଜେପିର ଲଗାତାର କାର୍ଯ୍ୟ। ୬୫ଟି ଉପଧାରାକୁ ପୂରାପୂରି ଭାବରେ ଉଚ୍ଛେଦ କରାଯାଇଛି। ଶ୍ରମିକମାନଙ୍କ ମଜୁରୀ, ରେକର୍ଡ ଯାଞ୍ଚ, ବହୁବିଧ ଲାଇସେନ୍ସ, ବିନା ବିଜ୍ଞାପନ କାର୍ଯ୍ୟାନୁଷ୍ଠାନ ଓ ଇନ୍ସପେକ୍ସନ ରାଜକୁ ହଟେଇ ଦିଆଯାଇଛି। ଇପିଏଫ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। ଶ୍ରମିକମାନେ ସଂଘ ଗଠନ କରିବାରେ ପ୍ରତିବନ୍ଧକ, ୨୯୯ କର୍ମଚାରୀ ଥିବା ସଂସ୍ଥାରେ ମାଲିକ ବିନା ସରକାରଙ୍କ ଆଦେଶରେ ଛଟେଇ କରିବାର ଅଧିକାର ଦେବା ଶ୍ରମିକମାନଙ୍କ ବେରୋଜଗାରୀକୁ ବଢାଇବା ସହ "ହାୟର ଓ ଫାୟାର ନୀତିରେ ଅନେକ ହଜାର ହଜାର ଶ୍ରମିକ ନିଯୁକ୍ତି ହରାଇବେ। ଏ କୋଡ଼ ଶ୍ରମିକ ଶ୍ରେଣୀର ଅନେକ କ୍ଷତି ପହଞ୍ଚାଇବା ପୂର୍ବରୁ ସରକାର ଏହି କୋଡ଼କୁ ରଦ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିସାନ ମୋର୍ଚ୍ଚା ଦାବି କରିଛି। ଏହି କାର୍ଯ୍ୟକ୍ରଣରେ ଆଇଏନଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନା, ମଦନ ମୋହନ ଧଳ, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା, ନାରାୟଣ ରେଡି, ଏଚ୍‌ଏମ୍‌ଏସ୍‌ର ନେତା ମହମଦ ମୁର୍ତ୍ତୁଜା, ବି ଏନ ମହାପାତ୍ର, ସିଟୁର ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ ଦାସ, ପ୍ରଦୀପ୍ତ ନାୟକ, ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରମକୋଡ଼ କୁ ବାତିଲ କରିବା ଲାଗି ଦାବି କରିଛନ୍ତି। ସାରା ରାଜ୍ୟରେ ମୋଦି ସରକାରର ଶ୍ରମିକ ନୀତି ବିରୁଦ୍ଧରେ ଆନ୍ଦୋଳନ କରାଯିବା ସହିତ ଆସନ୍ତା ମାସ ୩, ୪, ୫ ତାରିଖରେରେ ବିଧାନ ସଭା ଆଗରେ ହଜାର ହଜାର ଶ୍ରମିକଙ୍କ ଗଣଧାରଣାକୁ ସଫଳ କରିବା ଲାଗି ଡାକରା ଦିଆଯାଇଅଛି।

# ତାଳପଦେଶ୍ୱରୀ ସାହିତ୍ୟ ଆସରର ମାସିକ କବିତା ପାଠୋତ୍ସବ



ଭୁବନେଶ୍ୱର, ୨୬।୧୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ସୃଜନ ଶକ୍ତିର ବିକାଶ ପାଇଁ ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ତାଳପଦେଶ୍ୱରୀ ସାହିତ୍ୟ ଆସର ପକ୍ଷରୁ ବୁଧବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ବାଣୀବିହାରର ଅଧିଷ୍ଠାତ୍ରୀ ଦେବୀ ମାଆ ତାଳପଦେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆସରର ସଭାପତି ଅମୂଲ୍ୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସରର ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର ଓଡ଼ିଆ ସାହିତ୍ୟର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପରେପରେ ଆସରର ସଂପାଦକ ସତ୍ୟଜିତ୍ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସର୍ବଶ୍ରୀ ଆଶୁତୋଷ ଦାସ, ଶ୍ରୀତମ ଦେହୁରୀ, ବିବେକାନନ୍ଦ ନାଏକ, ପ୍ରିୟଙ୍କା ଧଳ, ମିନାକ୍ଷୀ ସେଠୀ, ସୀମା ଦେହୁରୀ, ମମତା ଦାସ, ଭୀମ ଚରଣ ସୋଏଁ, ବିଶ୍ୱଜିତ୍ ସାହୁ, ଜିତୁ ପ୍ରଧାନ ପ୍ରମୁଖ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର କବିତା ପାଠ କରିଥିଲେ।

# ପବ୍ଲିକ୍ ଆକାଉଣ୍ଟ୍ସ କମିଟିର ଭୂମିକା ଶୀର୍ଷକ ଆଲୋଚନା

ଭୁବନେଶ୍ୱର,୨୬।୧୧(ସମିସ): ପଞ୍ଚମ ଅଡିଟ ସପ୍ତାହ ପାଳନ ଅବସରରେ ଓଡ଼ିଶା ପ୍ରଧାନ ମହାଲେଖାକର ଅଡିଟ କାର୍ଯ୍ୟାଳୟରେ ଅଡିଟ ସପ୍ତାହ ଅବସରରେ ଓଡିଶା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ସହିତ ଏକ ପ୍ୟାନେଲ୍ ଆଲୋଚନାର ଚକ୍ର ଆୟୋଜିତ ହୋଇଛି। ଏଥିରେ ପବ୍ଲିକ ଏକାଉଣ୍ଟସ କମିଟିର ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ, କମିଟିର ସଭ୍ୟ ବିଧାୟକ ଡ. ଅରୁଣ ସାହୁ, ବିଧାୟକ ରାମ ଚନ୍ଦ୍ର କାଡ଼ମ ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ବାନୋଥ ରାକେଶ ନାଏକଙ୍କ ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ ଡି. ସାହୁ ନିଜର ମତ ଉପସ୍ଥାପନ କରିଥିଲେ। ଅଡିଟ-୧ର ପ୍ରିନ୍ସପାଲ ଏଜି ସୁବୁ ଆର., ଅଡିଟ -୨ର ମହାଲେଖାକାର ଅତୁଲ ପ୍ରକାଶ, ପିଏସି ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପିଏସିର ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା ଓ ରିକି ସରକାର ପରିଚାଳନା କରିଥିଲେ।



# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ

ଭୁବନେଶ୍ୱର, ୨୬।୧୧(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଦେଶର ଗରିମା ବୃଦ୍ଧି କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଅନ୍ୟତମ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ ଯୋଗ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। "ଆମ ସମ୍ବିଧାନ-ଆମ ସ୍ୱାଭିମାନ' ଶୀର୍ଷକ ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ମତ ଉପସ୍ଥାପନ କରିଛନ୍ତି। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ଆରୋଗ୍ୟକାରୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ



ଭୁବନେଶ୍ୱର,୨୬।୧୧(ସମିସ): ରାଜଭବନର ଅଭିଷେକ ହଲରେ ଆୟୋଜିତ ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଭାବ ବିନିମୟ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। ପାରମ୍ପରିକ ଆଦିବାସୀ ଚିକିତ୍ସା ପ୍ରଣାଳୀର ସଂରକ୍ଷଣ, ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଜ୍ଞାନ ପ୍ରଦାନ କରିବା ପାଇଁ ସଠିକ୍ ଭାବରେ ଡକ୍ୟୁମେଣ୍ଟେସନ୍ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଶାସନ ସଚିବ ରୂପା ରୋଶନ ସାହୁ, ଏସସିଏସଟିଆରଟିଆଇର ନିର୍ଦ୍ଦେଶକ ସୁଧାକର ଶବରଙ୍କ ସହ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତ୍ରିଦିବସୀୟ ନିରନ୍ତର ପୁନର୍ବାସ ଶିକ୍ଷା ସମ୍ମିଳନୀ




ଭୁବନେଶ୍ୱର,୨୬।୧୧(ସମିସ): ଭାରତୀୟ ପୁନର୍ବାସ ପରିଷଦ ଦ୍ୱାରା ପରିଚାଳିତ 'ତ୍ରି-ଦିବସୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ' ପ୍ରାଚୀ ମହାବିଦ୍ୟାଳୟ ଫର ସ୍ପେସିଆଲ ଏଜୁକେସନ ଦ୍ୱାରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ବିଷୟ 'ଭିନ୍ନକ୍ଷମ ବ୍ୟକ୍ତି ଏବଂ ମାନଙ୍କ ପାଇଁ ଜାତୀୟ ଯୋଜନା ଏବଂ ଲାଭ' ସରକାରୀ ବୃତ୍ତି ଏବଂ ସରକାରୀ ସହାୟତା ବିଷୟରେ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ଓଡ଼ିଶା ପ୍ରମୁଖ ବରିଷ୍ଠ ସ୍ୱତନ୍ତ୍ର ଅଧ୍ୟାପକ, ପ୍ରଫେସରମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଭାବେ ପ୍ରଫେସର ଡ. ଅଜୟ କୁମାର ଦାସ, ଡ. ରୋଜାଲିନ୍ ସାମଲ, ସିରେଶ କୁମାର ବାରିକ, ଡ. ଶିବାନନ୍ଦ ମିଶ୍ର, ଶିବ ପ୍ରସାଦ ସାହୁ, ସରୋଜ କୁମାର ଚୌଧୁରୀ, ଡ. ସୁବ୍ରତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ଚିନ୍ମୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଚୀ ମହାବିଦ୍ୟାଳୟ ଫର୍ ସ୍ପେସିଆଲ୍ ଏଯୁକେସନର ଅଧ୍ୟକ୍ଷ ପ୍ରଫେସର ଡ. ଅଜୟ କୁମାର ଦାସ ଏବଂ ଡ. ରୋଜାଲିନ ସାମଲ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ପରିଷଦର ମୁଖ୍ୟ ସିଦ୍ଧାର୍ଥ ମିଶ୍ର ଏବଂ ସଦସ୍ୟ ଇନ୍ଦ୍ରମଣି ମେହେର, ନରସିଂହ ସୁନାନି ପ୍ରମୁଖ ସହାୟତା କରିଥିଲେ।

# ସୁସଙ୍ଗତ ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ସୃଷ୍ଟି କରିବା ସମ୍ବିଧାନର ଲକ୍ଷ୍ୟ



ଭୁବନେଶ୍ୱର,୨୬।୧୧(ସମିସ): ରାଷ୍ଟ୍ରମୂଳତଃ କ୍ଷମତାର ଏକ ସଂଗଠିତ ରୂପ। ସାମ୍ବିଧାନର ଲକ୍ଷ୍ୟ କେବଳ ଏକ ଗଣତାନ୍ତ୍ରିକ ସମାଜ ନିର୍ମାଣ ନୁହେଁ ବରଂ ଏକ ସମାନତାବାଦୀ, ଅଂଶଗ୍ରହଣକାରୀ ଏବଂ ସୁସଙ୍ଗତ ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ସୃଷ୍ଟି କରିବା ଥିଲା ବୋଲି ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ସ୍ୱାଧୀନତା ସଂଗ୍ରାମୀ ସମାଜବାଦୀ ନେତା ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ସ୍ମାରକୀ ବକ୍ତୃତା ପ୍ରଦାନ କରି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଫେସର ଜି ହରଗୋପାଳ ଏହା କହିଥିଲେ।

ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ରବି ରାୟ ଜନ୍ମ ଶତବାର୍ଷିକୀ ଉଦଘାଟିତ ହୋଇଥିଲା। ଗାନ୍ଧୀବାଦୀ ତଥା ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଆନନ୍ଦ କୁମାର ମୁଖ୍ୟ ଅତିଥି ଏବଂ ପ୍ରଫେସର ମନୋରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଲୋହିଆ ଏକାଡେମୀର ସଭାପତି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତରହି ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ହେବାକୁ ଥିବା ଶତବାର୍ଷିକୀ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଶାର ବିସ୍ଥାପିତ ଲୋକମାନଙ୍କ ସ୍ଥିତିକୁ ଆଧାର କରି 'ହୋୟାର ଇଜ ଜଷ୍ଟିସ' ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ଦେଶୀ ଚାଷ ଗବେଷକ ନଟବର ଷଡ଼ଙ୍ଗୀଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ପାଇଁ ରବି ରାୟ ଲୋକଶକ୍ତି ସବୁଜ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ସ୍ମାରକୀ ଡାକ ଟିକଟରେ ୨୦ ଓଡ଼ିଆଙ୍କ ଫଟୋଚିତ୍ର

## ସଂଗ୍ରହକାରୀଙ୍କ ମଧ୍ୟରେ ସ୍କୁଲ ପିଲାଙ୍କ ସଂଖ୍ୟା ଅଧିକ

ଭୁବନେଶ୍ୱର,୨୬।୧୧(ସମିସ):

ବର୍ତ୍ତମାନ ସମୟରେ ଦେଶରେ ୩ ହଜାରରୁ ଊର୍ଦ୍ଧ୍ୱ ଡାକ ଟିକଟ ପ୍ରଚଳିତ ହେଉଛି। ସେଥିମଧ୍ୟରେ ସ୍ମାରକୀ ଡାକ ଟିକଟରେ ସମାଜପ୍ରତି ବିଶେଷ ଅବଦାନ ରଖୁଥିବା ଜଣାଶୁଣା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ମାନ ଜଣାଇ ସ୍ଥାନିତ କରାଯାଇଛି। ଯେଉଁଥିରେ ଓଡିଶାର ପାଖାପାଖି୨୦ରୁ ଅଧିକ ଓଡିଆଙ୍କୁ ଏବଂ କିଛି ଐତିହ୍ୟ ଘଟଣାକୁ ସ୍ଥାନିତ କରାଯାଇଛି।

ଭାରତରେ ସ୍ୱାଧୀନତା ପରେ ତିନୋଟ ଡାକଟିକଟ ପ୍ରକାଶିତ ହୋଇଥିଲା। ଏଥିରେ ଅଶୋକ ସ୍ତମ୍ଭ, ଭାରତୀୟ ଜାତୀୟ ପତାକା ଏବଂ ଏକ ବିମାନ ଚିତ୍ର ରହିଥିଲା। ସମୟକ୍ରମେ ଦେଶର ସାଂସ୍କୃତିକ ଏବଂ ଐତିହ୍ୟ, କଳା, ସ୍ଥାପତ୍ୟ, ହସ୍ତଶିଳ୍ପ, ସାମୁଦ୍ରିକ ଐତିହ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସିନେମା ଉପରେ ବିଷୟବସ୍ତୁ ନେଇ ଡାକ ଟିକେଟ ଛପାଗଲା। ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ମହାନ ବ୍ୟକ୍ତିତ୍ୱମାନଙ୍କୁ ମଧ୍ୟ ସ୍ମାରକୀ ଡାକ ଟିକେଟରେ ସମ୍ମାନିତ କରାଯାଇଛି। ଯେଉଁଥିରେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ସ୍ମାରକୀ ଏବଂ ନିର୍ଣ୍ଣାୟକ ଡାକ ଟିକେଟରେ ସମ୍ମାନିତ କରାଯାଇଛି। ପରେ ପରେ ଚିତ୍ରକଳା, ସାହିତ୍ୟ, ବିଜ୍ଞାନ, ସଙ୍ଗୀତ, ସାମାଜିକ ଉନ୍ନତି ଆଦି କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିତ୍ୱମାନଙ୍କୁ ସ୍ମାରକୀ ଡାକ ଟିକେଟରେ ସମ୍ମାନିତ କରାଯାଇଛି। ଡାକ ବିଭାଗ ପକ୍ଷରୁ ଏଥିରେ ଓଡ଼ିଶାର ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ସହିଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ପୂର୍ବତନ ରାଷ୍ଟ୍ରପତି ଭି.ଭି ଗିରି, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଫକୀର ମୋହନ ସେନାପତି, ସାମନ୍ତ ଚନ୍ଦ୍ର ଶେଖର, ଗଙ୍ଗାଧର ମେହେର, ଭୀମ ଭୋଇ, ବିର୍ସା ମୁଣ୍ଡାଙ୍କୁ ଏହି ସ୍ମାରକୀ ଡାକ ଟିକେଟରେ ସ୍ଥାନିତ କରିଥିବାବେଳେ




୨୦୨୦ରେ କଟକର ଏସସିବି ମେଡିକାଲ କଲେଜ, ୨୦୨୩ରେ ଓଡିଶା ହାଇକୋର୍ଟ, ରଥଯାତ୍ରା, ଓଡିଆ ଅଭିନେତ୍ରୀ ତଥା ନିର୍ଦ୍ଦେଶକ ପାର୍ବତୀ ଘୋଷ, ଗୁରୁ କେଲୁ ଚରଣ ମହାପାତ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ୨୦୨୪ରେ ସାରଙ୍ଗଧର ଦାସଙ୍କୁ ସମ୍ମାନ ଜଣାଇ ସ୍ମାରକୀ ଡାକ ଟିକେଟ ପ୍ରକାଶ ପାଇଥିଲା। ଏହି ଟିକେଟ ଗୁଡିକର ମୁଲ୍ୟ ୩ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି।

ଏହି ସ୍ମାରକୀ ଟିକେଟ ୱାନ ଟାଇମ ପ୍ରିଣ୍ଟ ହୋଇଥାଏ। ହେଲେ ପରବର୍ତ୍ତୀ ସମୟରେ ଚାହିଦା ଅନୁଯାୟୀ ଭିନ୍ନ ଭିନ୍ନ ଏଡିସନରେ ଛପାଯାଇଥାଏ। ତେଣୁ ଗୋଟିଏ ସମୟର ଟିକେଟ ସରିଗଲାପରେ ଆଉ ମିଳି ନଥାଏ। ଏହା ସାଧାରଣ ଡାକଘରେ ମିଳି ନଥାଏ ବରଂ ଏହାର ସ୍ୱତନ୍ତ୍ର ଫିଲେଟେଲିକ୍ ବ୍ୟୁରୋରେ ଉପଲବ୍ଧ ହୋଇଥାଏ। ଯେପରି ଓଡ଼ିଶାରେ ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରରେ ରହିଛି। ଏନେଇ ମୁଖ୍ୟ ଡାକ ସ୍ଥିତ ଫିଲେଟେଲିକ୍ ବ୍ୟୁରୋର ଡାକ ଟିକଟ ସଂଗ୍ରାହକାରୀ ଅଜିତ କୁମାର ରାଉତ କୁହନ୍ତି, ଏହି ସ୍ମାରକୀ ଡାକ ଟିକଟକୁ ବିଶେଷକରି ଯେଉଁ ସଂଗ୍ରାହକାରୀ ମାନେ ଏପରି ଡାକ ଟିକଟ ଅନେକ ଦିନ ହେବ ସଂଗ୍ରହ କରୁଛନ୍ତି ଏବଂ ସ୍କୁଲ ପିଲାମାନେ ଅଧିକ ନେଉଛନ୍ତି। ଆହୁରି ମଧ୍ୟ ଓଡିଶାର କଳା, ସଂସ୍କୃତିକୁ ଭଲ ପାଉଥିବା ବ୍ୟକ୍ତି ମାନେ ମଧ୍ୟ ଏହାକୁ ଆସି ଖୋଜୁଛନ୍ତି। ସ୍କୁଲ ପିଲାଙ୍କ ପାଇଁ ଅନେକ ସମୟରେ କର୍ମଶାଳା ଏବଂ ପ୍ରଦର୍ଶନୀ ଆୟୋଜିତ ହେଉଥାଏ ତେଣୁ ସେମାନେ ଏହାକୁ ଅଧିକ କିଣିଥାନ୍ତି। ମାସକୁ ପାଖାପାଖି ୧୦ରୁ ୧୫ ହଜାର ସ୍ମାରକୀ ଟିକଟ ବିକ୍ରି ହେଉଛି। ଏହା ବ୍ୟତୀତ ଯେଉଁମାନେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି ଏବଂ ନିୟମିତ ଏହି ଟିକଟ ସଂଗ୍ରହ କରୁଛନ୍ତି ତାଙ୍କ ପାଇଁ ସରକାର ଏବଂ ଭାରତୀୟ ଡାକବିଭାଗ ପକ୍ଷରୁ ସ୍ମାରକୀ ଟିକଟକୁ ନେଇ କର୍ମଶାଳା ଓ ପରୀକ୍ଷା କରାଯାଇଥାଏ। ଯେଉଁମାନେ ଉତୀର୍ଣ୍ଣ ହେବେ ସେମାନଙ୍କୁ ଦିନ ଦୟାଳ ସ୍ପର୍ଶ ଯୋଜନା ଅଧୀନରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

# ସୋଆରେ ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍‌ର ଆଞ୍ଚଳିକ ସମ୍ମିଳନୀ




ଭୁବନେଶ୍ୱର,୨୬।୧୧(ସମିସ): ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍ (ଆଇଆଇସି)ର ୨୦୨୫ ନିମନ୍ତେ ଆଞ୍ଚଳିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ପୂର୍ବ ଭାରତର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରୁ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ଇନୋଭେସନ୍ ସେଲ୍ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ଏଆଇସିଟିଇର ଆସିଷ୍ଟାଣ୍ଟ ଇନୋଭେସନ୍ ଡାଇରେକ୍ଟର ଡ. ଦୀପନ ସାହୁ ପରିଚାଳନା କରିଥିବା ବେଳେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଦିଲ୍ଲୀସ୍ଥିତ ଏଆଇସିଟିଇ ମୁଖ୍ୟ କାର୍ଯ୍ୟାଳୟରୁ ଭର୍ଚୁଆଲି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଟେଲିକମ୍ ସେକ୍ଟର ସ୍କିଲ କାଉନ୍‌ସିଲର ପୂର୍ବତନ ସିଇଓ ଡ. ଯଦୁମଣୀ ଜେନା, ଭାରତ ସରକାରଙ୍କ ଜାତୀୟ ଗବେଷଣା ବିକାଶ ଆୟୋଗର ସିନିୟର ରିଜିଓନାଲ୍ ମ୍ୟାନେଜର ଡ. ବିଜୟ କୁମାର ସାହୁ, ବିଶାଖାପାଟଣା ସ୍ଥିତ ରତନ ଟାଟା ଇନୋଭେସନ ହବ୍‌ର ସିଇଓ ରବି ଇଶ୍ୱାରୁପୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ■ ରାସନକାର୍ଡରେ ଚାଉଳ ହେରଫେର

# ୬ଜଣ ସଦସ୍ୟଙ୍କୁ ମିଳୁଛି ଦୁଇ କିଲୋ ଚାଉଳ

କାମାକ୍ଷାନଗର,୨୬ ।୧୧(ସମିସ): ରାସନକାର୍ଡରେ ଚାଉଳ ହେରଫେର। ପରିବାରରେ ୬ ଜଣ ସଦସ୍ୟଙ୍କ ରାସନକାର୍ଡରେ ନାଁ ଥିବାବେଳେ ସମସ୍ତଙ୍କୁ ମିଳୁଛି ମାତ୍ର ଦୁଇ କିଲୋ ଚାଉଳ। ଏ ନେଇ କାମାକ୍ଷାନଗର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି ରାସନକାର୍ଡଧାରୀ ପରିବାର ସଦସ୍ୟ। ସୂଚନା ଅନୁଯାୟୀ କାମାକ୍ଷାନଗର ଏନଏସି ୯ ନମ୍ବର ୱାର୍ଡର ବିଶ୍ୱନାଥ ସାହୁଙ୍କ ନାଁରେ ରାସନକାର୍ଡ ପଞ୍ଜୀକରଣ ହୋଇଥିଲା। ଦୀର୍ଘବର୍ଷ ହେବ ତାଙ୍କ ପରିବାର ସୁରୁଖୁରୁରେ ରାସନ କାର୍ଡ ମାଧ୍ୟମରେ ରାସନ ସାମଗ୍ରୀ ପାଉଥିଲେ।



ଏଥିରେ ବିଶ୍ୱନାଥଙ୍କ ବ୍ୟତୀତ ତାଙ୍କ ପରିବାରର ୬ ଜଣଙ୍କ ନାଁ ଥିଲା। ଏପରିକି ବିଶ୍ୱନାଥଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକ ଠିକ ଭାବେ ଚାଉଳ ପାଇଆସୁଥିବା ବେଳେ ଗତ କିଛିମାସ ଧରି ତାଙ୍କ ଛଅ ଜଣିଆ ପରିବାରକୁ ମିଳୁଛି ମାତ୍ର ଦୁଇକିଲୋ ଚାଉଳ। କାହିଁକି ଓ କେମିତି ତାଙ୍କ ପରିବାରର ଚାଉଳ କଟିଲା ସେ ନେଇ ସେମାନେ ବାରମ୍ବାର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଧାଇଁବା ପରେ କାମାକ୍ଷାନଗର ବ୍ଲକ ଯୋଗାଣ ଅଧିକାରିଣୀ ଶିବାନୀ ଶୁଭଙ୍କରୀ ପାଢ଼ୀଙ୍କୁ ଭେଟି ଦାବି ଜଣାଇଛନ୍ତି। ତେବେ କୌଣସି ବୈଷୟିକ ତ୍ରୁଟି ନିମନ୍ତେ ଏପରି ହୋଇଥିବା ବେଳେ ଏହାକୁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ ଯୋଗାଣ ଅଧିକାରିଣୀ କହିଛନ୍ତି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ କମିଟି ବୈଠକ

# ମଧ୍ୟାହ୍ନଭୋଜନ ଚାଉଳ ବାଟମାରଣାର ତଦନ୍ତ ନିର୍ଦ୍ଦେଶ

ଢେଙ୍କାନାଳ,୨୬ ।୧୧(ସମିସ):



ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ବ୍ଲକର ଚେୟାରମ୍ୟାନ,ସରପଞ୍ଚ,ଏନଜିଓ ର କର୍ମକର୍ତ୍ତା ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲାରେ ବିଭିନ୍ନ ବିଭାଗରେ ହେଉଥିବା କାର୍ଯ୍ୟରେ ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ସାଂସଦ ଶ୍ରୀ ପାଣି ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଟିମ ୱାର୍କ ମାଧ୍ୟମରେ ଜିଲ୍ଲାର ବିକାଶ ନିମନ୍ତେ ସମସ୍ତେ ସଜାଗତର ସହିତ କାମ କରିବାକୁ ଓ କାର୍ଯ୍ୟର ଗୁଣବତ୍ତା ପ୍ରତି ଧ୍ୟାନ ଦେବାକୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ। ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଥିବା ଚାଉଳ ବାଟମାରଣା ହେଉଥିବା କହି ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ମନ୍ତ୍ରୀ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ, ପିଏମ ଶ୍ରୀ ଯୋଜନାରେ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଉ ଥିବା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଭୁବନ,ଗଁଦିଆ, ପରଜଙ୍ଗ, କାଙ୍କଡ଼ାହାଡ ଓ ସଦର ବ୍ଲକ ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ବୈଠକରେ ଅବଗତ କରାଇଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାଲୁରିଆ ଗ୍ରାମରୁ ଅପହୃତା ନାବାଳିକା ଉଦ୍ଧାର

ଗଁଦିଆ,୨୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା କାଲୁରିଆ ଗ୍ରାମର ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ଯୋରନ୍ଦା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଗଁଦିଆ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅପରାହ୍ନ ୩ଟାରେ ପୁଲିସ ନାବାଳିକାକୁ ଢେଙ୍କାନାଳ ଷ୍ଟେସନରୁ ଉଦ୍ଧାର କରି ଥାନାକୁ ନେଇଥିଲା। ସେଠାରେ ପଚରାଉଚୁରା ପରେ ତାକୁ ନିକଟସ୍ଥ ସ୍ୱାଧାର ଗୃହ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଉତ୍ତରପ୍ରଦେଶ ଝାନସୀ ଅଞ୍ଚଳରୁ ଗତ କିଛିବର୍ଷ ହେଲା ୨ଟି ପରିବାର କାଲୁରିଆ ଗ୍ରାମରେ ରହି ଗଛକାଟି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଭାନୁପ୍ରତାପ ବେହେରା କାଲୁରିଆ ଗ୍ରାମର ପ୍ରମୋଦ ସାହୁଙ୍କ ଘରକୁ ଆସି ତାଙ୍କ ନାବାଳିକା ଝିଅକୁ ତାଙ୍କ ଭାଇ ସୁନୀଲ ସହ ବିବାହ କରିବାକୁ ଗତ ଶୁକ୍ରବାର ପ୍ରସ୍ତାବ ଦେଇଥିଲେ। କିନ୍ତୁ ପରିବାର ପକ୍ଷରୁ ଝିଅର ବିବାହ ବୟସ ହୋଇନାହିଁ କହି ମନା କରାଯାଇଥିଲା। ସେହିଦିନ ରାତି ୮ଟାରୁ ଝିଅର ପତ୍ତା ମିଳି ନ ଥିଲା। ଏ ନେଇ ପରିବାର ଲୋକେ ଯୋରନ୍ଦା ଫାଣ୍ଡିରେ ଭାନୁପ୍ରତାପ ବେହେରା ନାମରେ ଏତଲା ଦେଇଥିଲେ। ପୁଲିସ ଭାନୁପ୍ରତାପ ଓ ତାଙ୍କ ଭାଇ ସୁନୀଲଙ୍କୁ ଅଟକ ରଖି ପଚରାଉଚରା କରିଥିଲେ ମଧ୍ୟ ସେମାନେ କିଛି ମାନି ନ ଥିଲେ। ତେବେ ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଏ ନେଇ ଅଧିକ ତଦନ୍ତ ଚଳାଇଥିଲେ। ପରିବାର ଲୋକେ ଥାନା ଆଇଆଇସି ଶାନ୍ତନୁ ପ୍ରଧାନଙ୍କୁ ଦେଖା କରି ଭାନୁପ୍ରତାପ ହିଁ ଏହି ଘଟଣାରେ ସମ୍ପୃକ୍ତ ବୋଲି କହିବା ସହ ତାଙ୍କ ସାନଭାଇ ଝିଅକୁ ନେଇଛି କହିବା ପରେ ଆଇଆଇସି ପ୍ରଧାନ ଘଟଣାକୁ ଗୁରୁତ୍ୱର ସହ ନେଇ ସୁନୀଲଙ୍କୁ ଫୋନରେ ଯୋଗାଯୋଗ କରି ଝିଅକୁ ତୁରନ୍ତ ଆଣି ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସୁନୀଲ ଝିଅକୁ ଝାନସୀରୁ ଟ୍ରେନରେ ଆଣି ତାଳଚେର ଷ୍ଟେସନରୁ ପଳାଇ ଯାଇଥିବା ପୁଲିସ କହିଛି। ତୁରନ୍ତ ଆସାମୀକୁ ଗିରଫ କରିବା ପାଇଁ ପରିବାର ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଜିଲ୍ଲାସ୍ତରୀୟ ଜାତୀୟ ସମ୍ବିଧାନ ଦିବସ



ଢେଙ୍କାନାଳ,୨୬ ।୧୧(ସମିସ): ଢେଙ୍କାନାଳରେ ଜିଲ୍ଲାସ୍ତରୀୟ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧକୁ ଅଙ୍ଗୀକାର କରିବା, ନ୍ୟାୟ, ସ୍ୱାଧୀନତା ଓ ବନ୍ଧୁତ୍ୱକୁ ଆଗକୁ ବଢ଼ାଇବା ସମ୍ପର୍କିତ ପ୍ରସ୍ତାବନା ସଙ୍କଳ୍ପ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ସଙ୍କଳ୍ପ ପାଠ କରିଥିଲେ।

## ■ ନଦୀରେ ବୁଡ଼ି ମହିଳା ନିଖୋଜ ଘଟଣା

# ତିନିଦିନ ପରେ ମୃତଦେହ ଠାବ



କାମାକ୍ଷାନଗର,୨୬ ।୧୧(ସମିସ): ନଭେମ୍ବର ଗତ ୨୪ ତାରିଖ ତୁମୁସିଙ୍ଗା ଥାନା କନ୍ତିଓ ପୁଟସାହି ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଗ୍ରାମର ପରମାନନ୍ଦ ସାହୁଙ୍କ ସ୍ତ୍ରୀ ସୁଲୋଚନା ସାହୁ ନିଖୋଜ ହୋଇଥିଲେ। ବୁଧବାର ବଉଳପୁର ଗାଁ ନିକଟ ବ୍ରାହ୍ମଣୀ ନଦୀ କୂଳ ତାଙ୍କ ମୃତଦେହ ଠାବ ହୋଇଛି। ସୁଲୋଚନା ନଦୀକୁ ଗାଧୋଇବାକୁ ଆସିଥିବା ବେଳେ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ କନ୍ତିଓ ପୁଟସାହି ନଦୀ କୂଳରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲା। ପରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଖୋଜାଖୋଜି କରି ତିନିଦିନ ପରେ ସୁଲୋଚନାଙ୍କ ମୃତଦେହ ଠାବ କରିବାରେ ସକ୍ଷମ ହୋଇଛନ୍ତି।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା






ଢେଙ୍କାନାଳ,୨୬ ।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସଦର ମହକୁମାରେ ଏକତା ପଦଯାତ୍ରା ଅନୁଷ୍ଠିତ ହେଇଛି। ମିନି ଷ୍ଟାଡିଅମରୁ ପଦଯାତ୍ରା ଆରମ୍ଭ ହୋଇ ପୁରୁଣା ବସ ଷ୍ଟାଣ୍ଡ ଛକ ଓ ବଳରାମ ମନ୍ଦିର ଛକ ଦେଇ ଯାତ୍ରା ପଲ୍ଲିଶ୍ରୀ ମେଳା ପଡିଆରେ ସମାପ୍ତ ହେଇଛି। ସହସ୍ରାଧିକ ଲୋକଙ୍କ ସହଭାଗିତାରେ ଏହି ପଦଯାତ୍ରା ସମଗ୍ର ସହରକୁ ଜାତୀୟ ଏକତାର ସନ୍ଦେଶରେ ମୁଖରିତ କରିଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଦେଶସେବାକୁ ସ୍ମରଣ କରିଥିଲେ। ଏଥିରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ବିଜେପି ଜିଲ୍ଲା ସଭାପତି ରାହାସ ବିହାରୀ ବେହେରା, ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସାମୂହିକ ବନ୍ଦେ ମାତରମ ଗାନ କରାଯାଇଥିଲା। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସ୍ମାର୍ଟ ମିଟରକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର




ଢେଙ୍କାନାଳ,୨୬ ।୧୧(ସମିସ): ଢେଙ୍କାନାଳ ଆମ ଆଦମୀ ପାର୍ଟି ପକ୍ଷରୁ ସମ୍ବିଧାନ ଦିବସ ଏବଂ ପାର୍ଟିର ୧୪ତମ ସ୍ଥାପନା ଦିବସ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ପାଳନ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ପରସ୍ପରକୁ ଲଡୁ ଖୁଆଇ ସ୍ଥାପନା ଦିବସ ଓ ସମ୍ବିଧାନ ଦିବସ ପାଳନ କରିଥିଲେ। ପରେ କର୍ମୀମାନେ ଶୋଭାଯାତ୍ରାରେ ବିଭିନ୍ନ ନାରା ଦେଇ ଟାଟା ପାୱାରର ସ୍ମାର୍ଟ ମିଟରକୁ ବିରୋଧ କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଟାଟା ପାୱାର ଶୋଷଣ ବିରୋଧରେ ବିକ୍ଷୋଭ କରିଥିଲେ। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ତିନି ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପଦେଷ୍ଟା ଚିତ୍ତରଞ୍ଜନ ପାଣି, ନଗର ଉପସଭାପତି ବିଜୟ କୁମାର ଦାସ, ଓଡ଼ାପଡ଼ା ସଭାପତି ଇଂ ପୀତାମ୍ବର ଦାସ, ଗଁଦିଆ ବ୍ଲକ ସଭାପତି ରୋହିତ ବେହେରା, ଚନ୍ଦ୍ରମଣି ପାତ୍ର, ମହିଳା ନେତ୍ରୀ ସୁଚିତ୍ରା ନାୟକ, ରୁନୁବାଳା ଚିନାରା, ପାର୍ବତୀ ପଧାନ, ପ୍ରଦୀପ ସାହୁ, ହେମନ୍ତ ସାହୁ, ସନ୍ତୋଷ ନାଏକ, ପ୍ରସନ୍ନ ବରାଳ, ଜୟନ୍ତ ଦାସ, ମଧୁସୂଦନ ମଲିକ, ସୋମନାଥ ଦାସ, ଅନ୍ତର୍ଯ୍ୟାମୀ ସାହୁ, ନିରଦ ପାତ୍ର ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୧୧ କେଭି ବିଦ୍ୟୁତ ତାର ଛିଣ୍ଡି ୨ ଛାତ୍ରଛାତ୍ରୀ ଗୁରୁତର

ଭୁବନ,୨୬ ।୧୧(ସମିସ): ୧୧ କେଭି ବିଦ୍ୟୁତ ତାର ଛିଣ୍ଡିଯିବାରୁ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ କୁନିନ୍ଦା ପଞ୍ଚାୟତ ରେଣଦାପାଟଣା ପ୍ରାଥମିକ ବିଦ୍ୟାଳୟ ୨ ଛାତ୍ରଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବାବୁଲି ଦେହୁରୀଙ୍କ ଝିଅ ବର୍ଷାରାଣୀ ଦେହୁରୀ ଓ ଶିଶୁବାଟିକାରେ ପଢୁଥିବା ମେନା ଦେହୁରୀଙ୍କ ପୁଅ ଶୁଭମ୍ ଦେହୁରୀ। ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ଟାର ବିଦ୍ୟାଳୟକୁ ଯିବା ସମୟରେ ୧୧ କେଭି ତାର ହଠାତ୍ ଛିଣ୍ଡିଯିବାରୁ ସଂସ୍ପର୍ଶରେ ଆସି ଏମାନେ ଗୁରୁତର ହୋଇଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାୱାରର ଏପରି ଖାମଖିଆଲ ନୀତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବିଦ୍ୟାଳୟ ପରିସରରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଗ୍ରାମର ବିଶ୍ୱନାଥ ରାଉତ, ପ୍ରଧାନ ଶିକ୍ଷକ ସୁଧାକର ରାଉତଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ଲକ ଅଧ୍ୟକ୍ଷଙ୍କ ତ୍ୱରିତ ପଦକ୍ଷେପ

# ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କରାଇବା ସହ ନଳକୂଅ ମରାମତି କରାଇଲେ

କାମାକ୍ଷାନଗର,୨୬ ।୧୧(ସମିସ): କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷଙ୍କ ତ୍ୱରିତ ପଦକ୍ଷେପ। ବାଇସିଙ୍ଗା ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଇଥିବା ବେଳେ ନିକଟରେ ଥିବା ବାଇସିଙ୍ଗା ପ୍ରାଥମିକ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କରାଇବା ସହ ନଳକୂଅ ମରାମତି କରାଇଲେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ। ବ୍ଲକ ଅଧ୍ୟକ୍ଷ ସାହୁ ଅଙ୍ଗନବାଡି କେନ୍ଦ୍ରର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ସାରି ଫେରିବା ବେଳେ ବାଇସିଙ୍ଗା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ପାଠପଢ଼ା ବିଷୟରେ ବୁଝିବା ସମୟରେ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ନ ଥିବା ଜାଣିବାକୁ ପାଇଥିଲେ। ପରେ ତୁରନ୍ତ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ବିଦ୍ୟାଳୟକୁ ଡକାଇ ବିଦ୍ୟୁତ ସଂଯୋଗ କରାଇଥିଲେ। ଏତଦବ୍ୟତୀତ ବିଦ୍ୟାଳୟରେ ନଳକୂଅ ଅଚଳ ଥିବାବେଳେ ପିଲାମାନେ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣି ତୁରନ୍ତ ନଳକୂଅ ମରାମତି ମଧ୍ୟ କରାଇଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ବ୍ଲକ ଅଧ୍ୟକ୍ଷଙ୍କ ସହ ବାଇସିଙ୍ଗା ସରପଞ୍ଚ ସନ୍ତୋଷ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ଇଣ୍ଡିଆନ ପୋଟାସ ଲିମିଟେଡ୍‌ରେ ଆଖୁପେଡ଼ା ଶୁଭାରମ୍ଭ

# ୨ ଲକ୍ଷ ୩୦ ହଜାର ମେଟ୍ରିକ ଟନ ପେଡ଼ିବା ଲକ୍ଷ୍ୟ

ଢେଙ୍କାନାଳ,୨୬ ।୧୧(ସମିସ):

ଢେଙ୍କାନାଳ ସହର ଉପକଣ୍ଠସ୍ଥ କୋରିଆଁ ବାଇପାସ ନିକଟରେ ଥିବା ଇଣ୍ଡିଆନ ପୋଟାସ ଲିଃ ପରିସରରେ ୨୦୨୫-୨୬ ବର୍ଷ ପାଇଁ ଆଖୁପେଡା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ) ଯୋଗଦାନ କରି କାରଖାନା ପରିସରସ୍ଥିତ ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କ ଠାରେ ପାରମ୍ପରିକ ପୂଜାର୍ଚ୍ଚନା ଏବଂ ଯଜ୍ଞ କାର୍ଯ୍ୟ ପରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଆଖୁପେଡା ମେସିନରେ ଆଖୁ ପକାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ କାରଖାନାର ସାଧାରଣ ପରିଚାଳକ ଓ ୟୁନିଟି ହେଡ ବିକାଶ କୁମାର ଚୌଧାରୀ ନିଜର ବକ୍ତବ୍ୟ ରଖି କହିଲେ ଯେ, ଚଳିତ ବର୍ଷ ୮୮୦୦ ଏକର ଜମିରେ ଆଖୁଚାଷ ହୋଇଥିଲାବେଳେ ୨ଲକ୍ଷ ୩୦ହଜାର ମେଟ୍ରିକ ଟନ ଆଖୁ ପେଡାଯିବାର ଲକ୍ଷ୍ୟ ରଖାଯାଇଛି।



ସମସ୍ତ ଆଖୁଚାଷୀ ଭାଇମାନଙ୍କୁ କିପରି ଅଧିକରୁ ଅଧିକ ଆଖୁଚାଷ କରି ଚିନି ଉତ୍ପାଦନରେ ଓଡ଼ିଶା କିପରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବିଭିନ୍ନ ଜିଲ୍ଲାରୁ ଆସୁଥିବା ଆଖୁଚାଷୀ, ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ କାରଖାନାର ଏଜିଏମ ପ୍ରୋସେସ ଭବାନୀ ପ୍ରସାଦ ରଥ, କେନ ବିଭାଗର ମୁଖ୍ୟ ରାଜକୁମାର ଚୌଧାରୀ, ଅର୍ଥ ବିଭାଗର ମୁଖ୍ୟ ସମୀର କୁମାର ସାମଲ, ଇଞ୍ଜିନିୟରିଂ ହେଡ ଲଳିତ କୁମାର ଦାସ, ଡେପୁଟି ମ୍ୟାନେଜର ଆଡମିନ ଜଗମୋହନ ସାହୁ, ୟୁନିଟି ମୁଖ୍ୟଙ୍କ ପିଏ କ୍ଷୀରୋଦ କୁମାର ବେଉରା, କମ୍ପାନୀର ଶ୍ରମିକ ସଂଘର ସଭାପତି ବସନ୍ତ କୁମାର ବେହେରା ଏବଂ ସମସ୍ତ ବିଭାଗର ମୁଖ୍ୟ ଏବଂ ଅଧିକାରୀ ଉପସ୍ଥିତ ଥିଲେ।

## ■ ପରଜଙ୍ଗ ଅଞ୍ଚଳରେ ମାତିଛନ୍ତି ଡିଜେଲ ଚୋର

# ବୋଲେରୋରେ ଆସି ଗାଡ଼ିରୁ କରୁଛନ୍ତି ଡିଜେଲ ଚୋରି

ପରଜଙ୍ଗ,୨୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ବାଇପାସ୍ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଚେନ ମେସିନ୍‌ରୁ ବୁଧବାର ଭୋର ସମୟରେ ଶତାଧିକ ଲିଟର ଡିଜେଲ ଚୋରି ହୋଇଛି। ଜଣେ ଠିକାଦାରଙ୍କ ମେସିନ କାର୍ଯ୍ୟ ସାରି




ରାତିରେ ଛିଡ଼ା ହୋଇଥିବା ବେଳେ ଏକ ବୋଲେରୋ ଗାଡ଼ିରେ ୩ ଯୁବକ ଆସି ସେଥିରୁ ଡିଜେଲ ଚୋରି କରି ପଳାଇଥିବା ଦୃଶ୍ୟ ସିସି କ୍ୟାମେରାରେ ରେକର୍ଡ ହୋଇଛି। ୫୩ନଂ ଜାତୀୟ ରାଜପଥ କଡ଼ରେ ସରକାରୀ ଜାଗାରେ କିଛି ଚାହା ଦୋକାନ ନାଁରେ ଚୋରା ଡିଜେଲ କାରବାର କରୁଥିବାରୁ ଦିନକୁ ଦିନ ଏହି ଅଞ୍ଚଳରେ ଡିଜେଲ ଚୋରି ବଢୁଛି। ଏଥିପ୍ରତି ପୁଲିସ ଦୃଷ୍ଟି ଦେବାକୁ ଗାଡ଼ି ମାଲିକ ଓ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ରାଜସ୍ୱନିରୀକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖଜୁରିଆକଟା,୨୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅଧୀନ ରାସୋଳ ରାଜସ୍ୱ ନିରୀକ୍ଷକ ସରକାରଙ୍କ ନିୟମ ଉଲ୍ଲଂଘନ କରି ସରକାରୀ ରାସ୍ତା ନ ଥିବା ଜମିକୁ କିସମ ପରିବର୍ତ୍ତନ କରି ଘରବାରି କରାଇ ଦେବା ନେଇ ଜନଶୁଣାଣି ଶିବିରରେ ରାସୋଳ ପଞ୍ଚାୟତ ମୁଣ୍ଡିଆ ସାହି ଲୋକେ ଅଭିଯୋଗ କରିଛନ୍ତି। ଶତାଧିକ ଜନସାଧାରଣ କରିଥିବା ଅଭିଯୋଗ ଅନୁଯାୟୀ ଗ୍ରାମ ଜଙ୍ଗଲ ଥିବା ଜମି ନିକଟରେ




ଜାଗା କିଣି ଘର କରିଥିବା ବେଳେ ଏହାକୁ ଫାଇନ କରିବା ପରିବର୍ତ୍ତେ ସେହି ଜାଗାକୁ କିସମ ପରିବର୍ତ୍ତନ କରି ଘରବାରି କରାଇ ଦେଇଛନ୍ତି। ରାସୋଳ ମୌଜାରେ ଏମିତି ଏକାଧିକ ଲୋକଙ୍କୁ ଜମି କିସମ ପରିବର୍ତ୍ତନ କରି ମୋଟା ଅଙ୍କର ଅର୍ଥ ନେଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ସରକାରୀ ରାସ୍ତା ନଥିବା ଜାଗାକୁ କିସମ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ସରକାରଙ୍କ ନିୟମ ଥିବାବେଳେ କିପରି ଏହାକୁ ଉଲ୍ଲଙ୍ଘନ କରି ଏପରି କଲେ ତାହାର ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ତେବେ ଅଭିଯୋଗ ବିଚାର ନ ହେଲେ ଆଗାମୀ ଦିନରେ ଲୋକେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ■ ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଡାଇମଣ୍ଡ ହାର୍ବର ୩-୦ ଗୋଲରେ ବିଜୟୀ

ଢେଙ୍କାନାଳ,୨୬ ।୧୧(ସମିସ): ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ଡାଇମଣ୍ଡ ହାରବର ୩-୦ ଗୋଲରେ କଟକ ଇଲେଭେନକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।



ସଦର ତହସିଲଦାର ସ୍ୱାଧୀନ ବେହେରା, ଏସବିଆଇର ମୁଖ୍ୟ ପରିଚାଳକ ସମ୍ବିତ କୁମାର ତ୍ରିପାଠୀ ଓ ବଜାର ଶାଖା ପରିଚାଳକ ସମର ବଲ୍ଲଭ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ଶଶିକାନ୍ତ ଦାଶିଆ, ପ୍ରଦୀପ୍ତ ନାୟକ, ଅରୁଣ ନାୟକ, ଆଶୀର୍ବାଦ କାନୁନଗୋ ମ୍ୟାଚ୍ ପରିଚାଳନା କରିଥିଲେ। ଅନିଲ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଡାଇମଣ୍ଡ ହାରବରର କ୍ୟାପଟେନ ଜୋବି ଜଷ୍ଟିନଙ୍କୁ ଭୁବନେଶ୍ୱର ନୱା ଇମେଜ ଟେକେନ କେୟାର ତରଫରୁ ପୂର୍ବତନ ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ୨ ହଜାର ଟଙ୍କା ପ୍ରଦାନ କରିଥିଲେ।

# ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ନିକଟରେ ସମ୍ବିଧାନ ଦିବସ



ଢେଙ୍କାନାଳ,୨୬ ।୧୧(ସମିସ): ଭାରତରତ୍ନ ଡ. ଭୀମରାଓ ଆମ୍ବେଦକର ମେମୋରିଆଲ ସୋସାଇଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ୭୭ତମ ସମ୍ବିଧାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରତିରୋଧ ପତ୍ରିକାର ସମ୍ପାଦକ ବାଇଧର ନାୟକ, ଦଳିତ ସଂଗ୍ରାମୀ ସୁରେନ୍ଦ୍ର ଦଳେଇ, ସମ୍ପାଦକ ବନମାଳି ମଲ୍ଲିକ, ଯୁଗଳ କିଶୋର ନାୟକ, ଜିଲ୍ଲାପରିଷଦ ସଭ୍ୟା ତଥା ଆଇନଜୀବୀ ମମତାଞ୍ଜଳି ବେହେରା, ଜିଲ୍ଲା ଦଳିତ ମହାସଂଘ ସଭାପତି ପ୍ରହଲ୍ଲାଦ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବାବା ସାହେବଙ୍କ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସକାଳ
THE SAKALA



## ଲଇମୁରାରେ ମହିଳାଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତ ହୋମ୍‌ଗାର୍ଡ ଗିରଫ

ଦେବଗଡ଼, ୨୬।୧୧(ସମିସ)

ଲଇମୁରା ଥାନାଞ୍ଚଳରେ ଜଣେ ମହିଳାଙ୍କ ହତ୍ୟା ଘଟଣାର ରହସ୍ୟ ପୁଲିସ ଉନ୍ମୋଚନ କରିଛି। ଲଇମୁରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଶ୍ରୀକର ସୁନାନୀ ହତ୍ୟାକାଣ୍ଡ ଭିଆଇଥିବା ଜଣାପଡ଼ିଛି। ଗତ ୨୧ ତାରିଖ ବିଳମ୍ବିତ ରାତ୍ରିରେ ହତ୍ୟାକାଣ୍ଡ ଘଟିଥିବା ବେଳେ ୨୨ ତାରିଖରେ ମୃତକଙ୍କ ବାପା କେସନ ମାଝୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମୃତ ମହିଳାଙ୍କ ପ୍ରେମିକ ସେହି ଥାନାଞ୍ଚଳର କଦଳିମୁଣ୍ଡା ଗାଁର ହୋମଗାର୍ଡ ଶ୍ରୀକର ସୁନାନୀ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ତଦନ୍ତ ପାଇଁ ତାକୁ ଅଟକ ରଖି ପଚରା ଉଚୁରା କରିଥିଲା। ପୁଲିସ ତଦନ୍ତ ବେଳେ ଅଭିଯୁକ୍ତ ଶ୍ରୀକର ପ୍ରେମିକା ପ୍ରତିମାର ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ଆଜି ଅଭିଯୁକ୍ତ ହୋମଗାର୍ଡକୁ ଗିରଫ କରି ଡାକ୍ତରୀ ଯାଞ୍ଚ ପାଇଁ ପୁଲିସ ପଠାଇଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଏସପି ଅନିଲ ମିଶ୍ର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଲଇମୁରା ଗାଁର କେସନ ମାଝୀଙ୍କ ଝିଅ ପ୍ରତିମା ମାଝୀ (୩୨) ପ୍ରାୟ ୬ ବର୍ଷ ପୂର୍ବେ ନିକଟସ୍ଥ ଡୁରିଜଙ୍ଗଲ ଗାଁର ଲଳିନ୍ଦ୍ର କିଷାନଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ସନ୍ତାନ ହେବାର କିଛି ଦିନ ପରଠାରୁ ସ୍ୱାମୀକୁ ଛାଡି ପ୍ରତିମା ନିଜ ବାପ ଘରେ ରହି ଆସୁଥିଲେ। ଏହି ସମୟରେ ଲଇମୁରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଶ୍ରୀକର ସୁନାନୀଙ୍କ ସହ ସାକ୍ଷାତ କ୍ରମଶଃ ପ୍ରେମରେ ପରିଣତ ହୋଇଥିଲା। ଶ୍ରୀକରଙ୍କ ୩ଟି ସନ୍ତାନ ରହିଥିବା ବେଳେ ତାଙ୍କ ସ୍ତ୍ରୀଙ୍କର ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ଏକୁଟିଆ ଥିବା ଶ୍ରୀକର ପ୍ରତିମାକୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ଆସୁଥିଲା। ହେଲେ ୫ ମାସ ପୂର୍ବେ ଶ୍ରୀକର ପ୍ରତିମାଙ୍କୁ କିଛି ନ ଜଣାଇ ଦ୍ୱିତୀୟ ବିବାହ କରିବା ପରଠାରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ବିଭିନ୍ନ ସମୟରେ ପ୍ରତିମା ତାକୁ ଧମକ ଦେଇ ଆସୁଥିଲା। ତେବେ ଶ୍ରୀକର ଗତ ୨୧ ତାରିଖ ବିଳମ୍ବିତ ରାତିରେ ପ୍ରତିମାଙ୍କୁ ଡାକି ନିକଟସ୍ଥ ଜଙ୍ଗଲକୁ ନେଇଥିଲା। ସେଠାରେ ଉଭୟ ମଦ୍ୟପାନ କରିବା ପରେ ପ୍ରତିମା ପୁଣିଥରେ ବିବାହ ପାଇଁ ଜିଦ ଧରିଥିଲା। ଶ୍ରୀକର ଏଥିରେ ଲୋକ ଲଜ୍ୟା ଭୟରେ ପ୍ରତିମାର ତଣ୍ଟି ଚିପି ହତ୍ୟା କରିଥିଲା। ପରେ କୁକୁରଧୂଡ଼ା ଜଙ୍ଗଲରେ ପ୍ରତିମାର ମୃତଦେହ ଛାଡି ଫେରାର ହୋଇଥିଲା। ସାଇଣ୍ଟିଫିକ ଟିମ ଓ ପୁଲିସର ତଦନ୍ତ ସମୟରେ ଫୋନ କଲକୁ ଯାଞ୍ଚ କରି ଥାନାର କର୍ତ୍ତବ୍ୟରତ ହୋମଗାର୍ଡର ସମ୍ପୃକ୍ତି ଜାଣିବା ପରେ ପୁଲିସ ଆଜି ଅଭିଯୁକ୍ତ ହୋମଗାର୍ଡକୁ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଏସଡିପିଓ ରମେଶ ମହାନା ଓ ଲଇମୁରା ଥାନାଅଧିକାରୀ ପଙ୍କଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ମେହେର ସମାଜ ପକ୍ଷରୁ ବରଗଡ଼ର ନୂଆଁ କଂସ ସୁଶୀଲଙ୍କୁ ସମ୍ବର୍ଦ୍ଧନା



ଝାରସୁଗୁଡ଼ା, ୨୬।୧୧(ସମିସ): ଆସନ୍ତା ଡିସେମ୍ବର ୨୪ ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ବରଗଡ଼ର ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। କଂସ ମହାରାଜା ହେଉଛନ୍ତି ଧନୁଯାତ୍ରାର ମୁଖ୍ୟ ଆକର୍ଷଣ। ଏବର୍ଷ କଂସ ମହାରାଜ ଚୟନ ପ୍ରକ୍ରିୟାରେ ୪ଜଣ କଳାକାର ପ୍ରତିଯୋଗୀ ଭାବେ ରହିଥିଲେ। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗାଁର ସୁଶୀଲ ମେହେର କଂସ ଚରିତ୍ର ପାଇଁ ଉପଯୁକ୍ତ ବିବେଚିତ ହୋଇଥିଲେ। ଧନୁଯାତ୍ରାର ମୁଖ୍ୟ ଆକର୍ଷଣ କଂସ ଭୂମିକା ପାଇଁ ସୁଶୀଲଙ୍କୁ ଚୟନ କରାଯାଉଥିବାରୁ ଝାରସୁଗୁଡ଼ା ଚୌଜିଲ୍ଲା ମେହେର ଭୁଲିଆ ସମାଜରେ ଆନନ୍ଦର ଲହରୀ ଖେଳିଯାଇଛି। ଝାରସୁଗୁଡ଼ା ଚୌଜିଲ୍ଲା ସଭାପତି ଚନ୍ଦ୍ରଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଚିଚିଣ୍ଡା ଗାଁକୁ ଯାଇ ସୁଶୀଲ ମେହେରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିନିଧି ଦଳରେ ଚୌଜିଲ୍ଲା କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର, ସାଧାରଣ ସମ୍ପାଦକ ଦୟାନିଧି ମେହେର, ପ୍ରମୋଦ ମେହେର, ରାହାସ ବିହାରି ମେହେର, ପ୍ରଦିପ ମେହେର, କୃଷ୍ଣଚନ୍ଦ୍ର ମେହେର, ତପେଶ୍ୱର ମେହେର, ଗୋପାଳ ମେହେର, ପ୍ରଫୁଲ୍ଲ ମେହେର ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଦେବଗଡ଼, ୨୬।୧୧(ସମିସ): ରିଆମାଳ ଫରେଷ୍ଟ ରେଞ୍ଜ ପଳସମା ସେକ୍ସନ ଅଧୀନ ଉଟୁଣିଆ ଗାଁ ଜଙ୍ଗଲରେ ହାତୀ ଆକ୍ରମଣରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗୃହପାଳିତ ଛେଳିଙ୍କ ପାଇଁ ଡାଳପତ୍ର ସଂଗ୍ରହ କରିବାକୁ ଉଟୁଣିଆ ଗାଁର ହୃଦାନନ୍ଦ ବେହେରା (୬୨) ଜଙ୍ଗଲକୁ ଯାଇଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ବୃଦ୍ଧ ହୃଦାନନ୍ଦଙ୍କୁ ହାତୀ ସେଠାରେ କଚାଡି ଦଳିଦେବା ଯୋଗୁଁ ଘଟଣା ସ୍ଥଳରେ ହୃଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ବନବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣାର ତଦନ୍ତ କରିବା ସହ ହାତୀପଲଙ୍କୁ ଘଉଡାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। କୁଣ୍ଡେଇଗୋଳା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିବା ପରେ କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ମାନେ ମୃତ ହୃଦାନନ୍ଦଙ୍କ ପରିବାରରୁ ଜଣକୁ ଚାକିରି ଓ କ୍ଷତିପୂରଣ ପ୍ରଦାନ ଦାବିରେ ହୋହାଲ୍ଲା କରିଥିଲେ। ତେବେ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ଓ ସ୍ଥାନୀୟ ସରପଞ୍ଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ଉତ୍ତେଜନା ଶାନ୍ତ ହୋଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

ରିଆମାଳ, ୨୬।୧୧(ସମିସ): ରିଆମାଳ ଥାନା ଦେବଗଡ଼ -ଅନୁଗୁଳ ଜାତୀୟ ରାଜପଥ କଡ଼ରେ ଥିବା ପଥପ୍ରାନ୍ତ ସୁବିଧାକେନ୍ଦ୍ର ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ରିଆମାଳ ଥାନା ପାଣ୍ଡୁରିଶିଳା ଗାଁର କୁନୁ ବଣିରୁଟ (୪୫)। କୁନୁ ଆଜି କୌଣସି କାର୍ଯ୍ୟରେ ନିଜ ବାଇକ୍ ଯୋଗେ ରିଆମାଳକୁ ଆସିଥିଲେ। ଫେରିବା ବେଳେ ପଥପ୍ରାନ୍ତ ସୁବିଧାକେନ୍ଦ୍ର ସମ୍ମୁଖରେ ଦେବଗଡ଼ ପଟୁ ଅନ୍ୟ ଏକ ବାଇକ୍ ଯୋଗେ ମଳେହିପଡ଼ା ଅଞ୍ଚଳର ଅରବିନ୍ଦ ସାହୁ, ପିପୁନ ସ୍ୱାଇଁ ଦୁଇ ଜଣ ଯୁବକ ଆସୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କୁନୁ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ରିଆମାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଛତାବର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିଆମାଳ ଥାନା ପୁଲିସ ପହଞ୍ଚି ଉଭୟ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅରବିନ୍ଦ ଓ ପିପୁନକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ଜିଲ୍ଲା କ୍ରାଇସିସ୍ ଗ୍ରୁପ ବୈଠକ

ଝାରସୁଗୁଡ଼ା, ୨୬।୧୧(ସମିସ): ରାସାୟନିକ ଦହନଶୀଳ ପଦାର୍ଥ ଦ୍ୱାରା ବିଭିନ୍ନ ଶିଳ୍ପ ସଂସ୍ଥା ତଥା ବାହାରେ ଘଟୁଥିବା ଭୟାନକ ଦୁର୍ଘଟଣାର ପ୍ରତିକାର ଏବଂ ତ୍ୱରିତ ପଦକ୍ଷେପ ଲାଗି ଜିଲ୍ଲା କ୍ରାଇସିସ ଗ୍ରୁପର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା କ୍ରାଇସିସ ଗ୍ରୁପ ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କିରିଥିଲେ। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜିଲ୍ଲା ଆଞ୍ଚଳିକ ଅଧିକାରୀ, ରାସାୟନିକ ଦ୍ରବ୍ୟ ବ୍ୟବହାରକାରୀ ଶିଳ୍ପସଂସ୍ଥା ବେଦାନ୍ତ, ଆଇଓସିଏଲ୍ ଟର୍ମିନାଲ, ଆଇଓସିଏଲ୍ ବଟଲିଙ୍ଗ ପ୍ଲାଣ୍ଟ, ଗେଲ୍ ଇଣ୍ଡିଆ, ଓପିଜିସି, ଗ୍ଲୋବାଲ କୋଲ ମାଇନିଂ ଏବଂ ଟିଆରଏଲ୍ ଆଦି ଶିଳ୍ପସଂସ୍ଥା, ଏନଡିଆରଏଫ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଗ୍ୟାସ ବିତରଣ କରୁଥିବା ଗେଲ୍ ଇଣ୍ଡିଆ, ପିଆରପିଏଲ୍, ଆଇଓସିଏଲ୍ ଆଦି ସଂସ୍ଥା ସମେତ ଜିଲ୍ଲାରେ କିରୋସିନି, ପେଟ୍ରୋଲ ଓ ଏଲ୍‌ପିଜି ଡିପୋ ଆଦିରେ ସମ୍ଭାବ୍ୟ ଦୁର୍ଘଟଣା ଜନିତ ମୁକାବିଲା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ଯୋଜନା ପ୍ରସ୍ତୁତି, ପାରସ୍ପରିକ ସମନ୍ୱୟ ରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ରାଇସିସ ଗ୍ରୁପ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କାରଖାନା ଓ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶିକା ତଥା ମେମ୍ବର ସେକ୍ରେଟାରୀ ଅର୍ଚ୍ଚନା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ଦୁର୍ଘଟଣାରେ ବାପ ପୁଅ ଗୁରୁତର

ଝାରସୁଗୁଡ଼ା, ୨୬।୧୧(ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଧୀନ ଗୌରପଡ଼ା ନିକଟରେ ଦୁଇ କାର ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସ୍କୁଟିରେ ଥିବା ବାପପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ କୁଡାଲୋଇର ରବୀନ୍ଦ୍ର ରୋହିଦାସ (୪୦) ଏବଂ ତାଙ୍କ ପୁଅ ପ୍ରେମ ରୋହିଦାସ (୧୩) ବୋଲି ବେଲପାହାଡ ପୁଲିସ ସୂଚନା ଦେଇଛି। ବୁଧବାର ଅପରାହ୍ଣରେ ଝାରସୁଗୁଡ଼ାରୁ ଲଖନପୁର ଆସୁଥିବା ଏକ କାର ଲଖନପୁରରୁ ବେଲପାହାଡ ପଟକୁ ଆସୁଥିବା ସ୍କୁଟିକୁ ପ୍ରଥମେ ଧକ୍କା ଦେଇ ସମାନ ଦିଗରୁ ଆସୁଥିବା ଆଉ ଏକ କାରକୁ ଧକ୍କା ଦେଇଥିଲା। ଫଳରେ ଉଭୟ କାର ଏବଂ ସ୍କୁଟି ଭାଙ୍ଗିଥିବା ବେଳେ ସ୍କୁଟିରେ ଥିବା ରବୀନ୍ଦ୍ର ଏବଂ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବେଲପାହାଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣା ଗ୍ରସ୍ତ ସମସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।



## ତାରିଣୀ ମନ୍ଦିରରୁ ଦାନବାକ୍ସ, ଟଙ୍କା ଚୋରି

ରିଆମାଳ, ୨୬।୧୧(ସମିସ): ରିଆମାଳ ଥାନା ଅଧୀନ ଧରମପୁର ଗାଁର ଆଠପଡ଼ା ତାରିଣୀ ମନ୍ଦିରରୁ ଗତ ରାତିରେ ଦାନବାକ୍ସ ଚୋରି ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟ ବେହେରା, ସମ୍ପାଦକ ଗାନ୍ଧୀ ଚରଣ ବଗର୍ତ୍ତୀ ଓ ଧରମପୁର ଗ୍ରାମବାସୀ ପକ୍ଷରୁ ରିଆମାଳ ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିରର ପୂଜକ ମଦନ ମୋହନ ଆଚାର୍ଯ୍ୟ ପ୍ରତ୍ୟେକ ଦିନ ପରି ମଙ୍ଗଳବାର ସନ୍ଧ୍ୟାରେ ମାଁଙ୍କ ନିକଟରେ ଆଳତି କରି ମନ୍ଦିର ମୁଖ୍ୟ ଫାଟକରେ ତାଲା ପକାଇ ଘରକୁ ଆସିଥିଲେ। ଆଜି ସକାଳେ ପୂଜାରୀ ମନ୍ଦିର ଖୋଲିଲା ପରେ ଦାନ ବାକ୍ସ ନ ଥିବା ଦେଖିଥିଲେ। ଏହାପରେ ସେ କେହି ମନ୍ଦିରରେ ପ୍ରବେଶ କରି ଦାନବାକ୍ସ ଚୋରି କରିଥିବା ଜଣାଇଥିଲେ। ରିଆମାଳ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।



## ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଦେବଗଡ଼, ୨୬।୧୧(ସମିସ): ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀଙ୍କ ଆବାହକତ୍ୱ କ୍ରମେ ବୁଧବାର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ପୌରୋହିତ୍ୟରେ ବଣାଇ ଛକ ନିକଟସ୍ଥ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ନୂଆ ଓଡ଼ିଶା ଯୋଜନାରେ ପ୍ରଦତ୍ତ ନିଯୁକ୍ତି ଭିତ୍ତିକ ତାଲିମ କେନ୍ଦ୍ରର ଉଦ୍‌ଘାଟନ ତଥା ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟ ପୁସ୍ତିକା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ କେ.ରୋଜା ଦୋରା ସରକାରଙ୍କ ଏହି ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଅତିଥି ମାନେ ଉପସ୍ଥିତ ୨୯ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବାରକୋଟ ତହସିଲଦାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସରକାରୀ ଆଇଟିଆଇ ଅଧ୍ୟକ୍ଷ ରତିକାନ୍ତ ପରିଡ଼ା, ବାରକୋଟ ଦକ୍ଷତା ବିକାଶ କେନ୍ଦ୍ର, ମୁଖ୍ୟ ବଂଶୀଧର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଇବଥର୍ମାଲ, ୨୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଖେଳ ପଡ଼ିଆରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସମାରୋହକୁ ଏମସିଏଲ୍ କ୍ରୀଡ଼ା ମ୍ୟାନେଜର ପ୍ରମୋଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଦୀପ ଉଦ୍‌ଘାଟନ କରିଥିଲେ। ୩ୟ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୬୨ଟି ଖେଳ ପ୍ରତିଯୋଗିତା ହୋଇଥିଲା। ୨୮୬ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ଉଦ୍‌ଯାପନୀ ସମାରୋହରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆସ୍ତିକ ପ୍ରସାଦ ସାହୁ, ଯୁଧିଷ୍ଠିର ବେହେରା, ଅଜୟ ବିଶ୍ୱାଳ, ରବୀନ୍ଦ୍ର ଗିରି, ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ, ଉପସଭାପତି ମଧୁସୂଦନ ମେହେର, ସଭ୍ୟା ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୂମିଜ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁମା ରୋଜାଲି ହୋତା ମଞ୍ଚ ପରିଚାଳନା କରିଥିଲେ। ଖେଳକୁଦ ପ୍ରମୁଖ ରାକେଶ ପଣ୍ଡା ଗୁରୁଜୀ କ୍ରୀଡା ସଞ୍ଚାଳନ ଓ ବାର୍ଷିକ ଖେଳକୁଦ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ କ୍ରୀଡାବିତ ଭାବେ ଶିଶୁବର୍ଗରେ ୫ମ ଶ୍ରେଣୀର କେତେନ ବାଗ ଓ ସନ୍ଧ୍ୟାରାଣୀ ପ୍ରଧାନ; ବାଳ ବର୍ଗରେ ୭ମ ଶ୍ରେଣୀର ତାପସ ବିଶୋଇ ଓ ଅମିତ ରାଉତ; କିଶୋର ବର୍ଗରେ ୮ମ ଓ ୯ମ ଶ୍ରେଣୀର ଅରୁଷି ହାତୀ, ବେବି ଖଣ୍ଡାୟତ, ଶୁଭମ କଲାରୀ ଓ ଟୁକେଶ୍ୱର ଓରାମ ବିବେଚିତ ହୋଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଆସନ୍ତା ଡିସେମ୍ବର ୧୯ ଓ ୨୦ରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ ବ୍ରଜରାଜନଗରରେ ଅଂଶଗ୍ରହଣ କରିବେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା

## ଫାଇନାଲରେ ସମ୍ବଲପୁର ଏକାଡେମୀ

ଦେବଗଡ଼, ୨୬।୧୧(ସମିସ): ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ସୋମବାର ଠାରୁ ପ୍ରଧାନପାଟ କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ସପ୍ତମ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତାର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ଼ ଜଗଦଲପୁର ରଙ୍ଗବାଜ ଏଫସି ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଆଜିର ଖେଳ ହୋଇଥିଲା। ମ୍ୟାଚ୍‌ରେ ସମ୍ବଲପୁର ଏକାଡେମୀ ୩-୦ ଗୋଲରେ ଜଗଦଲପୁରକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ରାଜ ମଣ୍ଡଳ, ସୁକାନ୍ତ କିଷାନ, ସାଗର ନାଏକ, ଜିତୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିସନର ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ମନୋଜ ପାଢ଼ୀ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଭୁବନେଶ୍ୱର ପ୍ରଧାନ ଓ ବରିଷ୍ଠ ଖେଳାଳି ନାସିର ଖାନ ଯୋଗ ଦେଇଥିଲେ। ସମ୍ବଲପୁର ଏକାଡେମୀ ଦଳର ସଞ୍ଜୟ ଖାଡିଆକୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଆସନ୍ତାକାଲି ବରଗଡ଼ର ୟୁନାଇଟେଡ ସ୍ପୋର୍ଟସ ଦଳ ଓ ରାଉରକେଲା ୧୫ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



## ସମ୍ବିଧାନ ଦିବସ ପାଳିତ

# ଆମ ସମ୍ବିଧାନ ଆମ ଗୌରବ








ଦେବଗଡ଼, ୨୬।୧୧(ସମିସ)

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବୁଧବାର ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ଉପନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦ୍ଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଏ। ସମ୍ବିଧାନ ପ୍ରସ୍ତୁତି ପାଇଁ ୨ ବର୍ଷ ୧୧ ମାସ ୧୮ ଦିନରେ ଡ.ଭୀମରାଓ ଆମ୍ବେଦକର ଏହି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରସ୍ତୁତ ହୋଇ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ଆମ ସମ୍ବିଧାନ ଆମ ଗୌରବ ବୋଲି ଅତିଥି ମାନେ ଦିବସ ପାଳନ ଅବସରରେ କହିବା ସହିତ ଦେଶ ପାଇଁ ସମ୍ବିଧାନର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ବାଳିକା ଉଚ୍ଚ ବିଦ୍ୟାଳୟର କବିତା ଦାସ ପ୍ରଥମ, ଆଦ୍ୟାସା ପାତ୍ର ଦ୍ୱିତୀୟ ଓ ଶିବାନୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟ ଲକ୍ଷ୍ମୀ ପ୍ରଧାନ ପ୍ରଥମ, ଓମ ପ୍ରକାଶ ବେହେରା ଦ୍ୱିତୀୟ ଓ ବାଲ ଭାରତୀ ସ୍କୁଲର ସାଇଶ୍ମିତା ସାହୁ, ଗୁଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ତିଳେଇବଣି ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଡେପୁଟି ସିଇଓ ଅର୍ମାସ୍ ରବୀନ୍ଦ୍ର ପ୍ରଧାନ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଈଶ୍ୱର ଗୁରୁ, ହେମନ୍ତ ସିଂ, ଅଧିକ୍ଷଣ ଯନ୍ତ୍ରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ପ୍ରୋଜେକ୍ଟ ମ୍ୟାନେଜର ଆଶିଷ ବାରିକ, ପ୍ରୋଜେକ୍ଟ ମ୍ୟାନେଜର ଟ୍ରେନିଂ ଦୀପକ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




### ଶିଶୁ ବିଦ୍ୟାମନ୍ଦିର

ଦେବଗଡ଼: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ଉମାକାନ୍ତରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଗୁରୁଜୀ ସୂର୍ଯ୍ୟକାନ୍ତ ସ୍ୱାଇଁ ସମ୍ବିଧାନ ଓ ସମ୍ବିଧାନ ଦିବସର ମୂଲ୍ୟବୋଧ ସମ୍ପର୍କରେ ଶିଶୁମାନଙ୍କ ନିମନ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ

ଝାରସୁଗୁଡ଼ା: ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସମ୍ବିଧାନ ଦିବସ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଦାଶିବ ଜେନା ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଓ ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ଓ ସନ୍ଦୀପ ଅବସ୍ତି ପ୍ରମୁଖ ଓକିଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ, ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମଧ୍ୟସ୍ଥତା, ଲୋକ ଅଦାଲତ ମାଧ୍ୟମରେ ମାମଲାର ଆପୋଷ ସମାଧାନ, ମାଗଣା ଓକିଲ ପ୍ରଦାନ, ପୀଡିତା କ୍ଷତିପୂରଣ, ନାଲସା ହେଲ୍ପ ଲାଇନ ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ପ୍ରାଧିକରଣର ପ୍ୟାନେଲ ଓକିଲ, ଜିଲ୍ଲା ଓକିଲ ସଂଘର ଓକିଲମାନେ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ବନ୍ଧବାହାଲ ଡିଏଭି ସ୍କୁଲ

ଝାରସୁଗୁଡ଼ା: ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ସମ୍ବିଧାନ ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ସାମାଜିକ ବିଜ୍ଞାନ ଶିକ୍ଷକ ପୁରନ୍ଦର ପ୍ରଧାନ ଦିବସର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ସମ୍ବିଧାନ ପ୍ରତି ସମ୍ମାନ ରକ୍ଷା ପୂର୍ବକ ମୁଖବନ୍ଧ ପଠନ ଓ ଶପଥ ଗ୍ରହଣ କରାଇଥିଲେ। ଅଧ୍ୟକ୍ଷ ହୋତା ସମ୍ବିଧାନ ପ୍ରଣେତା ଓ ଭାରତୀୟ ସମ୍ବିଧାନ ପ୍ରତି ସମ୍ମାନ ଓ ଆନ୍ତରିକତା ରହିଥିବା ବିଷୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଏନ୍‌ସିସି ଛାତ୍ରଛାତ୍ରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ।

# ସ୍ତ୍ରୀ ମୁଣ୍ଡକୁ ପିଟି ହତ୍ୟା



**ଜମନକିରା, ୨୬ ।୧୧(ସମିସ):**ସମ୍ବଲପୁର ଜିଲ୍ଲା ଜମନକିରା ଥାନା ପାଲୋଖମନ୍ ଗାଁରେଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ରାତିରେ ଏକ ଲୁହା ନଳାରେ ସ୍ତ୍ରୀ ମୁଣ୍ଡକୁ ପିଟି ହତ୍ୟା କରିଛି ।ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ସ୍ତ୍ରୀ ମମତା ମାଝି (୫୦) ଘର ଭିତରେ ମୋବାଇଲରେ କାହା ସହ କଥାବାର୍ତ୍ତା କରୁଥିଲେ ।ସ୍ୱାମୀ ଶ୍ରୀକର ମମତାକୁ ରନ୍ଧାବଢ଼ା କରିବାକୁ କହିଥିଲା। କିନ୍ତୁ ସ୍ତ୍ରୀ ମମତା କିଛି ଶୁଣି ନ ଥିଲା। ଫଳରେ ସ୍ୱାମୀ ଶ୍ରୀକର୍ ଘର ଭିତରକୁ ପଶି ଚୂଲି ପାଖରେ ଥିବା ଏକ ନିଆଁ ଫୁଙ୍କା ନଳାକୁ ଧରି ସ୍ତ୍ରୀ ମମତା ମୁଣ୍ଡକୁ ଜୋର୍‌ରେ ପିଟି ଦେବାରୁ ଘଟଣା ସ୍ଥଳରେ ହିଁ ମମତା ଟଳି ପଡ଼ିଥିଲା। କିଛି ସମୟ ପରେ ତାର ପ୍ରାଣବାୟୁ ଚାଲିଯାଇ ଥିଲା। ଗତ ରାତିରେ ଘଟଣା ଘଟି ଥିଲେ ହେଁ ପଡ଼ିଶା ଲୋକେ କେହି ଜାଣି ପାରି ନ ଥିଲେ। ବୁଧବାର ସକାଳେ ମମତାର ଦେଖା ନମିଳିବାରୁ ସ୍ୱାମୀ ଶ୍ରୀକରକୁ କିଛି ଗାଁ ଲୋକ ପଚାରି ଥିଲେ। ରାତିରେ ସ୍ତ୍ରୀକୁ ମାରି ଦେଇଥିବା କହିବାରୁ ଘଟଣା ବିଷୟରେ ଜଣା ପଡ଼ିଥିଲା। ଖବର ପାଇ ଜମନକିରା ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ପୁଲିସ୍ ଏସ୍ଆଇ ମନୋରଞ୍ଜନ ଦାଶ, ଏଏସ୍ଆଇ ନିରଞ୍ଜନ ପ୍ରଧାନ, କନେଷ୍ଟବଳ ଟିକେଶ୍ୱରି ନାଏକ, ଜୟରାମ ସିଂ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଥିଲେ। ଘଟଣାର ତଦନ୍ତ ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି।

## କମ୍ପାନୀ ପ୍ରଦୂଷଣକୁ ନେଇ ରୋହିତଙ୍କ ଉଦ୍‌ବେଗ

# ବଡ଼ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ କେବେ?

**ସମ୍ବଲପୁର, ୨୬।୧୧(ସମିସ)**

ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ କାରାଖାନା ଲାଗି ପ୍ରଦୂଷଣ ବଢ଼ିବାରେ ଲାଗିଛି ।ମନ ଇଚ୍ଛା ଆସ୍ ପକାଯାଉଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପାଉଛି। ହେଲେ ପ୍ରଚାର ପ୍ରସାର ପାଇଁ କେବଳ ଛୋଟ ଛୋଟ କମ୍ପାନୀ ଉପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ତେଣୁ ଛୋଟ କମ୍ପାନୀଗୁଡିକୁ ଟାର୍ଗେଟ ନ କରି ଅଞ୍ଚଳରେ ଅବସ୍ଥିତ ବଡ଼ କମ୍ପାନୀ ଉପରେ ମଧ୍ୟ ଝାରସୁଗୁଡ଼ା ଜିଲ୍ଲାପାଳ ଯାଞ୍ଚ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସମ୍ବଲପୁର ଜିଲ୍ଲା ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଅନେକ କଳକାରଖାନା ରହିଛି ଏବଂ ସବୁ କଳକାରଖାନା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସବୁ ଆଇନ ଏବଂ ଗାଇଡଲାଇନ୍ ଗୁଡ଼ିକୁ ଜଳାଞ୍ଜଳି ଦେଇ ଅବାଧରେ ବହୁ ମାତ୍ରାରେ ଜଳ, ସ୍ଥଳ ଏବଂ ଆକାଶରେ ନିଜର ପ୍ରଦୂଷଣ କରିବାରେ ବ୍ୟସ୍ତ ରହୁଛନ୍ତି। କିଛି ଦିନ ପୂର୍ବରୁ ବିଭିନ୍ନ ଗଣ ମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଥିଲା। ବିନା କୌଣସି ଟ୍ରିଟମେଣ୍ଟ କରି ନିଜର ବର୍ଯ୍ୟ ଜଳ ବଡ଼ ବଡ଼ କମ୍ପାନୀ ମାନେ ସିଧସଳଖ ନିକଟସ୍ଥ ଭେଡେନ ନଦୀ, ଇବ ନଦୀ ହେଉ ଅବା ମହାନଦୀ ତଥା ହୀରାକୁଦ ଜଳଭଣ୍ଡାରକୁ ଛାଡୁଛନ୍ତି। ଏହା ସହ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ମଧ୍ୟ କିଛି ମାସ ପୂର୍ବରୁ ସାଙ୍ଘାତିକ ରିପୋର୍ଟ ଦେଇଛନ୍ତି ଯେ ସମ୍ବଲପୁର ଅଞ୍ଚଳର ଭୂତଳ ଜଳ ମଧ୍ୟ ଧୀରେ ଧୀରେ ବିଷରେ ପରିଣତ ହେଉଛି। ଏହି ରିପୋର୍ଟ ଆଧାରରେ ସମ୍ବଲପୁର ବିଜେଡି ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହା ସହ ବାରମ୍ବାର ଆଗରୁ ବିଭିନ୍ନ ମହଲରୁ ଅଭିଯୋଗ ସତ୍ତ୍ୱେ, ବାରମ୍ବାର ବିଭିନ୍ନ ଖବର କାଗଜରେ ପ୍ରକାଶିତ ହେବା ପରେ ମଧ୍ୟ ଏହି ସବୁ କମ୍ପାନୀମାନଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେଉଁ କମ୍ପାନୀମାନଙ୍କ ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ହେଉଛି ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବେ ନେବେ ଜିଲ୍ଲାପାଳ ଜନସାଧାରଣଙ୍କୁ ଅବଗତ କଲେ ଭଲ ହୁଅନ୍ତା, ଖାଲି ଲୋକ ଦେଖାଣିଆ ନିଜ ଛବିକୁ ଭଲ କରିବା ପାଇଁ ଛୋଟ ଛୋଟ କମ୍ପାନୀମାନଙ୍କୁ ଟାର୍ଗେଟ କରି ନିଜର ଫଟୋ ଉଠାଇବା ବଦଳରେ ଯେଉଁମାନଙ୍କ ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ହେଉଛି ତାଙ୍କ କମ୍ପାନୀ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।ଏହା ଉପରେ ସରକାର ଗଭୀରତାର ସହ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ବୃହତ୍ ଜନଅନ୍ଦୋଳନର ସରକାରଙ୍କୁ ସାମ୍ନା କରିବାକୁ ପଡ଼ିବ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

**ପ୍ରସାର ପାଇଁ କେବଳ ଛୋଟ କମ୍ପାନୀର ଯାଞ୍ଚ ହେଉଛି**

# ଚାଷୀଙ୍କ ମୁହଁରେ ହସ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ବିଜେପି ସରକାର ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା, ପିଏମ କିଷାନ, ସିଏମ କିଷାନରେ ଆର୍ଥିକ ସହାୟତା ପ୍ରଦାନ ରାଜ୍ୟର ଚାଷୀଙ୍କ ଆୟକୁ ବୃଦ୍ଧି କରିଛି। ଏହା ସହ ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ।

## ■ ବାମରା ମକର ମହୋତ୍ସବ କମିଟି ଗଠିତ

# ପ୍ରଫୁଲ୍ଲ ଅଧ୍ୟକ୍ଷ, ଜ୍ୟୋତି ସାଧାରଣ ସମ୍ପାଦକ

**ସମ୍ବଲପୁର/କୁଚିଣ୍ଡା, ୨୬।୧୧ (ସମିସ):** ସମ୍ବଲପୁର ଜିଲ୍ଲା ବାମରାର ପ୍ରସିଦ୍ଧ ମକର ମହୋତ୍ସବ ୨୦୨୬ ପାଇଁ ନୂତନ କମିଟି ସୋମବାର ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ପ୍ରଫୁଲ୍ଲ କୁମାର ନାୟକ ଅଧ୍ୟକ୍ଷ ଓ ଜ୍ୟୋତିକୁମାର ଲାଠ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି।

ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରାରମ୍ଭରେ ପୂର୍ବ ବର୍ଷର ମକର ମେଳା ବିଷୟରେ ଆଲୋଚନା ହୋଇଥିଲା। ଏହାପରେ ମକର ମହୋତ୍ସବ ୨୦୨୬ ସକାଶେ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ନାୟକ ମନୋନୀତ ହୋଇଥିବାବେଳେ ଉପାଧ୍ୟକ୍ଷ ଇନ୍ଦ୍ରଦେବ ଚୌଧୁରୀ ଓ ମହେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ, ସମ୍ପାଦକ ସଞ୍ଜୟ କୁମାର ଜୈନ, କୁମାର ଚନ୍ଦ୍ର ପଟେଲ, ଅଲେଖ ବିଶ୍ୱାଳ, ବୁଟୁ ମହାରଣା, ସଞ୍ଜୟ ମେହେର, ବିଚିତ୍ର ବିଶ୍ୱାଳ ଓ ମଙ୍ଗଳି ନାୟକ, କୋଷାଧ୍ୟକ୍ଷ ଓମ ଖଣ୍ଡେଲୱାଲ, ସହକୋଷାଧ୍ୟକ୍ଷ ସୁଧୀର ରାୟଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଦୁର୍ଗା ପ୍ରସାଦ ମିଶ୍ର, ସୁନିଲ ସେଠ, କୈଳାଶ ରାଜ, ପ୍ରଶାନ୍ତ ଶତପଥୀ, ଦିଲୀପ ତ୍ରିପାଠୀ, ବିଷ୍ଣୁ ଶର୍ମା, ଅରବିନ୍ଦ ସାହୁ, ସଚ୍ଚିଦା ସାହୁ, ମନୋଜ ଦାସ ରହିଛନ୍ତି। ଚଳିତବର୍ଷ ବାମରା ମକର ମହୋତ୍ସବକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

# କତରବଗାରେ ଦୁର୍ଘଟଣା, ମହିଳା ମୃତ

**ସମ୍ବଲପୁର, ୨୬।୧୧(ସମିସ):** ଛତିଶଗଡ଼ ରାୟଗଡ଼ରୁ କୁଚିଣ୍ଡାକୁ ବରଯାତ୍ରୀ ଆସିଥିବା ଏକ ବୋଲେରୋ ଗାଡ଼ି ଦୁର୍ଘଟଣାର ଶିକାର ହୋଇଛି। ଗାଡ଼ିରେ ଯାଉଥିବା ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳାଙ୍କ ନାଁ ମିଲି ଗୌଡ଼ ବୋଲି ପୁଲିସ୍ ପକ୍ଷରୁ ସୂଚନା ମିଳିଛି । ଏହାସହ ଅନ୍ୟ ୩ ଜଣ ଗୁରୁତର ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ସେମାନଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଛତିଶଗଡ଼ ରାୟଗଡ଼ ଜିଲ୍ଲାରୁ ସମ୍ବଲପୁର କୁଚିଣ୍ଡାକୁ ବରଯାତ୍ରୀ ଆସିଥିଲେ । ବାହାଘର ସାରି କୁଚିଣ୍ଡାରୁ ଫେରୁଥିବା ସମୟରେ କତରବଗା ନିକଟ କ୍ରସର ନିକଟରେ ଦୁର୍ଘଟଣା ହୋଇଥିଲା। ଭାରସାମ୍ୟ ହରାଇ ବୋଲେରୋଟି ଏକ ଗଛକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରୁ ତୁରନ୍ତ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ଦୀର୍ଘ ସମୟ ଧରି ମହିଳାଙ୍କୁ ଉଦ୍ଧାର କରାଯାଇପାରି ନଥିଲା। ମହିଳା ଜଣଙ୍କ ଇଞ୍ଜିନ ଭିତରକୁ ପଶି ଯାଇଥିଲେ। ତେଣୁ ତାଙ୍କୁ ସେଠାରୁ ବାହାର କରିବାକୁ ସମୟ ଲାଗିଥିଲା। ସେହି ମହିଳାଙ୍କ ମୃତ୍ୟୁ ହୋଇଥିବା ପୁଲିସ୍ କହିଛି । କିନ୍ତୁ ଅନ୍ୟ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ବିଜେଡି ପକ୍ଷରୁ ଅସହାୟ ଝିଅଙ୍କୁ ସାହାଯ୍ୟ



**ସମ୍ବଲପୁର, ୨୬।୧୧(ସମିସ)** ଶ୍ରୀଗୁରୁ ତେଗବାହାଦୁର ସାହେବ ଜୀଙ୍କ ସହିଦୀ ଦିବସରେ ସେବା କାର୍ଯ୍ୟକରି ବିଜୁ ଜନତା ଦଳ ତରଫରୁ ଦିବସ ପାଳନ କରିଛି। ମଙ୍ଗଳବାର ସମ୍ବଲପୁର ମହାନଗର ୱାର୍ଡ ନ ୩୨ ହୀରାକୁଦ କଲୋନୀରେ ଅସହାୟ ଝିଅର ବାହାଘରରେ ସହଯୋଗର ହାତ ବଢ଼ାଇଲେ ସମାଜସେବୀ ତଥା ବିଜେଡ଼ି ନେତା ହରଦୀପ ସିଂହ ଭୂର୍ଜୀ। ଅସହାୟ ଝିଅର ବିବୋହୋତ୍ସବରେ ଘରୋଇ ସରଞ୍ଜାମ ଘର କରଣା ସାମଗ୍ରୀ ପ୍ରଦାନ କରାଯାଇଛି। ବିଜେଡି ସୋସିଆଲ ମିଡିଆ ଜୋନ କୋଡ଼ିନେଟର ସୁବାସ ଜେନା, ବରିଷ୍ଠ ବିଜେଡ଼ି ନେତା ସତ୍ୟେନ୍ଦ୍ର ଦାଶ, ସବିନୟ ପୂଜାରୀ, ଯୁଲ୍‌ଫିକାର ଭୁଟୋ, ଦୁଲାଲ ରାୟ, ପ୍ରହ୍ଲାଦ ଗୁରୁ, ଶୁକେଶ ସିଂ, ମହିଳା ନେତ୍ରୀ ଲିଲିମା ମଲ୍ଲିକ, ଶବନା ବେଗମ, ଅଫସନା ବେଗମ, ମାନସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଏଲଆର୍‌ଆଇ ଯାତ୍ରା

**ସମ୍ବଲପୁର, ୨୬।୧୧(ସମିସ):**ଜିଲ୍ଲା ଜଳ ବିଭାଜିକା ଉନ୍ନୟନ ସମ୍ବଲପୁରର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏଲ ଆର୍‌ଆଇ ଯାତ୍ରା ଓ ଏଲଆରଆଇ ମହୋତ୍ସବ ଯୁଯୁମୁରା ବ୍ଲକ ବିରସିଂହଗଡ଼ ଖେଳପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି, ବିରସିଂହଗଡ଼ ସରପଞ୍ଚ ରିଙ୍କି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂଆ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୂମିପୂଜନ, ବୃକ୍ଷରୋପଣ, ସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ଲୋକାର୍ପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥିମାନେ ପତାକା ଦେଖାଇ ଏଲଆର୍‌ଆଇ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରଥ ପ୍ରତି ଗ୍ରାମ ପଞ୍ଚାୟତକୁ ଯାଇ ଜଳବିଭାଜିକା ତଥା ଏଲଆରଆଇ କାର୍ଯ୍ୟକ୍ରମ ବାବଦରେ ଲୋକଙ୍କୁ ସଚେତନ କରାଇବ। ଉକ୍ତ ସଭାରେ ଜଳ ବିଭାଜିକାର ଲକ୍ଷ, ଉଦ୍ଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନତାଙ୍କୁ ସଚେତନ କରାଯାଇଥିଲା ।ଏଲ୍‌ଆର୍‌ଆଇ ମାଧ୍ୟମରେ ଚାଷ କରିଥିବା ଉପକୃତ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରୀୟ କରାଯାଇଥିବା କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା ।ଶେଷରେ ଜଳବିଭାଜିକା ଉନ୍ନୟନ ପରିବାର ପକ୍ଷରୁ ମନୋଜ ରଞ୍ଜନ କୁମାର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ



**ସମ୍ବଲପୁର, ୨୬।୧୧(ସମିସ):** ବୃନ୍ଦହିଲ ହନୁମାନ ମନ୍ଦିରରେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳ ୯ଟାରେ ପ୍ରଭୁ ଶ୍ରୀ ରାମଙ୍କ ବରଯାତ୍ରୀ ରାମଙ୍କ ପିତା ମାତାଙ୍କ ଘରୁ ବାହାରି ମନ୍ଦିରରେ ପହଞ୍ଚିଥିଲା। ତାପରେ ବୈଦିକ ରୀତିରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସୋନପୁରର ବନ୍ଦିତା ନାୟକ ରାମାଚରିତ୍ର ମାନସ ପାଠ କରିବା ସହ ତାଙ୍କ ମଧୁର ଭକ୍ତି ଗୀତରେ ଭକ୍ତ ମାନେ ଝୁମି ଉଠିଥିଲେ। ଦିନ ୧.୦୦ ରେ ପ୍ରସାଦ ଏବଂ ସନ୍ଧ୍ୟା ୬.୦୦ରେ ନଗର ପରିକ୍ରମାର ବାହାରିଥିଲା ।ଶୋଭାଯାତ୍ରାରେ ବିଭିନ୍ନ ବାଜା, ଘଣ୍ଟବାଦ୍ୟ, କଳାହାଣ୍ଡିର ଘୁମୁରା ନାଚ ଏବଂ କୁନିକୁନି ଛୁଆମାନେ ରାମ ଲକ୍ଷ୍ମଣ, ଭାରତ, ଶତ୍ରୁଘ୍ନ ଓ ହନୁମାନ ବେଶ ହୋଇ ବାହାରିଥିଲେ। ଶ୍ରୀ ରାମଙ୍କ ମାତା ପିତା ରୂପରେ ବୃନ୍ଦହିଲର ସ୍ମିତା ବାବୁ ପାଣିଗ୍ରାହୀ ଓ ସୌମ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ ମାତା ସୀତାଙ୍କ ମାତା ପିତା ରୂପରେ ଧନୁପାଲି ହନୁମାନ ନଗରର ଲିପ୍ସା ମିଶ୍ର ଓ ମହାବୀର ମିଶ୍ର କାର୍ଯ୍ୟକରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ବିବାହ ପରିଚାଳନା ପଣ୍ଡିତ ବ୍ୟାସଦେବ ପଣ୍ଡା କରିଥିଲେ। ମନ୍ଦିର କମିଟିର ସଭାପତି ଦୁର୍ଗା ମାଧବ ମିଶ୍ର, ସମ୍ପାଦକ ରାଜୀବ କୁମାର ଶତପଥୀ, ସହ ସମ୍ପାଦକ ସଞ୍ଜୀବ ପାଢ଼ୀ, କ୍ଷିରୋଦ ବେହେରା, ମୁରାରି ଶତପଥୀ, ଆଲୋକ ସାହୁ, ଅନୁପମ, ବସନ୍ତ ମହାରଣା, ଉମା ସାହୁ, ସଞ୍ଜୀବ ପରିଡ଼ା, ଶକ୍ତି ଶତପଥୀ ଓ ମନ୍ଦିରର ମହିଳା ସତସଙ୍ଗ କାର୍ଯ୍ୟ ତୁଲାଇ ଥିଲେ।

# କଫ ସିରପ୍ ଜବତ, ମହିଳା ସହ ୨ ଗିରଫ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବଲପୁର ଅବକାରୀ ବିଭାଗ ଦୁଇଟି ପୃଥକ ମାମଲାରେ ୨୧୭ଟି ବେଆଇନ କଫ ସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛ। ଧନୁପାଲି ଥାନା ଚାରଭାଟି ଅଞ୍ଚଳରେ ବେଆଇନ ଭାବେ କଫସିରପ କାରବାର ହେଉଥିବା ଖବର ପାଇଥିଲା। ପରେ ଚଢଉ କରି ୧୪୮ ବୋତଲ କଫସିରପ, ଗୋଟାଏ ସ୍କୁଟି ଓ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ଚାରଭାଟିର ଶ୍ୟାମ ଓରାମ(୩୨) ଓ ସନ୍ତୋଷ ଓରାମ(୨୪) । ସେହିପରି ବୁର୍ଲା ହାଇସ୍କୁଲ ପଡ଼ା ନିକଟରୁ କଫ ସିରପ୍ କାରବାରରେ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଉଛନ୍ତି ପ୍ରମିଳା ଷଣ୍ଢ(୩୫)। ତାଙ୍କ ନିକଟରୁ ୬୯ ବୋତଲ କଫ ସିରପ୍ ଜବତ କରିଛି। ସମସ୍ତ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ହ୍ୟୁମାନଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା

**ସମ୍ବଲପୁର, ୨୬।୧୧(ସମିସ):**ହ୍ୟୁମାନ ସାଗରଙ୍କ ଆତ୍ମାର ସତଗତି କାମନା କରି ହୀରାକୁଦ ଯୁଥ କ୍ଲବ ପକ୍ଷରୁ ମହମବତି ଶୋଭାଯାତ୍ରା ଆୟୋଜିତ ହୋଇଥିଲେ ।ହୀରାକୁଦ କଳାକାର ପରିଷଦ, ସେବା ହିଁ କର୍ମ, ଲାୟନ୍ସ କ୍ଲବ ରୋୟାଲ, ପ୍ରମୁଖ ସହଯୋଗ କରିଥିଲେ ।ଆତ୍ମାର ସଦଗତି ନିମନ୍ତେ ଶାନ୍ତି ପ୍ରାର୍ଥନା କରି ପଦଯାତ୍ରା ହୋଇଥିଲା ।ସମାଜସେବୀ କାର୍ତ୍ତିକ କଲେତ, ନିସାନ ବାଦ୍ୟକାର ରାଧେ, ଯୁବ ସଭାପତି ମଞ୍ଜୁ ଓରାମ, ସମ୍ପାଦକ ଜିତେନ୍ ଗର୍ଦ୍ଦ୍ୟୟ, ମାନସୀ କୁଶଳ, ରୋହିତ ତାଣ୍ଡି, ଉତ୍ତମ ବାଗ, ମହେଶ ଗର୍ଡ଼ିୟ, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ଜ୍ୟୋତିଷ, ମାନସ ମୁଲି, ସୂର୍ଯ୍ୟ କଲେତ, ଦିପକ୍ ନାଗ, ପାୟଲ କରାଲି, ହିରା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବିଧାନ ଦିବସ ପାଳିତ**

# ସମସ୍ତ ଭାରତୀୟ ଥରେ ସମ୍ବିଧାନ ପଢ଼ିବା ଆବଶ୍ୟକ









## ଜିଏମ୍ୟୁ

**ସମ୍ବଲପୁର, ୨୬।୧୧(ସମିସ)**

ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ରେ ରାଜନୀତି ବିଜ୍ଞାନ ବିଭାଗ ଓ ଏଲେକ୍ଟୋରାଲ୍ ଲିଟରେସି କ୍ଲବ୍ ଦ୍ୱାରା ମିଳିତ ଭାବେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉପକୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବାର ଆସୋସିଏସନ ସଭାପତି ପ୍ରଦୀପ ବହିଦାର ଏବଂ ମୁଖ୍ୟବ୍ୟକ୍ତା ଭାବେ ପ୍ରଫେସର ଆରକେ ଶତପଥୀ ପୂର୍ବତନ ପ୍ରଫେସର, ନେହୁ, ଶିଲଙ୍ଗ ଯୋଗ ଦେଇଥିଲେ। ପ୍ରଫେସର ଆରକେ ଶତପଥୀ ଭାରତୀୟ ସମ୍ବିଧାନର ଉତ୍ପତ୍ତି, ସଂଘୀୟ ଗଠନ, ଗଣତନ୍ତ୍ରର ସାପେକ୍ଷତା ଓ ବେସିକ୍ ଷ୍ଟ୍ରକ୍‌ଚର ଡକ୍ଟ୍ରିନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ ।ପ୍ରଫେସର ଶତପଥୀ ନବ ପିଢ଼ୀକୁ ସମ୍ବିଧାନୀୟ ମୂଲ୍ୟବୋଧ ଅନୁସରଣ କରି ଦେଶ ଗଢ଼ିବା କାମରେ ସଚେତନ ଏବଂ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ପ୍ରଦୀପ ବହିଦାର କହିଥିଲେ, ଭାରତରେ ଥିବା ସବୁ ବ୍ୟକ୍ତିମାନଙ୍କୁ ସମ୍ବିଧାନ ପଢ଼ିଭା ଓ ଜାଣିବାର ଦରକାର। କାର୍ଯ୍ୟକ୍ରମରେ ସମ୍ବିଧାନ ଦିବସକୁ ଅଧିକ ଅର୍ଥବାହୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଏକ, ରଚନା ପ୍ରତିଯୋଗିତା ଓ ତର୍କବିତର୍କ (ଡିବେଟ୍) ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଜିତିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ପତ୍ର, ଟ୍ରଫି ଓ ପୁରସ୍କାର ଦିଆଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବୈଦାର କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ ।ବିଶ୍ୱବିଦ୍ୟାଳୟ ଡେପୁଟି ରଜିଷ୍ଟ୍ରାର ଓ ଅର୍ଥନୀତି ବିଭାଗ ମୁଖ୍ୟ ଡ. ଉମା ଚରଣ ପତି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ବିଭାଗର ଶିକ୍ଷକ ଡ.ବନିତା ମହାନନ୍ଦିଆ, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା ଓ ବିଭାଗର ଗବେଷକ ଓ ଛାତ୍ରଛାତ୍ରୀ ସାହାଯ୍ୟ କରିଥିଲେ। ରାଜନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପ୍ରୀତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ରେଳମଣ୍ଡଳ

**ସମ୍ବଲପୁର, ୨୬।୧୧(ସମିସ):**ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ସମ୍ବିଧାନ ଦିବସ ପାଳନ କରାଯାଇଛି ।ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ଅଧିକାରୀ ଏବଂ କର୍ମଚାରୀମାନେ 'ଭାରତୀୟ ସମ୍ବିଧାନର ପ୍ରସ୍ତାବନା'ର ସାମୂହିକ ପାଠ କରିଥିଲେ। ସମ୍ବଲପୁରର ଡିଆରଏମ ଅଫିସ କମ୍ପ୍ଲେକ୍ସର ପ୍ରଗତି ଧାରା ଠାରେ ଆୟୋଜିତ ହୋଇଥିଲା ।ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।ମଣ୍ଡଳ କାର୍ମିକ ଅଧିକାରୀ ପୋନା ଭେଙ୍କଟେଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ବିଧାନରେ ନିର୍ଣ୍ଣିତ ମୂଲ୍ୟବୋଧ ଏବଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱକୁ ସ୍ମରଣ କରାଇଥିଲା।

## ସିଆରପିଏଫ୍ ଗ୍ରୁପ୍ ସେଣ୍ଟର

**ସମ୍ବଲପୁର, ୨୬।୧୧(ସମିସ):** ଗୋଶାଳା ନିକଟସ୍ଥ ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା ।ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଦିବସ ପାଳିତ ହୋଇଥିଲା। ଶ୍ରୀ ସିଂହ ଭାରତର ସମ୍ବିଧାନକୁ ବିଶ୍ୱର ସବୁଠାରୁ ବ୍ୟାପକ ସମ୍ବିଧାନ ଭାବରେ ବର୍ଣ୍ଣନା କରିଥିଲେ। ଭୀମରାଓ ଆମ୍ବେଦକରଙ୍କ ମହାନ ଅବଦାନକୁ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ସୈନିକ ସମ୍ବିଧାନର ସପ୍ତମ ପ୍ରସ୍ତାବନା ପାଠ କରିଥିଲେ।

## ଲ'କଲେଜ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବିଧାନ ଅନୁଯାୟୀ ଦେଶର ଶାସନ ପ୍ରକ୍ରିୟାକୁ ପରିଚାଳନା କରିବା ହେଉଛି ଭାରତୀୟ ଗଣତନ୍ତ୍ରର ମୂଳ ଲକ୍ଷ୍ୟ। ଏକ ବଳିଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ଅଧିକାରକୁ ସର୍ବାଧିକ ପ୍ରାଧାନ୍ୟ ଦିଆ ଯିବା ଉଚିତ୍। ସମସ୍ତଙ୍କ ଭାଗିଦାରୀରେ ହିଁ ଏକ ନୂତନ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣ ହୋଇପାରିବ ବୋଲି ସମ୍ବିଧାନ ଦିବସ ଉପଲକ୍ଷେ ସ୍ଥାନୀୟ ଲଜପତ ରାୟ ଆଇନ



ମହାବିଦ୍ୟାଳୟର ପକ୍ଷରୁ ଆୟୋଜିତ ଜାତୀୟ ସମ୍ମାନରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ମୂଲ୍ୟବୋଧର ଆକାଂକ୍ଷା ଏବଂ ସମସାମୟିକ ରାଜନୈତିକ ପରିସ୍ଥିତି ଶୀର୍ଷକ ଜାତୀୟ ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ, ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପ୍ରଫେସର ବିଜୟ ମହାପାତ୍ର, ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ବେଣୁଧର ରାଉତିଆ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ଡିଜିଟାଲ ଯୁଗ ସହ ତାଳ ଦେଇ ଦେଇ ଏକ ସୁନ୍ଦର୍ ସମାଜ ଗଠନ କରିବାରେ ଆଇନଜୀବିଙ୍କ ଭୂମିକା ପ୍ରଫେସର ଦୀପକ କୁମାର ବେହେରା ଆଲୋକପାତ କରିଥିଲେ ।ଏଥିରେ ଡ.ନବି ଖାଁ ଓ ଡ.ଦେବଦତ୍ତ ପୃଷ୍ଟିଙ୍କୁ ମିଶାଇ ମୋଟ ୧୦ଟି ସନ୍ଦର୍ଭ ପାଠ କରାଯାଇଥିଲା। ସେହିପରି ଡ.ଶ୍ରୀକାନ୍ତ ମିଶ୍ର ଓ ରାଜକୁମାର ଅଗ୍ରୱାଲଙ୍କ ପରିଚାଳନାରେ ଅନୁଷ୍ଠିତ ଦ୍ୱୀତିୟ ଅଧିବେଶନରେ ମୋଟ ୩୦ଟି ସନ୍ଦର୍ଭ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାରାୟଣ ସ୍ୱାଇଁ, ଅନୁରାଧା ମିର୍ଦ୍ଧା, ନଟବର ମହାରଣା ସହଯୋଗ କରିଥିବା ବେଳେ ଅନୁଷ୍କା ପତି, ବାଲଗୋପଲ୍ ନନ୍ଦ, ଆମର ଶର୍ମା, ଦେବାଶିଷ ନନ୍ଦୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ମହିଳା ମହାବିଦ୍ୟାଳୟ

**ସମ୍ବଲପୁର, ୨୬।୧୧(ସମିସ):**ଜାତୀୟ ସମ୍ବିଧାନ ଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମାନ ଅନୁଷ୍ଠିତ ହେବା ସହିତ ସମ୍ବିଧାନ ଶପଥ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ପ୍ରଥମେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଙ୍କୁ ସମ୍ବିଧାନ ସଂଯୁକ୍ତ ପ୍ରସ୍ତାବନାର ଶପଥ ପାଠ କରାଇଥିଲେ ।ଏହି ଉପଲକ୍ଷେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ସମ୍ମାନରେ ସମ୍ବିଧାନ ବିଶେଷଜ୍ଞ ତଥା ଆଇନଜ୍ଞ ଡ.ପ୍ରମୋଦ କୁମାର ରଥ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ ।ଅଧ୍ୟକ୍ଷା ପ୍ରଫେସର ମେହେର ପୃଥିବୀର ସର୍ବବୃହତ ଗଣତନ୍ତ୍ର ଭାରତର ସ୍ଥିତି ଏବଂ ସ୍ଥାୟିତ୍ୱ ପାଇଁ ସମ୍ବିଧାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚିକା ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଫେସର ଭାରତୀ ମିଶ୍ର ସମ୍ବିଧାନର ସୃଷ୍ଟି ଓ ଐତିହ୍ୟ ଉପରେ ଆଲୋକପାତ କରି କେଶବାନନ୍ଦ ଭାରତୀ ତଥା ଅନ୍ୟ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତର ରାୟର ଉଦାହରଣ ପ୍ରଦାନ କରିଥିଲେ। ପ୍ରଫେସର ପ୍ରଶାନ୍ତ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗ ମୁଖ୍ୟା ପ୍ରଫେସର ଶୈଳଜା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସମ୍ମାନର ସଂଯୋଜନା କରିଥିଲେ।

## କୁଚିଣ୍ଡାରେ ଏକତା ପଦଯାତ୍ରା




କୁଚିଣ୍ଡା,୨୬ ।୧୧(ସମିସ):ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କୁଚିଣ୍ଡାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନେତୃତ୍ୱରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।ବୁଧବାର ସକାଳେ ଆୟୋଜିତ ଏକତା ପଦଯାତ୍ରା ମନ୍ତ୍ରୀ ଶ୍ରୀ ନାୟକଙ୍କ ନେତୃତ୍ୱରେ କୁଚିଣ୍ଡା କଲେଜ ପଡିଆ ଠାରୁ ଆରମ୍ଭ ହୋଇ ଘୋଷା ଛକ,ପଦ୍ମଲୋଚନ ବିଲିଡ଼ିଂ,କାନରା ବ୍ୟାଙ୍କ, ସମଲେଶ୍ୱରୀ ମନ୍ଦିର, ମନ୍ଦିର ଛକ , ପୁରୁଣା ବସ୍‌ଷ୍ଟାଣ୍ଡ , ରାଜୀବ ଗାନ୍ଧୀ ଛକ ଦେଇ ମୁକୁନ୍ଦୀ ପଡିଆରେ ପହଞ୍ଚିଥିଲା । ସେଠାରେ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଶ୍ରୀ ନାୟକ ଉପସ୍ଥିତ ଥିବା ବେଳେ ସମ୍ମାନିୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଜି ହିମାଂଶୁଲାଲ,ଏସ୍‌ପି ମୁକେଶ ଭାମୂ, ବାମରା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ , ପିଏ ଆଇଟିଡିଏ ହେମାସାଗର ଭୋଇ, ବିଡ଼ିଓ ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀ ନାୟକ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ଭାରତରେ ପ୍ରାୟ ୫୦୦ ଗଡ଼ଜାତ ଅଞ୍ଚଳ ରହିଥିଲା , ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ସମସ୍ତ ଗଡ଼ଜାତ ଅଞ୍ଚଳକୁ ଭାରତ ସହିତ ମିଶାଇ ପାରିଥିଲେ । ଆଜି ଆମେ ଯେଉଁ ଅଖଣ୍ଡ ଏବଂ ଶସକ୍ତ ଭାରତ ଦେଖୁଛୁ ତାହା ତାଙ୍କର ଦିନ ରାତ୍ରି କରିଥିବା ପରିଶ୍ରମର ଫଳ ବୋଲି କହି ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ପ୍ରମୁଖ ଭୂମିକା ନେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଅନ୍ୟଅତିଥିମାନେ ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ଜୀବନୀ ବାବଦରେ ଆଲୋଚନା କରି ତାଙ୍କୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବାକୁ କହିଥିଲେ ।

## ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

କୁଚିଣ୍ଡା,୨୬ ।୧୧(ସମିସ): କୁଚିଣ୍ଡା ବ୍ଲକ୍ ଗୋଛରା ପଞ୍ଚାୟତର ଜନକଡିହି ଠାରେ ରାସ୍ତା କଡ଼ରେ ଅତି ବିପଦ ଜନକ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ରହିଛି । ସେଠାରୁ ସ୍ଥାନାନ୍ତରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଜନକଡିହି ଠାରେ ରାସ୍ତାକଡ଼ରେ ଦୀର୍ଘ ବର୍ଷ ହେବ ଦୁଇଟି ବିଦ୍ୟୁତ୍ ଖୁଣ୍ଟରେ ସଂଯୋଗ ହୋଇ ଏକ ଟ୍ରାନ୍ସଫରମର ରହିଛି । ଭୂମି ଠାରୁ ଏହାର ଉଚ୍ଚତା ବହୁତ କମ ହୋଇଥିବାରୁ ଗୃହପାଳିତ ପଶୁ ଏବଂଛୋଟ ଛୁଆଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଅନେକ ଥର ଅନୁରୋଧ କରିଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।ଏ ବାବଦରେ ମତାମତ ପାଇଁ ଟିପିଡବ୍ଲୁଏଲର ସହକାରୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳିପାରି ନାହିଁ ।

## ମୁଣ୍ଡୋମହୁଲ ଗାଁରେ କୁରାଳ ପୂଜା

ବିଜେପୁର,୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ସାନବାଉସନ ପଞ୍ଚାୟତ ଅଧୀନ ମୁଣ୍ଡୋମହୁଲ ଗାଁରେ ତିନି ଦିନ ଧରି କୁରାଳ ଭଗବାନଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗାଁ ପୋଖରୀରୁ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଏହାପରେ ରୀତିନୀତିରେ ସୂର୍ଯ୍ୟ ଦେବତା, ରୁଦ୍ରପାଲ, ରତ୍ନେଶ୍ୱରୀଙ୍କ ସମେତ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରେମଶିଳା ଓ ମନବୋଧ ରଣା ସପତ୍ନିକ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ କେଶବ ମିଶ୍ର(ଲାଦୁ) ପୂଜାର୍ଚ୍ଚନା କରିଛନ୍ତି । ନେପାଳ ରଣା, ଗଣେଶ ରଣା, ଗୁଣମଣି ରଣା, ଚିନ୍ତାମଣି, ଆନନ୍ଦ ରଣା, ଲଳିତ ରଣା, ଯୁବରାଜ ରଣା, ଭବେଶ ରଣା, ନରେଶ ରଣା, ଗୋପାଳ ରଣା, ଦିଲ୍ଲୀପ ରଣାଙ୍କ ସମେତ ପୂଜା କମିଟିର ସ୍ଥାନୀୟ କୁରାଳ ଭାଇ ମାନେ ପୂଜା କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ସୂଚନା ଯୋଗ୍ୟ ଯେ ବ୍ରହ୍ମା ସୃଷ୍ଟି ତିଆରି କରିବା ପରେ ଖାଦ୍ୟ ସମସ୍ୟା ଦେଖାଦେବାରୁ ଭଗବାନ ବିଷ୍ଣୁରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଜନ୍ମ ଦେଇ ମାଟିହାଣ୍ଡି ତିଆରି କରି ଖାଦ୍ୟ ରନ୍ଧନ ବ୍ୟବସ୍ଥା କରିଥିବା କିମ୍ବଦନ୍ତୀ ଆଧାରରେ ଏହି ପୂଜା ଭକ୍ତି ସହକାରେ କୁମ୍ଭାର ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ ।

## କୁଚିଣ୍ଡା ମହାବିଦ୍ୟାଳୟ | ଛାତ୍ରୀ ଅସଦାଚରଣ ଘଟଣା ଚପାଇ ଦେବାକୁ ଉଦ୍ୟମ

କୁଚିଣ୍ଡା,୨୬ ।୧୧(ସମିସ):କୁଚିଣ୍ଡା ଉପଖଣ୍ଡର ସର୍ବପୁରାତନ କୁଚିଣ୍ଡା ମହାବିଦ୍ୟାଳୟରେ ଛାତ୍ରଙ୍କ ଅପେକ୍ଷା ଅଧିକ ଛାତ୍ରୀ ପଢୁଛନ୍ତି।ଦୂରଦୂରାନ୍ତରୁ ଅଭିଭାବକମାନେ ତାଙ୍କର ଝିଅଙ୍କୁ ସୁରକ୍ଷିତ ଅବସ୍ଥାରେ ଛାତ୍ରୀ ନିବାସରେ ଛାଡି ନିର୍ଭୟରେ ରହିଥାନ୍ତି। ଛାତ୍ରୀନିବାସ କିମ୍ବା ମହାବିଦ୍ୟାଳୟରେ କେବେ ବି ଅପ୍ରୀତିକର ଘଟଣା ଘଟି ନଥିଲା। କିନ୍ତୁ ଆଜକୁ ପ୍ରାୟ ମାସେ ହେବ ଉକ୍ତ ମହାବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଅଧ୍ୟୟନରତ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ୫ ଜଣ ଛାତ୍ରୀଙ୍କ ଆପତ୍ତିଜନକ ସ୍ଥାନମାନଙ୍କରେ ସର୍ବଦା ହାତ ମାରୁଛନ୍ତି। ଅସହ୍ୟ ହେବାରୁ ଛାତ୍ରୀମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କୁ ମୌଖିକ ଜଣାଇଥିଲେ। ହେଲେ ଅଧ୍ୟକ୍ଷ ଶ୍ରୀପଣ୍ଡା ଉକ୍ତ ଛାତ୍ରୀଙ୍କୁ ଲିଖିତ ଭାବେ ଦିଅ ବୋଲି କହିବାରୁ ଛାତ୍ରୀମାନେ ଲିଖିତ ଭାବରେ ଦେଇ ନଥିଲେ । ଘଟଣା ସଂପର୍କରେ ଜାଣି ଜଣେ ସାମ୍ବାଦିକ ଏ ବାବଦରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ପଚାରି ଥିଲେ। ଅଧ୍ୟକ୍ଷ ମୁଁ ସମସ୍ତ ଅଧ୍ୟାପକଙ୍କୁ ଡାକି ଏବାବଦରେ ତାଗିଦ୍ କରିବି ବୋଲି କହିଥିଲେ। ହେଲେ ଏଯାଏଁ ତାହା କରାଗଲା ନାହିଁ। ଅଧ୍ୟକ୍ଷ ପ୍ରାଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପରିତାପର ବିଷୟ। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଧ୍ୟକ୍ଷ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି ।ଏପରି କୁକର୍ମ କରୁଥିବା ପ୍ରାଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଫଳରେ ଅଭିଭାବକଙ୍କ ମହଲରେ ନିରାଶ୍ୟ ଦେଖା ଦେଇଛି। ଏପରି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଛାଡିବା କେତେ ସୁରକ୍ଷିତ ତାହା ଏଠାରୁ ସ୍ପଷ୍ଟ ଜଣାପଡୁଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

## ସରକାରୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷଙ୍କୁ ଉପେକ୍ଷା | ବିଡିଓଙ୍କ ଦାୟିତ୍ୱହୀନତାକୁ ତୀବ୍ର ନିନ୍ଦା

କୁଚିଣ୍ଡା, ୨୬ ।୧୧(ସମିସ ):କୁଚିଣ୍ଡା ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ପ୍ରାଣୀ ଓ ମତ୍ସ୍ୟ ବିଭାଗର କାର୍ଯ୍ୟକ୍ରମ ସମାରୋହରେ ବ୍ଲକ୍ ଅଧ୍ୟକ୍ଷଙ୍କ ନାମ ନିମନ୍ତ୍ରଣପତ୍ରରେ ନ ରହିବା ଏକ ଦୁର୍ଭାଗ୍ୟଜନକ,ଅଭାବନୀୟ ଓ ନିୟମ ବହିର୍ଭୂତ ଘଟଣା ବୋଲି ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଏକ ବିବୃତ୍ତିରେ କହିଛନ୍ତି । କୁଚିଣ୍ଡା ଅଞ୍ଚଳର ବରିଷ୍ଠ ନାଗରିକ ଓ ଜଣେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବରେ ପ୍ରେସ ବିବୃତ୍ତିରେ ମତ ପ୍ରକାଶ କରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଯେ କେହି ଥାଆନ୍ତୁ ନା କାହିଁକି ସେ ପଞ୍ଚାୟତ ସମିତି କାର୍ଯ୍ୟନିର୍ବାହୀ ମୁଖ୍ୟ ଏବଂ ବିଡ଼ିଓ ହେଉଛି କାର୍ଯ୍ୟନିର୍ବାହୀ ଅଧିକାରୀ । ତେଣୁ ପଞ୍ଚାୟତ ସମିତିରେ ଯେ କୌଣସି ସରକାରୀ କାର୍ଯ୍ୟକ୍ରମ ହେଲେ ବିଡିଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଅବଗତ କରିବା କଥା ବୋଧ ହୁଏ ବିଡିଓ ଏହା କରିନାହାନ୍ତି କିମ୍ବା ତାଙ୍କର ନାମକୁ ନିମନ୍ତ୍ରିତ ଅତିଥି ଭାବରେ ଦେବାକୁ ଚାହିଁ ନାହାନ୍ତି । ପଞ୍ଚାୟତ ସମିତିର ମୁଖ୍ୟଙ୍କ ପ୍ରତି ଅବମାନନା କରି ନିୟମ ବହିର୍ଭୁତ କାର୍ଯ୍ୟ କରିଛନ୍ତି । ସେହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଉପସ୍ଥିତିରେ ଏପରି ଭାବରେ ପଞ୍ଚାୟତରାଜ ଅନୁଷ୍ଠାନର ମୁଖ୍ୟଙ୍କ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଥିବା ତାଙ୍କ ପ୍ରତି ମଧ୍ୟ ଏକ ଅପମାନଜନକ ଘଟଣା । ପଞ୍ଚାୟତରାଜ ମନ୍ତ୍ରୀ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ଏବଂ ସାମଗ୍ରିକ ଭାବରେ ପଞ୍ଚାୟତରାଜ ଅନୁଷ୍ଠାନମାନଙ୍କର ମଧ୍ୟ ସେ ଗୁରୁ ଦାୟିତ୍ୱରେ ଗ୍ରହଣ କରିଛନ୍ତି । ଏପରି ଘଟଣାରେ ମନ୍ତ୍ରୀ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ? ନଚେତ୍ ଏହା ସଂକୀର୍ଣ୍ଣହୀନ ମର୍ଯ୍ୟାଦାର ପରିଚୟ ହେବ । ଅନ୍ୟପକ୍ଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ପଞ୍ଚାୟତ ସମିତି ମୁଖ୍ୟଙ୍କ ପ୍ରତି ଯେପରି ଭାବରେ ଅବମାନନା କରାଗଲା, ତାର ନୀରବ ପ୍ରତିବାଦ କଲେ । ସେଥିପାଇଁ ଶ୍ରୀ ମହାନ୍ତି ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଥିଲେ ।



## ବିଜେପୁର ମହୋତ୍ସବ ପାଇଁ ପ୍ରସ୍ତୁତି

ବିଜେପୁର,୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ମହୋତ୍ସବ ପାଇଁ ବ୍ଲକ୍ କଳାକାର ସଂଘ ଓ ବ୍ଲକ୍ ସାମ୍ବାଦିକ ସଂଘର ମିଳିତ ସହଯୋଗରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ପୁରାତନ କୋଠାରେ ଆୟୋଜିତ ବୈଠକରେ ନାଟ୍ୟକାର ମୋହନ ସିଂଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବ୍ଲକ୍ କଳାକାର ସଂଘ ଉପସଭାପତି ଦେବେନ୍ଦ୍ର ମଟାରୀ, ସାମ୍ବାଦିକ ପାଣ୍ଡବ ପଧାନ, ନୀଳମଣି ମେହେର, ଭରତ ସାହୁ, ଜିତେନ୍ଦ୍ରୀୟ ମେହେର, ଜଗନ୍ନାଥ କୁମ୍ଭାର, ଅମୂଲ୍ୟ ସୁନା, ଅମୃତ ବିଶି, ଦୁର୍ବାଦଳ ମେହେର, ଶେଷଦେବ ପୁଟେଲ, ବିଶ୍ୱେଶ୍ୱର ପୁଟେଲ, ବାବୁଲାଲ ସାବତ, ଦିବ୍ୟଜ୍ଞାନ ମଟାରୀ, ଦୁର୍ଯ୍ୟୋଧନ ନାଏକ, ନରେନ୍ଦ୍ର ପଟେଲ, ରାଧାକାନ୍ତ କୁମ୍ଭାର, ରବି ମେହେରଙ୍କ ସମେତ ବିଭିନ୍ନ ଗାଁର କଳାକାର ଯୋଗ ଦେଇଥିଲେ । ଆଗାମୀ ଜାନୁଆରୀ ଶେଷ ସପ୍ତାହରେ ବିଜେପୁର ମହୋତ୍ସବ ଦୁଇ ଦିନ ଧରି ଆୟୋଜନ କରିବାକୁ ସ୍ଥିରୀକୃତ ହୋଇଛି । ଲୋକଗୀତ, ଲୋକନୃତ୍ୟ ସହ ପଶ୍ଚିମ ଓଡ଼ିଶାରେ ଲୁକ୍କାୟିତ ହୋଇ ଯାଉଥିବା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରିବାକୁ ପ୍ରସ୍ତାବ ହୋଇଛି । କଳାକାର ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମହୋତ୍ସବର ରୂପରେଖ ଉପରେ ଆଲୋଚନା ହୋଇଥିଲା ।

## ଆନ୍ତର୍ଜାତିକ ଅନୁପମ ପ୍ରତିଭା ଅନ୍ୱେଷଣ ଦିବସ



ବରଗଡ଼,୨୬।୧୧(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ 'ଅନୁପମ ପ୍ରତିଭା ଅନ୍ୱେଷଣ ଦିବସ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ନକୁଳ ସେଠ ଏଥିରେ ଅଧ୍ୟକ୍ଷତା କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଝାରସୁଗୁଡ଼ା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର, ପରିଚାଳନା କମିଟି ସଭାପତି ଡ.ଦିଲ୍ଲୀପ ପଣ୍ଡା, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ, ଆଇନଜୀବୀ ବିମଳ ଦାଶ, ଜିଲ୍ଲା ଅଭିଭାବକ ସଂଘ ସଭାପତି ପ୍ରଫେସର ସିକନ୍ଦର, ସଂସ୍କୃତ ପ୍ରଫେସର ସୁଷମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲ୍ୟ ବିବାହ ଉପରେ ଏକକ ନାଟିକା 'ମୁନିର ବାହାଘର' କଲେଜର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ମାନେ ପରିବେଷଣ କରିଥିଲେ। ଦିବ୍ୟାଙ୍ଗ ଶିଶୁ ମାନେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ, ସଂଗୀତ, ପ୍ରଦର୍ଶନ କରିଥିଲେ । ଶେଷରେ କଲେଜର ଅଧ୍ୟାପିକା ସୁଷମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆପ୍‌ର ସ୍ଥାପନା ଦିବସରେ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

ବରଗଡ଼,୨୬।୧୧(ସମିସ): ସମ୍ବିଧାନ ଦିବସ ଓ ଆମ୍ ଆଦମୀ ପାର୍ଟିର ସ୍ଥାପନା ଦିବସ ଅବସରରେ ବରଗଡ଼ରେ ରାଲି, ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର କାର୍ଯ୍ୟକ୍ରମ କରାଯାଇଛି । ଆପ୍‌ର ୧୪ତମ ସ୍ଥାପନା ଦିବସ ହୋଇଥିବା ବେଳେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ବିଫଳତାକୁ ନେଇ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନିର୍ବାଚନ ସମୟରେ ବିଜେପି ଓଡ଼ିଶାବାସୀଙ୍କୁ ପ୍ରତ୍ୟେକ ପରିବାରକୁ ମାସିକ ୩୦୦ ୟୁନିଟ ମାଗଣା ବିଜୁଳି, ବୟସ୍କଙ୍କୁ ୩୦୦୦ ଟଙ୍କା ଭତ୍ତା, ୨ଟି କିସ୍ତିରେ ମହିଳାଙ୍କୁ ୫୦ ହଜାର ଟଙ୍କା, ପ୍ରତ୍ୟେକ ପଞ୍ଚାୟତରେ ୧୦୦ ଜଣଙ୍କୁ ଚାକିରି, ୪୮ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ ଆଦି ପ୍ରତିଶ୍ରୁତି ଦେଇଥିଲା । ସେଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ଆପ୍ ଦାବି କରିଛି । ସେହିପରି ବିଜୁଳି ନାମରେ ଟାଟା ପାୱାର ଘନ ଘନ ପାୱାର କଟ୍, ଏରିଅର ଟଙ୍କା ଆଦାୟ, ସ୍ମାର୍ଟ ମିଟର ଲଗେଇ ଅଧିକ ବିଲ ଆଦାୟ କରୁଛି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଅଭିଯୋଗ କରିଛନ୍ତି । ପୁଣି ହସ୍ପିଟାଲରେ ତୁରନ୍ତ ଡାକ୍ତର, ଷ୍ଟାଫ ଓ ଔଷଧ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିବା ବେଳେ ବରଗଡ଼ ଜିଲ୍ଲାର ୫୦୦୦ ଚାଷୀଙ୍କ ପଞ୍ଜୀକରଣ ଶୀଘ୍ର କରିବା, ବରଗଡ଼ର ବନ୍ଦ ଥିବା ୧୭୩ଟି ସରକାରୀ ସ୍କୁଲକୁ ଖୋଲିବା, ମହିଳା ମାନଙ୍କ ସୁରକ୍ଷାକୁ ସୁଦୃଢ଼ କରିବା, ଭୂମିହୀନଙ୍କ ପାଇଁ ଜାଗା, ବିକାଶ ନାଁରେ କେବଳ ଗରିବ, ମଧ୍ୟବିତ୍ତଙ୍କ ଘର ଦ୍ୱାର ଭାଙ୍ଗିବା ବନ୍ଦ ହେଉ ବୋଲି ଆପ୍ ପକ୍ଷରୁ କୁହାଯାଇଛି । ବରଗଡ଼ ଜିଲ୍ଲାରେ ବାଲି ମାଫିଆ, ମାଟି, ନିଶା ମାଫିଆ ସକ୍ରିୟ ଥିବା ବେଳେ ଚୋରି, ହତ୍ୟା ଯୋଗୁଁ ସାଧାରଣ ଲୋକ ଅସୁରକ୍ଷିତ ଅନୁଭବ କରୁଛନ୍ତି । ତେଣୁ ଏସବୁ ଉପରେ ଅଙ୍କୁଶ ଲଗାଇବାକୁ ଆପ୍ ଦାବି କରିଛି । ଜିଲ୍ଲା ସଭାପତି ଯଦୁ ମଣି ପ୍ରଧାନ, ସମ୍ପାଦକ ସ୍ୱରୂପ ଭୋଇ, ପଦ୍ମପୁର ବିଧାନସଭା ପ୍ରାର୍ଥୀ ବାଲ୍ମୀକି ନାଏକ, ଅତାବିରା ବିଧାନସଭା ପ୍ରାର୍ଥୀ ଜୟକ୍ରିଷ୍ଣା ଛୁରିଆ, ନାରୀ ନେତ୍ରୀ ମରୀୟମ ବାର୍ଲା, ମିଲୁ ନାଗ, ସେତ ପଟେଲ, ମୁକେଶ ନାଏକ, ଭାସ୍କର ପଟେଲ, ପଦ୍ମଲୋଚନରଣା, ଦୁଲାମଣି ନାଏକ, ରୁପେନ୍ଦ୍ର ସାହୁ, ଶେଷବ ସାହୁ, ଅର୍ଜୁନ ସାହୁ, ଚୂଡ଼ାମଣି ସାହୁ, କ୍ଷୀରସାଗର ପଟେଲ, ଲୋଚନ ପ୍ରସାଦ କୈବର୍ତ୍ତ, କୋକିଳ ଭୋଇ, କହ୍ନୟା ନାଏକ, ବାଦଲ ବରିହା, ହେମଲାଲ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।




# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ





### ● କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ନାକଟିଦେଉଳ,୨୬ ।୧୧(ସମିସ): ନାକଟିଦେଉଳ ବ୍ଲକ୍ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟବକ୍ତା ଭାବରେ ରାଜନୀତି ବିଜ୍ଞାନ ଅଧ୍ୟାପକ କୌଶିକ ପ୍ରଧାନ ଯୋଗଦେଇ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରକୁ ମଜଭୂତ କରିବା ସହ ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ସମ୍ବିଧାନର ନୀତି ଓ ଆଦର୍ଶର ଅନୁପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ଓ ଗ୍ରନ୍ଥଗାରିକ ଦିଲୀପ କୁମାର ପ୍ରଧାନ ସମ୍ବିଧାନର ମୌଳିକ ଅଧିକାର ହେଉଛି ନାଗରିକ ମାନଙ୍କର ଢ଼ାଲ ଓ ସମ୍ବିଧାନ ନାଗରିକଙ୍କୁ ଦେଶର ନାଗରିକଙ୍କୁ ମୁକ୍ତ ନାଗରିକ ଭାବେ ଅନୁଭବ କରାଇଥାଏ । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀ ବୃନ୍ଦ ସମ୍ବିଧାନକୁ ସମ୍ମାନ ଜଣାଇବା, କର୍ତ୍ତବ୍ୟ ପାଳନ କରିବା ଓ ସାମ୍ବିଧାନୀକ ନୀତି ନିୟମ ମାନି ଚଳିବା ପାଇଁ ଶପଥ ପାଠ କରିଥିଲେ । ଇତିହାସ ଅଧ୍ୟାପିକା ସ୍ମିତା ପ୍ରଧାନ ସାମ୍ବିଧାନିକ ପ୍ରଣୟନ ସଭାର ଭୂମିକା ଓ ଭାରତୀୟ ସମ୍ବିଧାନର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ● କୁଚିଣ୍ଡା ମହାବିଦ୍ୟାଳୟ

କୁଚିଣ୍ଡା:କୁଚିଣ୍ଡା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପକ୍ଷରୁ ସମ୍ବିଧାନ ଦିବସ ପାଳନ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ସୁଧାଂଶୁ କୁମାର ମହାପାତ୍ର ପରିଚାଳନା କରି ସମ୍ବିଧାନର ମହତ୍ୱ ଓ ସମସ୍ତ ନାଗରିକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଭିକାରୀ ଓରାମ ସମ୍ବିଧାନର ପୃଷ୍ଠଭୂମି ବିଷୟରେ ଏବଂ ଅଧ୍ୟାପକ ମନୋଜ ଜେନା ସମ୍ବିଧାନ ପ୍ରଣୟନର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ +୩ ବିଭାଗ ଏନଏସଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ଓ +୨ ବିଭାଗ ପ୍ରୋଗ୍ରାମ ଅଫିସର ଖୁର୍ସିଦ ହାରା ବେଗମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଯୁବ ସମାଜର ଭୂମିକା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ରାଜନୀତି ବିଜ୍ଞାନ +୩ ତୃତୀୟ ବର୍ଷ ଛାତ୍ରୀ ଖୁସନୁମା ସୁଲତାନା ଓଡ଼ିଆ ଓ ଇଂରାଜୀ ଭାଷାରେ ସମ୍ବିଧାନ ପାଠ କରିଥିବା ବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ଘୋଶିଆ ଫାତିମା ହିନ୍ଦୀ ଭାଷାରେ ପାଠ କରିଥିଲେ ।ଏହା ସମେତ ସମସ୍ତ ସମ୍ମାନିତ ଅତିଥି,ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ସମେତ ଛାତ୍ରଛାତ୍ରୀ ସମ୍ବିଧାନ ପାଠ କରିଥିଲେ। ଏହା ପରେ ରାଜନୀତି ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ସନ୍ୟାସୀ ମେହେରଙ୍କ ନିର୍ଦ୍ଦେଶିତ ନାଟକ "ସମ୍ବିଧାନ" ପାରିବେଷିତ ହୋଇଥିଲା ।ଶେଷରେ ଅଧ୍ୟାପକ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ● ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରେଢ଼ାଖୋଲ:ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ରାଜନୀତି ବିଜ୍ଞାନ ଅଧ୍ୟାପିକା କଳ୍ପନା ସାହୁ ସଭା ପରିଚାଳନା କରିବା ସହ ସମ୍ବିଧାନ ଦିବସ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ବିଶ୍ୱାଳ ସମ୍ବିଧାନ ଦିବସ ଉପରେ ଆଲୋକପାତ କରିଥିଲେ। ସଭାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନରେ ପଦ୍ମିନୀ ପ୍ରଧାନ,ଦ୍ୱିତୀୟ ବିନିତା ଭୋଇ, ତୃତୀୟ ସ୍ଥାନ ଆୟୁଷୀ ନାଏକ ଅଧିକାର କରିଥିଲେ । ଶେଷରେ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଭୀମଭୋଇ କଲେଜ

ରେଢାଖୋଲ: ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସ୍ଥିତ ଭୀମଭୋଇ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।ଆୟୋଜିତ ସଭାରେ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢୀ ଅଧ୍ୟକ୍ଷତା କରି ଅମ୍ବେଦକରଙ୍କ ଅବଦାନ ଓ ଭାରତୀୟ ସମ୍ବିଧାନର ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ଉଦ୍ଧାର କରିଥିଲେ । ସେ ସମ୍ବିଧାନୀୟ ଅଧିକାର, କର୍ତ୍ତବ୍ୟ ଓ ପ୍ରସ୍ତାବନାର ଆଦର୍ଶ ବିଷୟରେ ସଚେତନ ହୋଇ ନାଗରିକତାର ମୂଲ୍ୟବୋଧକୁ ଅନୁପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ମମତା ମହାପାତ୍ର, ଡ.ମନୋରଂଜନ ମହନ୍ତ, ଅଧ୍ୟାପକ ସୁଶାନ୍ତ ନନ୍ଦ,ଡ. ବିରଞ୍ଚି ଖଡିଆ, ସନ୍ଧ୍ୟାରାଣୀ ଦୀପ ପ୍ରମୁଖ ସମ୍ବିଧାନ ଦିବସର ପ୍ରାସଙ୍ଗିକତା ଓ ଏହାର ଇତିହାସ ସ୍ମୃତିଚାରଣ କରିବା ସହିତ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ବିଷୟରେ ଉଦ୍‌ବୋଧନ ପ୍ରଦାନ କରିଥିଲେ ।ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଆମର କୃତଜ୍ଞତା ପ୍ରକଟ କରିବା ଏବଂ ଆମ ଜୀବନରେ ତାର ରୂପାୟନ ପାଇଁ ଅଙ୍ଗୀକାର ବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସଭାର ଅନ୍ତିମ ଚରଣରେ ସମବେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ଡ. ଦିବ୍ୟଲୋଚନ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଲ୍ୟ ବିବାହକୁ ବଜରଙ୍ଗ ଦଳର ବିରୋଧ

ବରଗଡ଼,୨୬।୧୧(ସମିସ): ବଜରଙ୍ଗ ଦଳର ଉଦ୍ୟମକ୍ରମେ ବରଗଡ଼ରେ ବୁଧବାର ବାଲ୍ୟ ବିବାହକୁ ରୋକାଯାଇ ପାରିଛି। ବରଗଡ଼ ୱାର୍ଡ ନମ୍ବର ୧୫ ଗୋବିନ୍ଦପାଲିରେ ଜଣେ ୧୩ ବର୍ଷୀୟ ନାବାଳିକାକୁ ମହାରାଷ୍ଟ୍ରର ୨୯ ବର୍ଷୀୟ ବ୍ୟକ୍ତି ସହ ବିବାହ ଯୋଜନା ଚାଲିଥିଲା। ନାବାଳିକା ବିବାହକୁ ବିରୋଧ କରି ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଟାଉନ ଥାନାରେ ପହଞ୍ଚି ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ବରଗଡ଼ ବଜରଙ୍ଗ ଦଳ, ଚାଇଲ୍ଡ ହେଲ୍ପଲାଇନ, ବରଗଡ଼ ଅର୍ବନ ସିଡିପିଓ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏନେଇ ଟାଉନ ଥାନା ପୁଲିସକୁ ଅଭିଯୋଗ କରଯାଇଥିଲା। ପୁଲିସ ଗୋବିନ୍ଦପାଲିରୁ ଉଭୟ ନାବାଳିକା ଓ ଅନ୍ୟ ରାଜ୍ୟର ବ୍ୟକ୍ତିକୁ ଏବଂ ପରିବାର ଲୋକଙ୍କୁ ଥାନାକୁ ଆଣି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା କଡ଼ାକଡ଼ି



ବନ୍ତ/ଆଗରପଡ଼ା,୨୬/୧୧(ସମିସ): ବନ୍ତ ଥାନା ପକ୍ଷରୁ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ସନ୍ଧ୍ୟା ସମୟରେ ଥାନା ଅଂଚଳରେ ପୋଲିସ୍ କଡ଼ାକଡ଼ି ତନଖି ପ୍ରକ୍ରିୟା କରିବା ସହ ଏକାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ କାରୀଙ୍କୁ ଥାନାକୁ ଡ଼କାଇ ସେମାନଙ୍କର କାଗଜପତ୍ର ଯାଂଚ କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ବଙ୍ଗଳାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନା ପୋଲିସ ପକ୍ଷରୁ ଏହାକୁ ତୀବ୍ରତର କରାଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ତ ଥାନା ଅଂଚଳରେ ରହି ଦୀର୍ଘ ଦିନ ଧରି ଫେରି ବେପାର କରିଆସୁଥିବା ଅନୁପ୍ରବେଶ କାରୀଙ୍କୁ ଥାନାକୁ ଡକାଇ ସେମାନଙ୍କର ପରିଚୟପତ୍ର ସହ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିଛି ବନ୍ତ ପୁଲିସ୍।

## ତିହିଡ଼ିରେ ସମ୍ବିଧାନ ଦିବସ




ତିହିଡି,୨୬ ।୧୧(ସମିସ): ଆଜି ତିହିଡି ବ୍ଲକ ଭାଟପଡ଼ା ପଞ୍ଚାୟତ ଲର୍ଣ୍ଣିଂ ସେଣ୍ଟରଠାରେ ତିହିଡ଼ି ପଞ୍ଚାୟତ ସମିତି ପକ୍ଷରୁ ସମ୍ବିଧାନ ଦିବସ -୨୦୨୫ ପାଳିତ ହୋଇଯାଇଛି । ଏଥିରେ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା ତଥା ଏସଏଚଜି ସଦସ୍ୟା ମାନଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଡିଓ ନିରଞ୍ଜନ ବାରିକ, ତପନ କୁମାର ନାୟକ ନିହାର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## 'ଓଡ଼ିଶା ରତ୍ନ' ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପକ




ଅସୁରାଳି,୨୬ ।୧୧(ସମିସ): ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଶରତ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ବାବାମଣି ଡିଗ୍ରୀ କଲେଜର ବରିଷ୍ଠ ଦର୍ଶନ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କୁ ଉତମ ଶିକ୍ଷାବିତ୍ ରୂପେ "ଓଡ଼ିଶା ରତ୍ନ' ଭାବେ ସମ୍ବର୍ଦ୍ଧନା କରାଯାଇଛି। ଶ୍ରୀ ଜେନା ଦର୍ଶନ ବିଭାଗରେ ଗଭୀର ଅନୁସନ୍ଧାନ, ମାନବିକ ମୂଲ୍ୟ ଓ ନୀତି ଶିକ୍ଷାରେ ତାଙ୍କର ଅବଦାନ ଦ୍ୱାରା ଅନେକ ପିଢି ଛାତ୍ର ଆଲୋକିତ ହୋଇଛନ୍ତି।

## ମହିଳାଙ୍କ ଅକାଳ ବିୟୋଗ

ଭଣ୍ଡାରିପୋଖରୀ,୨୬।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ବରାହନୂଆପଡ଼ା (କୂଳସାହି) ଗାଁର ବ୍ରଜକିଶୋର ରାଉତଙ୍କର ଧର୍ମପତ୍ନୀ ପ୍ରମିଳାଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସୋମବାର ପ୍ରମିଳାଙ୍କ ଝିଅାରୀ ବିଭାଘର ଥିଲା। ଘରୁ କନ୍ୟା ବିଦାୟ ନେବା ପରେ ପ୍ରମିଳା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଯାଜପୁର ବଡମେଡିକାଲ ନେବା ବାଟରେ ପ୍ରାଣବାୟୁ ଉଡିଯାଇଥିଲା। ମରଶରୀରକୁ ବାରୁଣୀ ପଡିଆ ଶ୍ମଶାନରେ ମଙ୍ଗଳବାର ପ୍ରତ୍ୟୁଷରେ ଦାହ ସଂସ୍କାର କରାଯାଇଥିଲା। ପୁତ୍ର ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ। ଯୌଥ ପରିବାରର ବଡ଼ବୋହୂ ଭାବେ ଦୀର୍ଘଦିନ ଧରି ପରିବାର ପରିଚାଳନା କରି ଆସୁଥିଲେ। ଦିଅର ସୂର୍ଯ୍ୟମଣି, ରବି, ଦୁର୍ଗା, ଗୁରୁଚରଣ, ସଞ୍ଜୟ, ରାଜକିଶୋର, ଯାଆ ମାନସୀ, ସଞ୍ଜୁ, ନମିତା, କଳ୍ପନା, ଶସ୍ମିତା, ପୁତ୍ର ସନ୍ଦି, ସୁଜିତ, ଅଜିତ, କନ୍ୟା ରଶ୍ମିତା, ପମିନା, ପୁଷ୍ପାରାଣୀ ଶ୍ମଶାନରେ ଉପସ୍ଥିତ ରହି ପ୍ରମିଳାଙ୍କୁ ଶୋକାକୁଳ ପରିବେଶରେ ବିଦାୟ ଦେଇଥିଲେ।

## ଓଲଟିଲା ବିଲାତି ବୋଝେଇ ଟ୍ରକ୍

ବାରିକପୁର,୨୬ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ନିକଟସ୍ଥ ଦରଡ଼ା ଛକଠାରେ ଏକ ବିଲାତି ବୋଝେଇ ଟ୍ରକ୍ ଓଲଟି ପଡ଼ିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ଭୋର ସମୟରେ କଟକ ପଟୁ ଏକ ଟମାଟୋ ବୋଝେଇ ଟ୍ରକ ବାଲେଶ୍ୱର ଅଭିମୁଖେ ଯାଉଥିଲା। କୌଣସି କାରଣରୁ ଟ୍ରକ୍‌ଟି ଦରଡ଼ା ଛକଠାରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ଯୋଗୁଁ ସମସ୍ତ ବିଲାତି ଟ୍ରେଗୁଡ଼ିକ ନୟନଜୋରିରେ ବିକ୍ଷିପ୍ତ ଭାବେ ପଡ଼ିଥିଲା। ସ୍ଥାନୀୟ ଲୋକମାନେ କିଛି ବିଲାତି ନେଇ ଯାଇଥିବା ଜଣାପଡ଼ିଛି। ଧାମନଗର ଥାନା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି। ଏଥିରେ ଗାଡ଼ି ଚାଳକ ଆହତ ହୋଇଥିବା ସୂଚନା ମିଳିଛି।



### ଶିକ୍ଷକ ନିଯୁକ୍ତି ଗୁମର ଫିଟୁଛି

# ଜାଲ୍ ପ୍ରମାଣପତ୍ରରେ ୧୭ ବର୍ଷ ଶିକ୍ଷକ ଚାକିରି

ବନ୍ତ/ଆଗରପଡ଼ା,୨୬।୧୧(ସମିସ)

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୧୭ ବର୍ଷର ଚାକିରି, ପୁଣି ଜାଲ ପ୍ରମାଣ ପତ୍ରରେ। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ନହଙ୍ଗ କ୍ଲଷ୍ଟର ଅଧୀନ ରଇଁତିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏପରି ଘଟଣା ଘଟିଛି। କିଛି ଦିନ ତଳେ କେତେ

- ■ କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କୁ ଫେରାଦ
- ■ ଯାଞ୍ଚ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ

ଶିକ୍ଷକ ଜାଲ ପ୍ରମାଣ ପତ୍ର ଦେଇ ଶିକ୍ଷକତା କରୁଛନ୍ତି ତାକୁ ନେଇ ରାଜ୍ୟ ସାରା ଚର୍ଚ୍ଚା ଜୋର ଧରିଥିଲା। ଏହି ପରିପ୍ରେକ୍ଷୀରେ ସରକାର ପ୍ରମାଣପତ୍ରର କଡ଼ାକଡ଼ି ଯାଞ୍ଚ ମଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ପ୍ରକ୍ରିୟା ସରିବାକୁ ଇତି ମଧରେ ବହୁଦିନ ବିତି ଯାଇଥିଲେ ସୁଦ୍ଧା ବିଭିନ୍ନ ଜିଲ୍ଲାରେ କେତେ ଶିକ୍ଷକ ଜାଲ ପ୍ରମାଣପତ୍ରଧାରୀ ତାହା ବିଭାଗର ନାଲି ଫିତା ତଳେ ବନ୍ଧା ହୋଇ ରହି ଯାଇଥିବା ଜଣାପଡ଼ିଛି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ସାମ୍ବାଦିକ ବିନୋଦ ଧଳ ଭଦ୍ରକ ଜିଲ୍ଲା ସମେତ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଶିକ୍ଷକତା କରୁଥିବା ଶିକ୍ଷକଙ୍କ ବିଇଡି ପ୍ରମାଣପତ୍ର ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ପରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ରୁ ହସ୍ତଗତ ହୋଇଥିବା ପାଖାପାଖି ୧୭ଟି ବିଇଡି ପ୍ରମାଣପତ୍ରକୁ ଯାଞ୍ଚ ପାଇଁ ଜନସୂଚନା ଅଧିକାରୀ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରକୁ ପଠାଇଥିଲେ। ପ୍ରମାଣପତ୍ରଗୁଡ଼ିକୁ ଯାଞ୍ଚ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲର ଅଫ୍ ଏକ୍‌ଜାମିନିନରଙ୍କ ପକ୍ଷରୁ ୧୬ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ଅସଲି ଥିବାବେଳେ ଗୌରାଙ୍ଗ ଚରଣ ଦାସ ନାମକ ଜନୈକ ଶିକ୍ଷକଙ୍କ ପ୍ରମାଣପତ୍ର ବିଶ୍ୱବିଦ୍ୟାଳୟର ରେକର୍ଡ ଅନୁସାରେ ସଠିକ୍



ନଥିବା ଦର୍ଶାଇଥିଲେ। ଉକ୍ତ ତଥ୍ୟ ହସ୍ତଗତ ହେବା ପରେ ଶ୍ରୀ ଧଳ ସାମନ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଓ ଜାଲ୍ ପ୍ରମାଣପତ୍ରରେ ଶିକ୍ଷକତା କରୁଥିବା ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାର କପିକୁ ବୁଧବାର ଖଇରା ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବା ସହ ଏହାର ଯାଞ୍ଚ କରି ଜାଲ୍ ପ୍ରମାଣପତ୍ରରେ ୧୭ବର୍ଷ ଧରି ଶିକ୍ଷକତା କରୁଥିବା ଶ୍ରୀ ଦାସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି; ଖଇରା ଶିକ୍ଷାବିଭାଗ ଅର୍ନ୍ତଗତ ନହଙ୍ଗ କ୍ଲଷ୍ଟର ଅଧୀନ ରଇଁତିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ସେପ୍ଟେମ୍ବର ୨୦୦୭ରୁ ଶିକ୍ଷକତା କରୁଥିବା ସହକାରୀ ଶିକ୍ଷକ ଗୌରାଙ୍ଗ ଚରଣ ଦାସ ୨୦୦୮ ମସିହା ମେ ମାସ ୧ ତାରିଖରେ ତାଙ୍କର ଶିକ୍ଷାଗତ ଯୋଗ୍ୟତାରେ ବିଇଡିର ପ୍ରମାଣପତ୍ର ଦେଇ ଶିକ୍ଷା ସହାୟକ ପଦବୀରେ ନିଯୁକ୍ତି ପାଇଥିଲେ। ପରେ ୨୦୧୪ରେ ନିୟମିତ ଶିକ୍ଷକ ରୂପେ ପଦୋନ୍ନତି ପାଇଥିଲେ। କିନ୍ତୁ ତାଙ୍କ ଶିକ୍ଷାଗତ ଯୋଗ୍ୟତାରେ ସେ ଦେଇଥିବା ବିଇଡି ପ୍ରମାଣ ପତ୍ରଟି ଭୁଲ ବୋଲି ଶ୍ରୀ ସାମନ୍ତ ଜନସୂଚନା ଅଧିକାରୀ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରଠାରୁ ଜାଣିବାକୁ ପାଇଥିଲେ। ଏଠାରେ ପ୍ରଶ୍ନ ଉଠେ ଯେ ଶିକ୍ଷା ବିଭାଗ ସବୁ ସମୟରେ ପ୍ରମାଣ ପତ୍ରର ଯାଞ୍ଚ କରୁଥିବାବେଳେ କିପରି ଜଣେ ଶିକ୍ଷକ ଜାଲ ପ୍ରମାଣପତ୍ରରେ ୧୭ ବର୍ଷ ଧରି ଶିକ୍ଷକତା କରିଆସୁଛନ୍ତି। ତେଣୁ ବିଭାଗ ପକ୍ଷରୁ ଏଥିରେ କେଉଁମାନେ ସଂପୃକ୍ତ ତାହା ଖୋଜିବାହାର କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ଘଟଣା

## ବିଦ୍ୟାଳୟ ଘେରିଲେ ଗ୍ରାମବାସୀ

ବାସୁଦେବପୁର, ୨୬ ।୧୧ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର କିସ୍ମତ କୃଷ୍ଣପୁର ପଞ୍ଚାୟତର ସନାତନ ସରସ୍ୱତୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଚାଉଳ ବିକ୍ରି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୯ ତାରିଖ ସନ୍ଧ୍ୟା ପ୍ରାୟ ୮.୩୦ରେ ଏକ ଟ୍ରଲି ଭୁଟୁଭୁଟିରେ ଚାଉଳ ବୋଝେଇ ହୋଇ ସ୍କୁଲ ଭିତରୁ ବାହାରୁ ଥିବା ସମୟରେ ଗ୍ରାମବାସୀ ଅଟକାଇ ପାଟିତୁଣ୍ଡ କରିଥିଲେ। ଆଜି ଗ୍ରାମବାସୀ ଓ ଅଭିଭାବକ ମିଳିତ ଭାବେ ଏ ନେଇ ପ୍ରଧାନ ଶିକ୍ଷକଙ୍କ ସହିତ କଙ୍ଗାରୁ କୋର୍ଟ ବସିଥିଲା। ଏଥିରେ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମବାସୀମାନେ ସ୍କୁଲ ଭିତରକୁ ପଶି ହୋ ହାଲ୍ଲା କରିବା ସହ ୧୯ ତାରିଖ ସିସିଟିଭି ଫୁଟେଜ ବାହାର କଲେ ବିଦ୍ୟାଳୟର କଳାକାରନାମା ପଦାକୁ ଆସିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବେହେରା କିନ୍ତୁ ସିସିଟିଭି ହାର୍ଡଡିସ୍ ଖରାପ ଅଛି ବୋଲି କହିଥିଲେ। ପ୍ରଧାନ ଶିକ୍ଷକଙ୍କ ଏଭଳି କଥାରେ ଗ୍ରାମବାସୀ ଉତ୍ତ୍ୟକ୍ତ ହେବା ସହ ବିକ୍ରି ହୋଇଥିବା ଏଗାର କ୍ୱିଣ୍ଟାଲ ଚାଉଳ ଅର୍ଥ କାହା ପକେଟକୁ ଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏହି କଥାକୁ ନେଇ କିଛି ସମୟ ପାଇଁ ସ୍କୁଲ ପରିସରରେ ଉତ୍ତେଜନାପୂର୍ଣ୍ଣ ହୋଇ ପଡ଼ିଥିଲା। ଖବର ପାଇ ନାୟକାଣୀଡିହି ପୁଲିସ ବିଦ୍ୟାଳୟର ପହଞ୍ଚିବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା। ପ୍ରଧାନ ଶିକ୍ଷକଙ୍କ ନାମରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିବାସହିତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି।



କଙ୍ଗାରୁ କୋର୍ଟରେ ଦୋଷ ମାନିଲେ ପ୍ରଧାନଶିକ୍ଷକ

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ

ଭଦ୍ରକ,୨୬ ।୧୧(ସମିସ): ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ସମ୍ବିଧାନ ଦିବସ ନିମିତ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଅଧ୍ୟକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତିଙ୍କ ସମେତ ସମସ୍ତ କର୍ମଚାରୀ ସମ୍ବିଧାନ ପାଠରେ ଯୋଗ ଦେଇଥିଲେ। ଏହା ସହିତ ଭଦ୍ରକ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠଠାରେ ସମ୍ବିଧାନ ଦିବସ ପାଳନ ନିମିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସମ୍ବିଧାନ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ ନିଜ ବକ୍ତବ୍ୟ ମାଧ୍ୟମରେ ସମ୍ବିଧାନ ପ୍ରତି ପ୍ରତ୍ୟେକ ନାଗରିକମାନଙ୍କର ମର୍ଯ୍ୟାଦା ଓ ବିଶ୍ୱାସକୁ ଅଖଣ୍ଡ ରଖିବା ତଥା ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଇତ୍ୟାଦି ବିଷୟରେ ପ୍ରତିପାଦନ କରି ଉପସ୍ଥିତ ଥିବା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଇନ୍‌ସପେକ୍ଟର ସଂଗ୍ରାମ ପଟ୍ଟନାୟକ, ସହାୟକ ଏଲଡିଏମ ଡ଼. ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ସହାୟକ ପ୍ରଧାନ ଶିକ୍ଷକ ଗୀତ ରୋଜାଲିନ୍, ତଥା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ପରିଶେଷରେ ଭଲ ବକ୍ତୃତା ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ଓ କଲମ ପ୍ରଦାନ କରାଯାଇଥିଲା ଏବଂ ତତ୍‌ସହିତ ଭବିଷ୍ୟତରେ ଜଣେ ଜଣେ ଭଲ ଛାତ୍ର ହେବା ପାଇଁ ଉପସ୍ଥିତ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ।




## ଏବି କଲେଜରେ ସଡ଼କ ସୁରକ୍ଷା ଅଭିଯାନ



ବାସୁଦେବପୁର,୨୬ ।୧୧(ସମିସ): ବାସୁଦେବପୁର ଅଟଳ ବିହାରୀ କଲେଜ କନଫରେନ୍ସ ହଲ୍‌ରେ ଭଦ୍ରକ ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ଭଦ୍ରକ ଆର୍‌ଟିଓ ଶୁଭେନ୍ଦୁ ରଞ୍ଜନ ରାୟ ଯୋଗଦେଇ କହିଥିଲେ ଯେ ସଡ଼କ ଦୁର୍ଘଟଣାରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଯୁବ ଗୋଷ୍ଠୀ। ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚାଳନା, ମୋବାଇଲ କାନରେ ଦେଇ ଗାଡ଼ି ଚାଳନା, ବିନା ହେଲମେଟରେ ବାଇକ୍ ଚାଳନା ଯୋଗୁଁ ଦୁର୍ଘଟଣା ହେଉଛି। ଯୁବ ଗୋଷ୍ଠୀ ସଚେତନ ହେଲେ ଦୁର୍ଘଟଣାକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ଅଟଳ ବିହାରୀ କଲେଜ ଅଧ୍ୟକ୍ଷା ଡ.ଚିନ୍ମୟୀ ସେନାପତି ଯୋଗଦେଇଥିଲେ। ମେଜର ଡ. ପରେଶ କୁମାର ଦାସ ସଚେତନତା ଶିବିରରେ ସଂଯୋଜନା କରିଥିଲେ। ଅଟଳ ବିହାରୀ କଲେଜର ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାର ଅଂଶ ଗ୍ରହଣ କରିଥିଲେ।

## ସମବାୟ ବିଭାଗ ସଚିବଙ୍କ ସମୀକ୍ଷା

ଭଦ୍ରକ,୨୬ ।୧୧(ସମିସ): ଭଦ୍ରକ ଜିଲ୍ଲା ଗସ୍ତରେ ଜିଲ୍ଲା ପ୍ରଭାରୀ ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ଆସି ପ୍ରଥମେ ଆର୍‌ଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ଅଫିସ୍ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ଖାସି ମାଂସ ଦୋକାନ ଗୃହ ଗୁଡ଼ିକୁ ବିଧାୟକ ସୀତାଂଶୁ ଶେଖର୍ ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ପରେ ଭଦ୍ରକ ଆର୍‌ଏମ୍‌ସିର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ପରେ ସଚିବ ଶ୍ରୀ ପାଟିଲ ଭଦ୍ରକ ବ୍ଲକ୍ ରାହାଞ୍ଚ ଓ ବରହମପୁର ପ୍ୟାକ୍ସକୁ ଗସ୍ତ କରି ଧାନ ମଣ୍ଡି ବୁଲି ଦେଖିଥିଲେ। ପ୍ୟାକ୍ସର କାର୍ଯ୍ୟକଳାପରେ ବିବିଧତା ଆଣିବା ସହିତ ଏହାକୁ ସାଧାରଣ ସେବା କେନ୍ଦ୍ରରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବନ୍ତ ବ୍ଲକ୍ ଟିଁଲୋ ଗସ୍ତରେ ଯାଇ ସେଠାରେ ମତ୍ସ୍ୟ, ଉଦ୍ୟାନ ଓ ପ୍ରାଣୀ ଚିକିତ୍ସା ବିଭାଗର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଗସ୍ତ କରି ଏହାର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀଙ୍କର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ତଥା ଆର୍‌ଏମ୍‌ସି ଅଧ୍ୟକ୍ଷ ସୌରଭ ଚକ୍ରବର୍ତ୍ତୀ, ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଓ ରଞ୍ଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



## ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

ଧାମନଗର,୨୬ ।୧୧(ସମିସ): ପବିତ୍ର ପୀଠ ମହତାବ ପରିସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଦିତୀୟ ବାର୍ଷିକ ଉତ୍ସବ ତଥା ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ ତମ ବାର୍ଷିକ ଉତ୍ସବ ଆସନ୍ତା ୩୦ ତାରିଖ ଧାମନଗର ତହସିଲ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଭିନ୍ନ ବର୍ଗର ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସିଦ୍ଧେଶ୍ୱର ସାମଲ, ସମାଜସେବୀ ଅଶୋକ କୁମାର ରାଉତ, ସାମ୍ବାଦିକ ସୁଶାନ୍ତ କୁମାର ରାଉତ, ରଜତ କୁମାର ପଣ୍ଡା, ବିଶ୍ୱଜିତ ପଲାଇ, ଅଜିତ କୁମାର ରାଉଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରଦୀପ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ସାଇକଲ ଷ୍ଟାଣ୍ଡ ଉଦ୍‌ଘାଟିତ

ଅସୁରାଳି,୨୬ ।୧୧(ସମିସ): ଧାମନଗର ବ୍ଲକ୍ ନଦୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ଏକ ନୂତନ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗଚରଣ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉକ୍ତ ସାଇକଲ ଷ୍ଟାଣ୍ଡ କୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ, ନଦୀଗାଁ ସରପଂଚ ଝରଣା ମାଝୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ସୂତାର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶରତ ଖିଲାର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବାଣିକବି ଦୟାନିଧି ମିଶ୍ର, ଉମାକାନ୍ତ ସାହୁ, ପୂର୍ଣଚନ୍ଦ୍ର ଜେନା, ନାଏବ ସରପଂଚ ପ୍ରଶୀମା ମହାପାତ୍ର ପ୍ରମୁଖ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରାକ୍ତନ ସରପଂଚ ନିରଞ୍ଜନ ମାଝୀ।

## ୩ ମାସ ହେଲା ମିଳୁନି କଳାକାର ଭତ୍ତା; ହିତାଧିକାରୀ ହତାଶ

ଅସୁରାଳି,୨୬ ।୧୧(ସମିସ)

୩ ମାସ ହେଲା କଳାକାରଙ୍କୁ ମିଳିନି ଭତ୍ତା ଅର୍ଥରାଶି। ଗ୍ରାମ୍ୟ ବ୍ୟାଙ୍କର ଆଇଏଫ୍‌ସି କୋଡ୍ ପରିବର୍ତ୍ତନ ଆଳ ଦେଖାଇ କଳାକାରଙ୍କ ଭତ୍ତାକୁ ସ୍ଥଗିତ ରଖାଯାଇଛି ଓ ଧାମନଗର ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ରହୁଥିବା କଳାକାରମାନେ ହତାଶ ହୋଇଛନ୍ତି। ଉମାକାନ୍ତ ପୁଣ୍ଟିଆ, ଯୋଗେନ୍ଦ୍ର ପରିଡ଼ା, ମହେନ୍ଦ୍ର ପଣ୍ଡା, ଫକୀର ମୋହନ ସାହୁ, ସସ୍ମିତା ରାଉତ, ରାମନାରାୟଣ ପଣ୍ଡା, ପୀତାମ୍ବର ଦାସ, ଶମ୍ଭୁନାଥ ଦାସ, ସୁରେନ୍ଦ୍ର ବେହେରା, କିଶୋର ଜେନା, ଇଚ୍ଛାପୁର ପାଗଳ ଜେନା ପ୍ରମୁଖ ଗତ ୩ ମାସ ଧରି କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମ୍ୟ ବ୍ୟାଙ୍କର ଆଇଏଫ୍‌ସି କୋଡ୍ ପରିବର୍ତ୍ତନକୁ ଆଳ କରି ଭତ୍ତା ବଣ୍ଟନ ପ୍ରକ୍ରିୟା ସ୍ଥଗିତ ରହିଛି। କଳାକାରଙ୍କ ଅଭିଯୋଗ ଅନୁଯାୟୀ ଭତ୍ତା ବିଳମ୍ବ ଫଳରେ ସେମାନଙ୍କ ଦୈନିକ ଜୀବନଯାପନରେ ଅସୁବିଧା ହେଉଛି। ସାହିତ୍ୟ, ସଙ୍ଗୀତ, ନାଟକ ଓ ଲୋକସଂସ୍କୃତିକୁ ଜୀବନରେ ବ୍ରତ ରଖିଥିବା କଳାକାରମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଏଣୁ ସରକାରୀ ଭତ୍ତା ଉଚିତ୍ ସମୟରେ ମିଳିବାକୁ ସେମାନେ ଦାବି କରୁଛନ୍ତି। ସ୍ଥାନୀୟ ସାହିତ୍ୟିକ, ସାମାଜିକ କର୍ମୀ ଓ ସାଧାରଣ ଲୋକମାନେ କଳାକାରଙ୍କ ସମସ୍ୟାକୁ ଗୁରୁତ୍ୱ ସହିତ ନେଇ, ଶୀଘ୍ର ସମାଧାନ ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। କଳାକାରମାନେ କେବଳ ନିଜ ପରିବାର ପାଇଁ ନୁହେଁ, ସମଗ୍ର ସମାଜର ସଂସ୍କୃତିକୁ ଜୀବନ୍ତ ରଖିଥାନ୍ତି। ସେମାନଙ୍କ ଭତ୍ତା ବଣ୍ଟନରେ ବିଳମ୍ବ ସମାଜର ସାହିତ୍ୟ-ସଂସ୍କୃତିକୁ ମଧ୍ୟ ପ୍ରଭାବିତ କରୁଛି ବୋଲି କହିଥିଲେ। ଏହି ପରିସ୍ଥିତିରେ, ସରକାରୀ ଅଧିକାରୀମାନେ ଶୀଘ୍ର ପଦକ୍ଷେପ ନେଇ କଳାକାରଙ୍କୁ ନ୍ୟାୟ ଦେବା ଆବଶ୍ୟକ ବୋଲି କହିଛନ୍ତି।



## ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ପାଇଁ ବାଳିକା ଦଳ ଘୋଷିତ



ଭଦ୍ରକ,୨୬ ।୧୧(ସମିସ): ପୁରୀ ଜିଲ୍ଲା ଷ୍ଟାଡିୟମ୍ ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଟି ୨୭ ନଭେମ୍ବର ରୁ ଆରମ୍ଭ ହୋଇ ୨୯ ନଭେମ୍ବର ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥିଲେଟିକ୍ ଆସୋସିଏସନ୍ ପକ୍ଷରୁ ୧୨ବାଳିକା ଖେଳାଳୀଙ୍କ ନାମ ଘୋଷଣା ହୋଇଛି । ଏହି ଦଳ କୁ ଜିଲ୍ଲା ଆଥଲେଟିକ୍ ଆଶୋସିଏସନ୍‌ର ସମ୍ପାଦକ ଧୀରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳୀ ମାନଙ୍କୁ ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି । ଏହି ଦଳ ସହିତ ଶୁଭଶ୍ରୀ ଦାଶ୍ କୋଚ୍ ଓ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି। ଖେଳାଳୀଙ୍କ ନାମ -ବାଳିକା -ଅନ୍ନପୂର୍ଣ୍ଣା ରଣା, ଏଲିନା ପୃଷ୍ଟି, ବେବିଲତା ମାଝୀ, ସରସ୍ୱତୀ ମାଝୀ, ତପସ୍ୱିନୀ ବେହେରା, ଲକ୍ଷ୍ମିପ୍ରିୟା ବେହେରା, ଶୁଭଲକ୍ଷ୍ମୀ ଜେନା, ମମତା ଜେନା, ଅଭିଲିପ୍ସା ଜେନା, ସବିତା ଜେନା ଅସ୍ମିତା ପଣ୍ଡା ଓ ପ୍ରଜ୍ଞାଞ୍ଜଳି ଶତପଥୀ।

## ବାଇକ ସହ ମଦ ଜବତ; ଦୁଇ ଗିରଫ

କୁଆମରା,୨୬।୧୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଦୁଇ ଜଣଙ୍କୁ ଗିରଫ କରିବା ସହ ଏକ ବାଇକ ଜବତ କରିଛି। ମହ୍ଲାରପଦା ଗ୍ରାମର ନିମଚାନ୍ଦ ସୋରେନ (୩୮) ଏକ ବାଇକ୍‌ରେ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ଅଞ୍ଚଳକୁ ମଦ ନେଇ ଆସୁଥିବା ବେଳେ ଦୁଲାସାହି ନିକଟରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲା। ପରେ ତା ଠାରୁ ୨୫ ଲିଟର ଦେଶୀ ମଦ ସହ ସଂପୃକ୍ତ ବାଇକ ଜବତ ହୋଇଛି। ସେହିପରି ବିରିପୁର ଅଞ୍ଚଳର ଚାପୁସାହିର ହେମାଙ୍ଗିନି ହେମ୍ବ୍ରମ (୩୦) ଘରେ ମଦ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ତାଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ନବମ ଶ୍ରେଣୀ ଛାତ୍ର ନିଖୋଜ ଅଭିଯୋଗ



ମହୁଲଡିହା,୨୬।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭୈରଣିବେଡା ଗ୍ରାମରୁ ଜଣେ ୯ମ ଶ୍ରେଣୀର ନାବାଳକ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ ଭୈରଣିବେଡା ଗ୍ରାମର ବାବୁଲାଲ ମହାନ୍ତଙ୍କ ପୁତ୍ର ବିଶ୍ୱଜିତ (୧୪) ୧୮ ତାରିଖରେ ସ୍କୁଲକୁ ଯାଇ ଆଉ ଘରକୁ ଫେରି ନାହିଁ। ବାବୁଲାଲ ବନ୍ଧୁ ବାନ୍ଧବ ତଥା ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଶ୍ୱଜିତର ବର୍ଣ୍ଣ ଗୋରା ଏବଂ ସେ ଘରୁ ଗଲାବେଳେ ଗୋଲାପି ରଙ୍ଗର ବ୍ୟାନିୟମ ପିନ୍ଧିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲିମ ଶିବିର




କୁଳିଅଣା, ୨୬।୧୧(ସମିସ): କୁଳିଅଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ୪ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଆରସିସି ସରସ୍ୱତୀ ସିଂଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କୁଳିଅଣା ବିଇଓ ରଶ୍ମିରଞ୍ଜନ ଗିରି ଶିବିରକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାଧନ କର୍ମୀ ହାଡିବନ୍ଧୁ ଜେନା, ସୁମିତ୍ରା ଜେନା ଓ ରୂପଶ୍ରୀ ପାଗଳ ଚାରିଟି ପର୍ଯ୍ୟାୟରେ ୨୧୭ ଜଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ୟୁନିସେଫ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ କରିବା ସହିତ ଭବିଷ୍ୟତରେ ଜଣେ ସୁନାଗରିକ ଓ ସ୍ୱାବଲମ୍ବୀ ହେବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ରାସଗୋବିନ୍ଦପୁର,୨୬।୧୧(ସମିସ): ରାସଗୋବିନ୍ଦପୁର ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାଣିଗ୍ରାହୀ, ସରପଞ୍ଚ ସୁଧାଂଶୁ କୁମାର ନାଏକ, ଏବିଇଓ ତଥା ବିଆରସିସି ବିଜୟ କୁମାର ବାରିକ, ଏବିଇଓ ସୁକୁମାର ରାଉତ, ପିଏମ ଶ୍ରୀ ନଳଗଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝୀ, ରାସଗୋବିନ୍ଦପୁର ବ୍ଲକ ବିଜ୍ଞାନ ସଂଯୋଜିକା ଚାନ୍ଦିନୀ ସେଠୀ, କାର୍ଯ୍ୟକ୍ରମ ପରିଚାଳନା ସମ୍ପାଦକ ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ମେଳାରେ ମୋଟ ୧୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ସଭାରେ ଗୃହ ଓ ନଗର ଉନ୍ନୟନ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ପ୍ରାକ୍ତନ ବିଧାୟକ କାନ୍ଦ୍ରା ସୋରେନ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ବିଇଓ ବିଜୟକୁମାର ପାଣିଗ୍ରାହୀ, ଏବିଇଓ ବିଜୟକୁମାର ବାରିକ, ସୁକୁମାର ରାଉତ, ଅଖିଳ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଶିକ୍ଷକ ସୁବ୍ରତ ଆଚାର୍ଯ୍ୟ ଏବଂ ଶିଶିର କୁମାର ନାୟକ ବିଚାରକ ଭାବେ ଯୋଗଦେଇ ୭ଟି ପ୍ରକଳ୍ପକୁ ଚୟନ କରିଥିଲେ। ଜିଲା ସ୍ତରରେ ହେବାକୁ ଥିବା ବିଜ୍ଞାନ ମେଳାକୁ ବନ୍ଧମୁଣ୍ଡି ୟୁପିଏସ ବିଦ୍ୟାଳୟରୁ ଜୟଦିତ୍ୟ ଗିରି, ସାଇସୃତି କାମିଲା, ରାସଗୋବିନ୍ଦପୁର ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ମହାନ୍ତି (ୱେଷ୍ଟ ମେନେଜମେଣ୍ଟ), ତୋଟାପୋଡ଼ା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ପ୍ରମୋଦିନୀ ସିଂ, ଚକାଡୋଲା ବିଦ୍ୟାପୀଠ ମାଣିକପୁର ବିଦୁସ୍ମିତା ମହାନ୍ତ, ଦରଖୋଲି ସରକାରୀ ୟୁପିଏସ ସାଇ ଶଙ୍କର ସାହୁ, କସାଫଳିଆ ସରକାରୀ ୟୁପିଏସର ଛାତ୍ର ଦିବ୍ୟଜ୍ୟୋତି ଚାନ୍ଦ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି।

# ବିକାଶର ଆଲୁଅ ଖୋଜୁଛି ଦୁଃଖର ଉପତ୍ୟକା ତେଣ୍ଡା

କପ୍ତିପଦା, ୨୬।୧୧(ସମିସ)





## ସାହିଲୋକେ ଦେଖିନାହାନ୍ତି ବିଜୁଳି ଆଲୁଅ; ନାଳପାଣି ଭରସା

ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଥିବା ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠୁ ବହୁ ଦୂରରେ। ଅନ୍ଧବିଶ୍ୱାସରେ ଏଠି ମଣିଷ ଅସହାୟ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡି, ଡାହାଣୀ ଭଳି ଭୟଙ୍କର ଭାବନା ମଣିଷର ମନକୁ ଆଛିନ୍ନ କରି ରଖିଛି। ସଞ୍ଜ ନଇଁଲେ ଅନ୍ଧାର ଆଁ ଭିତରେ ଲୁଚିଯାଏ ଏହି ଗାଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ସରଡିହା ପଞ୍ଚାୟତ ତେଣ୍ଡାଗାଁରେ। ଶ୍ରୀପଦମଞ୍ଜରୀପୁରଠାରୁ ପାଦଚଲା ରାସ୍ତାରେ ୫କିମି ଗଲେ ପଡ଼େ ଦୁର୍ଗମ ଅଞ୍ଚଳ ତେଣ୍ଡା ଗାଁ। ଆକାଶର ଆଉଟା କିରଣ ପଡ଼ିଲେ ତରତର ହୁଏ ତେଣ୍ଡା। ଅନ୍ଧାରର ଆଁ ଭିତରୁ ବାହାରି ଏଠାକାର ମଣିଷମାନେ ଜୀବନକୁ ତଉଲନ୍ତି। ଜୀବନ ଏଠି ଯାତନାମୟ। ଖରାଦିନେ ଖଇରିଆ ଦିଶେ ଶୁଖୁଆପଟାର ପାହାଡରେ ଥିବା ତେଣ୍ଡା ଗାଁ। ବର୍ଷା ହେଲେ ଚନ୍ଦନ ନାଳରୁ ଉଜାଣି ଢେଉ ଗାଁକୁ ଧମକାଏ। ମାଟି କାମୁଡି ପଡିଥିବା ମଣିଷର ମୁହଁକୁ ନିରୀକ୍ଷଣ କଲେ କେବଳ ଭୋକ ହିଁ ଭୋକ। କଳମଗଡିଆ ପଞ୍ଚାୟତର ୫ନଂ ୱାର୍ଡରେ ୩୦ଟି ପରିବାର, ସରଡିହା ପଞ୍ଚାୟତର ୧୫ଟି ପରିବାର ବସବାସ କରନ୍ତି। ଏଠାକାର ଜନସଂଖ୍ୟା ୪୫୦। ବିଶେଷ କରି ଏହି ଗାଁରେ କୋହ୍ଲ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳକୁ ଲାଗି ରହିଛି କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ। ଏଠାରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଅଙ୍ଗନବାଡ଼ିରୁ ପାଠପଢ଼ା ସରିଲେ ଶିକ୍ଷାରେ ଡୋରି ବନ୍ଧା ହୁଏ। ଏଠାରୁ ପ୍ରାୟ ୩ କିମି ଦୂର ଅଙ୍ଗନବାଡ଼ି। ଚୁଆ, ବିଲ, ନାଳପାଣି ଏମାନଙ୍କ ପାନୀୟ। ତେବେ ସବୁଠାରୁ ଦୁଃଖ ହେଉଛି ପାହାଡ଼ ଉପରେ ଥିବା ଚନ୍ଦନ ନାଳ। ଏହି ଗାଁକୁ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ନାଳରେ ପାଣି ଭର୍ତ୍ତି ହୋଇଗଲେ ଜଳବନ୍ଦୀ ଜୀବନ କାଟିବାକୁ ହୁଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡି, କୁକୁଡ଼ା ବଳି ଭଳି କୁତ୍ସିତ ମାନସିକତା ଏବେ ବି ଏହି ଗାଁରେ ବଳବତ୍ତର ରହିଛି। କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀ ଭାର ହିଁ ଭରସା। ଭାଗ୍ୟଥିଲେ ଜୀବନ ଧରି ଗାଁକୁ ଫେରେ ରୋଗୀ। ବିଜୁଳି ଆଲୁଅର କଥା କେବେବି ଚିନ୍ତା କରିନାହାନ୍ତି ଜନ ସାଧାରଣ। ସ୍ୱାଧୀନତା ପରେ ବି ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ପୂର୍ବରୁ ଜଙ୍ଗଲଜାତ ଦ୍ରବ୍ୟ ଏମାନଙ୍କ ଜୀବନ ଜୀବିକା ଥିଲା। ଏବେ ସରକାରୀ କଟକଣା ଯୋଗୁଁ ୧୦କିମି ଯାଇ ଖଲିପତ୍ର ବିକ୍ରି କରିବା ସହିତ ଧାନଚାଷ ମୁଖ୍ୟ ଜୀବିକା ପାଲଟିଛି। ତେବେ ଅନିୟମିତତା ଯୋଗୁଁ ଧାନଚାଷ ପ୍ରଭାବିତ ହେଉଥିବାରୁ ନିକଟରେ ଥିବା ହଦଗଡ଼ ବନ୍ଧ ପାଣିରୁ ମାଛ ଧରି କେହିକେହି ଜୀବିକା ନିର୍ବାହ କରୁଛନ୍ତି। ତେବେ ସବୁ ଗ୍ରାମକୁ ପକ୍କା ସଡ଼କ, ସ୍ୱଚ୍ଛ ପାଣି, ବିଜୁଳି ଆଲୁଅର ସ୍ଲୋଗାନ ଦେଉଥିବା ସରକାର ତେଣ୍ଡାବାସୀଙ୍କ ପାଇଁ କେବଳ ନିର୍ବାଚନ ପ୍ରତିଶ୍ରୁତି ପରି। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ କହନ୍ତି ଯେ, ଚନ୍ଦନ ନାଳରେ ସ୍ଥାୟୀ ପୋଲ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୋଲ ନିର୍ମାଣ ହେଲେ ଗ୍ରାମର ନିଶ୍ଚୟ ବିକାଶ ହେବ। ବିଡ଼ିଓ ରେଶମା ଟେଟେ କହନ୍ତି, ୨୭ତାରିଖରେ ଶରତଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ତେଣ୍ଡା ଗ୍ରାମର ଜନ ସାଧାରଣ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଦୁଃଖ ଜଣାଇଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକରେ ଏକ ଟିମ୍ ତେଣ୍ଡା ଯାଇ ସ୍ଥିତି ପରଖିଛନ୍ତି। ଖୁବଶୀଘ୍ର ବିଦ୍ୟୁତ ସଂଯୋଗ ଓ ପାନୀୟଜଳ ଯୋଗାଇ ଦେବା ସହିତ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ।

## ଜିଲ୍ଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଉଦ୍‌ଯାପିତ

ବାରିପଦା, ୨୬ ।୧୧(ସମିସ): ରାଣୀଭୋଳ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଶିଶୁ ମହୋତ୍ସବ ସର୍ଗିଫୁଲ ତଥା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଶ୍ରୀମା' ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ମୁଖ୍ୟ ଡ. ଶିବନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟକୁମାର ଜେନା, ଜ୍ଞାନରଞ୍ଜନ ସାମଲ, ପ୍ରଧାନଶିକ୍ଷକ ହେମନ୍ତ କୁମାର କର ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ମୟୂରଭଞ୍ଜ ମଣ୍ଡଳ ଅନ୍ତର୍ଗତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକରୁ ୬୮ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୬ଟି ସର୍ବୋତ୍ତମ ବିଜ୍ଞାନ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛ। ସେହିପରି ତିନିଟି ଜିଲ୍ଲାରୁ ବାଳକ, ବାଳିକା ବର୍ଗରେ ମୋଟ ୧୪ଟି ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ। ବାଳକ ବର୍ଗରେ ବାଲେଶ୍ୱର ଦଳ ଚାମ୍ପିଅନ ହୋଇଥିବାବେଳେ ରାଇରଙ୍ଗପୁର ଦଳ ରନର୍ସ ଅପ୍ ହୋଇଛି। ବାଳିକା ବର୍ଗରେ ରାଇରଙ୍ଗପୁର ଦଳ ଚମ୍ପିୟନ, ବାରିପଦା ଦଳ ରନର୍ସ ଅପ୍ ହୋଇ ଅତିଥିଙ୍କଠାରୁ ସାର୍ଟିଫିକେଟ ଓ ଟ୍ରଫି ଗ୍ରହଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ହେମନ୍ତ କର ଧନ୍ୟବାଦ ଦେଇଥିଲେ।



### ୬ ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ

## ଏମ୍‌ପିକେ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାରିପଦା, ୨୬ ।୧୧(ସମିସ): ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୟ କୁମାର କଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସଶକ୍ତ ଭାରତ ଗଠନରେ କ୍ରୀଡାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଅଧକ୍ଷ ପ୍ରଫେସର ବନଜା ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ସଭାରେ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ, ବିଶ୍ୱେଶର ଦ୍ୱିବେଦୀ, ପ୍ରଣତି ଦେ, ତନୁଶ୍ରୀ ପାଣି ସତ୍ୟବ୍ରତ ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅନୁସ୍ମିତା ବାରିକ, ଅଲିଭା ସାମଲ, ଅର୍ଚ୍ଚନା ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଶିକ୍ଷକ ପ୍ରଶିକ୍ଷଣ




ବାରିପଦା,୨୬ ।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ପଞ୍ଚ ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। "ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ପଦ୍ଧତିର ପ୍ରୟୋଗ ବିଧି' ଶୀର୍ଷକ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ। ସେ କହିଥିଲେ ଯେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ଇତିହାସ ରହିଛି। ନିଷ୍ଠାପର ଗବେଷଣା ଓ ଉଦ୍ୟମ ଦ୍ୱାରା ତନ୍ମଧ୍ୟରେ ଥିବା ଅମୂଲ୍ୟ ରତ୍ନ ଉଦ୍ଧାର ହୋଇପାରିବ। ଗବେଷକମାନେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିପାରିଲେ ଭାଷାର ସୌକର୍ଯ୍ୟ ପ୍ରତିପାଦିତ ହୋଇପାରିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ତଥା କଟକସ୍ଥିତ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂ ଯୋଗଦେଇ କାର୍ଯ୍ୟ କାରଣ ସମନ୍ୱିତ ସନ୍ଦେହାତ୍ମକ ଭାବାବେଗରୁ ଗବେଷଣା ଜନ୍ମ। ସତ୍ୟାନୁସନ୍ଧାନ ନିମିତ୍ତ ବାସ୍ତବ ଗବେଷଣା ନିମିତ୍ତ ଅଧିକରୁ ଅଧିକ ଆଗ୍ରହୀ ଓ କଷ୍ଟସହିଷ୍ଣୁ ହେବା ପାଇଁ ସେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଦେଇଥିଲେ। ବିଶିଷ୍ଟ କବି, ସମାଲୋଚକ ତଥା ସ୍ତମ୍ଭକାର ହରପ୍ରସାଦ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୌଣସି ଗବେଷଣା କେବେ ବ୍ୟର୍ଥ ହୁଏ ନାହିଁ ବୋଲି କହିଥିଲେ। ଗବେଷକଙ୍କ ମଧ୍ୟରେ ଏକ ନାନ୍ଦନିକ ଭାବ ରହିବା ଆବଶ୍ୟକ। ବିଶ୍ୱର ୧୩୫ଟି ଭାଷା ମଧ୍ୟରେ ଓଡ଼ିଆ ୧୮ ନମ୍ବର ଭାଷା। ଓଡ଼ିଆ ଭାଷାକୁ ଏକ ନମ୍ବର କରିବାକୁ ହେଲେ ଏହାର ପରିଧି ବ୍ୟାପ୍ତ କରିବାକୁ ହେବ ଏବଂ ମୌଳିକ ଗବେଷଣାରେ ବ୍ରତୀ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ବିଭାଗୀୟ ସଂଯୋଜକ ତଥା ଆବାହକ ଡ. ଶିଶିର ବେହେରା ପ୍ରଶିକ୍ଷଣ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସହକାରୀ ପ୍ରଫେସର ଡ. ବିନ୍ଧେଶରୀ କଲିଆ, ହୃଶୀକେଶ ମହାନ୍ତ ଓ ରାଜକୁମାର ପାତ୍ର, ପ୍ରଫେସର ରଣଜିତ କୁମାର ପରିଡ଼ା, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର ନଟବର ଶତପଥୀ, ପ୍ରଫେସର ଗିରିଶଚନ୍ଦ୍ର ମିଶ୍ର, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ଦୀପ୍ତି ରଞ୍ଜନ ପଟ୍ଟନାୟକ, ପ୍ରଫେସର ଗୌରାଙ୍ଗଚରଣ ଦାଶ ପ୍ରମୁଖ ବହୁ ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଦୁଇଟି ବ୍ଲକକୁ ନେଇ ଚାଲିଛି ଗୋଟିଏ ଥାନା

# ବଢୁଛି ଅପରାଧ




କୁଆମରା,୨୬।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ଓ ଖୁଣ୍ଟା ଦୁଇଟି ବ୍ଲକକୁ ନେଇ ଗୋଟିଏ ଥାନା ଚାଲୁଛି। ଫଳରେ ଏହି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏହି ଦୁଇଟିଯାକ ବ୍ଲକରେ ଏବେ ଲୋକ ସଂଖ୍ୟା ଦେଢ ଲକ୍ଷରୁ ଊର୍ଦ୍ଧ୍ୱ। ପଶ୍ଚିମରେ ଶିମିଳିପାଳ ଓ ପୂର୍ବରେ ବାଲେଶ୍ୱରର ରେମୁଣା ଓ ନୀଳଗିରି ଥାନା ସୀମାନ୍ତ। ଗତ ୨୦୨୨ରୁ ଖୁଣ୍ଟା ଥାନା ଅଞ୍ଚଳରେ ରାହାଜାନି, ଚୋରି, ନାରୀ ନିର୍ଯାତନା ଓ ଅପହରଣ ମାମଲା ୮୦ ପ୍ରତିଶତ ରହିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ଯୌତୁକ ନିର୍ଯାତନା ପାଇଁ ପାଞ୍ଚ ପ୍ରତିଶତ ମହିଳା ଏବେ ବାପ ଘରେ ଆଶ୍ରିତ। ସେହିପରି ନିଶା ପାଇଁ ମଧ୍ୟ ଅନେକ ଧନଜୀବନ ନଷ୍ଟ ହେଉଛି। ତେବେ ପ୍ରେମ ବିବାହ କ୍ଷେତ୍ରରେ ଅଧିକ ନିର୍ଯ୍ୟାତନା ଘଟୁଛି। ଅପହରଣ ମାମଲା ନେଇ ପୋଲିସର ମୁଣ୍ଡ ବ୍ୟଥା ବଢିଛି। ବିଶେଷକରି ନବମ ଶ୍ରେଣୀରୁ ଯୁକ୍ତ ଦୁଇ ପଢୁଥିବା ନାବାଳିକ ଛାତ୍ରୀଙ୍କ ଅପହରଣ ସଂଖ୍ୟା ମଧ ବଢି ଚାଲିଛି। ବିଦ୍ୟାଳୟ ଓ କଲେଜକୁ ଆସି ଅପହରଣ ହେଉଥିବା ମାମଲା ବର୍ଷକୁ ପ୍ରାୟ ୫୦ରୁ ଅଧିକ ରହିଛି। ମିଳିପାଳ ଅଭୟାରଣ୍ୟ ପାଇଁ କାଠ ଚୋର ଓ ଶିକାରୀଙ୍କ ଶିକାର ଜନିତ ମାମଲା ଏହି ଥାନା ଅଞ୍ଚଳରେ ସର୍ବାଧିକ। ସେଥି ମଧ୍ୟରୁ ପୁଲିସ କେତେକ ଉଦ୍ଧାର କରିଥିବା ବେଳେ ଆଉ କେତେକ ଫେରାର ଥିବାର ପୁଲିସ ରେକର୍ଡ କହୁଛି। ସେହିପରି ଚୋରି, ଡକାୟତ ଓ ରାହାଜାନି ବର୍ଷକୁ ବର୍ଷ ବୃଦ୍ଧି ପାଇ ଚାଲିଛି। ବିଭିନ୍ନ ସ୍ଥାନରେ ବେଆଇନ କୁକୁଡା ଲଢେଇ ଓ ଜୁଆ ଖେଳା ଯାଉଥିଲେ ମଧ ପୁଲିସ ନୀରା ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ ଓ ଆବଶ୍ୟକ ସ୍ଥଳେ ବଡ ବଡ ବ୍ଲକରେ ଅଧିକ ଲୋକ ସଂଖ୍ୟା ଥିଲେ ଏକାଧିକ ଥାନା ପ୍ରତିଷ୍ଠା ହେବ ବୋଲି ଗତ ୨୦୦୮ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ; କିନ୍ତୁ ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଓ ଗୋପବନ୍ଧୁନଗରର ଦୁଇଟି ବ୍ଲକ ନିମନ୍ତେ ଗୋଟିଏ ଥାନା ରହିଛି। ଫଳରେ ପୁଲିସର କ୍ଷମତା ସଂକୁଚିତ ହେବା ଯୋଗୁଁ ବର୍ଷକୁ ବର୍ଷ ଅପରାଧ ବଢିବାରେ ଲାଗିଛି। ପ୍ରତି ବ୍ଲକର ମଧ୍ୟସ୍ଥଳରେ ଥାନା ପ୍ରତିଷ୍ଠା ହେବ ବୋଲି ସରକାର ଘୋଷଣା କରିଥିବା ବେଳେ ଏହି ଦୁଇ ବ୍ଲକର ଶେଷ ସୀମାରେ ଏହି ଥାନା ରହିଛି। ୨୦୧୮ ମସିହାରୁ ପ୍ରତି ବର୍ଷ ୪ଶହ ରୁ ଅଧିକ ମାମଲା ଡେଇଁଛି। ୨୦୨୦ରୁ ୨୨ ମଧ୍ୟରେ ଅଧିକ ଚୋରି ହୋଇଛି। ଥାନା ଠାରୁ ଉକ୍ତ ବ୍ଲକର ଶେଷ ସୀମା ୪୦କିମି ଯୋଗୁ ଜରୁରୀ ସମୟରେ ପୁଲିସ ସେବା ମିଳିବାରେ ବିଳମ୍ବ ହେଉଛି। ତେବେ ଦୁଇ ବ୍ଲକକୁ ପୁଲିସ ନିୟନ୍ତ୍ରଣରେ ରଖିବାକୁ ହେଲେ ଆବଶ୍ୟକ କର୍ମଚାରୀ ବି ନାହାନ୍ତି। ଗୋଟିଏ ମାତ୍ର ଗାଡି ଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ ଠିକ୍‌ଭାବେ ହୋଇପାରୁନାହିଁ। ଅଭିଯୋଗ ଆସିଲେ କାର୍ଯାନୁଷ୍ଠାନରେ ବିଳମ୍ବ ଘଟୁଛି। ଗୋପବନ୍ଧୁନଗର ବ୍ଲକ ସୀମାକୁ ଲାଗି ନୀଳଗିରି, ବଡସାହି ବ୍ଲକ, ବାଲେଶ୍ୱର ଜିଲ୍ଲା ଓ ଜାତୀୟ ରାଜପଥ ରହିଛି। ଏଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଏଠାରେ ଆଉ ଗୋଟିଏ ଥାନା ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହେଉଛି।

## ରରୁଆଁ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଶୁକ୍ଳ, ୨୬।୧୧(ସମିସ): ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ଼ଃ ବ୍ରଜବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରରୁଆଁ ବ୍ଲକ ଅଧକ୍ଷ୍ୟ ଅଜିତ ତିରିଆ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଶୁକ୍ଳି ବିଡ଼ିଓ ପ୍ରେମାନନ୍ଦ ବେହେରା, ଶୁକ୍ଳି ପ୍ରାଣୀ ଚିକିତ୍ସାଧିକାରୀ ବୁଦ୍ଧିରାମ ରାଉଳ, ବ୍ଲକ ମତ୍ସ୍ୟ ଅଧିକାରିଣୀ କ୍ଷୀରୋଦା ନାଏକ ପ୍ରମୁଖ ଯୋଗଦେଇ କୃଷକଙ୍କୁ ସରକାରୀ ଯୋଜନାର ଲାଭ ନେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀ ଅନ୍ନ ଅଭିଯାନ ଷ୍ଟଲକୁ ଉଦଘାଟନ କରିଥିଲେ। ଶୁକ୍ଳି ପ୍ରାଣୀଧନ ଚିକିତ୍ସା ଅଧିକାରିଣୀ ଗାୟତ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଫଳ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରରୁଆଁ ପ୍ରାଣୀ ଚିକିତ୍ସା ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ୨୮ରେ ବିଜ୍ଞାନମେଳା

କୁଆମରା,୨୬।୧୧(ସମିସ): ଆସନ୍ତା ୨୮ ତାରିଖରେ ଗୋପବନ୍ଧୁନଗର ବ୍ଲକ ସ୍ତରୀୟ ବିଜ୍ଞାନମେଳା ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ବିଆରସିସି କୁଳମଣି ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଯୋଗଦେବେ। ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କୃଷ୍ଣ ଚନ୍ଦ୍ର ସାହୁ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀ, ପୂର୍ବତନ ସିଆରସିସି ସଞ୍ଜିତ କୁମାର ଦେ, ଦେବବ୍ରତ ବାରିକ ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ

# 'ଭାରତର ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ'









ଜଳେଶ୍ୱର,୨୬ା୧୧(ସମିସ)

ଭାରତର ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ। ଯାହା ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ ସମାଜବାଦୀ ଗଣତାନ୍ତ୍ରୀକ ଗଣତନ୍ତ୍ର ଭାବେ ପ୍ରତିଷ୍ଠିତ କରିଛି। ସମ୍ବିଧାନ ଶାସନ ପାଇଁ ଢାଞ୍ଚା ପ୍ରଦାନ କରେ ଏବଂ ଏହାର ନାଗରିକ ମାନଙ୍କ ପାଇଁ ମୌଳିକ ଅଧିକାର ତଥା କର୍ତ୍ତବ୍ୟର ଗ୍ୟାରେଣ୍ଟି ଦେଇଥାଏ। "ସମ୍ବିଧାନ ଦିବସ' ପାଳିତ ସଭାରେ ମହା ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ପୌରୋହିତ୍ୱ କରିଥିଲେ। ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ଇପ୍ସିତା ଦାସ ମଞ୍ଚ ଆହ୍ୱାନ ଓ ଅତିଥିଙ୍କ ପରିଚୟ କରିଥିବା ବେଳେ ଅଧ୍ୟାପକ ଶ୍ରୀ ଅଶୋକ ରଥ ବେଦପାଠ କରିଥିଲେ। ମୁଖ୍ୟଅତିଥି ପ୍ରଧାପକ ବିଶମ୍ବର କୁମାର ଜେନା କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇ, ମୁଖ୍ୟବକ୍ତା ବରିଷ୍ଠ ଅଧ୍ୟାପକ ପ୍ରଭାତ କୁମାର ଜେନା କୃଷ୍ଣଚନ୍ଦ୍ର ପିପିଲି ମହା ବିଦ୍ୟାଳୟ ଜଗାଇ, ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରବଣ କୁମାର ନାଥ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରୁ ନିଶ୍ଚଳ ଘଡେଇ, ଜ୍ଞାନରଞ୍ଜନ ଜେନା, ସୌମ୍ୟରଞ୍ଜନ ମହାନ୍ତି, ନିରଞ୍ଜନ ପରିଡ଼ା, ବିଜେଶ୍ କୁମାର ସେନାପତି, ମୋନାଲିସା ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୁଭସ୍ମିତା ଗିରି, ସରିତା ଜେନା, ଅଲିଭା କାମିଳା, ଲିପିକା ପରିଡ଼ା, ସ୍ମୃତିରାଣୀ ଗିରି, ଉର୍ମିଳା ବେରା, ତନୁଶ୍ରୀ ପଟ୍ଟାୟତ୍, ସୁଷମା ମୁର୍ମୁ, ମୁସ୍କାନ୍ ପର୍ବିନ୍, ମୌସୁମୀ ଜେନା, ଅଲିଭା ଗାନ୍ଧୀ, ମମତା ବେହେରା, ମମତା ବେହେରା, ବିଜୟଲକ୍ଷ୍ମୀ ସାହୁ, ସୋନାଲି ନାୟକ, କନକବର୍ଦ୍ଧନ ସିଂ ପ୍ରମୁଖ ସମ୍ବିଧାନ ବାବଦରେ ବକ୍ତବ୍ୟ ରଖିଥିଲେ। ଅଲିଭା କାମିଳା, ତପନ ଦାସ, ରଞ୍ଜିତ ପାତ୍ର ଓ ଶୁଭଶ୍ରୀ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ଋତୁପର୍ଣ୍ଣା ଜେନା ଓ ରାମକୃଷ୍ଣ ରାୟ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀ ସୁଚିତ୍ରା କର ଧନ୍ୟବାଦ ଅର୍ପଣ କରିଥିଲେ।

**କାଳିପଦା:** ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଶାନ୍ତିଲତା ଦାସଙ୍କ ସଭାପତିତ୍ୱରେ ବୁଧବାର ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଡ. ମାନସୀ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନର ବରିଷ୍ଠ






ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ହିଁ ଶାସନ ସଂହିତା, ଯାହା ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ସମର୍ପିତ ବୋଲି ମତ ରଖିଥିବା ବେଳେ, ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନର ଅଧ୍ୟାପକ ସଞ୍ଜୟ ଦାସ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିଲେ। ଅଧ୍ୟାପକ ସୁଶାନ୍ତ ରାଜ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବାବେଳେ ଅଧ୍ୟାପିକା ସୁପ୍ରସନ୍ନୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରଛାତ୍ରୀ ଓ ଜାତୀୟ ସେବା ଶିବିରର ମିଳିତ ସହଯୋଗରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅଧ୍ୟାପିକା ଆରତୀ ଜେନା କୃତଜ୍ଞତା ଜ୍ଞାପନ କରିଥିଲେ।

**ଜଳେଶ୍ୱର:** ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। 'ଭାରତୀୟ ସମ୍ବିଧାନକୁ ଠିକ୍ ଭାବେ ବୁଝିବା ଓ ଅଧିକାର, କର୍ତ୍ତବ୍ୟ ଏବଂ ଦାୟିତ୍ୱ' ଶୀର୍ଷକ ସେମିନାର ବୁଧବାର ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ସଭାପତିତ୍ୱ କରି ସମ୍ବିଧାନ ଥିବା ଅନୁଚ୍ଛେଦ ଗୁଡ଼ିକ ବୁଝିବା ସହିତ ଅଧିକାର ଓ ଦେଶପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦାନ ସହିତ ସମ୍ବିଧାନ ଦିବସ ଏବଂ ସେମିନାର ସମ୍ପର୍କରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କମଳା କାନ୍ତ ଚାନ୍ଦ ଯୋଗଦେଇ ସାମ୍ବିଧାନିକ ମୂଲ୍ୟବୋଧ, ଅଧିକାର ସାବ୍ୟସ୍ତ ଓ କର୍ତ୍ତବ୍ୟବଧୋତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୀନକୃଷ୍ଣ ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ହିମାଂଶୁ କୁମାର ସାମଲ ମଞ୍ଚାସୀନ ହୋଇ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ମୂଳ ନୀତିଗୁଡ଼ିକୁ ସ୍ୱୀକୃତି ଦେବା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଇତିହାସ ବିଭାଗର ମୁଖ୍ୟ ଡା. ମାନସ୍ କୁମାର ଦାସ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ସମ୍ବିଧାନ ସଂଶୋଧନ ଏବଂ ମୌଳିକ ଅଧିକାର ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ଯୋଗଦେଇ ବୃହତ୍ ଗଣତନ୍ତ୍ରରେ, ଭାରତୀୟ ସମ୍ବିଧାନ ସୁରକ୍ଷା କବଚ ବୋଲି କହିଥିଲେ। ରାଜନୀତି ବିଜ୍ଞାନର ବହୁ ଛାତ୍ରୀ ଛାତ୍ରୀ ସମ୍ବିଧାନ ଉପରେ ଭାଷଣ ରଖିଥିବା ବେଳେ ରାଜନୀତି ବିଜ୍ଞାନର ଯୁବ ଅଧ୍ୟାପକ ସାଗର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

**ନୀଳଗିରି:** ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ସରପଞ୍ଚ ନିରଞ୍ଜନ ବାରିକ ଜାତୀୟ ପତାକା ଉତ୍ତୋଳନ କରି ସମ୍ବିଧାନ ଦିବସ ପାଳନ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ପତ୍ରୀ, ଏଡବ୍ଲୁଏନ ସଂଯୁକ୍ତା ସେଠି, ପୂଜାରାଣୀ ବେହେରା ୱାର୍ଡ ସଭ୍ୟା ଶାନ୍ତିଲତା ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ ମହିଳା ଉପସ୍ଥିତ ଥିଲେ। ଅନୁରୂପ ବାଲିଓରା ଗ୍ରାମ ଅମୃତ ସରୋବର ନିକଟରେ ନ୍ୟାୟପ ସରପଞ୍ଚ ସୁପ୍ରଭା ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ କନକଲତା ପୁଟି, ମଞ୍ଜୁଲତା ମହାପାତ୍ର, ସିଆରପି ସରୋଜିନୀ ଲେଙ୍କା, ପ୍ରୀତିଲତା ପ୍ରଧାନ ଇସି ସବିତା ପ୍ରଧାନ, ଏବଂ ଢୋଲପୁର ଗ୍ରାମ ରେ ସିଆରପି ଜସ୍ମିତା ରାଉତ ଜାତୀୟ ପତାକା ଉତ୍ତୋଳନ କରି ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାଗତିକା ମହାନ୍ତି, ହେମଲତା ପାତ୍ର, ସୁବାସିନୀ ପାତ୍ର ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ଦିବସ ପାଳନ କରିଥିଲେ।

**ଆମ୍ବେଦକର ସମତା ମଞ୍ଚ ଏବଂ ଓଡ଼ିଶା ଭୀମସୈନିକ ସଂଘ :** ଆମ୍ବେଦକର ସମତା ମଞ୍ଚ ଏବଂ ଓଡିଶା ଭୀମସୈନିକ ସଂଘ ୟୁନିଟ୍, ଜଳେଶ୍ୱର ଶାଖା ତରଫରୁ ସ୍ଥାନୀୟ କାଳୀମନ୍ଦିର ସଭାଗୃହରେ ୭୬ତମ ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଏକ ମୋଟର ବାଇକ ଶୋଭାଯାତ୍ରା ବରଚିହା ଗ୍ରାମ ପଂଚାୟତର ଲୁହାପତା ଛକ ନିକଟରୁ ବାହାରି ଜଳେଶ୍ୱର କାଳୀ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଆୟୋଜିତ ସଭାରେ ଏବେ ସମୟର ଆହ୍ୱାନ ଯେ ଆମ ସମ୍ବିଧାନକୁ ସୁରକ୍ଷା ଦେବା, ମର୍ଯ୍ୟାଦା ଦେବା, ସମ୍ବିଧାନ ଅନୁସାରେ ରଷ୍ଟ୍ର ନିର୍ମାଣ କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆହ୍ୱାନ ଦିଆଯାଇଛି। ମଂଚର ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ମନମୋହନ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ହିମାଂଶୁ ସେଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାନ୍ତି, ରବିନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ମଞ୍ଚର ସମ୍ପାଦକ ନିରୋଜ ବେହେରା ଅତିଥି ଆମନ୍ତ୍ରଣ କରିଥିଲେ। ଏହି ସଭାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକ ଓ ମହିଳା ଯୋଗଦେଇଥିଲେ।

## ଭୋଗରାଇରେ ମହାପ୍ରଭୁଙ୍କ ୩୨ ବେଶ ଉଦ୍‌ଘାଟିତ

ଭୋଗରାଇ,୨୬ା୧୧(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଥାନାଛକସ୍ଥିତ ହେଲିପ୍ୟାଡ ପଡିଆଠାରେ ଭୋଗରାଇ ଆଧ୍ୟାତ୍ମିକ ସମାରୋହ କମିଟି ପକ୍ଷରୁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ତୃତୀୟ ବର୍ଷରେ ପଦାର୍ପଣ କରିଛି। ଆଜି ଏହି ଆଧ୍ୟାତ୍ମିକ ଉତ୍ସବର ଶୁଭାରମ୍ଭରେ ପାଞ୍ଚ ଶହରୁ ଅଧିକ ମହିଳା ପ୍ରତ୍ୟୁଷରୁ ବାଟଗ୍ରାମ ଚିତେଇ ଠାକୁରାଣୀ ପାଶ୍ୱର୍ସ୍ଥ ଚିତ୍ରରେଖା ନଦୀରୁ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପବିତ୍ର ଜଳ କଳସରେ ନେଇ ଏକ ବର୍ଣ୍ଣାଢ଼୍ୟ



ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ ଚତୁର୍ଦ୍ଧା ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା, ପଞ୍ଚକୁଣ୍ଡୀୟ ଯଜ୍ଞ ଆହୁତିରେ ଆୟୋଜନ କାର୍ଯ୍ୟକ୍ରମ କରାଯାଇଥିଲା। ମହାପ୍ରଭୁଙ୍କ ୩୨ ବେଶ ସହିତ ଅଷ୍ଟସଖି ମାନଙ୍କର ଆରାଧନା କରାଯାଇଥିଲା। ଝାଲି, ଘଣ୍ଟା, ଶଙ୍ଖ ନାଦ, ଢାକ, ଢୋଲ, ସାହାନାଇ ବାଦ୍ୟ, ଡାକବାଜି ଯନ୍ତ୍ର, ଧର୍ମୀୟ ସଙ୍ଗୀତ, ପ୍ରବଚନରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ଅଧ୍ୟାପକ ବ୍ରଜବିହାରୀ ପତି ଓ ଅନ୍ୟ ପଣ୍ଡିତମାନଙ୍କ ଦ୍ୱାରା ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ଏତଦ୍ ଭିନ୍ନ ଶ୍ରଦ୍ଧାଳୁଙ୍କ ଆଗମନରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଥିବା ବେଳେ ସନ୍ଧ୍ୟାରେ କୁନି କୁନି ପ୍ରତିଭା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ ସମାରୋହକୁ ସଫଳ କରିବା ନିମନ୍ତେ କମିଟିର ସଭାପତି ଅଂଶୁମାନ ମହାନ୍ତି, ସମ୍ପାଦକ ଅଚ୍ୟୁତ ନନ୍ଦନ ଦାସ, କୋଷାଧ୍ୟକ୍ଷ ସୀତାରାମ ପ୍ରଧାନ, କାର୍ଯ୍ୟକାରୀ ସଭାପତି ନଟରଞ୍ଜନ ଘରାଇ, ଉପସଭାପତି ଶଶିକାନ୍ତ ହାତୀ, କୌଶିକ ଚାନ୍ଦ, ଆଶିଷ ମହାନ୍ତି, ପ୍ରଦୀପ୍ତ ଜେନା, ସଂଗ୍ରାମ ପାତ୍ର, ଅନିମା ପାଣିଗ୍ରାହୀ, ତପନ ପଣ୍ଡା, ସାଧାରଣ ସମ୍ପାଦକ ବିଧୁଭୂଷଣ ଦାସଙ୍କ ସହ ସମ୍ପାଦକ ବିମଳ ମହାନ୍ତି, ମଧୁସୂଦନ ପାତ୍ର, ମାନସ ଗାଙ୍ଗୁଲି, ଅମଳେନ୍ଦୁ ଦାସ, ସାଂସ୍କୃତିକ ବିଭାଗ ଦାୟିତ୍ୱରେ ବିଶ୍ୱମ୍ବର ଦାସ, ବିକାଶ ପାଣିଗ୍ରାହୀ, ଶ୍ରୀକୁମାର ଘୋଷ ପ୍ରମୁଖ ଭୋଗରାଇବାସୀଙ୍କୁ ନିବେଦନ କରିଛନ୍ତି।

## ଡାକ୍ତର ତ୍ରିନାଥ ପାଲଙ୍କ ସ୍ମୃତିରେ ଡାକ୍ତରଖାନା ସଫେଇ



ନୀଳଗିରି, ୨୬ା୧୧ (ସମିସ): ସେବା ହିଁ ଧର୍ମ, ସମୟାନୁବର୍ତ୍ତିତାକୁ ବିଶ୍ୱାସ ବୋଲି ଜୀବନରେ ଗ୍ରହଣକରି କର୍ମମୟ ସଂସାରରେ କର୍ମ କରୁଥିବା ସମୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ତ୍ରିନାଥ ପାଲଙ୍କ ଦେହାନ୍ତ ପରେ ବୁଧବାର ଏକାଦଶ ଦିବସରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ୟୁଥ୍ ରେଡ୍ କ୍ରସ ଓ ରେଡ ରିବନ କ୍ଲବର ଛାତ୍ରୀ ମାନଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ ଓ ସ୍ମୃତିଚାରଣ ସଭା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତସଭାରେ ନୀଳଗିରି ସବ୍ ଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମୁଖ ଡାକ୍ତର ସରୋଜିନି ପ୍ରଧାନ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା, ସନ୍ତରାଗଡିଆ ସି ଏଚ୍ ଏସ ର ଡାକ୍ତର ଦେବୀପ୍ରସାଦ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡା, ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଅଧ୍ୟାପିକା ନିରୁପମା ନାୟକ, ନୀଳଗିରି ରକ୍ତଦାତା ସଂଘର ମୁଖ୍ୟ ଉପଦେଷ୍ଟା ପତ୍ରକାର ରବି ରାଉତ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ମାୟାଧର ମହାନ୍ତି, ଯୋଗଦାନ କରିଥିବାବେଳେ ୟୁଥ୍ ରେଡ କ୍ରସର କାଉନସେଲର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ନୀଳଗିରି ରକ୍ତଦାତା ସଂଘର ସଭାପତି ଗୋପାଳଚନ୍ଦ୍ର ମହାପାତ୍ର, ସମ୍ପାଦକ ବିଜୟ କୁମାର ପାତ୍ର ସହଯୋଗ କରିଥିଲେ। ଏପରି କାର୍ଯ୍ୟକ୍ରମକୁ ନୀଳଗିରି ହସ୍ପିଟାଲ ପରିସରରେ ଥିବା ରୋଗୀ ଓ ରୋଗୀଙ୍କ ଅଭିଭାବକ ମାନଙ୍କ ସହ ବହୁତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

## ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ ଗିରଫ, କାଠ ଫାଳିଆ ଜବତ

ସୋର, ୨୬ା୧୧(ସମିସ): ସୋର ଥାନା ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ସ୍ୱାମୀକୁ ସ୍ତ୍ରୀ ପିଟି ପିଟି ହତ୍ୟା କରିଥିବା ଘଟଣାରେ ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ଋଷି ଦାସ (୪୬) ବିଭିନ୍ନ ସମୟରେ ମଦ୍ୟପାନ କରି ତାଙ୍କ ସ୍ତ୍ରୀ ଉର୍ମିଳା ଦାସଙ୍କୁ ମାଡ଼ ମାରନ୍ତି। ଗତ ସୋମବାର ରାତିରେ ଋଷି ମଦପିଇ ଘରେ ପହଞ୍ଚି ଉର୍ମିଳାଙ୍କୁ ମାଡ଼ ମାରିଥିଲେ। ଏଥିରେ ଅତିଷ୍ଠ ହୋଇ ଉର୍ମିଳା ଏକ କାଠ ଫାଳିଆରେ ତାଙ୍କୁ ପିଟୁ ଥିବା ବେଳେ ଏହା ତାଙ୍କ ମୁଣ୍ଡରେ ବାଜି ଯାଇଥିଲା। ଘଟଣାସ୍ଥଳରେ ଋଷିର ମୃତ୍ୟୁ ହୋଇଯାଇଥିଲା। ଗତକାଲି ସକାଳେ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କ ଶବକୁ ସତ୍କାର କରିବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ସୋର ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଋଷିର ଶବକୁ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିଲେ। ଏ ବାବଦରେ ଋଷିର ବାପା କାହ୍ନୁ ଚରଣ ଦାସଙ୍କ ଅଭିଯୋଗ ମୂଳେ ଅପରାହ୍ନରେ ପୁଲିସ ୯୭୫/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ସ୍ତ୍ରୀ ଉର୍ମିଳାକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଆଜି ସକାଳେ ଉର୍ମିଳାକୁ ଗିରଫ କରି ତା ନିକଟରୁ କାଠ ଫାଳିଆକୁ ଜବତ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ଦୀଘାରେ ଉଚ୍ଛେଦ ଓଡ଼ିଆ ଦୋକାନୀଙ୍କୁ ଥଇଥାନ ଦାବି

ଚନ୍ଦନେଶ୍ୱର,୨୬ା୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ସୀମାନ୍ତ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳରେ ପ୍ରବାସୀ ଓଡ଼ିଆ ମାନେ ବିଗତ ୧୦/୧୫ ବର୍ଷ ଧରି ଛୋଟ ଛୋଟ ବ୍ୟବସାୟ କରି ନିଜର ପେଟ ପାଟଣା କରି ଆସୁଥିଲେ। କିନ୍ତୁ ଗତ ୧୫ ଦିନ ମଧ୍ୟରେ ସେହି ଅଞ୍ଚଳର ସ୍ଥାନୀୟ ସରପଞ୍ଚ ସହିତ କିଛି ଅସାଧୁ ବ୍ୟକ୍ତି ସେମାନଙ୍କ ଦୋକାନକୁ ଅଚାନକ କୌଣସି ସୂଚନା ନ ଦେଇ ଭାଙ୍ଗି



ଉଚ୍ଛେଦ କରିଦେଇଛନ୍ତି। ଏହାର କାରଣ ପଚାରିବାରୁ ସେମାନେ ଏଠି କେବଳ ସ୍ଥାନୀୟ ପଶ୍ଚିମ ବଙ୍ଗ ଲୋକମାନେ ହିଁ ବ୍ୟବସାୟ କରିବେ କହିଥିଲେ। ଓଡ଼ିଶା ଲୋକ ଦୋକାନ କରିପାରିବେ ନାହିଁ ଯଦି ବ୍ୟବସାୟ କରିବେ ଚନ୍ଦନେଶ୍ୱର ତାଳସାରି ଓ ଉଦୟପୁର ଅଞ୍ଚଳରେ ବ୍ୟବସାୟ କରିବାକୁ କହି ସେମାନଙ୍କୁ ଦୁର୍ବ୍ୟବହାର କରି ଘଉଡାଇ ଦେଇଥିଲେ। ତେଣୁ ଓଡ଼ିଆ ଦୋକାନୀ ଜୀବିକା ବିହୀନ ବେକାର ହୋଇ ଯାଇଥିବାରୁ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ ଅଞ୍ଚଳରେ ଥଇଥାନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କଠାରେ ଲିଖିତ ନିବେଦନ କରିଛନ୍ତି। ନଚେତ ଆସନ୍ତା ୨୮ ତାରିଖ ଶୁକ୍ରବାର ସକାଳ ୯ଟାରୁ ପଶ୍ଚିମ ବଙ୍ଗ ଓଡିଶା ସଂଯୋଗ କରୁଥିବା ୫୭ ନମ୍ବର ରାଜ୍ୟ ରାଜପଥ ସାହାବାଜିପୁରଠାରେ ରାସ୍ତାରୋକ କରିବେ ବୋଲି ଜିଲ୍ଲାପାଳଙ୍କ ସହ ତାଳସାରୀ ମେରାଇନ, କମର୍ଦ୍ଦା, ଭୋଗରାଇ ଥାନାକୁ ଅବଗତ କରାଯିବା ସହ ଓଡିଆ କ୍ଷୁଦ୍ର ବ୍ୟବସାୟୀ ତପନ ଗିରି, ଅଶ୍ୱିନୀ ଦାସ, ଶିବଶଙ୍କର ଗିରି, ଦିଗାମ୍ବର ସ୍ୱାଇଁ, ହରେନ୍ଦ୍ର ସାହୁ, ସନ୍ଧ୍ୟା ରାଣୀ ମହାନ୍ତି, ଦୀପକ ସେନାପତି, ଦେବବ୍ରତ ପ୍ରଧାନ, ଚିତ୍ତରଞ୍ଜନ ଦେ, ହରିପଦ ସାହୁ, ନନୀଗୋପାଳ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ହାଇୱା ଜବତ

ସୋର,୨୬ା୧୧(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକରେ ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଡମ୍ପର ଜବତ କରାଯାଇଛି। ଭଦ୍ରକରୁ ବାଲେଶ୍ୱରକୁ ହାଇୱାରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ମାଟିଆପଲା ଛକ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ପରେ ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଜବତ କରି ସୋର ଥାନାରେ ଜିମା ଦେଇଥିଲେ।

## ଆଦିବାସୀ ଜମି ହଡ଼ପ ଉଦ୍ୟମ; ହାଇକୋର୍ଟରେ ମାମଲା

କାଳିପଦା, ୨୬ା୧୧ (ସମିସ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଗ୍ରାମର ୧୦ ନିରିହ ଆଦିବାସୀ ପରିବାରର ଘର, ଘର ବାଡ଼ି, ଚାଷ ଜମିକୁ କେତେକ ମୁଷ୍ଟିମେୟ ଲୋକ ମିଛ ଦଲିଲ, ପଟ୍ଟା କରି ଏବେ ହଡପ କରିବାକୁ ଉଦ୍ୟମ କରୁଛନ୍ତି। ମୁଷ୍ଟିମେୟ ମାନେ ବିଭିନ୍ନ ସ୍ତରରେ ଚାପ ପକାଇ ସେମାନଙ୍କୁ ଭୋଗ ଦଖଲରୁ ଉଚ୍ଛେଦ କରିବା ପାଇଁ ଅର୍ଥ ଦେଇ ଲୋକ ବଳ ଠୁଳ କରୁଛନ୍ତି। ଏହାକୁ କେନ୍ଦ୍ର କରି ସେଠାରେ ଦୀର୍ଘ ଦିନ ହେବ ଉତ୍ତେଜନା ଲାଗି ରହିଛି। ଜଣେ ସ୍ୱେଚ୍ଛାସେବୀ ଆଦିବାସୀଙ୍କ ପକ୍ଷ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ତାଙ୍କୁ ମୁଷ୍ଟିମେୟ ମାନେ ନାନା ଧମକ ଚମକ ଦେଉଥିବା ପ୍ରକାଶ।

ପ୍ରାୟେ ଚାରି ପିଢ଼ି ଧରି ଏହି ୧୦ ପରିବାର ଏହି ସବୁ ଜାଗାକୁ ଭୋଗ ଦଖଲ କରି ଆସୁଛନ୍ତି। ଜମିଦାରୀ ପ୍ରଥା ଉଚ୍ଛେଦ ପରେ ଏମାନଙ୍କ ପୂର୍ବ ପୁରୁଷ ଗାଗଲ ବିନ୍ଧାଣୀ, ପିତା ମଧୁ ବିନ୍ଧାଣୀ, ଦେଉଳା ଜମିଦାର ମୁଖଦା ମଣୀ ମହାଶୟ, ସ୍ୱାମୀ ଶିବ ନାରାୟଣ ମହାଶୟ ଶାବକ ଖତିୟାନ ନଂ ୮୧୧, ବର୍ତ୍ତମାନ ଖତିୟାନ ୬୧୨, ପ୍ଲଟ ନଂ ୧୭୮୮, ୧୭୮୯, ୧୭୯୪, ୧୭୯୫ ଓ ୧୭୯୬ କୁ ଉକ୍ତ ପ୍ରଜାଙ୍କୁ ଜମିଦାରୀ ଆଇନ ୧୯୫୧ ଉଚ୍ଛେଦ ପରେ ଜମିଦାର ଅଙ୍ଗନ ନାମା ପଟ୍ଟା ପ୍ରଦାନ କରିଥିଲେ। ପ୍ରଜାମାନେ ଜମିଦାରଙ୍କ ନାମରେ ଖଜଣା କାଟି ଉକ୍ତ ଜାଗାକୁ ଦଖଲ କରି ଆସୁଛନ୍ତି। ସେତେବେଳେ ଉକ୍ତ ପ୍ଲଟକୁ ପ୍ରଜାଙ୍କ ନାମରେ ନାମଜାରୀ କରିବାକୁ ଏକ ସରକାରୀ ନୋଟିସ ମଧ୍ୟ ଆସିଥିଲା। ମାତ୍ର ଅପାଠୁଆ ଆଦିବାସୀ ମାନେ ଉକ୍ତ ନୋଟିସକୁ ବୁଝି ନ ପାରି ଅଣଦେଖା କରିଥିଲେ। ଉକ୍ତ ପ୍ଲଟ ଉପରେ ଆଦିବାସୀଙ୍କୁ ଦିଆଯାଇଥିବା ସରକାରୀ ଆବାସ ଗୃହ, ବିଦ୍ୟୁତ, ରାସ୍ତା ଆଦି ନାନାଦି ସୁବିଧା ସୁଯୋଗ ମିଳି ସାରିଛି। ମାତ୍ର ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ୨୦୨୧ ମସିହା ସେପ୍ଟେମ୍ବର ୨୨ ତାରିଖ ସୁରେନ୍ଦ୍ର ନାରାୟଣ ରାୟ ନାମକ ଜଣେ ବ୍ୟକ୍ତି ଉକ୍ତ ପ୍ଲଟର ଉତ୍ତରାଧିକାରୀର ପରିଚୟ ପ୍ରଦାନ କରି ଉକ୍ତ ଜାଗାକୁ ବିକ୍ରି କରିବା କେତେ ଦୂର ଯୁକ୍ତି ଯୁକ୍ତ। ସେ ମୁଖଦା ମଣୀ ଙ୍କ ଅଣ ନାତିର ପରିଚୟ ଦେଉଛନ୍ତି। ତାଙ୍କର ବର୍ତ୍ତମାନ ଠିକଣା ଏ -୧୦୪, ଲେକ ଗାର୍ଡେନ, ପଶ୍ଚିମ ବଙ୍ଗ। ଅରୁଣ କୁମାର ଚାଟାର୍ଜୀ ଉକ୍ତ ବିକ୍ରୟ ଦଲିଲକୁ ଏକ ଜେନେରାଲ ପାୱାର ଅଫ ଅଟର୍ଣ୍ଣି ମଧ୍ୟରେ ବିକ୍ରି କରିଥିବା ଏବଂ ଆଟର୍ଣ୍ଣି ୧୯୮୮ ମସିହାରେ ହୋଇଥିବା ଜଣା ପଡିଛି। ମାତ୍ର ପ୍ରଶ୍ନ ଉଠେ ଯେ ଜମିଦାରୀ ପ୍ରଥା ଉଚ୍ଛେଦ ପରେ ତାଙ୍କ ଅଣ ନାତିଙ୍କ ପାଖକୁ ବିକ୍ରି ପାଇଁ ଅଧିକାର ଆସିଲା କୁଆଡୁ? ଯଦି ସେ ଜୀବିତ ଅଛନ୍ତି ତେବେ ବିକ୍ରି ସମୟରେ ଅନୁପସ୍ଥିତ କାହିଁକି ଥିଲେ? ୮୦ ବର୍ଷ ଧରି ସେ ଖଜଣା କାହିଁକି ଦେଉ ନ ଥିଲେ? ପ୍ଲଟ ରେ ନିର୍ମାଣ ଥିବା ଦଲିଲରେ ଲୁଚାଇ ପାୱାର ଅଫ ଆଟର୍ଣ୍ଣି ଯଦି ତାଙ୍କ ପାଖରେ ଥିଲା, ସୁରେନ୍ଦ୍ର ନାରାୟଣ ରାୟଙ୍କ ଦସ୍ତଖତ କାହିଁକି ହେଲା? କଲିକତା ରେ ରହି ଏକ ଆଫିଡେଭିଟ କରି ରେଜେଷ୍ଟ୍ରି କେମିତି ଅଜ୍ଞାତ ସ୍ଥାନରେ କଲେ? ବିକ୍ରେତାଙ୍କ ଦସ୍ତଖତକୁ କଲିକତାରେ ବାଲିଆପାଳର ସବ ରେଜିଷ୍ଟ୍ରାର କିପରି ଯାଞ୍ଚ କଲେ? ଏପରି ଅନେକ ପ୍ରଶ୍ନ ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଆଦିବାସୀଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ଉଠିଛି। ଅନ୍ୟପକ୍ଷରେ ଏହାକୁ କେନ୍ଦ୍ର କରି ଓଡିଶା ହାଇ କୋର୍ଟରେ ଏକ ମାମଲା ରୁଜୁ ହୋଇଛି। ବାଲିଆପାଳ ତହସିଲଦାରଙ୍କୁ ଏ ବାବଦରେ ପଚାରିବାରୁ ଘଟଣା ଟି ତଦନ୍ତ ସାପେକ୍ଷ ବୋଲି କହିଛନ୍ତି।

ଉତ୍ତେଜନା ଜାରି

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଜଳେଶ୍ୱର,୨୬ା୧୧(ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ସ୍ୱାଧିନତା ସଂଗ୍ରାମରେ ଅନାଲୋଚିତ ମହିଳା ମାନଙ୍କ ଭୂମିକା ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇତିହାସ ସମ୍ମାନ ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସଭାପତିତ୍ୱ କରି ସ୍ୱାଧିନତା ସଂଗ୍ରାମର ଐତାହାସିକ ପର୍ଯ୍ୟାଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ମଞ୍ଚାସୀନ ହୋଇ ପରାଧିନ ଭାରତରେ ନିର୍ଯାତିତ, ଲାଞ୍ଛିତ ମହିଳାମାନଙ୍କ ଅକୁହା ବେଦନାର କାହାଣୀ ବଖାଣିବା ସହିତ ସ୍ୱାଧିନତା ସଂଗ୍ରାମରେ ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସସ୍ମିତା ପାତ୍ର ଯୋଗଦେଇ ସ୍ୱାଧିନତା ସଂଗ୍ରାମରେ ମହିଳା ମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସାମିଲ୍ ହୋଇ ଲହୁ ଲୁହାଣ ହୋଇ ବଳିଦାନ ଦେଇଥିବା କହିଥିଲେ। ପ୍ରାରମ୍ଭରେ ଛାତ୍ରୀ ବନ୍ଦନା ସାହୁ ଜଗନ୍ନାଥଙ୍କ ଜଣାଣ ବୋଲିବା ସହିତ ଛାତ୍ରୀ ରୁକ୍ସାନା ଖାତୁନ୍‌ଙ୍କ ଦ୍ୱାରା ବିଦାୟୀ ଅଧ୍ୟକ୍ଷଙ୍କ ପାଇଁ ଏକ ଗୀତ ପରିବେଷଣ କରିଥିଲେ। ଛାତ୍ରୀ ଲିଜା ଗିରି, ରୁନା ଖାତୁନ, କ୍ରିଷ୍ଣା ନାୟକ, ଉଷଶ୍ରୀ ଜେନା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମର ଭିଡି ପ୍ରବନ୍ଧ ବିଭାଗୀୟ ମୁଖ୍ୟ ଦୀପ୍ତିମୟୀ ସାଥୁଆ ଭିତ୍ତି ପ୍ରବନ୍ଧ ପାଠ କରିଥିବା ବେଳେ ଅଧ୍ୟାପିକା ପ୍ରତିଭା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କିଲିପାଳ ବାଲିଘାଟ ଉପରେ ଚଢ଼ଉ

# ୩ ଜେସିବି, ୪୬ ହାଇୱା ଜବତ; ୬ ଅଟକ

ଜଗତସିଂହପୁର,୨୬।୧୧(ସମିସ)

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ ରାତିଅଧିଆ ଚଢ଼ଉ କରି ୪୬ଟି ହାଇୱା ଏବଂ ୩ଟି ଜେସିବି ମେସିନ ଜବତ କରିଛି ପୁଲିସ। ସେହିପରି ଜଣେ ମେକାନିକ ଏବଂ ୫ ଜଣ ହାଇୱା ଡ୍ରାଇଭରକୁ ମଧ୍ୟ ଅଟକ ରଖି ପଚରାଉଚରା ଚାଲିଥିବା ସୂଚନା ଦେଇଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ଏହି ସୂଚନା ଦେବା ସହିତ ନିୟମିତ ଭାବେ ବାଲି ଚୋରାଚାଲାଣ ହେଉଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି ବୋଲି ପ୍ରକାଶ କରିଥିଲେ। କିଛିଦିନ ହେବ ଏହି ବାଲିଘାଟ ଉପରେ ପୁଲିସ ନଜର ରଖିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଡିଆଇଜି ଶ୍ରୀ ନାୟକ, ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଅଙ୍କିତ



କୁମାର ବର୍ମା ପୁଲିସ ଟିମ୍ ସହିତ କିଲିପାଳ ବାଲିଘାଟରେ ଚଢ଼ଉ କରିଥିଲେ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କିଲିପାଳ ବାଲିଘାଟ ଗତ ୨୦୨୪ ମସିହା ଜୁଲାଇ ୨୪ ତାରିଖରେ ୫ବର୍ଷ ପାଇଁ ସରୋଜ କୁମାର ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇଥିଲା। ତେବେ ଚୁକ୍ତିନାମା ଅନୁସାରେ ଉକ୍ତ ଘାଟର ୧୩ ଏକର ସୀମା ମଧ୍ୟରେ ବାଲି ଉତ୍ତୋଳନ ହେବା କଥା। ହେଲେ ବାଲିମାଫିଆ ମାନେ ନିର୍ଦ୍ଧାରିତ ସୀମା ବାହାରେ ପ୍ରାୟ ୨୩୩-୩୦୪ ମିଟର ଅଞ୍ଚଳରୁ ବାଲି ଉତ୍ତୋଳନ କରୁଥିବା ଅନୁସନ୍ଧାନରୁ ଜଣାପଡିଛି। ସେହିପରି ପ୍ରତିଦିନ ୭୩ କ୍ୟୁବିକ୍ ମିଟର ହିସାବରେ। ବର୍ଷାଦିନକୁ ଛାଡ଼ି ବାକି ବାର୍ଷିକ ୨୧୦ ଦିନରେ ମୋଟ ୧୫,୧୫୦ କ୍ୟୁବିକ୍ ମିଟର ବାଲି ଉଠିବା ପାଇଁ ଅନୁମତି ରହିଛି। କିନ୍ତୁ ବାଲିମାଫିଆ ପ୍ରତିଦିନ ୫୦ ହାଇୱା ସହାୟତାରେ ୭୫୦ କ୍ୟୁବିକ୍ ମିଟର ବାଲି ଉଠାଇ ଚାଲିଛନ୍ତି। ଯାହାକି ପ୍ରକୃତ ବାଲି ଉଠାଣଠାରୁ ୧୦ ଗୁଣ ଅଧିକ ବୋଲି ପୁଲିସ ସୂଚନା ଦେଇଛି। ଏହି ହିସାବରେ ଦେଖିଲେ ହେଉଥିବା ବେଳେ ନଦୀରେ ମଧ୍ୟ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଯୋଗଦେଇ ଅଟକ ଥିବା ସମସ୍ତ ୬ଜଣଙ୍କୁ ପଚରାଉଚରା କରାଯିବା

- ଅନୁମତିଠାରୁ ୧୦ ଗୁଣ ଉଠୁଥିଲା ବାଲି
- ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଡିଆଇଜି
- ବାଲିମାଫିଆଙ୍କୁ ସତର୍କ କଲେ ଜିଲ୍ଲାପାଳ

ବର୍ଷକୁ ୨୧୦ ଦିନ ବାଲିଉଠାଣରେ ମୋଟ ୧୫ କୋଟି ୭୫ ଲକ୍ଷ ଟଙ୍କା ହେଉଛି। ତେଣୁ ସରକାରଙ୍କୁ ନିଲାମଧାରୀ ବାର୍ଷିକ ୪୬ଲକ୍ଷ ୨୦ ହଜାର ଦେଇଥିବା ବେଳେ ଏହାଠାରୁ ବହୁଗୁଣ ଅଧିକ ବେଆଇନ ରୋଜଗାର କରୁଛନ୍ତି। ଯାହାଦ୍ୱାରା ସରକାରଙ୍କ ରାଜସ୍ୱହାନୀ ସହିତ ନଦୀବନ୍ଧ ଓ ପଠାର କ୍ଷତି ଘଟୁଛି। ବେଆଇନ ଭାବେ ବାଲି ଚାଲାଣ ଯୋଗୁ ନିକଟରେ ଥିବା ଚାଷଜମି ପ୍ରଭାବିତ ସହିତ ଜବତ ଗାଡିଗୁଡିକର ମାଲିକଙ୍କ ସଂପର୍କରେ ତଥ୍ୟ ନିଆଯିବ ବୋଲି କହିଛନ୍ତି। ସେହିପରି ଜିଲ୍ଲାପାଳ ଜେ.ସୋନାଲ କହିଛନ୍ତି ଯେ, ଏହି ବାଲି ଚୋରାଚାଲାଣ ପଛରେ ଯିଏ ଥାଆନ୍ତୁ ନା କାହିଁକି କାହାରିକୁ ଛଡ଼ାଯିବନାହିଁ। ଏଥିସହିତ ଜିଲ୍ଲାରେ ସକ୍ରିୟ ଥିବା ବାଲିମାଫିଆମାନଙ୍କୁ ସେ ସତର୍କ କରିଛନ୍ତି। ଜିଲ୍ଲା ଖଣି ବିଭାଗର ନିଷ୍କ୍ରୀୟତାକୁ ନେଇ ମଧ୍ୟ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ବଡ଼ଜିଙ୍ଗଲ ଖଗେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ତିର୍ତ୍ତୋଲ,୨୬।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର - ଶଙ୍ଖେସର ପଞ୍ଚାୟତର ବଡ଼ଜିଙ୍ଗଲ ଠାରେ ତ୍ରିଦିବସୀୟ ଖଗେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ ସମାଜସେବୀ ପ୍ରଭାସ କୁମାର ବେହେରାଙ୍କ ପୌରୋହିତ୍ୟରେ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି ପ୍ରତ୍ୟୁଷରୁ ପବିତ୍ର ମହାନଦୀରୁ କଳସ ଶୋଭାଯାତ୍ରା ଅଣାଯାଇଥିଲା। ଦେବେନ୍ଦ୍ର ଦାସ ଓ ତାଙ୍କ ପତ୍ନୀ କର୍ତ୍ତାଭାବେ ଦାୟିତ୍ୱ ନିଭାଇଥିଲେ। ସ୍ଥାନୀୟ ସରପଞ୍ଚ ଆରତୀ ମାଝୀ, ସ୍ଥାନୀୟ ଅଞ୍ଚଳବାସୀ ସାମିଲ ହୋଇଥିଲେ। ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ସଂଯୋଜନାରେ ନିରଞ୍ଜନ ଜେନା, ଭଞ୍ଜକିଶୋର ଦାସ, ବାମନ ଦାସ, ବାବାଜୀ ଦାସ, ରଞ୍ଜନ ଦାସ, ବିଷ୍ଣୁ ଦାସ, ଅଶୋକ ଦାସ, ସୁନିଲ ବେହେରାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଯଜ୍ଞର ପୁରୋଧା ଚିତ୍ତରଞ୍ଜନ ହୋତା ଓ ସାଥୀ ବୈଦିକ ପଣ୍ଡିତଙ୍କ ଦ୍ୱାରା ପୂଜା କାର୍ଯ୍ୟ



ସମାହିତ ହେଉଛି। ଆସନ୍ତା ୨୮ ତାରିଖ ଉଦଯାପନୀ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ତେରମାଣପୁର ନୃସିଂହ ପୀଠର ଅଧିକାରୀ ବାବା ରମାକାନ୍ତ ଦାସ ଯୋଗ ଦେବେ ବୋଲି ଉତ୍ସବର କମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଗାରଡ଼ମଲ୍ଲ ଓ ଚଡ଼କପଦାରେ କୁରାଳ ପଞ୍ଚମୀ



ଏରସମା,୨୬।୧୧(ସମିସ): ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତର ଗାରଡମଲ୍ଲ ଓ ଗଡ଼ବିଶୁନପୁର୍ ପଞ୍ଚାୟତର ଚଡ଼କପଦା ଗ୍ରାମର କୁମ୍ଭକାର ପରିବାର ପକ୍ଷରୁ କୁରାଳ ପଞ୍ଚମୀ ପର୍ବ ପାଳିତ ହୋଇଯାଇଛି। ସୋମବାର କଳସ ସ୍ଥାପନ କରାଯିବା ପରେ ଲକ୍ଷ୍ମୀ ନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଷଷ୍ଠୀ ପୂଜା କରାଯାଇ ବାର୍‌ହା ଗାତରୁ ମାଟି ଆଣି ପୂଜା ଅର୍ଚ୍ଚନା କରାଯିବା ପରେ ବର୍ଷକ ପାଇଁ ମାଟି ଅନୁକୁଳ କରାଯାଇଥିଲା। ପରେ ଠାକୁରଙ୍କ ଉପରେ ଓଢ଼ଣି ପକାଯାଇ ସଂଧ୍ୟା ସମୟରେ ଓଢ଼ଣି ଖୋଲା ଯାଇଥିଲା। ଗାରଡମଲ୍ଲ ଗ୍ରାମରେ ୩୧କୁମ୍ଭକାର ପରିବାର ପକ୍ଷରୁ କୌଳିକ ପର୍ବ ପାଳନ ହୋଇଆସୁଛି। ପ୍ରଫୁଲ୍ଲ ବେହେରା, ସୁଶାନ୍ତ ବେହେରା, ସୁବାଷ ବେହେରା, ପ୍ରଶାନ୍ତ ବେହେରା, ଛଇଲ ବେହେରା, ସଞ୍ଜୟ ବେହେରା, ଗଗନ ବେହେରା, ଅରକ୍ଷିତ ବେହେରା ପ୍ରମୁଖ ପୂଜାରେ ସହଯୋଗ କରିଥିଲେ।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ; ଜଣେ ଗିରଫ

ପାରାଦୀପ,୨୬।୧୧(ସମିସ): କିଛିଦିନ ବ୍ୟବଧାନ ପରେ ୧୩ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରିଛି ପାରାଦୀପ ଆଦର୍ଶ ଥାନା ପୁଲିସ। ଆଦର୍ଶ ଥାନା ଅଧୀନ ଅଠରବାଙ୍କୀ ନିକଟ ଲକପଡା ବେଲ୍ଟ ଲାଇନ ତଳ ଛକରେ ବ୍ରାଉନସୁଗର ବେପାର ଚାଲିଥିବା ଖବର ପାଇ ଠିକଣା ଜାଗାରେ ଚଢ଼ଉ କରିଥିଲେ ଇନିସ୍‌ପେକ୍ଟର ରଘୁନାଥ ଟୁଡୁ ଓ ତାଙ୍କ ଟିମ। ସନ୍ଧ୍ୟା ଅନ୍ଧାରର ସୁଯୋଗରେ ବେଲ୍ଟ ଲାଇନ ତଳେ ଲକପଡାର ଚନ୍ଦନ ଦାସ ବ୍ରାଉନ ସୁଗାର ରଖିଥିବା ନେଇ ଘଟଣାସ୍ଥଳରେ ପୁଲିସର ନଜରକୁ ଆସିଥିଲା। ସନ୍ଦେହରେ ପୁଲିସ ଅଟକାଇ ଯାଞ୍ଚ ପରେ ତା' ପାଖରୁ ୧୩.୫ ଗ୍ରାମର ବ୍ରାଉନସୁଗର ଠାବ କରିଥିଲା। ପୁଲିସ ମଧ୍ୟ ତା' ପାଖରୁ ନଗଦ ୨୪ ଶହ ଟଙ୍କା ଜବତ କରିଥିଲା। ଚନ୍ଦନ ଦାସଙ୍କ ବିରୋଧରେ ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।



## ଅନୁପଲାରୁ ୬୨୦ ଗ୍ରାମ୍ ଗଞ୍ଜେଇ ଜବତ

ଜଗତସିଂହପୁର,୨୬।୧୧(ସମିସ): ଜଗତସିଂହପୁର ତିର୍ତ୍ତୋଲ ଥାନା ଅନ୍ତର୍ଗତ ଅନୁପଲା ଗ୍ରାମରେ ଚଢ଼ଉ କରି ୬୨୦



ଗ୍ରାମର ଗଞ୍ଜେଇ ଜବତ କରିଛି ତିର୍ତ୍ତୋଲ ଅବକାରୀ ଥାନା। ଯାହାର ଆନୁମାନିକ ମୂଲ୍ୟ ୬୨୦୦ ଟଙ୍କା ହେବ। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ଅନୁପଲା ଗ୍ରାମରେ ଚଢ଼ଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୬୨୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ଅନୁପଲା ଗ୍ରାମର ନୃସିଂହ ଗୋଚ୍ଛାୟତଙ୍କ ପୁଅ ସନ୍ତୋଷ ଗୋଚ୍ଛାୟତ। ତାଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର ଏଏସ୍‌ଆଇ ହିମାଂଶୁ ନାୟକ, କନଷ୍ଟେବଲ ଲକ୍ଷ୍ମୀନାରାୟଣ ମଲ୍ଲିକ, କଲ୍ୟାଣି ସେଠୀ ପ୍ରମୁଖ ସାମିଲ ଥିଲେ।

## ନଦୀରେ ଯୁବକ ନିଖୋଜ

ନାଉଗାଁ,୨୬।୧୧(ସମିସ): ଗତକାଲିଠାରୁ ନିଖୋଜ ଥିବା ଯୁବକର ଜ୍ୟାକେଟ, ଚପଲ ମୋବାଇଲ ଗାରୋଇ ଦେବୀ ନଦୀ ବନ୍ଧ ନିକଟରେ ଥିବାକୁ ନେଇ ଯୁବକ ନଦୀରେ ବୁଡି ଯାଇଥିବା ସନ୍ଦେହ ହୋଇଛି। ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରିଛନ୍ତି। ନାଉଗାଁ ଥାନା ଅଞ୍ଚଳର ଗାରୋଇ ଦେବୀ ନଦୀ ବନ୍ଧ ନିକଟରେ , କୋରୁଅ ଗ୍ରାମର ନୀଳମଣି ସ୍ୱାଇଁଙ୍କ ପୁଅ ରାକେଶ ସ୍ୱାଇଁ (୩୩) ଗତକାଲିଠାରୁ ନିଖୋଜ ଥିବା ବେଳେ ଆଜି ତାଙ୍କର ଜ୍ୟାକେଟ, ମୋବାଇଲ ଓ ଚପଲ ଉକ୍ତ ନଦୀ ବନ୍ଧ ନିକଟରେ ଦେଖାଯାଇଥିଲା। ତେବେ ସ୍ଥାନୀୟ ଲୋକେ ଏହା ଦେଖି ନାଉଗାଁ ଅଗ୍ନିଶମ ବାହିନୀ ଓ ନାଉଗାଁ ପୁଲିସକୁ ତୁରନ୍ତ ସୂଚନା ଦେବା ପରେ ଘଟଣାସ୍ଥଳର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ କିଛି ପତ୍ତା ମିଳିନଥିବା ଜଣାପଡିଛି।

## ୧୦୭ ବର୍ଷରେ ଦେହତ୍ୟାଗ କଲେ 'ରାମ'

ବାଲିକୁଦା,୨୬।୧୧(ସମିସ): ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଗ୍ରାମର ଶତାୟୁ ପୁରୁଷ କୃଷ୍ଣଚନ୍ଦ୍ର ସ୍ୱାଇଁ (୧୦୭)ଙ୍କ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଯାଇଛି। ସେ ରାମଲୀଳାରେ ରାମ ଚରିତ୍ରରେ ଦୀର୍ଘ ବର୍ଷ ଧରି ଅଭିନୟ କରି ସାରା ଜିଲ୍ଲା ସମେତ ଜିଲ୍ଲା ବାହାରେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ।



ଏପରିକି ଭାଗବତ ଓ ଗୀତା ପ୍ରଚାର ପ୍ରସାର କରିବାରେ ବାଲିକୁଦା ଅଞ୍ଚଳରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ପ୍ରତ୍ୟହ ଗୀତା ଓ ଭାଗବତ ପାଠ କରିଥିଲେ। ଏହି କଳାକାରଙ୍କ ମୃତ୍ୟୁ ଖବର ପାଇ ସମାଜସେବୀ ପ୍ରମୋଦ ସାହୁ, ସର୍ବେଶ୍ୱର ରାଉତ, ବଟକୃଷ୍ଣ ଦାସ, ବିଷ୍ଣୁ ଚରଣ ପରିଡା, ୱାର୍ଡ ମେମ୍ବର ସୁରେଶ ପରିଡା, ବିରଞ୍ଚି ନାରାୟଣ ବିଶ୍ୱାଳ ଅନ୍ତିମ ଦର୍ଶନ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ରାଜନେତା ଶୋକ ବ୍ୟକ୍ତ କରିଥିଲେ। ଶ୍ରୀ ସ୍ୱାଇଁଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ୍ୟ ସ୍ମଶାନ ରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ପ୍ରଫୁଲ୍ଲ ମୁଖାଗ୍ନି ପ୍ରଦାନ କରିଥିଲେ।

## ଜନନାୟକ ବୀରେନ୍ ମିତ୍ରଙ୍କ ଜୟନ୍ତୀ

ଜଗତସିଂହପୁର,୨୬।୧୧(ସମିସ): ବିଶିଷ୍ଟ ଜନନାୟକ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱବୀରେନ୍ ମିତ୍ରଙ୍କର ୧୦୮ ତମ ଜୟନ୍ତୀ ଆଜି ଜଗତସଂହପୁର ସାରସ୍ୱତ ପରିଷଦ ପକ୍ଷରୁ ମୂଳିସିଂହସ୍ଥିତ ସେଣ୍ଟଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ସଭାପତି ତଥା ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତାକରି କହିଥିଲେ ଯେ, ବୀରେନ ମିତ୍ର ସାଧାରଣ ଜନତାର ସୁଖଦୁଃଖର ସାଥୀ ଥିଲେ ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ବୀରେନ୍ ମିତ୍ର ଜମିଦାର ପରିବାରରେ ଜନ୍ମ ନେଇ ବି ଜମିଦାରୀ ହଟାଅ ଆନ୍ଦୋଳନରେ ସାମିଲ୍ ହୋଇଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଜୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ ଓ ମିନତୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀଙ୍କୁ ସାରସ୍ୱତ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ।

## ଶିଶୁବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ




ତିର୍ତ୍ତୋଲ,୨୬।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ ଦଶମାଣକୁଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚଦଶତମ ମାତୃ ସମ୍ମିଳନୀ ଅନୁଷ୍ଠାନର ସଭାପତି ବିକ୍ରମ କେଶରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଶିକ୍ଷା ବିକାଶ ସମିତି ଓଡିଶା ପୂର୍ବ ସମ୍ଭାଗର ସଦସ୍ୟା କମଳ କୁମାରୀ ଦାଶ, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁକାନ୍ତି ମହାନ୍ତି, ସମ୍ମାନିତ ଅତିଥି ପୂର୍ବତନ ସମ୍ପାଦକ ତ୍ରିଲୋଚନ ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ଡ. ଆରତୀ ତ୍ରିପାଠୀ ଓ ଉପଦେଷ୍ଟା ଗୋଲକ ବିହାରୀ ହୋତା ମାତୃ ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ନିରଞ୍ଜନ ଦାସ, ଜ୍ୟୋତି ଶଙ୍କର ମହାପାତ୍ର, ଜିତେନ୍ଦ୍ର ମଲ୍ଲିକ, ବିଭୂତି ଭୂଷଣ ମହାନ୍ତି, ରଞ୍ଜିତ ପାଲ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ସହ ଯୋଗ କରିଥିଲେ। ଆଚାର୍ଯ୍ୟା ସୁଜାତା ପରିଜା ଧନ୍ୟବାଦ୍ ଦେଇଥିଲେ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ




ଜଗତସିଂହପୁର,୨୬।୧୧(ସମିସ): ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନରେ ତଥା କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମର୍ଥନରେ ଦେଶବ୍ୟାପୀ କୃଷକ ଓ ଶ୍ରମିକ ମାନଙ୍କର ଦାବି ପୂରଣ ନେଇ ଆଜି ଆନ୍ଦୋଳନ ଡାକରା ଦିଆଯାଇଛି। ଏହିକ୍ରମରେ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ୧୨ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଟୁର ସଭାପତି ଲୋଭାକାନ୍ତ ସ୍ୱାଇଁ, ଏଆଇୟୁଟିୟୁସିର ପ୍ରଦୀପ୍ତ ରାମ ଏବଂ ସଂଯୁକ୍ତ କିଶାନ ମୋର୍ଚ୍ଚାର ଗଣେଶ ମାଣିଆଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଜିଲ୍ଲା ପ୍ରଶାସନକୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ମହାପାତ୍ର, ଶରତ କୁମାର ବେହେରା, ପ୍ରଫୁଲ୍ଲ ନାୟକ, ସଞ୍ଜୟ ପରିଡା, ଆଶାକର୍ମୀ ସଂଘର ସୁଲୋଚନା ପରିଡା, କୁନିଲତା ମଲ୍ଲ, ରୋଜାଲୀନ ସେଠୀ ଏବଂ ଅନୁପ୍ରୀୟା ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ

# ଆମ ସମ୍ବିଧାନ, ଆମ ସ୍ୱାଭିମାନ






ଜଗତସିଂହପୁର,୨୬।୧୧(ସମିସ)

ପ୍ରତ୍ୟେକ ଦେଶର ସମ୍ବିଧାନ ସେ ଦେଶର ପରିସ୍ଥିତି ଓ ପରିବେଶକୁ ନେଇ ତିଆରି ହୋଇଥାଏ। ଦେଶର ସମ୍ବିଧାନ ଦେଶର ସ୍ୱାଭିମାନ ବୋଲି ମତ ପ୍ରକାଶ ପାଇଛି। ଆଜି ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଫୁଲ ପାଠାଗାରରେ ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ଉପଦେଷ୍ଟା ବିଜୟ କୁମାର ପତି, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାସ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଆଲେଚନାରେ ଭାଗନେଇ ଆମ ସମ୍ବିଧାନ, ଆମ ସ୍ୱାଭିମାନ କହିବା ସହିତ ସମ୍ବିଧାନର ସୁରକ୍ଷା ପାଇଁ ସବୁସ୍ତରରେ ଆନ୍ତରିକତା ଲୋଡ଼ା ବୋଲି ମତ ଦେଇଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଦେଇଥିଲେ ।

ପାରାଦୀପ: ଭାରତ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପୂର୍ତ୍ତି ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଯାଇଛି। ବନ୍ଦର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଯୋଗ ଦେଇ ବନ୍ଦର ଅଧିକାରୀ, କର୍ମଚାରୀମାନଙ୍କ ଉପସ୍ଥିତିରେ ସମ୍ବିଧାନ ପାଠ କରିଥିଲେ। ଏହି ଅବସରରେ ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସମ୍ବିଧାନ ପାଠ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଆମ ଦେଶର ଗଣତାନ୍ତ୍ରିକ ଭିତ୍ତିଭୂମି ଉପରେ ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

ଜଗତସିଂହପୁର: ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଆଜି ସମ୍ବିଧାନ ଦିବସ ପାଳନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ପିସିସିର ସାଧାରଣ ସମ୍ପାଦକ ୟସିର ନୱାଜ ଙ୍କ ଉପସ୍ଥିତିରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଟାଉନହଲ ଠାରୁ ଏକ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସର୍କିଟ ହାଉସ ଠାରେ 'ସମ୍ବିଧାନ ସୁରକ୍ଷା ରହିବା କାହିଁକି ଗୁରୁତ୍ୱପୂର୍ଣ୍ଣ' ବିଷୟକୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲେ। ଏଥିରେ ରାଜ୍ୟ କିସାନ କଂଗ୍ରେସ ସେଲ୍‌ର ସଭାପତି ଅଭୟ ସାହୁ, ୟାସିର ନୱାଜ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ ରଥ, ପ୍ରଫେସର ହିମାଂଶୁ ଆଚାର୍ଯ୍ୟ, ଓପିସିସି ପୂର୍ବତନ ସମ୍ପାଦକ ଅଜୟ ସାହୁ, ଜିଲ୍ଲା କଂଗ୍ରେସ କମିଟି ପୂର୍ବତନ ଉପ ସଭାପତି ସର୍ବେଶ୍ୱର ପଣ୍ଡା, ଆଇନଜିବୀ ଦୀପକ ପଶାୟତ ଓ ଅନ୍ୟ କଂଗ୍ରେସ କର୍ମକର୍ତ୍ତାଗଣ ଉପସ୍ଥିତି ଥିଲେ। ମୂଳିସିଂହ ନୋଡାଲ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କୁ ନେଇ ସମ୍ବିଧାନ ଦିବସ ଅବସରରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଲ୍ଲଭାନନ୍ଦ ସ୍ୱାଇଁ, ରାଜକିଶୋର ସାହୁ, ମହନି ରାଉତ, ସୌମ୍ୟଜିତ , ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ପୂର୍ବତନ ଉପସଭାପତି ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ସୁଧାକର ଖଟୁଆ, ରଞ୍ଜିତ କୁମାର ସେଠି, ଅଭିଜିତ ସାହୁ, କାଳନ୍ଦୀ ମହାନ୍ତି, ନିହାର ଦାସ, ତ୍ରିଲୋଚନ ସ୍ୱାଇଁ, ଧିରେନ ମହାରଣା, ଅବିନାଶ ମଲ୍ଲିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ପାରାଦୀପ: ପାରାଦୀପ ଏସ୍‌ସି ଏସ୍‌ଟି ଆସୋସିଏସନ ପକ୍ଷରୁ ସ୍ଥାନୀୟ ମଧୁବନ ସ୍ଥିତ ଡ. ବିଆର୍ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ୭୬ତମ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦରର ଡେପୁଟି ସେକ୍ରେଟାରୀ ପରାଓ ଟୁଡୁ, ସମ୍ମାନିତ ଅତିଥି ଭାବେ ବନ୍ଦରର ପୂର୍ବତନ ଟ୍ରଷ୍ଟି ତଥା ଆସୋସିଏସନର କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ ଓ ସମ୍ପାଦକ ଧୂନଚନ୍ଦ୍ର ତରାଇ, ମହେଶ୍ୱର ସୋରେନ, ସୁନ୍ଦର ମାରାଣ୍ଡି, ପୁରୁଷୋତ୍ତମ ବେଶ୍ରା, ବିଦୁ ମୁର୍ମୁ, ଜ୍ୟୋତ୍ସ୍ନା ପ୍ରେମା ଲାକ୍ରା, ଭଞ୍ଜ ମାଝୀ, ଶଙ୍କର ମଲ୍ଲିକ, ବିଜୟ କୁମାର ନାୟକ, ଛୋଟରାୟ ମାଝୀ, ଆଶିଷ ବିରୁଲି ପ୍ରମୁଖ ଯୋଗ ଦେଇଥିଲେ।

## ପରିବେଶ ଆଇନର ଉଲ୍ଲଙ୍ଘନ ଅଭିଯୋଗ

# ଭିସିଆଇ କେମିକାଲ ବିରୋଧରେ ଏନ୍‌ଜିଟିର ଛାଟ

ଯଖପୁରା, ୨୬।୧୧(ସମିସ)

କଳିଙ୍ଗନଗରରେ ଭିସିଆଇ କେମିକାଲ କମ୍ପାନୀ ଜଙ୍ଗଲ ଜମିରେ କୋଲଟାର କାରଖାନା ନିର୍ମାଣ କରୁଛି। ବିନା ଅନୁମତିରେ ଏଠାରେ ବହୁ ପରିମାଣରେ ଗଛ କଟା ଓ ପରିବେଶ ଆଇନ ଉଲ୍ଲଙ୍ଘନ ହେବା ସହ ଚୋରାରେ ମୋରମ ଚାଲାଣ ହେଉଥିବା ଏନ୍‌ଜିଟିରେ ଅଭିଯୋଗ ହୋଇଛି। ସୁବ୍ରତ କୁମାର ସାହୁଙ୍କ ଏପରି ଅଭିଯୋଗକୁ ଗୁରୁତର ସହିତ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କଡ଼ା ଆଦେଶ ଜାରି କରିଛି। ଅଭିଯୋଗକୁ ଗୁରୁତର ସହିତ ନେଇ ଜଷ୍ଟିସ୍ ଅରୁଣ କୁମାର ତ୍ୟାଗି ଏବଂ ଜୁଡିସିଆଲ୍ ମେମ୍ବର ଈଶ୍ୱର ସିଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ ପାଇଁ ଇଣ୍ଟିଗ୍ରେଟେଡ୍ ରିଜିଓନାଲ୍ ଅଫିସ୍ (ଏମ୍‌ଓଇଏଫ୍ ଆଣ୍ଡ ସିସି)ର ପ୍ରତିନିଧି, କେନ୍ଦ୍ରୀୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ (ସିପିସିବି), ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ୍ ବୋର୍ଡ (ଓଏସ୍‌ପିସିବି) ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ନେଇ ଗୋଟିଏ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରି ଡ୍ରୋନ୍ ସର୍ଭେ କରିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି।

କମ୍ପାନୀ ନେଇଥିବା ଯଖପୁରା ଓ କଟେରୀଗାଁର ୨୨ ଏକର ଲିଜ୍ ଜମିରୁ ୧୧ ଏକର ଜଙ୍ଗଲ କିସମ୍ ରହିଥିବାକୁ ଏହି ତଥ୍ୟକୁ ଲୁଚାଇ କେନ୍ଦ୍ର ସରକାରଙ୍କ ଅନୁମତି ବିନା ବେଆଇନ ଭାବରେ କାରଖାନା ନିର୍ମାଣ ଚାଲିଛି। ଜଙ୍ଗଲକୁ କାଟିବାକୁ, ବନ ଜମିକୁ ରାସ୍ତା, କାରଖାନା, ଖଣି ପାଇଁ କିସମ ବଦଳାଇବାକୁ ପ୍ରଥମେ କେନ୍ଦ୍ର ସରକାରଙ୍କ ଅନୁମତି ଦରକାର ପଡ଼ିଥାଏ। କମ୍ପାନୀ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନ କାନୁନ୍‌କୁ ଦଳିଚକଟି ଖୁଲମଖୁଲା ଉଲ୍ଲଙ୍ଘନ ଅଭିଯୋଗ ହେଉଛି। ସମ୍ପୃକ୍ତ ଜମି ଉପରେ ଥିବା ୪୦ ହଜାର ଗଛ ବିନା ଅନୁମତିରେ କଟା ହୋଇଛି। ଭିସିଆଇ କାରଖାନା ପରିସରରୁ କୋଟି କୋଟି ଟଙ୍କାର ମୋରମ ବେଆଇନ ଚାଲାଣ କରି ମୁନଫା ପାଉଥିବା ବେଳେ ପ୍ରାୟ ମାତ୍ର ୪୭ ଲକ୍ଷ ଟଙ୍କା ଲଘୁ ଖଣିଜ ବିଭାଗ ତରଫରୁ ଜରିମାନା ହେଇଥିଲା। ବିଭାଗ ତରଫରୁ ରଖା ଯାଇଥିବା ସର୍ତ୍ତକୁ ଖୋଲା ଉଲ୍ଲଙ୍ଘନ କରି କମ୍ପାନୀ କର୍ତ୍ତୃପକ୍ଷ ମୋରମ ଖୋଲି ଦୈନିକ ଶହ ଶହ ଟ୍ରିପ ବେଆଇନ ବିକ୍ରି କରିଥିବା ଅଭିଯୋଗ ହେଉଛି।



ତେବେ ଏନ୍‌ଜିଟିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରି ତୁରନ୍ତ ଡ୍ରୋନ୍ ସର୍ଭେ ନିର୍ଦ୍ଦେଶ ପରେ ବହୁ ଲୁକ୍କାୟିତ ତଥ୍ୟ ଆସିବା ସହିତ କମ୍ପାନୀର କଳା କାରନାମା ପଦାକୁ ଆସିପାରିବ। ଦୁଇ ସପ୍ତାହରେ ମଧ୍ୟରେ ତଦନ୍ତ, ଡ୍ରୋନ୍ କ୍ୟାମେରା ଦ୍ୱାରା ଉତ୍ତୋଳନ ମୋରମର ବାସ୍ତବ ସ୍ଥିତି ଧରାପଡ଼ିବ। ସ୍ଥାନୀୟ ଲୋକମାନଙ୍କ ଆଇନ ଅନୁଯାଇ ମତାମତ ସଂଗ୍ରହ କରିବା ସହିତ ଡିସେମ୍ବର ୧୨ ତାରିଖରେ ରିପୋର୍ଟ ଦାଖଲ କରିବାକୁ ଟ୍ରାଇବ୍ୟୁନାଲ୍ ପକ୍ଷରୁ ନିର୍ଦ୍ଦେଶ ରହିଛି।

ଅଭିଯୋଗକାରୀଙ୍କ ଦାବି ମୁତାବକ କାରଖାନା ଚାଲୁ ହେଲେ କର୍କଟ ସହିତ ମାରାତ୍ମକ ରୋଗ ବଢ଼ିବ। ସ୍ଥାନୀୟ ଜଳ, ବାୟୁ, ମାଟି ଓ ବନ୍ୟପ୍ରାଣୀ ଉପରେ ଗଭୀର ପ୍ରଭାବ ପଡ଼ିବ। ବେଆଇନ ନିର୍ମାଣ କାରଣରୁ କ୍ଲୋଜର୍ ନୋଟିସ୍ ଜାରି ହେବା, ସମସ୍ତ ଲିଜ୍ ଜମି ଫେରାଇ ନେବା, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କ୍ରିମିନାଲ୍ ମାମଲା ରୁଜୁ କରିବା ପର୍ଯ୍ୟନ୍ତ ପରିସ୍ଥିତି ଗୁରୁତର ହେବା ସମ୍ଭାବନା ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୫ ପାଇଁ ଧାର୍ଯ୍ୟ ହୋଇଛି। ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର ଏବଂ କାମରାନ୍ ହାସେନ୍ ଅଧିକାର ପ୍ରତିନିଧିତ୍ୱ କରୁଛନ୍ତି।

# ସମ୍ବିଧାନର ପ୍ରସ୍ତାବନା ପାଠ

ଯାଜପୁର, ୨୬।୧୧(ସମିସ): ସମ୍ବିଧାନ ଦିବସ ଉପଲକ୍ଷେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଯୋଗଦେଇ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଧାୟିକା ସୁଜାତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ କର୍ମଚାରୀ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଏଥି ସହିତ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ, ବିଦ୍ୟାଳୟରେ ପ୍ରସ୍ତାବନା ପାଠ କରାଯାଇଥିଲା।



# କବାଟବନ୍ଧ ଅଞ୍ଚଳରେ କୁରାଳ ପଞ୍ଚମୀ ପୂଜା

କବାଟବନ୍ଧ, ୨୬।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରେ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହେଉଛି। କବାଟବନ୍ଧ, ବଳଭଦ୍ରପୁର, ଗୋବିନ୍ଦପୁର, ଚଉଷଠିପଡ଼ା, ପାଟପୁର ସମେତ ବିଭିନ୍ନ ଗାଁରେ ଏହି ପୂଜା ଅନୁଷ୍ଠିତ ହେଉଛି। ମାର୍ଗଶିର ମାସ ପଞ୍ଚମୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହେଉଛି। ପ୍ରଭୁ ଲକ୍ଷ୍ମୀ ନାରାୟଣ, ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ମୃଣ୍ମୟମୂର୍ତ୍ତିକୁ ମଣ୍ଡପରେ ପୂଜା କରାଯାଉଛି। କୁମ୍ଭକାର ସମାଜର କୁଳଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପୂଜା ଶନିବାର ଦିନ ପୂର୍ଣ୍ଣାହୁତି ହେବ। ବିଭିନ୍ନ ପୂଜା ମଣ୍ଡପରେ ଗ୍ରାମବାସୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରି ନିକଟସ୍ଥ ନଦୀ, ଗ୍ରାମ ପୋଖରୀ ଆଦି ଜଳାଶୟରୁ ଜଳ କଳସ ଯାତ୍ରା କରି ପୂଜା ମଣ୍ଡପ ପ୍ରବେଶ କରିଥିଲେ। ରୀତିନୀତି ଅନୁସାରେ ସୁଭାଧିବାସ, ଚକ୍ରପୂଜା, ପାର୍ବଣ ଷଷ୍ଠୀ, ସୂର୍ଯ୍ୟପୂଜା, ଗୋପୂଜା, ବେଦପାଠ ଗାୟତ୍ରୀ ଯଜ୍ଞ ଆଦି କରାଯାଉଛି। କୁମ୍ଭକାର ସମାଜର ଏହା ଏକ ପାରମ୍ପରିକ ପୂଜା ଓ କୁମ୍ଭକାର କୁରାଳ ଚକ୍ରକୁ ପୂଜା କରିବା ସହିତ ପିଠାପଣା କରି ନୂତନ ବସ୍ତ୍ର ପରିଧାନ କରି ବେଶ ଆନନ୍ଦ ଉଲ୍ଲାସର ସହିତ ଏହାକୁ ପାଳନ କରୁଛନ୍ତି। ପୂଜା ମଣ୍ଡପ ଗୁଡ଼ିକରେ ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ଭଜନ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବଳଭଦ୍ରପୁର ଠାରେ ତିନି ଦିନ ଧରି ପାଲା ପରିବେଷଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



# ବ୍ୟାସ ପ୍ରିଣ୍ଟ ମିଡିଆ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବ୍ୟାସନଗର, ୨୬।୧୧(ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଂଗଠନ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ ତରଫରୁ ଆଜି ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଚୋରଦା ବାଇପାସ ଛକରେ ଅନୁଷ୍ଠିତ ହୋଇଯାଇଛି। ବିନା ହେଲମେଟ୍‌ରେ ବାଇକ ଚାଳନା ଖାଲି ଚାଳକ ପାଇଁ ବିପଦ ନୁହଁ, ଏହା ସମାଜ ପାଇଁ ମଧ୍ୟ ବିପଦ। ସଂଘ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରାଫିକ ଆଇନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ ଗାଡ଼ି ଚାଳନା ବେଳେ ଟ୍ରାଫିକ ନିୟମ ପାଳନ ସହିତ ହେଲମେଟ ପିନ୍ଧିବା ଜରୁରୀ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଟ୍ରାଫିକ ସଚେତନ ଅଭାବରୁ ପ୍ରତିଦିନ ଦୁର୍ଘଟଣାରେ କିଭଳି ଅମୂଲ୍ୟ ଜୀବନ ଗୁଡ଼ିକ ଝଡି ପଡୁଛି ତାହାର ଏକ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଯେଉଁମାନେ ହେଲମେଟ ପିନ୍ଧି ଯାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଯେଉଁମାନେ ହେଲମେଟ ପିନ୍ଧି ନଥିଲେ ସେମାନଙ୍କୁ ମାଗଣା ହେଲମେଟ୍ ପ୍ରଦାନ କରାଯାଇ ଟ୍ରାଫିକ ନିୟମ ନେଇ ସଚେତନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାବୁରାମ ଜେନା, ଉମାକାନ୍ତ ରାଉତ, ବିଜୟ କୁମାର ସାହୁ, ପବିତ୍ର ରଞ୍ଜନ ମହାନ୍ତି, ଦେବେନ୍ଦ୍ର କୁମାର ନାୟକ, ପ୍ରଶାନ୍ତ କୁମାର ପାତ୍ର ଯଜ୍ଞଦତ୍ତ ତ୍ରିପାଠୀ, ଦୁଷ୍ମନ୍ତ କୁମାର ରାଉତ, ପ୍ରଦ୍ୟୁମ୍ନ ବୋଇତାଇ, ପ୍ରଶାନ୍ତ କୁମାର ପାତ୍ର, କୈଳାସ ଚନ୍ଦ୍ର ରାଉତ, ଭରତ ରାଉତ, ଜ୍ଞାନରଞ୍ଜନ ରାଉତ, ସୁଦୀପ ମିଶ୍ର, ଶ୍ରୀକାନ୍ତ ବ୍ରହ୍ମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ● ଦୁର୍ଘଟଣାରେ ଚାଲିଗଲା ବାପାର ଜୀବନ

# ଅଧା ରହିଗଲା ପୁଅର ଚତୁର୍ଥୀ ଭୋଜି

ଯାଜପୁର, ୨୬।୧୧(ସମିସ): ପୁଅର ଚତୁର୍ଥୀ ଭୋଜି ପୂର୍ବ ଦିନ ଦୁର୍ଘଟଣାରେ ଗଲା ବାପାଙ୍କ ଜୀବନ। ଏଭଳି ଅଭାବୀୟ ଘଟଣା ଘଟିଛି ଯାଜପୁର ବିଞ୍ଝାରପୁର ରାସ୍ତାର ଅଭୟନୃସିଂହ ଛକ ନିକଟରେ। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ମୃତ ହୋଇଥିବା ବେଳେ ଦୁଇ ଜଣ ଗୁରୁତର। ମୃତକ ହେଲେ ରାହାସୋଇ ଅଞ୍ଚଳର ଦେବବ୍ରତ ପଣ୍ଡା। ଗୁରୁତର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି। ଗୁରୁତର ହେଲେ ଆନନ୍ଦ ଚନ୍ଦ୍ର ଦାସ ଓ ଚିକଣା ଅଞ୍ଚଳର ଅନନ୍ତ ପଣ୍ଡା। ସୂଚନା ମୁତାବକ ଦେବବ୍ରତଙ୍କ ପୁଅ ବିଭାଘର ଗତ ୨୩ ତାରିଖରେ ହୋଇଥିବା ବେଳେ ବୁଧବାର ଥିଲା ବିବାହ ଭୋଜି। ଦେବବ୍ରତ ନିଜ ସମ୍ପର୍କୀୟ ଆନନ୍ଦଙ୍କ ସହ ଯାଜପୁରରୁ ମାର୍କେଟିଂ କରି ଘରକୁ ଏକ ବାଇକ୍ ଯୋଗେ ଫେରୁଥିବା ବାଟରେ ଭାରସାମ୍ୟ ହରାଇ ଏକ ସ୍କୁଟି ସହ ଧକ୍କା ହୋଇ କଲଭର୍ଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତିନି ଜଣଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଦେବବ୍ରତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଗୁରୁତର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଯାଜପୁର ପୁଲିସ ମୃତଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରିରଖିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ସ୍ମୃତି ପ୍ରତିଭା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ

ଯାଜପୁର, ୨୬।୧୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର) ଗ୍ରାମର ବିଶିଷ୍ଟ ପରିବେଶବିତ୍ ପଣ୍ଡିତ ବଂଶୀଧର ପଣ୍ଡାଙ୍କ ପ୍ରତିଷ୍ଠିତ ସ୍ମୃତି ଟ୍ରଷ୍ଟ ତରଫରୁ 'କୋଇଲି ପଣ୍ଡା ସ୍ମୃତି ପ୍ରତିଭା ପ୍ରୋତ୍ସାହନ ପୁରସ୍କାର' ପ୍ରଦାନ ଉତ୍ସବ ଆଜି ପୂର୍ବାହ୍ନରେ ଯାଜପୁର ସହରର ନରଶପୁରଠାରେ ସମାଜସେବୀ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଚିତାଳୋ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ହିମାଂଶୁ ଶେଖର ସାମଲ ଓ ମୁଖ୍ୟ ବକ୍ତା ରୂପେ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ଓଡ଼ିଶାର ଯୁଗ୍ମ ସମ୍ପାଦକ ନରେନ୍ଦ୍ର କୁମାର ଶତପଥୀ ଯୋଗଦେଇଥିଲେ। ସବୁଜସ୍ୱପ୍ନ ଓ ବିଦ୍ୟାବିହାର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଗ୍ରାମ୍ୟ ପରିବେଶ, ସ୍ୱଚ୍ଛତା ଓ ଓଡ଼ିଆ ସଂସ୍କୃତି ସମ୍ବନ୍ଧୀୟ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନର ପରୀକ୍ଷାର ମୋଟ୍ ୧୧ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶୁଭ୍ରାଂଶୁ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



## ଲଘୁ ଖଣିଜ ସମ୍ପଦର ବ୍ୟାପକ ହରିଲୁଟ୍

# ଖଣି ଅଫିସ ଘେରିବାକୁ ବିଜେଡିର ଚେତାବନୀ

ବଡ଼ଚଣା, ୨୬।୧୧(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବୃଦ୍ଧି ପାଉଛି ଲଘୁ ଖଣିଜ ସମ୍ପଦର ଲୁଟ୍। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ମାଫିଆମାନଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଦର୍ପଣ ତହସିଲ ଅଧୀନରେ ଥିବା ମାଣ୍ଡୁକା ମୋରମ ଖାଦାନ ଯାହାର ଖାତା ନଂ ୧୩୪୯, ପ୍ଲଟ ନଂ ୩୬୧୧ରେ ୧୨ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଲିଜ୍ ଦିଆଯାଇଥିବା ବେଳେ ୧୮ ଏକରରୁ ଊର୍ଦ୍ଧ୍ୱ ଜମି ଖନନ କରି ପ୍ରତିଦିନ ହଜାର ହଜାର ଟ୍ରିପ୍ ବେଆଇନ ମୋରମ ବିଭିନ୍ନ ଜାଗାକୁ ଚୋରାଚାଲାଣ କରାଯାଉଛି। ପ୍ରକାଶ ଥାଉକି ଜିଲ୍ଲା ସର୍ଭେ ରିପୋର୍ଟରେ ଏହାକୁ ସଙ୍କୁଚିତ କରି ମାତ୍ର ୨.୫ ଏକର ବୋଲି ଉଲ୍ଲେଖ ଅଛି। ଲଘୁ ଖଣିଜ ସମ୍ପଦ ଅଧିକାରୀଙ୍କ ନିର୍ଦ୍ଦେଶନାମା ଅନୁସାରେ ମାତ୍ର ୩୦୦୦ ଘନ ମିଟର ମୋରମ ଉତ୍ତୋଳନ ପାଇଁ ଅନୁମତି ଥିବା ବେଳେ, ପ୍ରତିଦିନ ୨୦୦ରୁ ଅଧିକ ଟ୍ରିପ୍ ବଡ଼ ବଡ଼ ହାଇୱା ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଏହା ସ୍ପଷ୍ଟଭାବେ ଅତ୍ୟଧିକ ଖଣି ଉତ୍ତୋଳନ ଓ ଲିଜ ଅଞ୍ଚଳ ବାହାରେ ଖଣି ଖନନ କରାଯାଉଥିବା ଅଭିଯୋଗ କରିଛି ବଡ଼ଚଣା ବିଜେଡି। ବେଆଇନ ଖଣି ଉତ୍ତୋଳନ ଦ୍ୱାରା ମାଫିଆମାନେ ଲିଜ ବାହାରେ ଥିବା ସବୁଜ ବୃକ୍ଷ ଗୁଡ଼ିକୁ କାଟି ପରିବେଶକୁ ପ୍ରଦୂଷଣ କରୁଥିବା ମଧ୍ୟ ଅଭିଯୋଗ କରିଛି ବିଜେଡି।



ସୂଚନଯୋଗ୍ୟ ଯେ ମାଣ୍ଡୁକା ପାହାଡ଼ର ମୋରମ ଖାଦାନ ଉଦୟଗିରି ବୌଦ୍ଧ ବିହାରର ମଧ୍ୟ ଏକ ଅଂଶ ଅଟେ। ମୋରମ ଖାଦାନ ଦ୍ୱାରା ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ସ୍ଥଳ ପାଇଁ ବିପର୍ଯ୍ୟୟ ଆଣିବ। ପରିବେଶ ମଞ୍ଜୁରୀ, କାର୍ଯ୍ୟ କରିବାକୁ ସମ୍ମତି ଏବଂ ଖଣି ଯୋଜନାର ସର୍ତ୍ତ ଗୁଡ଼ିକର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। କୌଣସି ସୁରକ୍ଷା ଅଞ୍ଚଳର ରକ୍ଷଣାବେକ୍ଷଣ କରାଯାଉନାହିଁ। ତେଣୁ ଖାଦାନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସହିତ ବେଆଇନ ଭାବେ ଲିଜ୍ ବାହାରେ ଖନନ ଅଞ୍ଚଳକୁ ଆକଳନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଚେତାବନୀ ଦେଇଛି। ବୁଧବାର ବଡଚଣା ବିଜେଡି ବ୍ଲକ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିବା ସହ ୧୫ ଦିନ ମଧ୍ୟରେ ଡିଡିଏମଙ୍କ ଦ୍ୱାରା କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଡିଡିଏମ୍ ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରିବା ନେଇ ଚେତାବନୀ ଦେଇଛନ୍ତି।

## ଚିକିତ୍ସା ଅବହେଳାରୁ ଉତ୍ତେଜନା

# ନାବାଳକଙ୍କ ମୃତ୍ୟୁ ଅଭିଯୋଗ

ବିଞ୍ଝାରପୁର, ୨୬।୧୧(ସମିସ): ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜଣେ ନାବାଳକର ଆକସ୍ମିକ ମୃତ୍ୟୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ନାବାଳକର ଚିକିତ୍ସାରେ ଅବହେଳା ହୋଇଥିବା ଏବଂ ଏଥିପାଇଁ ଡାକ୍ତରଙ୍କୁ ଦାୟୀ କରି ଡାକ୍ତରଖାନା ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇଁ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଏବଂ ଡିଏସ୍‌ପି ବାମଦେବ ନନ୍ଦ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତ ଅନ୍ତର୍ଗତ ରାଉତରା ଗ୍ରାମର ରାମ ମଲ୍ଲିକଙ୍କ ପୁଅ ସତ୍ୟନାରାୟଣ ମଲ୍ଲିକ (୧୭) ଗତକାଲି ରାତ୍ରିରେ ବିଲରୁ ଫେରି ରାତିରେ ଖାଇକି ଶୋଇଥିଲେ। ହଠାତ ରାତ୍ର ୨ ଘଟିକା ସମୟରେ ତାଙ୍କର ବାନ୍ତି ହେଇଥିଲା। ବାନ୍ତି ଅଣାୟତ୍ତ ହେବାରୁ ତାଙ୍କ ଭାଇ ଓ ଦାଦାଙ୍କ ସହ ସତ୍ୟ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଳମ୍ବିତ ରାତିରେ ଆସି ପହଞ୍ଚିଥିଲେ। ସେଠାରେ ଇଞ୍ଜେକ୍ସନ୍ ନେବା ପରେ ନାବାଳକର ମୃତ୍ୟୁ ଘଟିଥିଲା। ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ନାବାଳକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଏବଂ ସମ୍ପର୍କିୟ ଲୋକେ ଅଭିଯୋଗ ଆଣି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ସୃଷ୍ଟି କରିଥିଲେ। ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷୀତିଶ କୁମାର ନାୟକ ଏବଂ ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତକ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟ ପକ୍ଷରେ ଏ ନେଇ ବିଞ୍ଝାରପୁର ଥାନା କେସ ନଂ ୩୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।



# ଭାରୀଯାନ ଉପରେ କଟକଣା

ପାଣିକୋଇଲି, ୨୬।୧୧(ସମିସ): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବ୍ଲକ ଅଧୀନ ଷଠିପୁର ଠାରୁ ବୈତରଣୀରୋଡ ପର୍ଯ୍ୟନ୍ତ ସମସ୍ତ ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ରାସ୍ତା ପ୍ରଶସ୍ତୀକରଣ କାମ ଚାଲୁଥିବାରୁ ଏଥି ପାଇଁ ହେଉଥିବା ଟ୍ରାଫିକ ଜାମ୍ ଏବଂ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ସହା ସହିତ ଭାରୀଯାନ ଗୁଡ଼ିକ ବିକଳ୍ପ ରାସ୍ତା ଭାବେ ବୈତରଣୀରୋଡ ଠାରୁ ରଗଡ଼ି ଯିବା ପାଇଁ ବରୁଣ୍ଡାଇ କୋରେଇ ମୀନାବଜାର ଓ ପଚ୍ଛିକୋଟ ମାର୍ଗ ଦ୍ୱାରା ଚଳାଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶାଜ୍ଞା ଆସନ୍ତା ୨୧ନଭେମ୍ବରରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ପୂର୍ବରୁ ମଧ୍ୟ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏହି ନିୟମ ଲାଗୁ କରାଯାଇଥିଲା। ଅପରପକ୍ଷେ ବାରମ୍ବାର ଭାରୀଯାନ ଚଳାଚଳ ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଉଥିବା ବେଳେ ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ସେଭଳି ଆଖିଦୃଶିଆ ଭାବେ ଆଗେଉନଥିବା ସାଧାରଣରେ ଅଭିଯୋଗ ହେଉଛି।

# ସ୍କୁଟିରୁ ପଡ଼ି ମହିଳା ଗୁରୁତର

ପାଣିକୋଇଲି, ୨୬।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଶଙ୍କଚିଲା ରାସ୍ତାରେ ହମ୍ପସରେ ପଡ଼ି ମହିଳା ଗୁରୁତର ଆହତ ହୋଇଛନ୍ତି। ଗୋଳେଇପୁର ପଞ୍ଚାୟତ ଶଗଡ଼ି ଗ୍ରାମର କମରାନ ବେଗ ତାଙ୍କ ସ୍ତ୍ରୀଙ୍କୁ ଧରି ଏକ ସ୍କୁଟିରେ ଯାଉଥିବା ସମୟରେ ଗୋଳାପୋଖରୀ ନିକଟରେ ଏକ ହମ୍ପସର ତାଙ୍କ ସ୍ତ୍ରୀ ସ୍କୁଟି ପଛରୁ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡମାଡ ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳେ ତାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

## ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ

# ପାନୀୟ ଜଳ ପ୍ରକଳ୍ପ ଶେଷ ଉପରେ ଗୁରୁତ୍ୱ

ଯାଜପୁର, ୨୬।୧୧(ସମିସ)

ଆଜି ପୂର୍ବାହ୍ନରେ ଯାଜପୁର ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନଳିନୀ ପ୍ରଭା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକସଭା ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଧାୟକ ଅମର ନାୟକ, ସୁଜାତା ସାହୁ, ହିମାଂଶୁ ଶେଖର ସାହୁ, ବିଶ୍ୱରଞ୍ଜନ ମଲ୍ଲିକ, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।




ଲୋକସଭା ସାଂସଦ ଡା. ବେହେରା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶ୍ରେଣୀ ଗୃହ ନିଅଣ୍ଟ ଥିବାରୁ ତାହାର ଚିଠା ପ୍ରସ୍ତୁତ କରି ସରକାରଙ୍କ ପାଖରେ ଦାଖଲ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମହତାବ ଓ ଅହିୟାସ ହାଇସ୍କୁଲ ଭିତ୍ତିଭୂମି ଉନ୍ନତ କରିବାକୁ କହିଥିଲେ। ବଡ଼ଚଣା ବିଧାୟକ ବଡ଼ଚଣା- ଦର୍ପଣୀ ରୋଡ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବା, କୃଷ୍ଣଦାସପୁର - ରତ୍ନଗିରି, ଲଳିତଗିରି - ରତ୍ନଗିରି ରୋଡ ଆଗାମୀ ଭବିଷ୍ୟତରେ ବ୍ୟସ୍ତବହୁଳ ହେବାକୁ ଥିବାରୁ ସମୟୋପଚିତ ପଦକ୍ଷେପ ଗ୍ରହଣ କରି ଡିପିଆର ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପାନୀୟ ଜଳ ଯୋଗାଣ ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଖରାଦିନ ପୂର୍ବରୁ ସମସ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଅଧିକ୍ଷଣ ଯନ୍ତ୍ରୀ, ଜଳ ଯୋଗାଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟିକା, ଯାଜପୁର ଦଶରଥପୁର ବ୍ଲକ, ମଙ୍ଗଳପୁର ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଖନନ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଓ ଆବଶ୍ୟକ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ ଜିଲ୍ଲା ପରିଷଦ ବୈଠକରେ କୃଷିକୁ ଗୁରୁତ୍ୱଦେଇ ସାର, ବିହନ ଯୋଗାଣ, ଶୀତଳ ଭଣ୍ଡାର ନିର୍ମାଣ ଆଦି ବିଷୟରେ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାପରିଷଦର ବିଭିନ୍ନ କମିଟି ପୁନଃ ଗଠନ କରିବା, ବ୍ଲକୱାରୀ ନିଅଣ୍ଟ ଶ୍ରେଣୀ ଥିବା ସ୍କୁଲ ଗୁଡ଼ିକର ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣାଧୀନ ଥିବା ଗୃହ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଉକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ଆୟୁଷ୍ମାନ ଯୋଜନା, ଅନ୍ଧତ୍ୱ ଦୂରୀକରଣ, ଜାତୀୟ ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେଇଥିଲା। ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ। ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# 'ନୂତନ ଶ୍ରମ କୋଡ୍ ବାତିଲ କର'




**ବଲାଙ୍ଗିର,୨୬ ।୧୧(ସମିସ):** କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ କୋଡ୍‌କୁ ବାତିଲ କରିବା ପାଇଁ ଦାବି କରି ବଲାଙ୍ଗିର ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଇଛି । ଶ୍ରମିକ ସଂଗଠନ ସହ କୌଣସି ଆଲୋଚନା ନ କରି ସରକାର ଏପରି ନିଷ୍ପତ୍ତି ନେଇଥିବାରୁ ଏହାକୁ ଘୋର ବିରୋଧ କରାଯାଇଛି । ନୂତନ ଶ୍ରମ କୋଡ୍ ଲାଗୁ ହେବା ଦ୍ୱାରା ଅସ୍ଥାୟୀ ଶ୍ରମିକ ନିଯୁକ୍ତି ଅଧିକ ହେବ । ଶ୍ରମିକମାନଙ୍କୁ ମାଲିକମାନେ ଯେତେବେଳେ .ହିଁବେ ଛଟେଇ କରି ପାରିବେ । ଦୈନିକ କାର୍ଯ୍ୟ ଦିବସ ୧୦ରୁ ୧୨ ଘଣ୍ଟା ବୃଦ୍ଧି ହେଲେ ବିଭିନ୍ନ କାରଖାନା, ଖଣିରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇବେ । ମହିଳାମାନଙ୍କୁ ରାତିରେ କାର୍ଯ୍ୟ କରିବାକୁ ବାଧ କରିବା ଦ୍ୱାରା ସେମାନଙ୍କ ନିର୍ଯାତନା ବଢିବାର ଯଥେଷ୍ଟ ସମ୍ଭାବନ ରହୁଛି । ସେହିଭଳି ଟ୍ରେଡ ୟୁନିୟନ କ୍ଷମତାକୁ ସଂକୁଚିତ କଲା ପରେ ମାଲିକମାନଙ୍କ ଦ୍ୱାରା ଶ୍ରମିକମାନେ ଅଧିକ ଶୋଷିତ ହେବେ । ବୋନସ ଓ ଛୁଟି ଭଳି ଅତ୍ୟାବଶ୍ୟକ ସୁବିଧା ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ଥିର ହୋଇଛି । ଯାହା କି ବିନା ୟୁନିୟନରେ ଶ୍ରମିକମାନଙ୍କୁ ଡରାଇ ମାଲିକମାନେ କାର୍ଯ୍ୟ ହାସଲ କରିବା ସହ କାର୍ଯ୍ୟରୁ ଛଟେଇ କରିଦେବେ । ଶ୍ରମିକ ଶୋଷଣ ଅଧିକରୁ ଅଧିକ ବଢିବାରେ ଲାଗିବ । ପୂର୍ବ ଶ୍ରମ ଆଇନକୁ ଠିକ୍ ଭାବେ ଲାଗୁ ହୋଇ ପାରୁ ନ ଥିବା ବେଳେ ମାଲିକ ସପକ୍ଷ ଦାବି ନୂଆ ଶ୍ରମ କୋଡ୍ ସମ୍ପୂର୍ଣ୍ଣ ଭାବରେ ବିରୋଧୀ । ଏହି ନୂଆ ଶ୍ରମ କୋଡ୍ ତୁରନ୍ତ ବାତିଲ କରିବା ଦାବିରେ ଏଆଇଟିୟୁସି ଜିଲ୍ଲା ସଭାପତି ତିର୍ଥ ପଧାନଙ୍କ ନେତୃତ୍ୱରେ କୋଶଳ କଳାମଣ୍ଡପ ପଡିଆଠାରୁ ଶ୍ରମିକମାନଙ୍କ ଏକ ଶୋଭାଯାତ୍ର ବାହାରି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭରେ ଜିଲ୍ଲା ସହସଂପାଦକ ସାଏବୁ ନନ୍ଦ, ନିର୍ମାଣ ଶ୍ରମିକ ସଂଘରୁ ଜଗବନ୍ଧୁ ବେହେରା, ଟିକେଶ୍ୱରୀ ସାହୁ, ପୁରୁଷୋତ୍ତମ କର୍ମୀ, ନିରାକାର ପଧାନ, ଗ୍ରାମ ପଞ୍ଚାୟତ ଶ୍ରମିକ ସଂଘ ପକ୍ଷରୁ ବିଦୁର କୁମ୍ଭାର, ନିଖିଳ ଓଡିଶା ଆଶା କର୍ମୀ ସଂଘରୁ ସଂଜୁ ବାଗ, ଜାହ୍ନବି ବାରିକ, ହରିପ୍ରିୟା କୁମ୍ଭାର, ମୋନାଲିସା ଦିପ, ସାବିତ୍ରି ରଣା, ବୈଦେଇ ଦଣ୍ଡସେନା, ମୀନା ବାଗ, ଗୌରୀ ଛାତ୍ରିଆ, ଆନନ୍ଦିନୀ ବାରିକ, ଦେବକି ପ୍ରଧାନ, ମନ୍ଦାକିନି ବାରିକ, ସତ୍ୟଭାମା ବାଗ, ମମିତା ନାଏକ, ପୂର୍ଣ୍ଣିମା ସାହୁ, ପଦ୍ମିନୀ ଭୋଇ, ଝରଣା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଗଣଶିକ୍ଷା ବିଭାଗର ବଦଳି ଖେଳ

# ଗଲେ ୨୨; ଆସିଲେ ୩

## ସ୍ୱାସ୍ଥ୍ୟଗତ ଗ୍ରାଉଣ୍ଡରେ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ

**ବଲାଙ୍ଗିର,୨୬ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ସବୁବେଳେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥାଏ । ଅନେକ ସମୟରେ ସ୍କୁଲରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅଭାବ ଏକ ବଡ ସମସ୍ୟା ସାଜିଥାଏ । ତେବେ ରାଜ୍ୟ ସରକାର ଏତେ ପରମାଣର ନିଯୁକ୍ତି ଦେଲେ ମଧ୍ୟ କାହିଁକି ଜିଲ୍ଲାରେ ଶିକ୍ଷକ ସମସ୍ୟା ଏବେ ବି ସମାଧାନ ହୋଇନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ । ଏଠି ପ୍ରଶ୍ନ ଉଠୁଛି ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ନିଯୁକ୍ତି ପାଉଥିବା ବାହାର ଜିଲ୍ଲାର ଶିକ୍ଷକ ଶିକ୍ଷୟତ୍ରୀ ସ୍ଥାୟୀ ଭାବେ ରହୁଛନ୍ତି ତ? ନା ସେମାନେ କିଛି ବର୍ଷ କାମ କରିବା ପରେ ନିଜ ଜିଲ୍ଲା ତଥା ପାଖ ଜିଲ୍ଲାକୁ ବଦଳି ମାଗି ଯାଉଛନ୍ତି ତାହା ଆଲୋଚନାର ବିଷୟ । ତେବେ କିଛି ଦିନ ଭିତରେ ବାହାରିଥିବା ଏକ ବଦଳି ତାଲିକା ଦେଖିଲେ ଜିଲ୍ଲାରେ କାହିଁକି ଏହି ସମସ୍ୟା ସାମଧାନ ହେଉନାହିଁ ତାହା ସହଜରେ ଅନୁମାନ କରାଯାଇପାରେ । ଏହି ବଦଳି ତାଲିକାରେ ଜିଲ୍ଲାର ୨୨ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ତାଙ୍କ ଇଚ୍ଛା ମୁତାବକ ବଦଳି କରାଯାଇଛି; କିନ୍ତୁ ତାଙ୍କ ବଦଳରେ କେବଳ ୩ ଜଣ ହିଁ ଜିଲ୍ଲାକୁ ବଦଳି ହୋଇଆସିଛନ୍ତି । ତେବେ

- **କେମିତି ସୁଧୁରିବ ପ୍ରାଥମିକ ବ୍ୟବସ୍ଥା**
- **କେମିତି ଭରଣା ହେବ ୧୯ ପଦବୀ**

ବାକି ୧୯ଟି ସ୍କୁଲରୁ ବଦଳି ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପଦବୀ କିଏ ପୂରଣ କରିବ ତାକୁ ନେଇ ପ୍ରଶ୍ନ ।

ପ୍ରତିବର୍ଷ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ନିଜର, ଶିଶୁ କିମ୍ବା ସ୍ୱାମୀ/ସ୍ତ୍ରୀଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜିଲ୍ଲା ବାହାରକୁ ବଦଳି ହୋଇଯିବା ପାଇଁ ଆବେଦନ କରିଥାନ୍ତି । ରାଜ୍ୟସ୍ତରୀୟ ବଦଳି କମିଟି ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ବଦଳି ନିର୍ଦ୍ଦେଶ ଦେଇଥାନ୍ତି । ଏହିକ୍ରମରେ ୨୦୨୫ ମସିହା ପାଇଁ ରାଜ୍ୟର ୩୬୩ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ବଦଳି ହୋଇଛି । ରାଜ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ଚିଠି ନଂ ୨୧୭୭୦, ତାରିଖ ୨୪.୧୧.୨୦୨୫ ଅନୁସାରେ ବଲାଙ୍ଗିର ଜିଲ୍ଲାର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରଙ୍କୁ ଜିଲ୍ଲା ବାହାରକୁ ବଦଳି ହୋଇଛି । ଏହି ନିର୍ଦ୍ଦେଶ ଅନୁସାରେ ରବି ନାରାୟଣ ସୁବୁଦ୍ଧିଙ୍କୁ ଖୋର୍ଦ୍ଧା, ଶୁଭସ୍ମିତା ଦେଓଙ୍କୁ ନୟାଗଡ, ଅଜିତ ସାହୁଙ୍କୁ ସୋନପୁର, କୃଷ୍ଣପ୍ରିୟା ନାୟକଙ୍କୁ ଖୋର୍ଦ୍ଧା, ଯୋଗେନ୍ଦ୍ର ଭୁଏଁଙ୍କୁ ବରଗଡ, ଦେବେନ୍ଦ୍ର ଦାସଙ୍କୁ ବାଲେଶ୍ୱର, ତୃପ୍ତିଲିସା ପ୍ରିୟଦର୍ଶିନୀଙ୍କୁ ଖୋର୍ଦ୍ଧା, କମଳକାନ୍ତ ପଣ୍ଡାଙ୍କୁ ଭଦ୍ରକ, ରିନା ପଧାନଙ୍କୁ ବରଗଡ, ଦୀପିକା ମିଶ୍ରଙ୍କୁ ଖୋର୍ଦ୍ଧା, ରୋଜାଲିନ ଦେବୀଙ୍କୁ ନୟାଗଡ, ପ୍ରବୀନ ପଟେଲଙ୍କୁ ସୁନ୍ଦରଗଡ, ପ୍ରତାପ ପାତ୍ରଙ୍କୁ ବାଲେଶ୍ୱର, ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କୁ ନୟାଗଡ, ଅନୀତା ଓରାମଙ୍କୁ ସୁନ୍ଦରଗଡ, ତିଳୋତ୍ତମା ନାୟକଙ୍କୁ ଭଦ୍ରକ, ବିନାୟକ ମହାପାତ୍ରଙ୍କୁ ଖୋର୍ଦ୍ଧା, ଲିପ୍ସାମୟୀ ସାହୁଙ୍କୁ ସମ୍ବଲପୁର, ଦୀଲିପ ବିଶ୍ୱାଳଙ୍କୁ ପୁରୀ, ଲୁନାରାନୀ ପରିଡାଙ୍କୁ ପୁରୀ, ନିଲୀମା ମେହେରଙ୍କୁ ବୌଦ୍ଧ ଓ ଜସ୍ମିନ ମାଝିଙ୍କୁ ସମ୍ବଲପୁର ବଦଳି କରାଯାଇଛି । ଜିଲ୍ଲାରେ ବର୍ତ୍ତମାନ କାର୍ଯରତ ୨୨ ଜଣଙ୍କୁ ବଦଳି କରାଯାଇଥିବା ବେଳେ ଏହି ତାଲିକାରେ ବଲାଙ୍ଗିର ଜିଲ୍ଲାକୁ ମାତ୍ର ୩ ଜଣଙ୍କ ବଦଳି କରାଯାଇଛି । ସେମାନେ ହେଲେ ଭୁବନେଶ୍ୱର ଦାସ, ଦେବରାଜ ଭୋଇ, ବିରେଶ ପ୍ରସାଦ ନାଏକ । ତେବେ ଏଠି ପ୍ରଶ୍ନ ଉଠୁଛି ୨୨ ଜଣଙ୍କ ବଦଳରେ ଯଦି ୩ ଜଣ ଜିଲ୍ଲାକୁ ବଦଳି ହୋଇଆସିଲେ ତେବେ ନିହାତି ଭାବେ ୧୯ ଜଣ ଶିକ୍ଷକ ଶିକ୍ଷୟତ୍ରୀ ପଦବୀ ଜିଲ୍ଲାରେ ଖାଲିପଡିଲା ।

ଏହିଭଳି ଭାବେ ଯଦି ପ୍ରତିବର୍ଷ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଏତେ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲା ବାହାରକୁ ବଦଳି ହୋଇଯିବେ ନିହାତି ଭାବେ ଏହା ଜିଲ୍ଲା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବ ପକାଇବ ବୋଲି ଶିକ୍ଷାବିତମାନେ କହିଛନ୍ତି । ସମସ୍ୟା ଯୋଗୁ ବଦଳି କରାଯିବା ଠିକ କଥା; କିନ୍ତୁ ଯେତେ ପରିମାଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି ହେଉଛି ସେହି ଅନୁସାରେ ପୁଣି ଜିଲ୍ଲାକୁ ସେତେ ସଂଖ୍ୟାରେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବଦଳି କରିବାକୁ ଶିକ୍ଷାବିତମାନେ ଦାବି କରିଛନ୍ତି । ଏଥିପ୍ରତି ଉଭୟ ଜିଲ୍ଲା ଶିକ୍ଷା ବିଭାଗ ଓ ରାଜ୍ୟ ଗଣଶିକ୍ଷା ବିଭାଗ ଯତ୍ନବାନ ରହିବା କଥା ବୋଲି ମତ ପ୍ରକାଶ କରିଛନ୍ତି ।

# ପ୍ରକୃତି, ପରିବେଶ ସୁରକ୍ଷା ପାଇଁ ଯୁବପିଢ଼ିକୁ ଆହ୍ୱାନ



ଦେଓଗାଁ,୨୬ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ପାଳନ କରାଯାଇଛି । ଏହାସହ ୟୁଥ ଫର୍ ନେଚର ଏଣ୍ଡ ଏନଭାରମେଣ୍ଟାଲ ପ୍ରୋଟେକ୍ସନ ସେମିନାର ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ତଥା ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅଧ୍ୟାପକ କାମେଶ୍ୱର ମେହେର ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଥିସହ ଜଙ୍ଗଲ ନଷ୍ଟ, ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ବ୍ୟବହାର, କଳକାରଖାନା ଆଦିର ପ୍ରଭାବରେ ପ୍ରକୃତି ନଷ୍ଟ ହେବାରେ ଲାଗିଛି । ମାଟି, ପାଣି, ପବନ ପ୍ରଦୂଷିତ ହେଉଛି । ଏଣୁ ଏଗୁଡିକୁ ସୁରକ୍ଷା ଦେବା ପାଇଁ ଯୁବ ଗୋଷ୍ଠୀ ଆଗେଇ ଆସିବା ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମ୍ବିଧାନ ଉପରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନୀତ ଅତିଥି ଭାବେ ଲୋକ ଉନ୍ନତି ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଯୋଗଦେଇ ପାରମ୍ପାରିକ କୃଷି, ଖାଦ୍ୟ, ବିହନର ଉପାଦେୟତା ଉପରେ ବକ୍ତବ୍ୟ ଦେଇଥିଲେ । ମାଷ୍ଟରଟ୍ରେନର ପାଣିଗ୍ରାହୀ ପ୍ରକୃତି ଓ ପରିବେଶକୁ ସୁରକ୍ଷା ଦେବାରେ ଯୁବଗୋଷ୍ଠିର ଭୂମିକା ଉପରେ ଆଲୋଚନା କରିଥିଲେ । ଏହାସହ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଓ ଜୈବିକ ସାର ପ୍ରସ୍ତୁତି, ବ୍ୟବହାର କୌଶଳକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଖୁସୀରାମ ସାହୁ, ପରିଚାଳନା କମିଟି ସଭାପତି ସଭାପତି ଈଶ୍ୱର ପଧାନ, ଶଶିଭୂଷଣ ସାହୁ, ଡିଇଓ ଦିନେଶ ପ୍ରଧାନ, ଅଧ୍ୟାପିକା ଅଶ୍ୱିନୀ ନନ୍ଦ, ଇତିଶ୍ରୀ ମାଝୀ, ପିଇଟି ସ୍ନିଗ୍ଧା ସିଂ ଦେଓ ଓ ଅଣଶିକ୍ଷକ କର୍ମଚାରୀ ରବିଚନ୍ଦ୍ର ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ ।

**ତୁଷୁରା:** ବଲାଙ୍ଗିର ଜିଲ୍ଲା ତୁଷୁରା ତୋଷାଳୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍ଇଏସ୍) ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି । ଏହାସହ ୟୁଥ୍ ଫର୍ ନେଚର୍ ଆଣ୍ଡ ଏନଭାରମେଣ୍ଟାଲ୍ ପ୍ରୋଟେକ୍ସନ୍ ଉପରେ ସେମିନାର ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର ଟ୍ରେନର ଭାଗବତ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ତୁଷୁରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ମହାନ୍ତି, ସମ୍ମାନୀତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପିକା ସନ୍ଧ୍ୟାରାଣୀ ମିଶ୍ର ଓ ତୁଷୁରା ଏଫଆରଏ ସେଲ ସଂଯୋଜକ ମାନସ ରଞ୍ଜନ ପଧାନ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଯୁବ ପିଢ଼ି ଆଗେଇ ଆସିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ମଣ୍ଟୁ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଧାରଣା




ଦେଓଗାଁ,୨୬ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଚନ୍ଦ୍ରପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୪ ତାରିଖରୁ କଳାବ୍ୟାଜ୍ ପରିଧାନ କରି ସେମାନେ କାର୍ଯ୍ୟ କରୁଛନ୍ତି । ବୁଧବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୮ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ବିଶାଳ ସମାବେଶରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି । ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ଛାତ୍ରୀଛାତ୍ରଙ୍କୁ ଏନଏମଏମଏସ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ଜେଇଇ ଓ ନିଟ ପରୀକ୍ଷାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ୟୁନିଫର୍ମ କ୍ୟାଡର ମାନ୍ୟତା, ଶାରୀରିକ ଶିକ୍ଷା, ସଙ୍ଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ଗ୍ରେଡ ପେ, ପ୍ରତ୍ୟେକ ବିଦ୍ୟାଳୟରେ ବିଜ୍ଞାନ, ବାଣିଜ୍ୟ, କଳା ବିଭାଗ ଖୋଲିବା ସହ ଓଡିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

# ଶବ ହୋଇ ଫେରିଲା ରୋଜଗାରିଆ ପୁଅ



**ବଲାଙ୍ଗିର,୨୬ ।୧୧(ସମିସ):** ବାହାଘର ପରେ ପରିବାର ଚଳାଇବା ପାଇଁ ଘରୁ ଗୋଡ କାଢିଥିଲେ । ସଦର ଥାନା କୁଶମେଲ ଅଞ୍ଚଳରୁ ସୁଦୂର ଆନ୍ଧ୍ରପ୍ରଦେଶର ଗୁଣ୍ଟୁରକୁ ଜଣେ ସର୍ଦ୍ଦାର ଜରିଆରେ କାମ କରିବାକୁ ଯାଇଥିଲେ । କିଛି ମାସ କରିବା ପରେ ସେଠାରେ ଟ୍ରକ ଧକ୍କାରେ ଶେଷରେ ତାଙ୍କ ଜୀବନ ଯାଇଛି । ମୃତ୍ୟୁ ପରେ

## ଗୁଣ୍ଟୁରରେ କାମକୁ ଯାଉଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ

## ଅସହାୟ ହୋଇଗଲେ ବିଧବା ମା', ସ୍ତ୍ରୀ

କେହି ପାଖ ମାଡିଲେନି । ସର୍ଦ୍ଦାର କି କାମ କରୁଥିବା କମ୍ପାନୀ ମଧ୍ୟ କିଛି ସହଯୋଗ କଲାନି । ଶେଷରେ ଖବର ପାଇ ଗାଁ ଲୋକେ ଚାନ୍ଦା କରି ଆମ୍ବୁଲାନ୍ସରେ ଗାଁକୁ ଶବ ଆଣି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି ।

ବଲାଙ୍ଗିର ସଦର ଥାନା କୁଶମେଲ ବ୍ରାହ୍ମଣୀପାଲି ଗାଁର ସଚିନ ଛତ୍ରିଆ (୨୭) । ଗତ ୧୦ ମାସ ତଳେ ସେ ବିବାହ କରିଥିଲେ । ବିବାହ ପରେ ପରିବାର ଚଳାଇବା ସଚିନଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସାଜିଥିଲା । ଶେଷରେ ସେ ଘର ଚଳାଇବା ପାଇଁ ଗୁଣ୍ଟୁରକୁ କାମ କରିବାକୁ ଯାଇଥିଲେ । ପ୍ରାୟ ୬ ମାସ ରହି ସେଠାରେ କାମ କରି ଘରକୁ ଟଙ୍କା ପଠାଉଥିଲେ । ତାଙ୍କ ଟଙ୍କାରେ ବିଧବା ମା' ଓ ନବ ବିବାହିତା ସ୍ତ୍ରୀ ଚଳୁଥିଲେ । ଗତ ଶନିବାର ସେ କାମ କରିବାକୁ ଯାଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଘର ଲୋକ ଖବର ପାଇବା ପରେ ତାଙ୍କ ଶବ ଆଣିବା ପାଇଁ ମଧ୍ୟ ଅସମର୍ଥ ଥିବାରୁ ଗାଁ ଲୋକଙ୍କୁ କହିଥିଲେ । ସେଠାରେ ତାଙ୍କ କମ୍ପାନୀ କିମ୍ବା ସଂପୃକ୍ତ ସର୍ଦ୍ଦାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିଲା । ଏହା ଫଳରେ ଗାଁ ଲୋକେ ବାଧ ହୋଇ ଚାନ୍ଦା କରି ତାଙ୍କ ଶବ ଆମ୍ବୁଲାନ୍ସରେ ଆଣିଥିଲେ । ଗାଁରେ ଶବ ପହଞ୍ଚିଲା ପରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା । ତେବେ ରୋଜଗାରିଆ ପୁଅକୁ ହରାଇ ବିଧବା ମା' ଓ ବିଧବା ସ୍ତ୍ରୀ ଅସହାୟ ହୋଇପଡିଛି । କେମିତି ତୁଲି ଜଳିବ ତାହା ଏବେ ବଡ ପ୍ରଶ୍ନ ହୋଇରହିଛି ।

# ସମ୍ବିଧାନ ଦିବସ ପାଳିତ



**ମୁରିବାହାଲ, ୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଛି । ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ । ହୃଦାନନ୍ଦ ପୁହାଣ, ରାଧେଶ୍ୟାମ ତ୍ରିପାଠୀ, ବିକ୍ରମ ତାଣ୍ଡି, ଭବାନୀ ପୋଡ଼, ସୁପ୍ରିୟା ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିଲା । ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତା



**ବଲାଙ୍ଗିର,୨୬ ।୧୧(ସମିସ):** ବଲାଙ୍ଗିରରେ ଗୁରୁବାରଠାରୁ ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍ସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଆରମ୍ଭ ହେବ । ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୮୯୭ ପ୍ରତିଯୋଗୀ ଭାଗ ନେବେ । ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଏହି ସୂଚନା ଦେଇଛନ୍ତି । ୩୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏଥିରେ ୫୩୬ ଫୁଟବଲ ଖେଳାଳି, ୭୪ ଜଣ ଫେନ୍ସି ଓ ଥାଙ୍ଗଟାରେ ୩୭ ଜଣ ଭାଗ ନେବେ । ୨୫୦ ଜଣ ଟେକ୍ନିକାଲ କର୍ମଚାରୀ ଯୋଗ ଦେବେ । ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଯୋଗଦେବେ । ଗୁରୁବାର ଅପରାହ୍ନ ୩ଟାରେ ଗାନ୍ଧୀ ଷ୍ଟାଡିୟମରେ ଏହା ଉଦ୍‌ଘାଟିତ ହେବ । ୨୯ ତାରିଖ ସନ୍ଧ୍ୟା ୫ଟାରେ ଟାଉନ ବାଳିକା ବିଦ୍ୟାଳୟରେ ଫେନ୍ସି ଓ ଥାଙ୍ଗଟା ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୩୦ ତାରିଖରେ ଗାନ୍ଧୀ ଷ୍ଟାଡିୟମରେ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ କରାଯିବ । ଫୁଟବଲ ପ୍ରତିଯୋଗିତା ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମ, ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପଥୀରାଜ ଉଚ୍ଚ ବିଦ୍ୟାଳୟ ପଡିଆ, ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ମିଶନ ପଡିଆ, ସଦେଇପାଲି ସାଇଟ୍ ପଡିଆ, ଖୁଜେନପାଲି ପଡିଆରେ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରତିଯୋଗୀ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଖାଇବା, ରହିବା, ଯାତାୟତ କରିବା, ସୁରକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ହ୍ୟୁମାନଙ୍କ ମାଁଙ୍କୁ ସମବେଦନା ଜଣାଇଲେ ଟୁକୁନି



**ଟିଟିଲାଗଡ଼,୨୬ ।୧୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନସାଗରଙ୍କ ଅକାଳ ବିୟୋଗକୁ ନେଇ ସାରା ଓଡ଼ିଶାର କଳାକାର ମହଲରେ ଦୁଃଖ ପ୍ରକାଶ ପାଇଛି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ହ୍ୟୁମାନଙ୍କ ଟିଟିଲାଗଡ଼ସ୍ଥିତ ବାସଭବନ ଯାଇ ତାଙ୍କ ମାଁଙ୍କୁ ସାକ୍ଷାତ ସହ ସମବେଦନା ଜଣାଇଛନ୍ତି । ହ୍ୟୁମାନଙ୍କୁ ସେ ଅନେକ ଥର ସାକ୍ଷାତ କରିଛନ୍ତି । ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ତେବେ ଅଳ୍ପ ବୟସରେ ତାଙ୍କ ପରଲୋକ ତାଙ୍କୁ ଗଭୀର ଆଘାତ ଦେଇଥିବା ଶ୍ରୀମତୀ ସାହୁ କହିଛନ୍ତି । ହ୍ୟୁମାନଙ୍କ ମାଁ ଶେଫାଳିଙ୍କୁ ଟୁକୁନି ସମବେଦନା ଜଣାଇଥିଲେ । ଏହି ସମୟରେ ଟୁକୁନିଙ୍କ ସହ ପୌର ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ବରିଷ୍ଠ ବିଜେଡି ନେତା ଅରୁଣ ମିଶ୍ର, କାଉନସିଲର ମାନସ ସାହୁ, ସଚିକାନ୍ତ ବାରିକ, ବାପି ଗୁମାନ ସିଂ, ବିଶାଳ ନାୟକ, ଦୀପକ ବେହେରା, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପଟାମରା କ୍ରିକେଟ ଟିମ୍‌ର ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଟୁର୍ଚାକାନିକୁ ହରାଇ ଝରିଆଲ୍ ଚାମ୍ପିଅନ



**ମୁରିବାହାଲ,୨୬ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ହଲଦୀ ପଞ୍ଚାୟତ ପଟାମରା କ୍ରିକେଟ ଟିମ୍ ପକ୍ଷରୁ ହେଉଥିବା ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୧୬ଟି ଟିମ୍‌କୁ ନେଇ ହୋଇଥିବା ଏହି କ୍ରିକେଟ ଖେଳରେ ଫାଇନାଲକୁ ଝରିଆଲ ଟିମ୍ ଓ ଟୁର୍ଚାକାନି ଟିମ୍ ପହଞ୍ଚିଥିଲେ । ୧୦ ଓଭରର ଫାଇନାଲ ଖେଳରେ ଟୁର୍ଚାକାନି ଟିମ୍ ଅଲ୍‌ଆଉଟ୍ ହୋଇ ମାତ୍ର ୫୭ ରନ୍ କରିପାରିଥିଲା । ଝରିଆଲ ଦଳ ମାତ୍ର ତିନି ଓଭରରେ ୫୮ ରନ୍ କରି ବିଜୟ ହାସଲ କରିଥିଲେ । ପଟାମରା ଖେଳପଡିଆରେ ହୋଇଥିବା ଏହି ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ମୁରିବାହାଲ ବ୍ଲକର ନବୀନ ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗରେଇ ପଞ୍ଚାୟତର ଗ୍ରାମସାଥୀ ଜଗତ ବେହେରା ଓ ପଟମାରା ଗ୍ରାମର ଲଳିତ ଗହିର ମଞ୍ଚାସୀନ ଥିଲେ । ଫାଇନାଲ ଖେଳରେ ମ୍ୟାନ ଅଫ ଦି ମ୍ୟାଚ୍ ଝରିଆଲର ବିବେକ କୁମାର ପାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ୍ ଟୁର୍ଚାକାନିର ଖେଳାଳି ଭିକାରୀ ଶିକା ହାସଲ କରିଥିଲେ । ତରୁଣ ଛତ୍ରିଆ, ବଶୁ ଛତ୍ରିଆ, ଦିଗାମ ଛତ୍ରିଆ, ଅଶୋକ ଭୋଇ, ଅଜୟ ଛତ୍ରିଆ, ଲୋଚନ ହଂସ, ଝଶକେତନ ବଛା ତଥା ସମସ୍ତ ଟିମ୍ ମେମ୍ବରଙ୍କ ନେତୃତ୍ୱରେ ପଟାମରା ଖେଳ ପଡିଆରେ ଖେଳ ଉଦ୍‌ଯାପିତ ହୋଇଥିଲା ।

# ବିକଶିତ ଯାତ୍ରା ଉପଲକ୍ଷେ ବିକଶିତ ଭାରତର ଚିତ୍ର କାର୍ଯ୍ୟକ୍ରମ



**ଦେଓଗାଁ,୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ପକ୍ଷରୁ ବିକଶିତ ଯାତ୍ରା ଉପଲକ୍ଷେ ବିକଶିତ ଭାପତର ଚିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଶ୍ୱର ପଧାନ ସଭାପତିତ୍ୱ କରିଥିଲେ । ଆଜିଠୁ ୨୦୪୭ ମସିହା ପର୍ଯ୍ୟନ୍ତ ସ୍ୱାଧୀନତାର ଶହେବର୍ଷ ପର୍ତ୍ତି ଉପଲକ୍ଷେ ବିକଶିତ ଭାରତର ଚିତ୍ର କେମିତି ରହିବ, ଯୁବକମାନଙ୍କ ଉନ୍ନତି, ମହିଳାମାନଙ୍କ ଉନ୍ନତି, କୃଷକମାନଙ୍କ ଉନ୍ନତି ଓ ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି କେମିତି ରହିବ, ଗ୍ରାମଗୁଡିକରେ ଆର୍ଥିକ, ଭୌଗୋଳିକ, ସାମାଜିକ ସ୍ଥିତି କେମିତି ରହିବ ସେ ଉପରେ ଛାତ୍ରୀମାନେ ଚିତ୍ର ଓ କାହାଣୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଶିକ୍ଷାବିତ କାମେଶ୍ୱର ମେହେର, ଅଧ୍ୟାପିକା ଅଶ୍ୱିନୀ ନନ୍ଦ, ଅଧ୍ୟାପକ ଶଶିଭୂଷଣ ସାହୁ, ଦିନେଶ ପଧାନ, ରବିଚନ୍ଦ୍ର ଷାଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ । ସଂଗଠନର ସୁଶୀଳ ନନ୍ଦ ଶରତ ସୁନା, ବିଦ୍ୟାଧର ଜାଲ ପ୍ରମୁଖ ସହଯୋଗ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112